

‘କିଙ୍ଗ’ ଲୁକ୍ ଲିକ୍
▶ପୃଷ୍ଠା-୧୧ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-320 ♦TUESDAY ♦19 MAY 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୩୨୦ ♦ମଙ୍ଗଳବାର ♦୧୯ ମେ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## କେରଳ: ଶପଥ ନେଲେ ନୂଆ ମୁଖ୍ୟମନ୍ତ୍ରୀ ସତୀଶନ



■ ତିରୁଭନନ୍ତପୁରମ, ୧୮।୫ (ଏଜେନ୍ସି): କେରଳରେ ଆଜି ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି କଂଗ୍ରେସ ନେତା ଭିଡି ସତୀଶନ। ତାଙ୍କ ସହିତ ଆଉ ୨୦ ଜଣ ମନ୍ତ୍ରୀ ମଧ୍ୟ ଶପଥ ଗ୍ରହଣ କରିଛନ୍ତି। ରାଜ୍ୟପାଳ ଆଜି ଏଠାରେ ଏକ ଷ୍ଟାଡିମୟରେ ଅନୁଷ୍ଠିତ ଉତ୍ସବରେ ସତୀଶନ ଏବଂ ଅନ୍ୟ ମନ୍ତ୍ରୀମାନଙ୍କୁ ଶପଥ ପାଠ କରାଇଛନ୍ତି। ସତୀଶନଙ୍କ ନେତୃତ୍ୱରେ ଗଠିତ ଏହି ୨୧ ଜଣିଆ ୟୁଡିଏଫ୍ ମନ୍ତ୍ରିମଣ୍ଡଳରେ କଂଗ୍ରେସର ୧୧ ଜଣ ମନ୍ତ୍ରୀ ଶପଥ ନେଇଥିବା ବେଳେ ଏହାର ମୁଖ୍ୟ ସହଯୋଗୀ ମୁସଲିମ ଲିଗର ୫ ଜଣ ଏବଂ ଅନ୍ୟ ଛୋଟଛୋଟ ଦଳର ୪ ଜଣ ମନ୍ତ୍ରୀ ଶପଥ ଗ୍ରହଣ କରିଛନ୍ତି। ଗତ ୪ ତାରିଖରେ ଭୋଟ ଫଳାଫଳ ଘୋଷଣା ହେବାର ୧୪ ଦିନ ପରେ ୟୁଡିଏଫ ସରକାର ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଜିର ଏହି ଶପଥ ପାଠ ଉତ୍ସବରେ ଅନ୍ୟମାନଙ୍କ ସହିତ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ, ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟନ ଉପସ୍ଥିତ ଥିଲେ। ରାଜ୍ୟରେ ୟୁଡିଏଫ୍ ସରକାର ଦୀର୍ଘ ୧୦ ବର୍ଷର ବ୍ୟବଧାନ ପରେ କ୍ଷମତାକୁ ଫେରିଛି।

## ୟୁକ୍ରେନ୍ ଡ୍ରୋନ୍ ମାଡ଼ରେ ଓଡ଼ିଆ ଯୁବକ ମୃତ



ଶବ ଫେରାଇ ଆଣିବାକୁ ନିବେଦନ

■ ବ୍ରହ୍ମପୁର/ଚିକିଟି, ୧୮।୫ (ସମିସ): ଗଞ୍ଜାମ ଜିଲ୍ଲା ଚିକିଟି ବ୍ଲକ ଅନ୍ତର୍ଗତ ମାଧବନ୍ଧ ଗ୍ରାମର ଜଣେ ଯୁବକ ଡ୍ରୋନର ଶିକାର ହୋଇଛନ୍ତି। ଫଳରେ ତାଙ୍କ ମୃତ୍ୟୁ ଘଟିଛି। ଯାହାକୁ ନେଇ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଋଷରେ କାର୍ଯ୍ୟରତ ଥିବା ବେଳେ ୟୁକ୍ରେନର ଡ୍ରୋନ ଶିକାର ହୋଇଛନ୍ତି। ମୃତ ଯୁବକ ଜଣକ ହେଲେ ଉକ୍ତ ଗ୍ରାମର ଏ. ଲିମାଙ୍କ ପୁଅ ଏ. ରାମାୟା (୩୦)। ସୂଚନା ଅନୁଯାୟୀ, ରାମାୟା ଜୀବିକା ଅନ୍ୱେଷଣରେ ବାହାର ଦେଶକୁ ଯିବା ପାଇଁ ସ୍ଥିର କରିଥିଲେ। ସେ ସୋରଳ ନିକଟସ୍ଥ ହରିପୁର ଛକଠାରେ ଥିବା “ମାଇକେନ ଏଜେନ୍ସି’ ମାଧ୍ୟମରେ ଦୀର୍ଘ ଏକ ମାସ ହେଲା ଋଷିଆର ଏକ କମ୍ପାନୀରେ କାମ କରିବାକୁ ଯାଇଥିଲେ। ସେଠାରେ ସେ କାର୍ଯ୍ୟରତ ଥିବା ବେଳେ ଗତ ଶନିବାର ରାତିରେ ଉକ୍ତ କମ୍ପାନୀ ଉପରେ ୟୁକ୍ରେନ ପକ୍ଷରୁ ଭୟାବହ ଡ୍ରୋନ ଆକ୍ରମଣ ହୋଇଥିଲା। ଋଷିଆ-ୟୁକ୍ରେନ ଯୁଦ୍ଧର ଏହି ଭୟଙ୍କର ସ୍ଥିତିରେ ୪ଜଣ ପ୍ରାଣ ହରାଇଥିବା ବେଳେ ସେମାନଙ୍କ ମଧ୍ୟରେ ଏ. ରାମାୟା ରହିଥିଲେ। ଏହା ସହିତ ସେଠାରେ ପ୍ରାୟ ସାତରୁ ଅଧିକ କର୍ମଚାରୀ ଗୁରୁତର ଭାବେ ଆହତ ▶ପୃଷ୍ଠା-୭

# ନିଆଁ ବର୍ଷା: ଗୁଳୁଗୁଳିରୁ ନିସ୍ତାର ନାହିଁ

## ୫୦ ଡିଗ୍ରୀ ତାପମାତ୍ରା ଭଳି ସ୍ଥିତି

## ୪୦° ଉପରେ ୧୭ ସହର




▶▶ ୮୦ ପ୍ରତିଶତ ଉପରେ ରହୁଛି ଆର୍ଦ୍ରତା

▶▶ ୨୪ ପର୍ଯ୍ୟନ୍ତ ଗୁଳୁଗୁଳିରୁ ନିସ୍ତାର ନାହିଁ

■ ଭୁବନେଶ୍ୱର, ୧୮।୫ (ସମିସ): ରାଜ୍ୟରେ ଅସମ୍ଭାଳ ତାତି ଓ ଗୁଳୁଗୁଳି ଆରମ୍ଭ ହୋଇଛି। ୪୦ ଡିଗ୍ରୀର ତାପମାତ୍ରା ସାଙ୍ଗକୁ ୬୦-୮୦ ପ୍ରତିଶତ ଆର୍ଦ୍ରତା ମିଶିଯିବା ଦ୍ୱାରା ୫୦ ଡିଗ୍ରୀ ଭଳି ତାତି ଅନୁଭୂତ (ଫିଲ୍ ଲାଇକ୍ ଟେମ୍ପରେଚର) ହେଉଛି। ବିଶେଷକରି ଉପକୂଳବର୍ତ୍ତୀ ଜିଲ୍ଲାରେ ଏହି ସ୍ଥିତି ଅସମ୍ଭାଳ ହୋଇଛି। ସୋମବାର ରାଜଧାନୀ ଭୁବନେଶ୍ୱର ସମେତ ସମଗ୍ର ଉପକୂଳବର୍ତ୍ତୀ ଜିଲ୍ଲାରେ ଲୋକେ ପ୍ରବଳ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ହୋଇଛନ୍ତି। ଦିନ ତମାମ ଗୁଳୁଗୁଳି ଯୋଗୁଁ ଦେହରୁ ଝାଳ ବାହାରିବା ସହ ଅନେକ ଲୋକ ଜଳୀୟ ଅଂଶ ଅଭାବର ଶିକାର ହୋଇଛନ୍ତି। ପୂର୍ବରୁ ତାତି ଓ ଗୁଳୁଗୁଳି ନେଇ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଥିଲେ ମଧ୍ୟ ରବିବାର ତୁଳନାରେ ସୋମବାର ହଠାତ ଗୁଳୁଗୁଳି ଦୃଷ୍ଟାନ୍ତମୂଳକ ଭାବେ ବଢ଼ିବା ଯୋଗୁଁ ଲୋକଙ୍କ ପାଇଁ ଅସହ୍ୟ ସ୍ଥିତି ସୃଷ୍ଟି କରିଛି।

ପାଣିପାଗ କେନ୍ଦ୍ରର ସୂଚନା ସୋମବାର ରାଜ୍ୟର ୧୭ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ ହୋଇଛି। ଏଥିରେ ୪୩.୪ ଡିଗ୍ରୀ ସହ ଝାରସୁଗୁଡ଼ା ରାଜ୍ୟର ସବୁଠୁ ଉତ୍ତପ୍ତ ସହରରେ ପରିଣତ ହୋଇଥିବା ବେଳେ ବୌଦ୍ଧରେ ୪୨.୮, ସମ୍ବଲପୁର ୪୨.୩, ହୀରାକୁଦ ୪୨ ଓ ବାକି ସବୁ ସ୍ଥାନରେ ତାମପାତ୍ରା ୪୦-୪୧ ଡିଗ୍ରୀ ରେକର୍ଡ ହୋଇଛି। ଭୁବନେଶ୍ୱରରେ ଆଜି ତାପମାତ୍ରା ୩୯ ଡିଗ୍ରୀ ରେକର୍ଡ ହୋଇଛି। ସାଧାରଣତଃ ତାପମାତ୍ରା ଅଧିକ ରହିଲେ ବାହାରେ ତାତି ଅଧିକ ଅନୁଭୂତ ହୋଇଥାଏ। ହେଲେ ଏବେ ସକାଳ ୮ଟାରୁ ଆର୍ଦ୍ରତା ପ୍ରାୟ ୮୦ ପ୍ରତିଶତ ରହୁଛି। ଦିନ ବଢ଼ିଲେ ଆର୍ଦ୍ରତା କମୁଥିଲେ ମଧ୍ୟ ଏହା ପ୍ରାୟ ୬୦ ପ୍ରତିଶତ ପର୍ଯ୍ୟନ୍ତ ରହୁଛି। ତାପମାତ୍ରା ସହ ଏହା ମିଶି ପ୍ରବଳ ଗୁଳୁଗୁଳି ପାଇଁ ସହାୟତା କରୁଛି। ଏହି କ୍ରମରେ ଆଜି ରାଜଧାନୀ ସମେତ ରାଜ୍ୟର ଅନେକ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ରହିଥିଲେ ମଧ୍ୟ ୫୦ ଡିଗ୍ରୀ ଭଳି ଲୋକଙ୍କୁ ଅନୁଭୂତ ହୋଇଛି। ଗୁଳୁଗୁଳି ଯୋଗୁଁ ଲୋକେ ଘରେ ରହିବାକୁ ମଧ୍ୟ କଷ୍ଟ ଅନୁଭବ କରିଛନ୍ତି।

ଏଭଳି ସ୍ଥିତି ୨୪ ତାରିଖ ପର୍ଯ୍ୟନ୍ତ ଜାରି ରହିବାକୁ ଥିବା ବେଳେ ୨୦-୨୪ ସ୍ଥିତି ସବୁଠୁ ଉଦ୍‌ବେଗ ଜନିକ ରହିବ ବୋଲି ଆକଳନ କରାଯାଇଛି। ପାଣିପାଗ କେନ୍ଦ୍ର କହିଛି, ଏହି ସମୟ ମଧ୍ୟରେ ରାଜ୍ୟରେ ଆହୁରି ୨-୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବ। ଏହାଦ୍ୱାରା ବର୍ତ୍ତମାନ ତୁଳନାରେ ତାତି ଓ ଗୁଳୁଗୁଳିର ପରିମାଣ ଆହୁରି ବୃଦ୍ଧି ହେବ। ଏହାକୁ ଦୃଷ୍ଟିରେ ରଖି ପାଣିପାଗେ କେନ୍ଦ୍ର ପକ୍ଷରୁ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ▶ପୃଷ୍ଠା-୭

### ୟୁଏପିଏ ସଂପର୍କରେ ସୁପ୍ରିମକୋର୍ଟ ବେଞ୍ଚଙ୍କ ଭିନ୍ନମତ

## ଖାଲିଦ୍‌ଙ୍କୁ ଜାମିନ ନ ଦେଇ ଭୁଲ୍ କରାଯାଇଛି



ୟୁଏପିଏ ମାମଲାରେ ବି ଜାମିନ ମିଳିପାରିବ

■ ନୂଆଦିଲ୍ଲୀ, ୧୮।୫ (ଏଜେନ୍ସି): କଠୋର ବେଆଇନ କାର୍ଯ୍ୟକଳାପ (ନିଷେଧ) ଆଇନ (ୟୁଏପିଏ) ଅନ୍ତର୍ଗତ ମାମଲାଗୁଡ଼ିକରେ ମଧ୍ୟ ଅଭିଯୁକ୍ତଙ୍କୁ ଜାମିନ ମିଳିପାରିବ। ଏହି ମାମଲାରେ ‘ଜାମିନ ଏକ ନିୟମ ଏବଂ ଜେଲ ଏକ ବ୍ୟତିକ୍ରମ’ ବୋଲି ସୁପ୍ରିମ କୋର୍ଟ ପୂର୍ବରୁ ନିର୍ଦ୍ଧାରିତ କରିଥିବା ଆଇନଗତ ନୀତି ମଧ୍ୟ ପ୍ରଯୁଜ୍ୟ। ତ୍ୱରିତ ଶୁଣାଣି ଏବଂ ଜାମିନ ମାମଲାରେ ଭାରତୀୟ ସମ୍ବିଧାନ ଦ୍ୱାରା ପ୍ରଦତ୍ତ ଅଧିକାରରୁ କୌଣସି ନାଗରିକଙ୍କୁ ବଞ୍ଚିତ କରାଯାଇପାରିବ ନାହିଁ। ୟୁଏପିଏ ଅଧୀନରେ ଗିରଫ ହୋଇ ୫ ବର୍ଷରୁ ଅଧିକ ଦିନ ଧରି ଜେଲରେ ରହିଥିବା ଜେଏନୟୁ ଛାତ୍ର ଉମର ଖାଲିଦ ଏବଂ ସର୍ଜିଲ ଇମାମଙ୍କୁ ଜାମିନ ପ୍ରଦାନ ନ କରି ଭୁଲ କରାଯାଇଛି। ସୁପ୍ରିମ କୋର୍ଟଙ୍କ ଏକ ବେଞ୍ଚ ଆଜି ଏଭଳି ମତାମତ ଦେବା ପରେ ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି ହୋଇଛି। ଗୋଟିଏ ବେଞ୍ଚର ରାୟ ସଂପର୍କାରେ ଆଉ ଏକ ବେଞ୍ଚ ଏପରି ପ୍ରତିକୂଳ ମନ୍ତବ୍ୟ ଦେବା ସହିତ ତାହାକୁ ସମାଲୋଚନା କରିବା ଏକ ବିରଳ ଘଟଣା ବୋଲି କୁହାଯାଉଛି। ଦିଲ୍ଲୀ ଦଙ୍ଗା ମାମଲାରେ ଗିରଫ କରାଯାଇ ବିନା ଶୁଣାଣି ଓ ବିନା ବିଚାରରେ ସେମାନଙ୍କୁ ୫ ବର୍ଷରୁ ଅଧିକ ସମୟ ଧରି ଜେଲରେ ରଖାଯାଇଛି। ସେମାନଙ୍କର ଜାମିନ ଆବେଦନକୁ ସୁପ୍ରିମ କୋର୍ଟ ଦୁଇ ଥର ଖାରଜ କରିଦେଇଛନ୍ତି।

ୟୁଏପିଏ ଅଧୀନରେ ଗିରଫ ହୋଇ ୨୦୨୦ରୁ ଜେଲରେ ଥିବା ▶ପୃଷ୍ଠା-୭

### ରାଜ୍ୟ ବିଜେପି କୋର୍ କମିଟି ବୈଠକ

## ଦଳୀୟ ନେତାଙ୍କୁ ନିତିନଙ୍କ ୫ ମନ୍ତ୍ର



ପଞ୍ଚାୟତ ନିର୍ବାଚନ ପୂର୍ବରୁ ସଙ୍ଗଠନ ସୁଦୃଢ଼ ଲକ୍ଷ୍ୟ

■ ଭୁବନେଶ୍ୱର, ୧୮।୫ (ସମିସ): ସଂଗଠନ ଓ ସରକାର ମଧ୍ୟରେ ଉତ୍ତମ ସମନ୍ୱୟ ରଖ। ଯାହାଫଳରେ ଲୋକଙ୍କ ସମସ୍ୟାର ସମାଧାନ ଓ ସେମାନଙ୍କ ସମର୍ଥନ ପ୍ରାପ୍ତ କରିବା ସହଜ ହୋଇପାରିବ। ରାଜ୍ୟ ସରକାର ଯେଉଁ ଉନ୍ନୟନମୂଳକ କାର୍ଯ୍ୟକ୍ରମ, କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି, ତାହାକୁ ତୃଣମୂଳସ୍ତରରେ ପହଞ୍ଚାଇବାକୁ ନିଷ୍ଠାର ସହ କାର୍ଯ୍ୟ କର। ସୋମବାର ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ବିଜେପି କୋର କମିଟି ବୈଠକରେ ଏପରି ୫ ମନ୍ତ୍ର ଦେଇଛନ୍ତି ବିଜେପି ଜାତୀୟ ସଭାପତି ନୀତିନ ନବୀନ।

ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ଯେ ସରକାର ଏବଂ ସଂଗଠନ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ପାଇଁ ଜାତୀୟ ସଭାପତି ସ୍ୱତନ୍ତ୍ର ପରାମର୍ଶ ଦେଇଛନ୍ତି। ସଂଗଠନ କିପରି ଶକ୍ତିଶାଳୀ ହେବ, ସରକାର କିପରି ଆହୁରି ନିଖୁଣତାର ସହ ଲୋକଙ୍କ ପାଖେ ପହଞ୍ଚିବ ଓ ଯୋଜନା ଲୋକଙ୍କ ପାଖରେ କିପରି ପହଞ୍ଚିବ ତାକୁ ମନ୍ତ୍ର କରିବାକୁ ଅଧ୍ୟକ୍ଷ ପରାମର୍ଶ ଦେଇଛନ୍ତି। ପଞ୍ଚାୟତ ନିର୍ବାଚନ ଆହୁରି ବିଳମ୍ବ ଅଛି। କିନ୍ତୁ ଏହା ପୂର୍ବରୁ ଧାଡ଼ିର ଶେଷ ଲୋକଙ୍କ ପାଖେ କିଭଳି ଯୋଜନା ପହଞ୍ଚିବ ସେନେଇ ରୂପରେଖ ପ୍ରସ୍ତୁତ କରାଯିବ। ୨୦୩୬ ବିକଶିତ ଓଡ଼ିଶା ଗଠନରେ ରୋଡ ମ୍ୟାପ ନେଇ ମଧ୍ୟ ଶ୍ରୀ ନବୀନ ପରାମର୍ଶ ଦେଇଥିବା ରାଜସ୍ୱ ମନ୍ତ୍ରୀ ଗଣମାଧ୍ୟମକୁ ▶ପୃଷ୍ଠା-୭

## ୨୦ରେ +୨ ପରୀକ୍ଷା ଫଳ

ମଧ୍ୟାହ୍ନ ସାଢ଼େ ୧୨ରେ ଫଳ ପୁସ୍ତିକା ଉନ୍ମୋଚନ

ଅପରାହ୍ଣ ୩ରେ ୱେବସାଇଟ୍‌ରେ ଉପଲବ୍ଧ

■ ଭୁବନେଶ୍ୱର, ୧୮।୫ (ସମିସ): ଆସନ୍ତା ୨୦ ତାରିଖ ବୁଧବାର ଦିନ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପରିଚାଳିତ ଯୁକ୍ତ ୨ ପରୀକ୍ଷା ଫଳ ପ୍ରକାଶ ପାଇବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାର ରେଜଲ୍ଟ ଏକାବେଳେ ପ୍ରକାଶ ପାଇବ। ମଧ୍ୟାହ୍ନ ସାଢ଼େ ୧୨ ଟାରେ ସିଏଚ୍‌ଏସ୍‌ଇ କାର୍ଯ୍ୟାଳୟରେ ପରୀକ୍ଷା ଫଳ ପୁସ୍ତିକା ଉନ୍ମୋଚନ ହେବ। ଅପରାହ୍ଣ ୩ ଟା ରେ ୱେବସାଇଟ୍‌ରେ ରେଜଲ୍ଟ ଉପଲବ୍ଧ ହେବ। ଛାତ୍ରଛାତ୍ରୀମାନେ https://results.odisha.gov.in ଓ https://results.digilocker.gov.in ୱେବ୍‌ସାଇଟ୍‌ରେ ନିଜ ରୋଲ୍ ନମ୍ବର ଓ ଜନ୍ମ ତାରିଖ ଦେଇ ପରୀକ୍ଷା ଫଳ ଦେଖି ପାରିବେ। ଏହାସହ ସାମ୍‌ସ ଇ-କଲେଜ ସ୍ପେସ୍‌ରେ ମଧ୍ୟ ପରୀକ୍ଷା ଫଳ ଉପଲବ୍ଧ ହେବ।

ଚଳିତ ବର୍ଷ ସମୁଦାୟ ୩ ଲକ୍ଷ ୯୬ ହଜାର ୫୯୨ ଜଣ ପରୀକ୍ଷା ଦେଇଛନ୍ତି। କଳାରେ ସର୍ବାଧିକ ୨ଲକ୍ଷ ୫୩ ହଜାର ୫୫୦ ଜଣ ପରୀକ୍ଷା ଦେଇଥିବା ବେଳେ ବିଜ୍ଞାନରେ ୧,୧୩,୪୩୯, ବାଣିଜ୍ୟରେ ୨୪,୦୭୨ ଓ ଧନ୍ଦାମୂଳକ ଶିକ୍ଷାରେ ୫,୫୩୧ ଜଣ ପରୀକ୍ଷା ଦେଇଛନ୍ତି। ଅପରପକ୍ଷରେ ମୋଟ୍ ୫୦୩୧ ଜଣ ପିଲା ▶ପୃଷ୍ଠା-୭

### ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍

## କୋଚିଂ ସେଣ୍ଟର୍ ମାଲିକ ଗିରଫ



■ ନୂଆଦିଲ୍ଲୀ, ୧୮।୫ (ଏଜେନ୍ସି): ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ମାମଲାରେ ସୋମାବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ମହାରାଷ୍ଟ୍ରର ଲାତୁର ସ୍ଥିତ ଆରସିସି କୋଚିଂ ଇନଷ୍ଟିଚ୍ୟୁଟର ମାଲିକ ପ୍ରଫେସର ଶିବରାଜ ମୋଟେଗାଓଁକରଙ୍କୁ ଗିରଫ କରିଛି। ସେ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) ସହ ଜଡ଼ିତ କେମିଷ୍ଟ୍ରି ଅଧ୍ୟାପକ ପିଭି. କୁଲକର୍ଣ୍ଣୀଙ୍କର ଜଣେ ଘନିଷ୍ଠ ସହଯୋଗୀ ବୋଲି ଜଣାପଡ଼ିଛି। ଚଢ଼ଉ ବେଳେ ଅଭିଯୁକ୍ତଙ୍କ ନିକଟରୁ ରସାୟନ ବିଜ୍ଞାନ ପ୍ରଶ୍ନପତ୍ର ଜବତ କରାଯାଇଛି। ଯାହାର ପ୍ରଶ୍ନଗୁଡ଼ିକ ମେ ୩ରେ ହୋଇଥିବା ପ୍ରକୃତ ପରୀକ୍ଷାର ପ୍ରଶ୍ନ ସହ ମେଳ ଖାଉଛି। ସିବିଆଇର ଏହି ସ୍ପେଶାଲ ଟିମ୍ ମହାରାଷ୍ଟ୍ରର ଲାତୁର ସମେତ ଦେଶର ବିଭିନ୍ନ ସ୍ଥାନ ଯଥା ଦିଲ୍ଲୀ, ଜୟପୁର, ଗୁରୁଗ୍ରାମ, ନାସିକ, ପୁଣେ ଏବଂ ଅହିଲ୍ୟାନଗରରେ ଚଢ଼ଉ ଜାରି ରଖିଛି। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ଅଭିଯୋଗ ପରେ ସିବିଆଇ ମାମଲା ରୁଜୁ କରିଥିଲା। ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ କରିବା ଏବଂ ଛାତ୍ରଛାତ୍ରୀଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ନେଇ ସେମାନଙ୍କୁ ସ୍ୱତନ୍ତ୍ର କୋଚିଂ ମାଧ୍ୟମରେ ପ୍ରଶ୍ନପତ୍ର ଯୋଗାଇଦେବା ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ସିବିଆଇ ପକ୍ଷରୁ ୫ଟି ▶ପୃଷ୍ଠା-୭






## ଦକ୍ଷିଣ-ପଶ୍ଚିମ ଓଡ଼ିଶାରେ ତେଲ ସଙ୍କଟ ଅବ୍ୟାହତ

### କମ୍ପାନୀଙ୍କ ମନମାନୀ: ୨୦୦ ପମ୍ପରେ ତେଲ ନାହିଁ



ଅବିଭକ୍ତ କୋରାପୁଟ ଓ କଳାହାଣ୍ଡିରେ ସ୍ଥିତି ଖରାପ

■ ଭୁବନେଶ୍ୱର, ୧୮।୫ (ସମିସ): ସାରା ରାଜ୍ୟରେ ଗତ କିଛି ଦିନ ହେବ ଜାରି ରହିଥିବା ତେଲ ସଙ୍କଟ ଉପକୂଳ ଓଡ଼ିଶାରେ ସୁଧୁରିଛି। ମାତ୍ର ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ସ୍ଥିତି ଏବେ ବି ଜଟିଳ ରହିଛି। ଅବିଭକ୍ତ କୋରାପୁଟ ଓ କଳାହାଣ୍ଡି ଜିଲ୍ଲାର ପ୍ରାୟ ୨୦୦ ପେଟ୍ରୋଲ ପମ୍ପରେ ଏବେ ଟୋପାଏ ବି ତେଲ ନାହିଁ। ପେଟ୍ରୋଲ-ଡିଜେଲ ପାଇଁ ଏବେ ବି ଜିଲାଗୁଡିକରେ ଲୋକେ ଦିନ ତମାମ୍ ଲମ୍ବା ଲାଇନ୍‌ରେ ଛିଡା ହେଉଛନ୍ତି। ମାଲକାନଗିରି, କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର, ରାୟଗଡା ଓ ଝାରସୁଗୁଡା ଆଦି ଜିଲାରେ ସମସ୍ୟା ବଢ଼ିବାରେ ଲାଗିଥିବାବେଳେ ସ୍ୱାଭିମାନ ଅଞ୍ଚଳରେ ସ୍ଥିତି ଅଣାୟତ୍ତ ହୋଇଛି।

ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡା, କଳାହାଣ୍ଡି ଓ ନୂଆପଡ଼ା ଆଦି ଜିଲାରେ ଦିନକୁ ଦିନ ତୈଳ ସଙ୍କଟ ତୀବ୍ର ହୋଇଛି। ମାଲକାନଗିରି ସ୍ୱାଭିମାନ ଅଞ୍ଚଳରେ ପରିସ୍ଥିତି ପରିସ୍ଥିତି ଅତି ଗୁରୁତର। ଚିତ୍ରକୋଣ୍ଡା ଅଞ୍ଚଳରେ ଗୋଟିଏ ତେଲ ଟାଙ୍କି ସମଗ୍ର ଅଞ୍ଚଳର ସାହାଭରସା। ମାତ୍ର ପେଟ୍ରୋଲ ଏବଂ ଡିଜେଲ ଅଭାବ ଯୋଗୁ ସ୍ୱାଭିମାନ ଅଞ୍ଚଳ ସହ ବଣ୍ଡାଘାଟିର ବିଭିନ୍ନ ଅଞ୍ଚଳକୁ ମାଲ ପରିବହନ ବାଧାପ୍ରାପ୍ତ ହୋଇଛି। କଳାହାଣ୍ଡିର ଅଧିକାଂଶ ସ୍ଥାନରେ ପେଟ୍ରୋଲ ଓ ଡିଜେଲ ମିଳୁନାହିଁ। ଯେଉଁଠି ତେଲ ଅଛି ସେଠାରେ ବାଇକ୍ ପିଛା ୨୦୦ ଟଙ୍କା ଏବଂ ଚାରିଚକିଆ ପିଛା ୧୦୦୦ ଟଙ୍କାରୁ ଅଧିକ ତେଲ ମିଳୁନାହିଁ। ଏପରିକି ବଡ଼ ଟ୍ରକ୍‌କୁ କମ୍ ତେଲ ମିଳୁଥିବା ଯୋଗୁଁ ବିଭିନ୍ନ ସ୍ଥାନରେ ଗାଡ଼ି ଚାଳକମାନେ ପାଟିତୁଣ୍ଡ କରିଛନ୍ତି। ପରିସ୍ଥିତି ଖରାପ ହେବା ଆଶଙ୍କାରେ ଜିଲ୍ଲାପାଳ ଓ ଏସ୍‌ପି ବିଭିନ୍ନ ପେଟ୍ରୋଲ ପମ୍ପରେ ଯାଞ୍ଚ କରିଥିବା ଖବର ମିଳିଛି। ଏହି ଅଞ୍ଚଳରେ ତେଲର ଅଭାବ ନିମନ୍ତେ ପେଟ୍ରୋଲିୟମ କମ୍ପାନୀର ଅଧିକାରୀଙ୍କୁ ଲୋକମାନେ ଦାୟୀ କରିଛନ୍ତି।

ଅଖିଳ ଭାରତ ମୋଟର ପରିବହନ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ରବି ଶତପଥୀ ଏହି ପ୍ରସଙ୍ଗରେ ସିଧାସଳଖ ରାଷ୍ଟ୍ରାୟତ୍ତ ତେଲ କମ୍ପାନୀଗୁଡିକ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ସେ କହିଛନ୍ତି ଯେ, ବର୍ତ୍ତମାନର ଅନ୍‌ଲାଇନ୍ ବ୍ୟବସ୍ଥାରେ ଯେଉଁ ଟାଙ୍କିରେ ▶ପୃଷ୍ଠା-୭

# ପ୍ରଶ୍ନପତ୍ର ଲିକ୍: ଏନଟିଏ ମୁଖ୍ୟଙ୍କୁ ସମନ୍

ନୂଆଦିଲ୍ଲୀ, ୧୮।୫(ଏଜେନ୍ସି): ନିଟ୍-ୟୁଜି ୨୦୨୬ ପରୀକ୍ଷାକୁ ନେଇ ଦେଖାଦେଇଥିବା ବିବାଦ ବର୍ତ୍ତମାନ ସଂସଦରେ ପହଞ୍ଚିଛି। ଏହି ବହୁଚର୍ଚ୍ଚିତ ପ୍ରଶ୍ନପତ୍ର ଲିକ ଅଭିଯୋଗ ଏବଂ ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ପ୍ରସଙ୍ଗରେ ଆଲୋଚନା କରିବା ପାଇଁ ଏକ ପ୍ରମୁଖ ସଂସଦୀୟ କମିଟି ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) ଏବଂ ଶିକ୍ଷା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନଙ୍କୁ ସମନ କରିଛି। ଆସନ୍ତା ମେ ୨୧ରେ ନୂଆଦିଲ୍ଲୀରେ ଏହି ବୈଠକ ଅନୁଷ୍ଠିତ ହେବ। ଦିଗବିଜୟ ସିଂଙ୍କ ନେତୃତ୍ୱରେ ଗଠିତ ଶିକ୍ଷା, ମହିଳା, ଶିଶୁ, ଯୁବ ଏବଂ କ୍ରୀଡ଼ା ସଂକ୍ରାନ୍ତ ସଂସଦୀୟ ସ୍ଥାୟୀ କମିଟି ଏହି ବୈଠକରେ ଏନଟିଏର କାର୍ଯ୍ୟଧାରାର ସମୀକ୍ଷା କରିବେ। ଏଥିସହ ଏନଟିଏ ସଂସ୍କାର ପାଇଁ ଗଠିତ କେ. ରାଧାକ୍ରିଷ୍ଣନ କମିଟିର ସୁପାରିଶଗୁଡ଼ିକର କାର୍ଯ୍ୟକାରିତା ଓ ତଦନ୍ତ ସମ୍ପର୍କରେ କମିଟି ଅପଡେଟ୍ ମାଗିବ। ଏନଟିଏ ଅଧ୍ୟକ୍ଷ ପ୍ରଦୀପ କୁମାର ଯୋଶୀ ଏବଂ ଉଚ୍ଚଶିକ୍ଷା ସଚିବ ବିନୀତ ଯୋଶୀଙ୍କୁ କମିଟି ଆଗରେ ହାଜର ହୋଇ ସ୍ଥିତି ସ୍ପଷ୍ଟ କରିବାକୁ କୁହାଯାଇଛି। ସୂଚନାଯୋଗ୍ୟ, ଗତ ମେ ୩ରେ ଅନୁଷ୍ଠିତ ନିଟ୍ ମେଡିକାଲ ପ୍ରବେଶିକା ପରୀକ୍ଷା ପାଇଁ ଦେଶର ପ୍ରାୟ ୨୩ ଲକ୍ଷ ଛାତ୍ରଛାତ୍ରୀ ପଞ୍ଜୀକରଣ କରିଥିଲେ। ମାତ୍ର ମେ ୭ରେ ପରୀକ୍ଷାରେ ଅନିୟମିତତା ଅଭିଯୋଗ ହେବା ପରେ ଏନଟିଏ ପକ୍ଷରୁ ଏହାକୁ ବାତିଲ କରାଯାଇଥିଲା। ବର୍ତ୍ତମାନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଘୋଷଣା କରିଛନ୍ତି ଯେ, ବାତିଲ ହୋଇଥିବା ପରୀକ୍ଷା ଆସନ୍ତା ଜୁନ୍ ୨୧ରେ ପୁଣିଥରେ ଅନୁଷ୍ଠିତ ହେବ। ଏଥର ପରୀକ୍ଷାକୁ କମ୍ପ୍ୟୁଟର ଭିତ୍ତିକ କରାଯିବ ବୋଲି ସୂଚନା ମିଳିଛି।

# ହେୟାର ଟ୍ରାନ୍ସପ୍ଲାଣ୍ଟ କରି ଧରାପଡ଼ିଲା ଲସ୍କର ଆତଙ୍କବାଦୀ

ଶ୍ରୀନଗର, ୧୮।୫(ଏଜେନ୍ସି): ଜମ୍ମୁ-କାଶ୍ମୀରରେ ଅନୁପ୍ରବେଶ କରିଥିବା ଜଣେ ପାକିସ୍ତାନୀ ଆତଙ୍କବାଦୀ ମହମ୍ମଦ ଉସମାନ ଜଟ୍ଟ ଓରଫ୍ 'ଚାଇନିଜ୍' ନାମକ ଲସ୍କର-ଇ-ତୋଇବା ଆତଙ୍କବାଦୀ ନିଜର ଆତଙ୍କବାଦୀ ମିଶନକୁ ପଛରେ ପକାଇ ଶ୍ରୀନଗରରେ କେଶ ରୋପଣ କରାଇବା ସମୟରେ ପୁଲିସ ହାତରେ ଧରାପଡ଼ିଛି। ଲାହୋରର ବାସିନ୍ଦା ଉସମାନ ଉତ୍ତର କାଶ୍ମୀର ଦେଇ ଭାରତରେ ପ୍ରବେଶ କରିଥିଲା। ଉପତ୍ୟକାରେ ସ୍ଲିପର ସେଲ୍ ଗଠନ କରିବା ଏବଂ ବିଭିନ୍ନ ଆତଙ୍କବାଦୀ ଆକ୍ରମଣ କରିବାର ଯୋଜନା ନେଇ ସେ ଆସିଥିଲା। ତେବେ କାଶ୍ମୀରରେ ଲୋକଙ୍କ ଜୀବନଶୈଳୀ ଦେଖି ତାଙ୍କର ଧାରଣା ସମ୍ପୂର୍ଣ୍ଣ ବଦଳିଯାଇଥିଲା। ପାକିସ୍ତାନୀ ତାଲିମ ଶିବିରରେ କାଶ୍ମୀର ବିଷୟରେ ଯାହା ପଢ଼ାଯାଇଥିଲା, ବାସ୍ତବରେ ସ୍ଥିତି ତା'ଠାରୁ ଅତି ଶାନ୍ତ ଓ ଭିନ୍ନ ଥିଲା। ଏପରି ସମୟରେ ଉସମାନ ଦୀର୍ଘ ଦିନ ଧରି କେଶ ଝଡ଼ିବା ସମସ୍ୟା ଦେଇ ଗତି କରୁଥିଲା। ଶ୍ରୀନଗରରେ ଏହି ଚିକିତ୍ସା ବେଶ୍ ସୁଲଭ ଜାଣି ସେ ଏକ କ୍ଲିନିକରେ ନିଜର କେଶ ପ୍ରତିରୋପଣ ଚିକିତ୍ସା କରାଇଥିଲା। ଚିକିତ୍ସା ପରେ ସେ ନିଜର ପରିଚୟ ଲୁଚାଇ ଆଧାର କାର୍ଡ, ପ୍ୟାନ୍ କାର୍ଡ ଓ ପାସପୋର୍ଟ ଭଳି ଭାରତୀୟ ଦଲିଲ ପ୍ରସ୍ତୁତ କରି ବିଦେଶ ଚାଲିଯିବାକୁ ଉସ୍ ମାନ ଯୋଜନା କରିଥିବା ଜଣାପଡ଼ିଛି। ମାତ୍ର ଶ୍ରୀନଗର ପୁଲିସ ଉସମାନଙ୍କୁ ଏବଂ ଅନ୍ୟ ଆତଙ୍କବାଦୀ ଅବଦୁଲ୍ଲା ଓରଫ୍ ଆବୁ ହୁରାଇରାକୁ ଗିରଫ କରିଛି।

# ଆପ୍ ନେତା ଦୀପକ ସିଙ୍ଗଲାଙ୍କ ବାସଭବନରେ ଇଡି ଚଢ଼ଉ

ନୂଆଦିଲ୍ଲୀ, ୧୮।୫(ଏଜେନ୍ସି): ବ୍ୟାଙ୍କ ଋଣ ଜାଲିଆତି ସହ ଜଡିତ ଅର୍ଥ ହେରଫେର ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୋମବାର ଆମ ଆଦମୀ ପାର୍ଟି (ଆପ୍) ନେତା ଦୀପକ ସିଙ୍ଗଲାଙ୍କ ସମେତ ଅନ୍ୟ କେତେକ ବ୍ୟକ୍ତିଙ୍କ ପରିସରରେ ଚଢଉ କରିଛି। ସୂଚନା ଅନୁଯାୟୀ, ଦିଲ୍ଲୀ ଏବଂ ଗୋଆର ଏକାଧିକ ସ୍ଥାନରେ ତଲାସି ଅଭିଯାନ ଜାରି ରହିଛି। ଦୀପକ ପୂର୍ବରୁ ଆପ୍ ପ୍ରାର୍ଥୀ ଭାବେ ବିଶ୍ୱାସ ନଗର ବିଧାନସଭା ଆସନରୁ ନିର୍ବାଚନ ଲଢିଥିଲେ। ଏହା ପ୍ରଥମ ଘଟଣା ନୁହେଁ, ୨୦୨୪ରେ ମଧ୍ୟ ଅନ୍ୟ ଏକ ମାମଲାରେ ଇଡି ତାଙ୍କ ଘର ଉପରେ ଚଢଉ କରିଥିଲା। ଆଜିର ଚଢ଼ଉ ନେଇ ସିଙ୍ଗଲାଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ତେବେ ଏହି ଘଟଣାକୁ ନେଇ ଆପ୍ ନେତ୍ରୀ ଅତିଶୀ ଅଭିଯୋଗ କରିଛନ୍ତି ଯେ, ବିଜେପି ଗୋଆରେ ଆପକୁ ଟାର୍ଗେଟ କରିବା ପାଇଁ କେନ୍ଦ୍ରୀୟ ଏଜେନ୍ସିର ବ୍ୟବହାର କରୁଛି। ଏକ ପୃଥକ ମାମଲାରେ, ପ୍ରାୟ ୧୮୦ କୋଟି ଟଙ୍କାର ନିବେଶ ଠକେଇ ଅଭିଯୋଗରେ ମଧ୍ୟ ଇଡି ତଦନ୍ତ ଚଳାଇଛି। ଏହାର ଅଂଶସ୍ୱରୂପ ଦିଲ୍ଲୀର ସୁଭାଷ ନଗରରେ ଥିବା ବାବାଜୀ ଫାଇନାନ୍ସ ଗ୍ରୁପ୍‌ର ରାମ ସିଂଙ୍କ ପରିସରରେ ମଧ୍ୟ ଚଢଉ କରାଯାଇଛି। ବ୍ୟାଙ୍କ ଋଣ ଠକେଇ ମାମଲାରେ ଅଧିକ ତଥ୍ୟ ପ୍ରମାଣ ସଂଗ୍ରହ ପାଇଁ ଏଜେନ୍ସି ବିଭିନ୍ନ ଦଲିଲ୍ ଏବଂ ଡିଜିଟାଲ୍ ଉପକରଣର ଯାଞ୍ଚ କରୁଛି।

# ଇରାନରେ ସରକାରୀ ଟିଭିରେ ଆଙ୍କର ଦେଉଛନ୍ତି ବନ୍ଧୁକ ପ୍ରଶିକ୍ଷଣ

ତେହେରାନ, ୧୮।୫(ଏଜେନ୍ସି): ପଶ୍ଚିମ ଏସିଆରେ ବଢୁଥିବା ଉତ୍ତେଜନା ମଧ୍ୟରେ ଇରାନର ସରକାରୀ ଖବର ସରବରାହ ସଂସ୍ଥା ସାଧାରଣ ନାଗରିକଙ୍କ ପାଇଁ ଟେଲିଭିଜନରେ ସିଧାସଳଖ ଅସ୍ତ୍ରଶସ୍ତ୍ର ଚାଳନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରସାରଣ କରୁଥିବା ଦେଖା ଦେଇଛି। ଆମେରିକା ଏବଂ ଇସ୍ରାଏଲ ସହିତ ଯୁଦ୍ଧର ଆଶଙ୍କା ଘନେଇଥିବା ବେଳେ ସାରା ଦେଶରେ ଏକ ପ୍ରତିରକ୍ଷା ଅଭିଯାନ ଆରମ୍ଭ କରାଯାଇଛି। ସରକାରୀ ଚାନେଲରେ ପ୍ରସାରିତ କାର୍ଯ୍ୟକ୍ରମରେ ନ୍ୟୁଜ୍ ଆଙ୍କର ଏବଂ ପ୍ରଶିକ୍ଷକମାନେ ସିଧାପ୍ରସାରଣ ମାଧ୍ୟମରେ ରାଇଫଲ୍ ଧରିଥିବା ଏବଂ ଗୁଳି ଚାଳନା କରୁଥିବା ଦେଖିବାକୁ ମିଳିଛି। ବିଶେଷ କରି ଏକେ-୪୭ ର ଏକ ମଡେଲ କିପରି ବ୍ୟବହାର କରାଯାଏ, ସେ ନେଇ ଶିକ୍ଷା ଦିଆଯାଉଥିବା ଦେଖିବାକୁ ମିଳିଛି। କେବଳ ସେନା ବିଶେଷଜ୍ଞ ନୁହଁନ୍ତି, ବରଂ ଟେଲିଭିଜନ ଉପସ୍ଥାପକମାନେ ନିଜେ ଅସ୍ତ୍ର ଧରି ସାଧାରଣ ଜନତାଙ୍କ ମଧ୍ୟରେ ଯୁଦ୍ଧ ପାଇଁ ପ୍ରସ୍ତୁତ ରହିବା ଭାବନା ଜାଗ୍ରତ କରିବାକୁ ଚେଷ୍ଟା କରୁଛନ୍ତି।

# ଏୟାର ଶୋ' ବେଳେ ଦୁଇ ଯୁଦ୍ଧ ବିମାନ ଧକ୍କା



ମାଉଣ୍ଟେନ୍ ହୋମ୍, ୧୮।୫(ଏଜେନ୍ସି): ଆମେରିକାର ଆଇଡାହୋ ସ୍ଥିତ ମାଉଣ୍ଟେନ୍ ହୋମ୍ ଏୟାର ଫୋର୍ସ ବେସରେ ଚାଲିଥିବା ଏକ ଏୟାର ଶୋ'ରେ ଆମେରିକା ନୌସେନାର ଦୁଇଟି ଇଏ-୧୮ଜି ଗ୍ରୋଲର ଯୁଦ୍ଧ ବିମାନ ମଝି ଆକାଶରେ ପରସ୍ପର ସହ ଧକ୍କା ହୋଇଛନ୍ତି। ସୌଭାଗ୍ୟବଶତଃ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ପୂର୍ବରୁ ସେଥିରେ ଥିବା ସମସ୍ତ ୪ ଜଣ କ୍ରୁ ସଦସ୍ୟ ସୁରକ୍ଷିତ ଭାବେ ବାହାରକୁ ବାହାରି ଆସିଛନ୍ତି। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଭିଡିଓରେ ଦୁଇଟି ଯୁଦ୍ଧ ବିମାନ ମଝି ଆକାଶରେ ପରସ୍ପର ସହ ପିଟି ହୋଇ ଖଣ୍ଡବିଖଣ୍ଡିତ ହେଉଥିବା ଏବଂ ପରେ ୪ଟି ପାରାଚ୍ୟୁଟ୍ ଆକାଶରୁ ତଳକୁ ଖସୁଥିବା ଦୃଶ୍ୟ ଦେଖିବାକୁ ମିଳିଛି। ପୂର୍ବରୁ ମଧ୍ୟ ଏହି ସ୍ଥାନରେ ୨୦୧୮ ରେ ଏକ ହ୍ୟାଙ୍ଗ୍ ଗ୍ଲାଇଡର୍ ଦୁର୍ଘଟଣା ଏବଂ ୨୦୦୩ରେ ଏକ ଥଣ୍ଡରବାର୍ଡ ଜେଟ୍ ଦୁର୍ଘଟଣା ଘଟିସାରିଛି।



ମୁମ୍ବାଇ ଓ ଅହମ୍ମଦାବାଦ ମଧ୍ୟରେ ଚାଲିବାକୁ ଥିବା ବୁଲେଟ୍ ଟ୍ରେନ ଚିତ୍ର ଜାରି କରିଛି ରେଳ ବିଭାଗ

# ପଶ୍ଚିମବଙ୍ଗରେ ବନ୍ଦ ହେବ ଧର୍ମଭିତ୍ତିକ ସହାୟତା ରାଶି



## ମହିଳାଙ୍କ ପାଇଁ ଅନ୍ନପୂର୍ଣ୍ଣା ଯୋଜନା ଘୋଷଣା

କୋଲକାତା, ୧୮।୫(ଏଜେନ୍ସି): ପଶ୍ଚିମବଙ୍ଗର ନୂତନ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱିତୀୟ କ୍ୟାବିନେଟ୍ ବୈଠକରେ ରାଜ୍ୟ ସରକାର ଏବେ ମାଦ୍ରାସା ବିଭାଗ ଏବଂ ସୂଚନା ଓ ସଂସ୍କୃତି ବିଭାଗ ଅଧୀନରେ ଚାଲୁଥିବା ଧର୍ମଭିତ୍ତିକ ଆର୍ଥିକ ସହାୟତା ଯୋଜନାଗୁଡ଼ିକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ, ଇମାମ ଏବଂ ପୁରୋହିତମାନଙ୍କୁ ଦିଆଯାଉଥିବା ମାସିକ ଭତ୍ତା ଚଳିତ ମାସ ଶେଷ ପର୍ଯ୍ୟନ୍ତ ଜାରି ରହିବ। କିନ୍ତୁ ଏହା ପରେ ଏହାକୁ ପର୍ଯ୍ୟାୟକ୍ରମେ ବନ୍ଦ କରାଯିବ। ପୂର୍ବତନ ମମତା ବାନାର୍ଜୀ ସରକାର ୨୦୧୨ରୁ ଇମାମମାନଙ୍କ ପାଇଁ ୩, ୦୦୦ ଟଙ୍କା ଏବଂ ୨୦୨୦ରୁ ହିନ୍ଦୁ ପୁରୋହିତମାନଙ୍କ ପାଇଁ ୨, ୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରୁଥିଲେ। ଏହାସହ କ୍ୟାବିନେଟ୍ ମହିଳାଙ୍କ ପାଇଁ 'ଅନ୍ନପୂର୍ଣ୍ଣା ଯୋଜନା'କୁ ଅନୁମୋଦନ କରିଛି। ଏହି ଯୋଜନା ଅଧୀନରେ ଆସନ୍ତା ଜୁନ୍ ୧ରୁ ରାଜ୍ୟର ମହିଳାମାନଙ୍କୁ ମାସିକ ୩, ୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ। ପୂର୍ବରୁ 'ଲକ୍ଷ୍ମୀ ଭଣ୍ଡାର' ଯୋଜନାରେ ଉପକୃତ ହେଉଥିବା ମହିଳାମାନେ ସ୍ୱତଃପ୍ରବୃତ୍ତ ଭାବେ ଏହି ନୂତନ ଯୋଜନାରେ ଅନ୍ତର୍ଭୁକ୍ତ ହେବେ। ବାକି ରହିଯାଇଥିବା ଯୋଗ୍ୟ ମହିଳାଙ୍କ ପାଇଁ ଏକ ନୂତନ ପୋର୍ଟାଲ୍ ଖୋଲାଯିବ। ଏହା ବ୍ୟତୀତ, ଜୁନ୍ ୧ରୁ ସାରା ରାଜ୍ୟରେ ମହିଳାମାନଙ୍କ ପାଇଁ ମାଗଣା ବସ୍ ଯାତ୍ରା ସୁବିଧାକୁ ମଧ୍ୟ ସରକାର ଅନୁମୋଦନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଶୁଭେନ୍ଦୁ ଅଧିକାରୀ ସଲ୍ଟଲେକ୍ ସ୍ଥିତ ବିଜେପି କାର୍ଯ୍ୟାଳୟରେ ନିଜର ପ୍ରଥମ ଜନତା ଦରବାର ଆୟୋଜନ କରି ସାଧାରଣ ଜନତାଙ୍କ ଅଭିଯୋଗ ଓ ସମସ୍ୟା ଶୁଣିଛନ୍ତି।

# ଇରାନ ଆକ୍ରମଣ ପାଇଁ ଟ୍ରମ୍ପଙ୍କ ସଜବାଜ

ୱାସିଂଟନ୍, ୧୮।୫(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚିରାଚରିତ ଢଙ୍ଗରେ ପୁଣି ଇରାନକୁ ଗୁରୁତର ଚେତାବନୀ ଦେଇଛନ୍ତି। ଇରାନ ତୁରନ୍ତ ଚୁକ୍ତିରେ ସହମତ ନ ହେଲେ ସେମାନଙ୍କର ଅସ୍ତିତ୍ୱ ରହିବ ନାହିଁ ବୋଲି କହି ସେ ଧମକ ଦେଇଛନ୍ତି। ନିଜର ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲ୍‌ରେ ପୋଷ୍ଟ କରି ଟ୍ରମ୍ପ କହିଛନ୍ତି, 'ଇରାନ ପାଇଁ ସମୟ ସରି ସରି ଆସୁଛି ଏବଂ ସେମାନେ ଶୀଘ୍ର ପଦକ୍ଷେପ ନେବା ଉଚିତ୍, ନଚେତ୍ ସେମାନଙ୍କର କିଛି ବି ବାକି ରହିବ ନାହିଁ। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁଙ୍କ ସହ ରବିବାର ଫୋନ୍ ଯୋଗେ ଆଲୋଚନା କରିବାର କିଛି ଘଣ୍ଟା ପରେ ଟ୍ରମ୍ପ ଏହି କଠୋର ମନୋଭାବ ପୋଷଣ କରିଛନ୍ତି। ଏହି ଦୁଇ ନେତା ଇରାନ ସହ ପୁନର୍ବାର ଯୁଦ୍ଧ ହେବାର ସମ୍ଭାବନା ଏବଂ ଆଞ୍ଚଳିକ ସୁରକ୍ଷା ଉପରେ ବିସ୍ତୃତ ଆଲୋଚନା କରିଛନ୍ତି। ସୂଚନା ଅନୁଯାୟୀ, ଆମେରିକା ପକ୍ଷରୁ ଇରାନ ପାଇଁ ଏକ ୫ ଦଫା ସର୍ତ୍ତ ରଖାଯାଇଛି। ଇରାନ ୟୁରାନିୟମକୁ ୱାସିଂଟନକୁ ହସ୍ତାନ୍ତର କରିବା, ତେହେରାନର ପରମାଣୁ କାର୍ଯ୍ୟକ୍ରମ ଉପରେ କଡ଼ା ରୋକ ଲଗାଇବା ଆଦି ସର୍ତ୍ତ ରହିଛି। ତେବେ ଇରାନ ଏହି ପ୍ରସ୍ତାବ ଉପରେ ବିଶେଷ ଆଗ୍ରହ ଦେଖାଇ ନାହିଁ। ଇରାନର ମଧ୍ୟ ଦାବି କରିଛି ଯେ ଆମେରିକା ଇରାନର ବନ୍ଦରଗୁଡ଼ିକରୁ ନୌସେନା ଅବରୋଧ ହଟାଉ। ଲେବାନନ ସମେତ ସମସ୍ତ ସାମ୍ମୁଖ୍ୟରେ ଯୁଦ୍ଧ ବନ୍ଦ ହେଉ। ସେପଟେ ଆମେରିକା ଇରାନର ଦାବି ଅନୁଯାୟୀ ଇରାନର ଜବତ ହୋଇଥିବା ସମ୍ପତ୍ତି ଫେରସ୍ତ କରିବାକୁ କିମ୍ବା ଯୁଦ୍ଧ ଜନିତ କ୍ଷତିପୂରଣ ଦେବାକୁ ମନା କରିଦେଇଛି। ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଏହି ବିବାଦ ଯୋଗୁଁ ବିଶ୍ୱ ଶକ୍ତି ବଜାରରେ ପ୍ରବଳ ଅସ୍ଥିରତା ଦେଖାଦେଇଛି। ତୈଳ ଦର ବୃଦ୍ଧି ପାଇବା ସହ ବିଶ୍ୱ ବଜାରରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିଛି। ଆସନ୍ତା ନଭେମ୍ବର ମାସରେ ଆମେରିକାରେ ହେବାକୁ ଥିବା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପୂର୍ବରୁ ଏହି ଅର୍ଥନୈତିକ ଚାପ ଟ୍ରମ୍ପ ପ୍ରଶାସନ ପାଇଁ ଏକ ଚିନ୍ତାର ବିଷୟ ପାଲଟିଛି। ଯଦି ଇରାନ ନିଜର ପରମାଣୁ କାର୍ଯ୍ୟକ୍ରମ ଉପରେ ନରମ ମନୋବୃତ୍ତି ନ ରଖେ, ତେବେ ଆମେରିକା ପୁଣି ଥରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଚାର କରୁଥିବା ଜଣା ପଡ଼ିଛି।




# ସାଉଦି ଆରବରେ ୮ ହଜାର ସେନା; ଯୁଦ୍ଧ ବିମାନ ମୁତୟନ କଲା ପାକିସ୍ତାନ

ଇସଲାମାବାଦ/ରିୟାଦ, ୧୮।୫(ଏଜେନ୍ସି): ଇରାନ-ଆମେରିକା ଯୁଦ୍ଧ ପୁଣି ଉଗ୍ର ହେବାରେ ଲାଗିଛି। ଆଞ୍ଚଳିକ ଯୁଦ୍ଧର ନିଆଁ ବର୍ତ୍ତିକା ରବିବାର ୟୁଏଇର ଆଣବିକ କେନ୍ଦ୍ରରେ ପଡ଼ିବା ପରେ ସାଉଦିରେ ମଧ୍ୟ ଆତଙ୍କ ଖେଳିଛି। ଏହାରି ମଧ୍ୟରେ ପାକିସ୍ତାନ ନିଜର ପ୍ରତିରକ୍ଷା ସହଯୋଗୀ ସାଉଦି ଆରବକୁ ଏକ ଶକ୍ତିଶାଳୀ ସାମରିକ ବାହିନୀ ପଠାଇଛି। ଦୁଇ ଦେଶ ମଧ୍ୟରେ ହୋଇଥିବା ପାରସ୍ପରିକ ପ୍ରତିରକ୍ଷା ଚୁକ୍ତି ଆଧାରରେ ପାକିସ୍ତାନ ପ୍ରାୟ ୮, ୦୦୦ ସୈନ୍ୟ, ଯୁଦ୍ଧ ବିମାନର ଏକ ସ୍କ୍ୱାଡ୍ରନ ଏବଂ ଆଧୁନିକ ବାୟୁ ପ୍ରତିରକ୍ଷା ପ୍ରଣାଳୀ ସାଉଦି ଆରବରେ ମୁତୟନ କରିଛି। ଏହି ବାହିନୀରେ ଚୀନ୍ ସହାୟତାରେ ନିର୍ମିତ ପ୍ରାୟ ୧୬ଟି ଜେଏଫ୍-୧୭ ଯୁଦ୍ଧ ବିମାନ ସାମିଲ ରହିଛି। ଏହାକୁ ଏପ୍ରିଲରେ ସାଉଦି ଆରବକୁ ପଠାଯାଇଥିଲା। ଏହା ସହିତ ଦୁଇଟି ଡ୍ରୋନ୍ ସ୍କ୍ୱାଡ୍ରନ ଏବଂ ଏକ ଚାଇନିଜ୍ ଏଚ୍ କ୍ୟୁ- ୯ ବାୟୁ ପ୍ରତିରକ୍ଷା ପ୍ରଣାଳୀ ମଧ୍ୟ ସେଠାରେ ନିୟୋଜିତ କରାଯାଇଛି। ସୁରକ୍ଷା ଅଧିକାରୀଙ୍କ ଅନୁଯାୟୀ, ଏହି ବାହିନୀ କେବଳ ପରାମର୍ଶଦାତା ଭାବେ ନୁହେଁ ବରଂ ସାଉଦି ଆରବ ଉପରେ କୌଣସି ସମ୍ଭାବ୍ୟ ଆକ୍ରମଣର ମୁକାବିଲା କରିବା ପାଇଁ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ରହିଛି। ୮, ୦୦୦ ସୈନ୍ୟଙ୍କ ବ୍ୟତୀତ ଆବଶ୍ୟକ ପଡ଼ିଲେ ୮୦, ୦୦୦ ପର୍ଯ୍ୟନ୍ତ ସୈନ୍ୟ ପଠାଇବା ପାଇଁ ଗୋପନୀୟ ପ୍ରତିରକ୍ଷା ଚୁକ୍ତିରେ ବ୍ୟବସ୍ଥା ରହିଛି। ଏହି ସମସ୍ତ ସାମରିକ ଉପକରଣ ଓ ପରିଚାଳନା ପାଇଁ ସାଉଦି ଆରବ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। କିନ୍ତୁ ଏହି ସୈନ୍ୟ ମାନଙ୍କୁ ପାକିସ୍ତାନ ପକ୍ଷରୁ ପରିଚାଳନା କରାଯାଉଛି। ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ସୂଚନା ଦେଇଛନ୍ତି ଯେ, ଏହି ଚୁକ୍ତି ସାଉଦି ଆରବକୁ ପାକିସ୍ତାନର ପାରମାଣବିକ ସୁରକ୍ଷା କବଚ ଅଧୀନକୁ ଆଣିଛି। ପାକିସ୍ତାନ ଗୋଟେ ପଟେ ସାଉଦି ଆରବକୁ ସାମରିକ ସହାୟତା ଦେଉଥିବା ବେଳେ ଅନ୍ୟପଟେ ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧରେ ମୁଖ୍ୟ ମଧ୍ୟସ୍ଥ ଭାବେ କାର୍ଯ୍ୟ କରୁଛି। ଦୀର୍ଘ ଦଶନ୍ଧି ଧରି ସାଉଦି ଆରବ ପାକିସ୍ତାନର ଆର୍ଥିକ ସଙ୍କଟ ସମୟରେ ସହଯୋଗ କରିଆସିଥିବା ବେଳେ ପାକିସ୍ତାନ ସାଉଦି ସେନାକୁ ତାଲିମ ଏବଂ ସାମରିକ ସୁରକ୍ଷା ଯୋଗାଇ ଦେଉଛି।

# ଆମେରିକାକୁ ଧୋକା ଦେଉଛି ପାକିସ୍ତାନ!

## ପରମାଣୁ ବୁଡ଼ାଜାହାଜ ପାଇଁ ଚୀନ୍ ସହ ଗୁପ୍ତ ବୁଝାମଣା

ନୂଆଦିଲ୍ଲୀ, ୧୮।୫(ଏଜେନ୍ସି): ପାକିସ୍ତାନ ନିଜର ପରମାଣୁ କ୍ଷମତାକୁ ଜଳପଥରେ ବିସ୍ତାର କରିବା ପାଇଁ ଚୀନ୍ ସହିତ ଏକ ଗୁପ୍ତ ରଣନୈତିକ ବୁଝାମଣା କରିବାକୁ ଚେଷ୍ଟା କରିଥିବା ତଥ୍ୟ ସାମ୍ନାକୁ ଆସିଛି। ଆମେରିକା ଭିତ୍ତିକ ଏକ ନ୍ୟୁଜ୍ ଆଉଟଲେଟ୍‌ର ରିପୋର୍ଟ ଅନୁସାରେ, ପାକିସ୍ତାନ ନିଜର ଗ୍ୱାଦର ନୌସେନା ବନ୍ଦରକୁ ଚୀନ୍‌ର ଏକ ସ୍ଥାୟୀ ସାମରିକ ଘାଟିରେ ପରିଣତ କରିବା ବଦଳରେ ଚୀନ୍‌ଠାରୁ ପରମାଣୁ ଶକ୍ତି ସମ୍ପନ୍ନ ବୁଡ଼ାଜାହାଜ ମାଗିଥିଲା। ୨୦୨୪ରେ ପାକିସ୍ତାନୀ ସେନା ମୁଖ୍ୟ ଆସିମ ମୁନିର ଏବଂ ଚୀନ୍ ସେନା ମଧ୍ୟରେ ହୋଇଥିବା ଦ୍ୱିପାକ୍ଷିକ ଆଲୋଚନାରେ ଏହି ଦାବି ରଖାଯାଇଥିଲା। ପାକିସ୍ତାନ ଚାହୁଁଥିଲା ଯେ ଚୀନ୍ ତାକୁ ସାମୁଦ୍ରିକ ନ୍ୟୁକ୍ଲିୟର ସେକେଣ୍ଡ-ଷ୍ଟ୍ରାଇକ୍ କ୍ଷମତା ବିଶିଷ୍ଟ ବୁଡ଼ାଜାହାଜ ପ୍ରଦାନ କରୁ। ଏହାଦ୍ୱାରା ପାକିସ୍ତାନ ନିଜର ପରମାଣୁ କ୍ଷମତାକୁ ସ୍ଥଳ ଏବଂ ଆକାଶ ପରେ ଏବେ ଜଳପଥରରେ ମଧ୍ୟ ପରିବ୍ୟାପ୍ତ କରିପାରିବ। ତେବେ ଚୀନ୍ ପକ୍ଷରୁ ଏହି ଦାବିକୁ ପ୍ରତ୍ୟାଖ୍ୟାନ କରାଯିବା ପରେ ଏହି ଆଲୋଚନା ସ୍ଥଗିତ ହୋଇଯାଇଥିଲା। ତେବେ ଏହା ମଧ୍ୟରେ ଆସିମ ମୁନିରର ଆମେରିକାର ବେଶ୍ ନିକଟତର ହୋଇଛନ୍ତି ଏବଂ ଚୀନ୍‌ଠାରୁ କିଛି ମାତ୍ରାରେ ଦୂରେଇ ରହିଛନ୍ତି। ଡୋନାଲ୍ଡ



ଟ୍ରମ୍ପ ମଧ୍ୟ ମୁନିରଙ୍କୁ ନିଜର 'ପ୍ରିୟ ଫିଲ୍ଡ ମାର୍ଶଲ' ଭାବେ ସମ୍ବୋଧନ କରିଥାନ୍ତି। ଆମେରିକା ସହ ସମ୍ପର୍କ ସୁଧାରୁଥିଲେ ମଧ୍ୟ ପାକିସ୍ତାନ ଗୁପ୍ତରେ ଚୀନ୍ ସହ ବଡ଼ ରଣନୈତିକ ବୁଝାମଣା କରିବାକୁ ଚେଷ୍ଟା ଜାରି ରଖିଛି। ପୂର୍ବରୁ ୧୯୭୦ ଏବଂ ୮୦ ଦଶକରେ ଚୀନ୍ ପାକିସ୍ତାନକୁ ପରମାଣୁ ବୋମା ତିଆରି କରିବାରେ ବ୍ଲୁପ୍ରିଣ୍ଟ ଏବଂ ୟୁରାନିୟମ ଯୋଗାଇ ସାହାଯ୍ୟ କରିଥିଲା। ୯୦ ଦଶକରେ ଚୀନ୍ ପାକିସ୍ତାନକୁ କ୍ଷେପଣାସ୍ତ୍ର ମଧ୍ୟ ବିକ୍ରି କରିଥିଲା। ମାତ୍ର ସମୁଦ୍ର ଭିତରୁ ପରମାଣୁ ଆକ୍ରମଣ କରିବାର କ୍ଷମତା ହାସଲ କରିବା ପାକିସ୍ତାନ ପାଇଁ ଏବେ ମଧ୍ୟ ଆର୍ଥିକ ଏବଂ ବୈଷୟିକ ଦୃଷ୍ଟିକୋଣରୁ ଏକ ବଡ଼ ଆହ୍ୱାନ ହୋଇ ରହିଛି। ସୂଚନାଯୋଗ୍ୟ, ବର୍ତ୍ତମାନ ବିଶ୍ୱର ମାତ୍ର ୬ଟି ଦେଶ ଆମେରିକା, ରୁଷ, ଚୀନ୍, ଫ୍ରାନ୍ସ, ବ୍ରିଟେନ ଏବଂ ଭାରତ ପାଖରେ ପରମାଣୁ ଶକ୍ତି ସମ୍ପନ୍ନ ବୁଡ଼ାଜାହାଜ ମାଧ୍ୟମରେ ସମୁଦ୍ର ଭିତରୁ ଆକ୍ରମଣ କରିବାର ସମ୍ପୂର୍ଣ୍ଣ କ୍ଷମତା ରହିଛି।

## ଇମ୍ରାନ ଖାନଙ୍କ ବହିଷ୍କାର ପଛରେ ଆମେରିକାର ହାତ

ନୂଆଦିଲ୍ଲୀ, ୧୮।୫(ଏଜେନ୍ସି): ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କୁ କ୍ଷମତାରୁ ହଟାଇବା ପାଇଁ ବିଦେଶୀ ଷଡ଼ଯନ୍ତ୍ର ହୋଇଥିବା ନେଇ ସେ କରିଆସିଥିବା ଦାବି ଏବେ ପୁଣି ଥରେ ଚର୍ଚ୍ଚାକୁ ଆସିଛି। ଏକ ଅତି ଗୁପ୍ତ କୂଟନୈତିକ ଦସ୍ତାବେଜ ବା 'ସାଇଫର' ଲିକ୍ ହେବା ପରେ, ଏଥିରେ ୱାଶିଂଟନର ପ୍ରତ୍ୟକ୍ଷ ଭୂମିକା ଥିବା ନେଇ ଗୁରୁତର ପ୍ରମାଣ ଉଜାଗର ହୋଇଛି। ତଦନ୍ତକାରୀ ସଂସ୍ଥା ଡ୍ରପ୍ ସାଇଟ୍ ପକ୍ଷରୁ ପ୍ରକାଶିତ ଏହି ମୂଳ ଦସ୍ତାବେଜ ୨୦୨୨ ମାର୍ଚ୍ଚରେ ୱାସିଂଟନରେ ଥିବା ପାକିସ୍ତାନୀ ରାଷ୍ଟ୍ରଦୂତ ଏବଂ ଆମେରିକା ବିଦେଶ ବିଭାଗର ବରିଷ୍ଠ ଅଧିକାରୀ ଡୋନାଲ୍ଡ ଲୁଙ୍କ ମଧ୍ୟରେ ଅନୁଷ୍ଠିତ ଏକ ବୈଠକର ବିବରଣୀ ପ୍ରଦାନ କରିଛି।

**ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା**

# ଶେଷ ପର୍ଯ୍ୟନ୍ତ ପାଇଲଟ୍‌ଙ୍କ ହାତରେ ଥିଲା 'କଣ୍ଟ୍ରୋଲର'

ଅହମ୍ମଦାବାଦ, ୧୮।୫(ଏଜେନ୍ସି): ଗତବର୍ଷ ଅହମ୍ମଦାବାଦରେ ଘଟିଥିବା ଭୟଙ୍କର ଏୟାର ଇଣ୍ଡିଆ-୧୭୧ ବିମାନ ଦୁର୍ଘଟଣା ମାମଲାରେ ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ସାମ୍ନାକୁ ଆସିଛି। ଦୁର୍ଘଟଣା ପରେ ଶବଗୃହରେ ରଖାଯାଇଥିବା ବିମାନର କ୍ୟାପଟେନ ସୁମିତ ସଭରୱାଲଙ୍କ ମୃତଦେହ ବିମାନର ଷ୍ଟିଅରିଂକୁ ଶକ୍ତ ଭାବେ ଧରିଥିବା ଅବସ୍ଥାରେ ରହିଥିବା ସେ କହିଛନ୍ତି। ପାଇଲଟ୍ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ବିମାନଟିକୁ ରକ୍ଷା କରିବାକୁ ପ୍ରାଣପଣେ ଚେଷ୍ଟା କରୁଥିଲେ ବୋଲି ସ୍ପଷ୍ଟ ହୋଇଛି। ରୋମିନ ଭୋହରା ନାମକ ବ୍ୟକ୍ତି ଜଣକ ଉକ୍ତ ଦୁର୍ଘଟଣାରେ ନିଜ ପରିବାରର ୩ ସଦସ୍ୟଙ୍କୁ ହରାଇଛନ୍ତି। ଶବଗୃହରେ ଦେଖିଥିବା ଦୃଶ୍ୟକୁ ବର୍ଣ୍ଣନା କରି ସେ ଏହି ତଥ୍ୟ ଦେଇଛନ୍ତି। କ୍ୟାପଟେନ ସଭରୱାଲଙ୍କ ମୃତଦେହ ଏକ କୋଣରେ ସ୍ୱତନ୍ତ୍ର ଭାବେ ଥିଲା। ତାଙ୍କ ମୃତଦେହ ବସିବା ଭଙ୍ଗୀରେ ଥିବା ବେଳେ ହାତରେ ବିମାନର ଡବଲ-ହ୍ୟାଣ୍ଡେଲ ୟୋକ୍ ରହିଥିଲା, ତାହା ବୋଧହୁଏ ଦୁର୍ଘଟଣା ସମୟରେ ବିମାନରୁ ଅଲଗା ହୋଇଯାଇଥିଲା। ତାଙ୍କ ଶରୀରର ପଛ ଭାଗ ପୋଡ଼ି ଯାଇଥିଲେ ହେଁ ସମ୍ମୁଖ ଭାଗ ଏବଂ ୟୁନିଫର୍ମ ଠିକ୍ ଥିଲା। ଗତବର୍ଷ ଏହି ଭୟଙ୍କର ଦୁର୍ଘଟଣାରେ ୨୬୦ ଜଣ ପ୍ରାଣ ହରାଇଥିଲେ। ଯେଉଁଥିରେ ବିମାନରେ ଥିବା ୨୪୧ ଜଣ ଏବଂ ଜମି ଉପରେ ଥିବା ୧୯ ଜଣ ବ୍ୟକ୍ତି ସାମିଲ ଥିଲେ। ମାତ୍ର ଜଣେ ଯାତ୍ରୀ ଏହି ଦୁର୍ଘଟଣାରୁ ଆଶ୍ଚର୍ଯ୍ୟଜନକ ଭାବେ ବଞ୍ଚିଯାଇଥିଲେ। ପରେ ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ ପକ୍ଷରୁ ପ୍ରକାଶିତ ପ୍ରାଥମିକ ରିପୋର୍ଟରେ ପାଇଲଟଙ୍କ ଭୁଲ୍ ଥାଇପାରେ ବୋଲି କୁହାଯାଇଥିଲା। ଯାହାକୁ କ୍ୟାପଟେନଙ୍କ ପରିବାର ଏବଂ ଫେଡେରେସନ ଅଫ୍ ଇଣ୍ଡିଆନ ପାଇଲଟ୍ସ ଦୃଢ଼ ବିରୋଧ କରିଛନ୍ତି। କ୍ୟାପଟେନଙ୍କ ୮୮ ବର୍ଷୀୟ ପିତା ପୁଷ୍କରାଜ ସଭରୱାଲ ଏହି ରିପୋର୍ଟକୁ ତ୍ରୁଟିପୂର୍ଣ୍ଣ କହି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।




## ପୁଲିସ ପକ୍ଷରୁ ଅପରେସନ୍ ବୈତରଣୀ

# ୨୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସହ ୫୦ ଗାଡ଼ି ଜବତ; ୧୧ ଗିରଫ





ଆନନ୍ଦପୁର/ହାଟଡ଼ିହୀ,୧୮।୫(ସମିସ): ବେଆଇନ ବାଲି ପରିବହନ ଓ ନକଲି ଟ୍ରାଞ୍ଜିଟ୍ ପାସ୍ ବ୍ୟବହାର ନେଇ ମିଳିଥିବା ସୂଚନା ଆଧାରରେ କେନ୍ଦୁଝର ପୁଲିସ 'ଅପରେସନ୍ ବୈତରଣୀ' ନାମରେ ଏକ ବ୍ୟାପକ ସମନ୍ୱିତ ଅଭିଯାନ ଆରମ୍ଭ କରିଛି। ଏହି ଅଭିଯାନର ନେତୃତ୍ୱ ନେଇଛନ୍ତି କେନ୍ଦୁଝର ଏସ୍‌ପି ନୀତିନ କୁଶଲକର। ଆନନ୍ଦପୁର, ଘସିପୁରା, ନନ୍ଦିପଦା ଓ ଘଟଗାଁ ଥାନା ଅଞ୍ଚଳର ୧୨ଟି ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇଥିବା ବେଳେ ବେଆଇନ ବାଲି କାରବାର ସହ ଜଡ଼ିତ ବଡ଼ ରାକେଟ୍‌ର ସନ୍ଧାନ ମିଳିଛି। ଚଢ଼ଉ ସମୟରେ ପୁଲିସ ୨୭ ଲକ୍ଷରୁ ଅଧିକ ନଗଦ ଟଙ୍କା, ନକଲି ଟ୍ରାଞ୍ଜିଟ୍ ପାସ୍, ଏକାଧିକ ବ୍ୟାଙ୍କ ଖାତା ଓ ଆର୍ଥିକ କାରବାର ସମ୍ବନ୍ଧୀୟ ଦସ୍ତାବିଜ୍ ଜବତ କରିଛି। ସେହିପରି ବେଆଇନ ବାଲି ପରିବହନରେ ବ୍ୟବହୃତ ହୋଇଥିବା ସନ୍ଦେହରେ ୫୦ରୁ ଅଧିକ ଗାଡ଼ିକୁ ମଧ୍ୟ ଜବତ କରାଯାଇଛି। ଏହି ମାମଲାରେ ୧୦ରୁ ଅଧିକ ବ୍ୟକ୍ତିଙ୍କୁ ଅଟକ ରଖାଯାଇଥିବା ବେଳେ ସେମାନଙ୍କୁ ପଚରାଉଚରା ଜାରି ରହିଛି। ପୁଲିସ ପକ୍ଷରୁ ଆହୁରି ଚଢ଼ଉ, ଆର୍ଥିକ ତଦନ୍ତ, ଡକ୍ୟୁମେଣ୍ଟ ଯାଞ୍ଚ ଓ ଅପରାଧିକ ନେଟୱର୍କର ଖୋଜଖବର ଚାଲିଥିବା ସୂଚନା ମିଳିଛି। ଅଟକ ବ୍ୟକ୍ତିମାନଙ୍କ ବିରୋଧରେ ସଂଗଠିତ ଅପରାଧ, ଜାଲିଆତି, ଅବୈଧ କାର୍ଯ୍ୟକଳାପ ଓ ଅପରାଧିକ ଷଡ଼ଯନ୍ତ୍ର ଭଳି ଗୁରୁତର ଆଇନ ଧାରାରେ କାର୍ଯ୍ୟାନୁଷ୍ଠାନ ହେବା ସୂଚନା ମିଳିଛି। ଅପରାଧରୁ ଅର୍ଜିତ ସମସ୍ତ ଅନୁପାତହୀନ ସମ୍ପତ୍ତି ଜବତ କରାଯିବା ସହ ଧାରା ୧୦୭ ବିଏନ୍‌ଏସ୍ ଅନୁଯାୟୀ ମଧ୍ୟ ଆଇନଗତ ପଦକ୍ଷେପ ନିଆଯିବ ବୋଲି ଏସ୍‌ପି ନୀତିନ କୁଶଲକର କହିଛନ୍ତି। କେନ୍ଦୁଝର ପୁଲିସର ସୂଚନା ଅନୁସାରେ, ୨୦୨୫ ମସିହାରେ ବେଆଇନ ବାଲି ଚାଲାଣ ସମ୍ବନ୍ଧୀୟ ୩୩୯ଟି ମାମଲା ରୁଜୁ ହୋଇଥିବା ବେଳେ ୫୦୮ ଜଣଙ୍କୁ ଗିରଫ କରାଯାଇଥିଲା। ସେହିପରି କେବଳ ମେ ୨୦୨୬ ମାସରେ ୬୬ଟି ମାମଲା ରୁଜୁ ହୋଇଥିବା ବେଳେ ୧୧୨ଜଣଙ୍କୁ ଗିରଫ୍ କିମ୍ବା ନୋଟିସ ଦିଆଯାଇଛି। ହାଟଡିହି ବ୍ଲକ୍ ନନ୍ଦିପଦା ଥାନା ବଞ୍ଚୋ ଗାଁର ରତିକାନ୍ତ ରାଉତ, ଜଳକଲଙ୍ଗ ଗାଁ ସନ୍ତୋଷ ନାୟକ, ଏଲକଣିଆ ଗାଁର ଯୋଗେନ୍ଦ୍ର ବେହେରା, ଶାଳଣିଆଁ ଗାଁ ର ଗୁରୁବ୍ରତ ଖଣ୍ଡେଇଙ୍କ ଘରେ ଚଢ଼ଉ କରି ଥିବାବେଳେ ଆନନ୍ଦପୁର ଥାନାରେ ରାଜାପ୍ରଭୁ ଦାସ ଓ ଘଷିପୁରା ଥାନା ଅଧୀନ ଧକୋଠା ଗାଁର ଅଜିତ ପୃଷ୍ଟି, ସୁନ୍ଦର ସାହୁ, ସାନ୍ତୁନୁ ନାୟକଙ୍କ ଘରେ ଚଢ଼ଉ ଚାଲିଛି। ସେହିପରି ବୀରଗୋବିନ୍ଦପୁର ଗାଁର ସୌମ୍ୟ ରଞ୍ଜନ ମହାପାତ୍ର ଓ ଅମାରଙ୍ଗ ଗାଁର ସନ୍ତୋଷ ନାୟକଙ୍କ ଘରେ ପୁଲିସ ଚଢ଼ଉ କରିଛି। ଏମାଙ୍କ ମଧ୍ୟରୁ ବଞ୍ଚୋ ଗାଁର ରତିକାନ୍ତ ରାଉତ ବର୍ତ୍ତମାନ ହାଟଡିହି ବ୍ଲକ୍ ଭାଇସ୍ ଚେୟାରମ୍ୟାନ ଥିବା ଜଣାପଡ଼ିଛି।



ଭୋଇ ସେବକଙ୍କ ଦ୍ୱାରା ରଥଖଳାରେ ଚାଲିଛି ରଥ ନିର୍ମାଣ କାର୍ଯ୍ୟ (ଫଟୋ-ଅନିଲ,ପୁରୀ)

■ ଭୁବନେଶ୍ୱର ବିଜେପିର ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର

## ଦଳ ଓ ସଂଗଠନକୁ ସଶକ୍ତ କର: ନିତିନ

ଭୁବନେଶ୍ୱର,୧୮।୫(ସମିସ): ସରକାର ଗଠନ ପାଇଁ ସଂଘର୍ଷ ଆବଶ୍ୟକ। ଅନ୍ୟ ପକ୍ଷରେ ସରକାର ଚଳାଇବା ପାଇଁ ସମର୍ପଣ ଆବଶ୍ୟକ। ଆମ ସମସ୍ତଙ୍କୁ ଲମ୍ବା ସମୟର ସଂଘର୍ଷ ଓ ସମର୍ପଣ ମନୋଭାବ ଆବଶ୍ୟକ। କେବଳ ଶାସନ ଓ କ୍ଷମତା ହାସଲ କରିବା ଏକମାତ୍ର ଲକ୍ଷ୍ୟ ନୁହେଁ; ବର୍ତ୍ତମାନ ଆମକୁ ସଂଘର୍ଷ ସହିତ ଆହ୍ୱାନକୁ ସଫଳତାର ସହ ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଭୁବନେଶ୍ୱର ବିଜେପି ସାଂଗଠନିକ ଜିଲ୍ଲା ପକ୍ଷରୁ ଆୟୋଜିତ ପ୍ରଶିକ୍ଷଣ ମହାଅଭିଯାନ ୨୦୨୬ରେ ଯୋଗ ଦେଇ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନ କହିଛନ୍ତି।

ନୀତିନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ବର୍ଷ ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି। ୨୦୪୭ ସୁଦ୍ଧା ଦେଶକୁ ବିକଶିତ ରାଷ୍ଟ୍ର ଭାବେ ଗଢି ତୋଳିବା ଲକ୍ଷ୍ୟ ନେଇ ସେ କାର୍ଯ୍ୟ କରୁଛନ୍ତି। ରାଷ୍ଟ୍ର ସମ୍ମୁଖରେ ଥିବା ଆହ୍ୱାନ ଓ ଏହାର ନିରାକରଣ ହେଉଛି ଆମ ସମସ୍ତଙ୍କ ମୂଳ କର୍ତ୍ତବ୍ୟ। ଆତଙ୍କବାଦ, ଅନୁପ୍ରବେଶକାରୀ, ସୀମା ବିବାଦ, ତସ୍କରୀ ଭଳି ବାହ୍ୟଶତ୍ରୁଙ୍କ ଆହ୍ୱାନକୁ ପ୍ରଧାନମନ୍ତ୍ରୀ ସଫଳତାର ସହ ମୁକାବିଲା କରୁଛନ୍ତି। ସାଂସ୍କୃତିକ ରାଷ୍ଟ୍ରବାଦ ସୁରକ୍ଷା ପ୍ରତି ବଡ ବିପଦକୁ ସାମ୍ନା କରିବା ଆମ ସମସ୍ତଙ୍କ ପାଇଁ ବଡ ଆହ୍ୱାନ । ସଂସ୍କୃତିକୁ ଆଧାର କରି ବିକାଶ ହେବା ଉଚିତ୍। ଦେଶର ଉଭୟ ଆନ୍ତରୀଣ ଓ ବାହ୍ୟ ସୁରକ୍ଷା ସହ କୌଣସି ସାଲିସ କରାଯିବନାହିଁ। ପ୍ରଶିକ୍ଷଣ ହେଉଛି ଏକ ନିରନ୍ତର ପ୍ରକ୍ରିୟା।



ଅଧ୍ୟୟନ ପ୍ରକ୍ରିୟା ଜାରି ରଖିବା। ଦଳ ଓ ସଂଗଠନକୁ ସଶକ୍ତ କରିବା ହେଉଛି ଆମ ସମସ୍ତଙ୍କ ମୂଳ ଉଦ୍ଦେଶ୍ୟ ବୋଲି ନୀତିନ ନବୀନ କହିଛନ୍ତି। ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ସୋମବାର ଓ ମଙ୍ଗଳବାର ଦୁଇ ଦିନ ଧରି ଚାଲିବାକୁ ଥିବା ପ୍ରଶିକ୍ଷଣ ଶିବିରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, କେନ୍ଦ୍ରୀୟ ପ୍ରଶିକ୍ଷଣ ଟୋଲିର ସହସଂଯୋଜିକା ତଥା ସାଂସଦ କବିତା ପଟିଦାର, କ୍ଷେତ୍ରୀୟ ସଂଯୋଜକ ଅଧ୍ୟାପକ ଦିନେଶାନନ୍ଦ ଗୋସ୍ୱାମୀ ଏବଂ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

## ଥାନାରେ ନାବାଳିକାକୁ ଆଇଆଇସିଙ୍କ ଧମକ ପରେ ଚେତାଶୂନ୍ୟ ଘଟଣା

# 'ବିଜେପିର ଏଜେଣ୍ଟ ସାଜିଛନ୍ତି ଥାନା ଅଧିକାରୀ'

ବାରିପଦା/ମୋରଡ଼ା,୧୮।୫(ସମିସ): ମାଆବାପାଙ୍କ ସହିତ ଅଭିଯୋଗପତ୍ର ନେଇ ଥାନାକୁ ଯାଇଥିବା ଜଣେ ନାବାଳିକା ଥାନା ଅଧିକାରୀଙ୍କ ଧମକପୂର୍ଣ୍ଣ ବ୍ୟବହାରରେ ଚେତାଶୂନ୍ୟ ହୋଇ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି ହେବା ଘଟଣାକୁ ନେଇ ସୋମବାର ବିଜୁ ଜନତା ଦଳ ମୋରଡା ଥାନା ଘେରଉ କରିଛି। ଆଗାମୀ ୪୮ ଘଣ୍ଟା ଭିତରେ ଥାନା ଅଧିକାରୀଙ୍କୁ ବଦଳି କରା ନ ଗଲେ ସମଗ୍ର ମୟୂରଭଞ୍ଜ ଜିଲ୍ଲା ସାରା ଆନ୍ଦୋଳନ ହେବ ବୋଲି ବିଜେଡି ଚେତାବନୀ ଦେଇଛି।

ପୂର୍ବତନ ବିଧାୟକ ରାଜକିଶୋର ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟିକା ପ୍ରାର୍ଥିନୀ ପ୍ରୀତିନନ୍ଦା କାନୁନଗୋ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଭାରତୀ ହାଁସଦା, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସାନନ୍ଦ ମାଣ୍ଡି, ଦେବାଶିଷ ମହାନ୍ତି, ଜିଲ୍ଲା ବିଜେଡି ମହିଳା ସଭାପତି ଦୀପ୍ତିଲତା ମିଶ୍ର, ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ମୋରଡା ବ୍ଲକ ଅଧ୍ୟକ୍ଷ ପିଥନାଥ ସୋରେନଙ୍କ ସହ ଅନ୍ୟ ନେତୃବୃନ୍ଦ




ଓ ଶତାଧିକ କର୍ମୀ ଏକତ୍ରିତ ହୋଇ ଥାନା ଘେରଉ କରି ଥାନା ଅଧିକାରୀଙ୍କ ବିରୁଦ୍ଧରେ ବିଭିନ୍ନ ନାରା ଦେଇଥିଲେ। ତେବେ ମୋରଡା ଥାନା ଅଧିକାରୀ ସୁମିତ କୁମାର ସୋରେନଙ୍କ ବିରୁଦ୍ଧରେ ବିଭିନ୍ନ ଅଭିଯୋଗ ଆସୁଛି। ନାବାଳିକାଙ୍କ ପରିବାର ଉପରେ ବିଭିନ୍ନ ମହଲରୁ ଚାପ ପଡୁଛି, ଯାହା ନିନ୍ଦନୀୟ। ଥାନା ଅଧିକାରୀ ଗଣମାଧ୍ୟମ ପ୍ରତିନିଧିଙ୍କ କଣ୍ଠରୋଧ କରିବାକୁ ଚେଷ୍ଟା କରୁଛନ୍ତି ବୋଲି କହିଛି ବିଜେଡି। ସେହିପରି ସମ୍ପୃକ୍ତ ଥାନା ଅଧିକାରୀ ବିଜେପିର ଏଜେଣ୍ଟ ସାଜି ବଟି ଆଦାୟ କରି ମୋରଡା ବିଧାୟକ ତଥା ମନ୍ତ୍ରୀଙ୍କୁ ସନ୍ତୁଷ୍ଟ କରୁଛନ୍ତି। ବର୍ତ୍ତମାନର ସରକାର ମହିଳାଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛି ବୋଲି କହିଛନ୍ତି

■ ବିଜେଡି ପକ୍ଷରୁ ମୋରଡ଼ା ଥାନା ଘେରଉ
■ ୪୮ ଘଣ୍ଟା ମଧ୍ୟରେ ବଦଳି ନ ହେଲେ ଜିଲ୍ଲା ସାରା ହେବ ଆନ୍ଦୋଳନ

ବିଜେଡିର ପୂର୍ବତନ ବିଧାୟକ ପ୍ରାର୍ଥିନୀ ପ୍ରୀତିନନ୍ଦା କାନୁନଗୋ। ଅପରପକ୍ଷରେ ଘଟଣାରେ ଅଟକ ଅଭିଯୁକ୍ତ ଶ୍ରବଣ ମାଝିଙ୍କୁ ଡାକ୍ତରୀ ପରୀକ୍ଷା ପରେ ସୋମବାର କୋର୍ଟ ଚାଲାଣ କରାଯାଇଛି। ସେହିପରି ପୀଡିତା ନାବାଳିକା ଛାତ୍ରୀଙ୍କ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ବୟାନ ରେକର୍ଡ କରାଯାଇଥିବା ଜଣାପଡ଼ିଛି।

## ଗୁଳି ଫୁଟାଇ ପିଇଓଙ୍କଠାରୁ ଝାମ୍ପିନେଲେ ୮ ଲକ୍ଷ ଟଙ୍କା

କେନ୍ଦୁଝର ସଦର,୧୮।୫(ସମିସ): କେନ୍ଦୁଝର ଜିଲ୍ଲା ସଦର ଥାନା ଅନ୍ତର୍ଗତ ରାଇସୁଆଁ-ଯଦିପଡ଼ା ରାସ୍ତାର ମୁକୁନା ନିକୁଟରୁ ସୋମବାର ପୂର୍ବାହ୍ନରେ ଫାଙ୍କା ଗୁଳିଚାଳନା କରି ପିଇଓଙ୍କଠାରୁ ୮ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି ଦୁର୍ବୃତ୍ତ। ମିଳିଥିବା ସୂଚନା ଅନୁଯାୟୀ ବାଉରୀପଦା ପଞ୍ଚାୟତ ପିଇଓ ତୁଷାର ଜ୍ୟୋତି ସୋରେନ ଏବଂ ଏଡିଇଓ ଅଭିମନ୍ୟୁ ସାହୁ ଦୁହେଁ ଏକ ସ୍କୁଟି ଯୋଗେ ବାଉରିପଦା ପଞ୍ଚାୟତରେ ଭତ୍ତା ଟଙ୍କା ବାଣ୍ଟିବା ପାଇଁ ଏଚ୍‌ଡିଏଫ୍‌ସି ବ୍ୟାଙ୍କରୁ ନଗଦ ୮ ଲକ୍ଷ ୧୮ ହଜାର ୧୦୦ଟଙ୍କା ଉଠାଇ ଆସୁଥିଲେ। ଆଉ ମାତ୍ର ୫ ଶହ ମିଟର ଯାଇଥିଲେ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥାନ୍ତେ। ମାତ୍ର ତା ପୂର୍ବରୁ ବନ୍ଧୁକ ଦେଖାଇବା ସହ ଗୁଳି ଫୁଟାଇ ଲୁଟି ନେଇଛନ୍ତି ଦୁର୍ବୃତ୍ତ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ ଏକ ନାଲି ପଲ୍ସର୍‌ରେ ତିନି ଜଣ ଆସିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ହେଲମେଟ ପିନ୍ଧିଥିବାବେଳେ ଅନ୍ୟ ଦୁଇଜଣ ମୁଖା ପିନ୍ଧିଥିଲେ। ସେମାନେ ପିଇଓଙ୍କୁ ଅଟକାଇ ସ୍କୁଟି ଚାବିକାଠି ସହ ଟଙ୍କା ବ୍ୟାଗ ଲୁଟି ମୁକୁନା ମନ୍ଦିର ରାସ୍ତା ଦେଇ ବେଲଦା ପଟକୁ ପଳାଇଥିଲେ। ଖବର ପାଇ ସଦର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଜାରି ରଖିଛି। ସେପଟେ ଉକ୍ତ ରାସ୍ତା ଦେଇ ଆସିଥିବା ବିଭିନ୍ନ ସ୍ଥାନର ସିସି କ୍ୟାମେରା ଯାଞ୍ଚ କରୁଛି ପୁଲିସ। ଜନଗହଳି ରାସ୍ତା ସାଙ୍ଗକୁ ନିକଟରେ ଚାଷୀ ମାନେ ଥିବା ସତ୍ତ୍ୱେ ଦୁର୍ବୃତ୍ତ ବାଇକ୍‌ରେ ଆସି ଲୁଟପାଟ କରିବା ସାଧାରଣରେ ଆଲୋଡନ ସୃଷ୍ଟି କରିଛି। ଭତ୍ତା ଟଙ୍କା ନ ପାଇ ଶହ ଶହ ହିତାଧିକାରୀ ପଞ୍ଚାୟତ କାର୍ଯ୍ୟାଳୟରୁ ଖାଲି ହାତରେ ଫେରିଯାଇଛନ୍ତି। ପିଇଓ ଏବଂ ଏଡିଇଓ ଦୁହେଁ ଏତେ ପରିମାଣର ସରକାରୀ ଟଙ୍କା ବିନା ସୁରକ୍ଷାରେ ବାଇକ୍‌ରେ ନେବା ଆଣିବା କରିବା ଠିକ ନୁହେଁ ବୋଲି ଆଲୋଚନା ହୋଇଛି। ଏ ନେଇ ସଦର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା ସଦର ଥାନାରେ ଏତଲା ଦାଏର କରିଛନ୍ତି। ପୁଲିସ ସଦର ଥାନାରେ ୩୧୧/୨୦୨୬ ଅନୁସାରେ ମାମଲା ରୁଜୁକରି ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

## ଟିଜିଟି ଶିକ୍ଷକଙ୍କ ବଦଳି ନୀତି ପରିବର୍ତ୍ତନ ଦାବି

ଭୁବନେଶ୍ୱର, ୧୮।୫(ସମିସ): ମାଧ୍ୟମିକ ଟିଜିଟି ଶିକ୍ଷକଙ୍କ ମଧ୍ୟରେ ସହମତି ଭିତ୍ତିକ ଆନ୍ତଃଜିଲ୍ଲା ବଦଳି ପାଇଁ ଦାବି ଜୋର ଧରିଛି। ପୂର୍ବରୁ ଏକାଧିକ ଥର ସମାନ ଦାବି କରାଯାଇଥିବାବେଳେ ଆଜି ଗଣଶିକ୍ଷା ବିଭାଗ ପକ୍ଷରୁ ଅନୁଷ୍ଠିତ ଜନଶୁଣାଣି କାର୍ଯ୍ୟକ୍ରମରେ ମଧ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ସମାନ ଦାବି ଦୋହରାଇଛନ୍ତି। ସେମାନଙ୍କ କହିବା କଥା, ଅନ୍ୟ ରାଜ୍ୟ କ୍ୟାଡର କର୍ମଚାରୀମାନେ ଏକାଧିକ ଥର ଆନ୍ତଃଜିଲ୍ଲା ବଦଳି ସୁବିଧା ପାଉଛନ୍ତି। ମାତ୍ର ଟିଜିଟି ଶିକ୍ଷକଙ୍କ ପାଇଁ ଏହା କାର୍ଯ୍ୟକାରୀ କରାଯାଉ ନାହିଁ। ସମଗ୍ର ଚାକିରି କାଳରେ ମାତ୍ର ଥରେ ସହମତି ଭିତ୍ତିରେ ବଦଳି ପାଇଁ ସୁଯୋଗ ଦିଆଯାଉଛି। ଏହା ଫଳରେ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ମାନସିକ ଚାପରେ ରହିବା ସହ ନିଜ ପରିବାର ଓ ଅସୁସ୍ଥ ପିତାମାତାଙ୍କ ଯତ୍ନ ନେଇପାରୁ ନାହାନ୍ତି। ସହମତି ଭିତ୍ତିରେ ବଦଳି ହେଲେ ସ୍କୁଲ କିମ୍ବା ଜିଲ୍ଲା ସ୍ତରରେ କୌଣସି ପଦବୀ କମିଯିବ ନାହିଁ ବା ଅତିରିକ୍ତ ପଦବୀ ସୃଷ୍ଟି ମଧ୍ୟ ହେବନାହିଁ। ତାହେଲେ ସେମାନଙ୍କୁ କାହିଁକି ଅନ୍ୟ କର୍ମଚାରୀଙ୍କୁ ଏକାଧିକ ଥର ବଦଳି ସୁଯୋଗ ଦିଆଯିବ ନାହିଁ ବୋଲି ପ୍ରଶ୍ନ କରିଛନ୍ତି। ଚଳିତ ଶିକ୍ଷାବର୍ଷରୁ ବଦଳି ମାର୍ଗଦର୍ଶିକାରେ ପରିବର୍ତ୍ତନ କରି ଟିଜିଟି ଶିକ୍ଷକଙ୍କୁ ଦ୍ୱିତୀୟ ଥର ଆନ୍ତଃଜିଲ୍ଲା ବଦଳି ପାଇଁ ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି।

ଦ୍ୱିତୀୟ ଥର ବଦଳି ସୁଯୋଗ ପାଇଁ ଜନଶୁଣାଣିରେ ଅଭିଯୋଗ

## ଛାତ୍ରଛାତ୍ରୀଙ୍କୁ ବିଷ ପିଆଇ ବିଜେପି ପାଳୁଛି ଅମୃତକାଳ: କଂଗ୍ରେସ

ଭୁବନେଶ୍ୱର,୧୮।୫(ସମିସ): ନିଟ ପରୀକ୍ଷାରେ ଘଟିଥିବା ପ୍ରଶ୍ନ ପତ୍ର ଲିକ ଘଟଣାକୁ ନେଇ ପୁଣି କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଟାର୍ଗେଟ୍ କରିଛି କଂଗ୍ରେସ। ଦେଶର ଛାତ୍ରଙ୍କ ଭବିଷ୍ୟତ ସହିତ ଖେଳିବା ଅତ୍ୟନ୍ତ ଘୃଣିତ କାର୍ଯ୍ୟ ଓ ଏହାକୁ କେବେ କ୍ଷମା କରାଯାଇ ପାରିବ ନାହିଁ ବୋଲି କଂଗ୍ରେସ କହିଛି।

କଂଗ୍ରେସ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଅଶୋକ ଦାସ କହିଛନ୍ତି ଯେ ଦେଶରେ ପ୍ରଶ୍ନପତ୍ର ପ୍ରଘଟ ଏକ ନିତିଦିନିଆ ଘଟଣା ହୋଇ ଯାଇଛି। ସରକାରଙ୍କ ସମସ୍ତ ପରୀକ୍ଷାରେ ପ୍ରଶ୍ନ ପତ୍ର ଲିକ ଓ ବିକ୍ରି ସିଣ୍ଡିକେଟ ଚାଲିଛି। ନୀତି ଓ ନୈତିକତାର ପାଠ ପଢ଼ାଉଥିବା ଦଳ ନିଜ ଉପରକୁ ଆସିଲାବେଳେ ସବୁ ନୀତି ନୈତିକତାକୁ ଜଳାଞ୍ଜଳି ଦେଇ ଦେଉଛି। ଛାତ୍ରଛାତ୍ରୀଙ୍କୁ ବିଷ ପିଆଇ ବିଜେପି ଅମୃତକାଳ ପାଳୁଛି । ତେଣୁ ଓଡ଼ିଆ ପୁଅ ଭାବରେ ଶିକ୍ଷାମନ୍ତ୍ରୀ ଇସ୍ତଫା ଦେଇ ନୀତି ନୈତିକତାର ଦୃଷ୍ଟାନ୍ତ ସୃଷ୍ଟି କରନ୍ତୁ ବୋଲି ବିଧାୟକ ଶ୍ରୀ ଦାସ କହିଛନ୍ତି। ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି ଯେ, ଜାତୀୟ




କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେ କହିଛନ୍ତି ଯେ, ମୋଦୀ ସରକାରରେ "ଅମୃତ କାଳ" ନିଯୁକ୍ତି-ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀଙ୍କ ପାଇଁ 'ମୃତ କାଳ' ସାବ୍ୟସ୍ତ ହେଉଛି। ଦେଶର ଅନେକ ସ୍ଥାନରେ ଏବେ ଛାତ୍ରଛାତ୍ରୀ ଆତ୍ମହତ୍ୟା କରୁଛନ୍ତି। ପ୍ରଧାନମନ୍ତ୍ରୀ "ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଉପରେ ଚର୍ଚ୍ଚା' କରନ୍ତୁ, ଚୁପ୍ ରହିଲେ କିଛି ହେବ ନାହିଁ ବୋଲି ସେ କହିଛନ୍ତି।

ସେହିପରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ୧୧ ବର୍ଷଧରି ମନ୍ତ୍ରୀ ରହିଛନ୍ତି। ଆଜି ସାରା ଦେଶର ଛାତ୍ର ଓ ଯୁବବର୍ଗ ତାଙ୍କୁ ଶିକ୍ଷାମନ୍ତ୍ରୀ ନକହି ନିକମ୍ମା ମନ୍ତ୍ରୀ କହିବା ଆରମ୍ଭ କଲେଣି। ବାହାନଗାରେ ରେଳ ଦୁର୍ଘଟଣା ଘଟି ଶହ ଶହ ଲୋକଙ୍କ କରୁଣ ମୃତ୍ୟୁ ଘଟିଲା, ଏପ୍‌ଷ୍ଟିନ ଫାଇଲରେ ପେଟ୍ରୋଲିୟମ ମନ୍ତ୍ରୀଙ୍କ ନାମ ଆସିଲା, ନିଟ ପ୍ରଶ୍ନ ପତ୍ର ଦ୍ୱିତୀୟ ଥର ଲିକ ହୋଇ ଛାତ୍ର ପୁଣିଥରେ ପ୍ରସ୍ତୁତ ହୋଇ ପରୀକ୍ଷା ଦେବାକୁ ବାଧ୍ୟ କରାଗଲା। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ କୌଣସି ମନ୍ତ୍ରୀ ଇସ୍ତଫା ଦେଲେ ନାହିଁ। ଏହା ହେଉଛି ବିଜେପି ଦଳର ଅସଲ ସ୍ୱରୂପ। ଦେଶବାସୀ ବିଜେପି ସରକାରଙ୍କ ଏହି ବିଷ କାଳକୁ ଜାଣି ରଖିବା ଉଚିତ ବୋଲି କହିବା ସହ ଶିକ୍ଷାମନ୍ତ୍ରୀ ତୁରନ୍ତ ମନ୍ତ୍ରୀପଦରୁ ହଟି ଅନ୍ୟ ରାଜ୍ୟରେ ନିର୍ବାଚନ ପ୍ରଚାର କାର୍ଯ୍ୟରେ ଲାଗନ୍ତୁ ବୋଲି ଦଳ କହିଛି।

## ଆଜି ପୂର୍ବାଞ୍ଚଳ କୃଷି ସମ୍ମିଳନୀ

ଭୁବନେଶ୍ୱର, ୧୮।୫(ସମିସ): ଆସନ୍ତାକାଲି ଅର୍ଥାତ୍ ମଙ୍ଗଳବାର ଦିନ ଭୁବନେଶ୍ୱରରେ ପୂର୍ବାଞ୍ଚଳ କୃଷି ସମ୍ମିଳନୀ ଅନୁଷ୍ଠିତ ହେବ। କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ। ଏହାସହ ବିଭିନ୍ନ ରାଜ୍ୟର କୃଷି ମନ୍ତ୍ରୀ, ବରିଷ୍ଠ ଅଧିକାରୀ, ବୈଜ୍ଞାନିକ, କୃଷକ ପ୍ରତିନିଧି, କୃଷି ବିଶେଷଜ୍ଞ, କୃଷକ ଉତ୍ପାଦକ ସଂଗଠନ (ଏଫପିଓ), ଷ୍ଟାର୍ଟଅପ୍, ବ୍ୟାଙ୍କ ଏବଂ ଅନ୍ୟାନ୍ୟ ଅଂଶୀଦାରମାନେ ମଧ୍ୟ ଅଂଶଗ୍ରହଣ କରିବେ। କୃଷି କ୍ଷେତ୍ରର ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରି କୃଷକଙ୍କ ଆୟ ବୃଦ୍ଧି କରିବା ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟକୁ ଅଧିକ ସୁଦୃଢ଼ କରିବା କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ରହିଛି। ସମ୍ମିଳନୀ ସମୟରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯିବ। କୃଷକ ପଞ୍ଜିକରଣରେ ପ୍ରଗତି, ଉଦ୍ୟାନ କୃଷିର ସମ୍ଭାବନା, ଡାଲି କ୍ଷେତ୍ରରେ ଆତ୍ମନିର୍ଭରଶୀଳ ମିଶନ, ଜାତୀୟ ଖାଇବା ତେଲ-ତୈଳବୀଜ ମିଶନ, ପିଏମ-ଆଶା, ଜାତୀୟ ପ୍ରାକୃତିକ କୃଷି ମିଶନ, କୃଷି ଋଣ ଏବଂ କିଷାନ କ୍ରେଡିଟ୍ କାର୍ଡ ସମ୍ପର୍କିତ ପ୍ରସଙ୍ଗ ଉପରେ ବିଶେଷ ଭାବେ ଆଲୋଚନା କରାଯିବ। ସେହିପରି କୃଷି କ୍ଷେତ୍ରରେ ବିଭିନ୍ନ ଆହ୍ୱାନକୁ ମୁକାବିଲା କରି ନବସୃଜନ ବାଣ୍ଟିବା ଏବଂ କୃଷକଙ୍କ ହିତକୁ ଦୃଷ୍ଟିରେ ରଖି ସ୍ଥାୟୀ ବିକାଶ ପାଇଁ ରଣନୀତି ବିକଶିତ କରିବା ପାଇଁ ମଧ୍ୟ ବ୍ୟାପକ ଆଲୋଚନା ହେବ।

ଯୋଗଦେବେ ମୁଖ୍ୟମନ୍ତ୍ରୀ, କେନ୍ଦ୍ର କୃଷି ମନ୍ତ୍ରୀ ଓ ବିଭିନ୍ନ ରାଜ୍ୟର ମନ୍ତ୍ରୀ

**ବିଲ ହିଡ଼ ଏଠି ରାସ୍ତା**

# ପୁଣି ଖଟରେ ବୁହାହେଲେ ରୋଗୀ

ଶରତ, ୧୮।୫(ସମିସ): ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ ପଦ୍ମପୋଖରୀ ଗ୍ରାମପଞ୍ଚାୟତର ଧପଡ଼ା ରାଜସ୍ୱ ଗ୍ରାମ ଅଧୀନ ୫ନଂ ୱାର୍ଡ ଧନାସାହି ଗ୍ରାମର ବିରାଙ୍ଗ ମହାକୁଡ଼ (୩୦)ଙ୍କୁ ଆଜି ଡାକ୍ତରଖାନା ନିଆଯିବା ସମୟରେ ଗ୍ରାମକୁ ଆମ୍ବୁଲାନ୍ସ ପଶିବା ସମସ୍ୟା ହେବାରୁ ତାଙ୍କୁ ଖଟିଆ ଯୋଗେ ୪ କିଲୋମିଟର ଦୂରରେ ଥିବା ଆମ୍ବୁଲାନ୍ସ ନିକଟକୁ ନିଆଯାଇଥିବା ଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଗ୍ରାମକୁ ରାସ୍ତା ନ ଥିବାରୁ ଜରୁରିକାଳୀନ ଗାଡ଼ି ପଶିପାରୁନାହିଁ। ଫଳରେ ରୋଗୀଙ୍କୁ ଖଟ ଓ ଭାରରେ ବୋହି ଆମ୍ବୁଲାନ୍ସ ନିକଟକୁ ନିଆଯାଉଥିବା ଅଭିଯୋଗ ହେଉଛି।

ସୂଚନା ମୁତାବକ, ଧନାସାହି ଗ୍ରାମର ରାମ ମହାକୁଡ଼ଙ୍କ ସ୍ତ୍ରୀ ବିରାଙ୍ଗ ମହାକୁଡ଼ ଘର ପାଖରେ କାମ କରୁଥିବା ସମୟରେ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ସେ ଅତ୍ୟନ୍ତ ଗୁରୁତର ହେବା କାରଣରୁ ୧୦୮ ଆମ୍ବୁଲାନ୍ସ ଡକାଯାଇଥିଲା। ଆମ୍ବୁଲାନ୍ସ ଆସିଥିଲା ସତ, କିନ୍ତୁ ଗ୍ରାମକୁ ଭଲ ରାସ୍ତା ନ ଥିବା ଯୋଗୁଁ ଗାଁ ପର୍ଯ୍ୟନ୍ତ ପହଞ୍ଚି ପାରି ନ ଥିଲା। ଫଳରେ ଗାଁ ଲୋକ ତାଙ୍କୁ ୪ କିଲୋମିଟର ପର୍ଯ୍ୟନ୍ତ ଆମ୍ବୁଲାନ୍ସ ଧରିବା ପାଇଁ ଖଟିଆରେ ବୋହି ଆଣିଥିଲେ। ଧନାସାହି ବାସିନ୍ଦାଙ୍କୁ ରାସ୍ତା ଓ ପାନୀୟଜଳ ଯୋଗାଣ ଭଳି ମୌଳିକ ସୁବିଧା ପ୍ରଦାନ କରାଯିବା ଦାବିରେ ଗ୍ରାମବାସୀ ୨୦୨୫ ଅକ୍ଟୋବର ୨୪ ତାରିଖ ଦିନ କପ୍ତିପଦା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗ୍ରାମର ସମସ୍ୟା ସମାଧାନ କରିବାକୁ କପ୍ତିପଦା ବିଡିଓ ଓ ପଦ୍ମପୋଖରୀ



ପଞ୍ଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀ ଭାରତ ସିଂହ ଧନାସାହି ଗ୍ରାମ ଗସ୍ତ କରି ଉକ୍ତ ଗ୍ରାମର ଦୂରବସ୍ଥା ଦେଖିବା ସହିତ ରାସ୍ତାର ଉନ୍ନତିକରଣ କରାଯିବା ନିମନ୍ତେ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଧନାସାହି ଗ୍ରାମକୁ କପ୍ତିପଦା ବିଡିଓଙ୍କ ଗସ୍ତକୁ ୮ ମାସ ବିତିଯାଇଥିଲେ ସୁଦ୍ଧା ଗ୍ରାମର ଗୋଟିଏ ହେଲେ ମଧ୍ୟ ରାସ୍ତା ନିର୍ମାଣ ହୋଇପାରିଲାନାହିଁ।

୨୦୨୫ ନଭେମ୍ବର ୨୨ ତାରିଖ ଦିନ ଧନାସାହି ଗ୍ରାମର ନାନ୍ଦୀ ମହାକୁଡ଼ ନାମକ ଜଣେ ଗର୍ଭବତୀ ମହିଳା ପ୍ରସବ ଚିକିତ୍ସା ନିମନ୍ତେ ଡାକ୍ତରଖାନାକୁ ଖଟିଆରେ ବୁହା ହୋଇଯିବା ସମୟରେ ବାଟରେ ହିଁ ପ୍ରସବ କରିବା ଘଟଣା ମୟୂରଭଞ୍ଜ ଜିଲ୍ଲାକୁ ସମଗ୍ର ରାଜ୍ୟରେ ଲଜ୍ଜିତ କରିଥିଲା। ଗ୍ରାମରେ ରାସ୍ତା ନିର୍ମାଣ ହେବାର ଆବଶ୍ୟକତା ରହିଛି। ବିଲ ହିଡ ଏଠି ରାସ୍ତା। ମୁଖ୍ୟମନ୍ତ୍ରୀଙ୍କ ଗ୍ରାମ୍ୟ ସଡ଼କ ଯୋଜନା ଏଠି ସାତସପନ। ଧନାସାହି ଗ୍ରାମବାସୀଙ୍କ ନିମନ୍ତେ ପ୍ରଧାନମନ୍ତ୍ରୀଙ୍କ ଗ୍ରାମ୍ୟ ସଡ଼କ ଯୋଜନା ଏମାନଙ୍କ ପାଇଁ ସାତସପନ। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଗ୍ରାମକୁ ମିଳୁନି ଆର୍ଥିକ ଅନୁଦାନ। ଧନାସାହି ବାସିନ୍ଦା ଆଜି ବି ବିକାଶର ସୂର୍ଯ୍ୟାଲୋକକୁ ଅପେକ୍ଷା କରି ରହିଛନ୍ତି। ଗ୍ରାମରେ ମୋବାଇଲ ନେଟୱାର୍କ ଆସୁନି। ରାସ୍ତା ନିର୍ମାଣ ସମ୍ପର୍କରେ ପଦ୍ମପୋଖରୀ ପଞ୍ଚାୟତ ଦାୟିତ୍ୱରେ ଥିବା ରାସ୍ତା ନିର୍ମାଣ ବିଭାଗ ଯନ୍ତ୍ରୀ ଭାରତ ସିଂହଙ୍କ ପ୍ରତିକ୍ରିୟା ନେବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାଙ୍କ ମୋବାଇଲ ସ୍ୱିଚଅଫ ଥିବା ଜଣାପଡ଼ିଛି। ଆଗାମୀ ୪ ସପ୍ତାହ ମଧ୍ୟରେ ମଧ୍ୟରେ ଧନାସାହି ଗ୍ରାମରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବା ନିମନ୍ତେ ପଦକ୍ଷେପ ଗ୍ରହଣ କରା ନ ଗଲେ ଗ୍ରାମବାସୀ କପ୍ତିପଦା ବ୍ଲକ ପ୍ରଶାସନ ଓ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ବିରୋଧରେ ଓଡ଼ିଶା ଉଚ୍ଚନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା ଦାଏର କରିବେ ବୋଲି ଗ୍ରାମର ନବୀନ ମୁଣ୍ଡରୀ, ଟିପୁ ମୁଣ୍ଡରୀ, ଜାମାଦାର ବାଲମୁଚୁ, ମାନି ମୁଣ୍ଡରୀ, ଗାମାଏ ରୀମିଲ ଗୋଇପାଇ ପ୍ରମୁଖ ଗଣମାଧ୍ୟମ ଜରିଆରେ ପ୍ରଶାସନକୁ ଚେତାବନୀ ଦେଇଛନ୍ତି।

● ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଗ୍ରାମ୍ୟ ସଡ଼କ ଯୋଜନା ଏଠି ସାତସପନ
● ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଗ୍ରାମକୁ ମିଳୁନି ଆର୍ଥିକ ଅନୁଦାନ

# ସମୁଦ୍ର ଉପକୂଳବର୍ତ୍ତୀ ପଞ୍ଚାୟତରେ ନାହିଁ ବାତ୍ୟା ଆଶ୍ରୟସ୍ଥଳୀ

ବାଲେଶ୍ୱର, ୧୮।୫
(ରୁଚିକ ରଞ୍ଜନ ମହାପାତ୍ର)



ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଅଧୀନ ଆରୁହାବାଡ଼ ପଞ୍ଚାୟତର ଚିତ୍ର ଏବେ ସରକାରଙ୍କ ଉପକୂଳ ସୁରକ୍ଷା ବ୍ୟବସ୍ଥାର ନଗ୍ନ ସତ୍ୟକୁ ସାମ୍ନାକୁ ଆଣିଛି। ଏକପଟେ ସରକାର ଉପକୂଳ ଅଞ୍ଚଳର ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା ଓ ବାତ୍ୟା ପ୍ରସ୍ତୁତି ନେଇ ବଡ଼ ବଡ଼ ଦାବି କରୁଥିବାବେଳେ ଅନ୍ୟପଟେ ସମୁଦ୍ରକୁ ସିଧାସଳଖ ଲାଗିଥିବା ଆରୁହାବାଡ଼ ପଞ୍ଚାୟତରେ ଆଜି ପର୍ଯ୍ୟନ୍ତ ଗୋଟିଏ ବି ବାତ୍ୟା ଆଶ୍ରୟସ୍ଥଳୀ ନଥିବା ଘଟଣା ଏବେ ଲୋକଙ୍କ ମଧ୍ୟରେ ତୀବ୍ର କ୍ଷୋଭ ସୃଷ୍ଟି କରିଛି। ପ୍ରତିବର୍ଷ ବାତ୍ୟା ଋତୁ ଆସିଲେ ଆରୁହାବାଡ଼ ପଞ୍ଚାୟତର ଲୋକଙ୍କ ମନରେ ଛନକା ପଶିଯାଏ। ରାତିରେ ପବନର ଶବ୍ଦ ବଢ଼ିଲେ, ସମୁଦ୍ରର ଲହରୀ ଉଗ୍ର ହେଲେ ଏଠାକାର ଲୋକ ଭୟରେ ରାତି କାଟୁଛନ୍ତି। କାରଣ ବଡ଼ ବାତ୍ୟା ଆସିଲେ ନିଜ ପରିବାରକୁ ନେଇ କେଉଁଠି ସୁରକ୍ଷିତ ରହିବେ, ସେଥିପାଇଁ କୌଣସି ସ୍ଥାୟୀ ବ୍ୟବସ୍ଥା ନାହିଁ। ସରକାରୀ ତଥ୍ୟରେ ଏହି ଅଞ୍ଚଳକୁ ବାତ୍ୟାପ୍ରବଣ ଭାବେ ଚିହ୍ନଟ କରାଯାଇଥିଲେ ମଧ୍ୟ ଭୂମିସ୍ତରରେ ସୁରକ୍ଷା ବ୍ୟବସ୍ଥା ଶୂନ୍ୟ ଥିବା ଅଭିଯୋଗ ହେଉଛି।

ବାହାନଗା ବ୍ଲକର ସମୁଦ୍ର ଉପକୂଳରେ ଆରୁହାବାଡ଼ ପଞ୍ଚାୟତ ଅବସ୍ଥିତ ଥିବା ବେଳେ ଏହି ପଞ୍ଚାୟତ ୧୨ ଗୋଟି ୱାର୍ଡକୁ ନେଇ ଗଠିତ , ଯେଉଁଠି ସମୁଦାୟ ଲୋକସଂଖ୍ୟା ୫୪୦୦ ରୁ ଅଧିକ। ଗତ ୨୦୨୧ ମସିହା ମେ ମାସ ୨୬ ତାରିଖରେ ପ୍ରଳୟଙ୍କରୀ ୟସ ବାତ୍ୟା ଏହି ଆରୁହାବାଡ଼ ପଞ୍ଚାୟତ ରୂପଖଣ୍ଡ ବରଜଦେଉଳି ମଧ୍ୟରେ ଲ୍ୟାଣ୍ଡଫଲ କରିଥିଲା। ସବୁ ସମୟରେ ବାତ୍ୟା ସତର୍କତା ଜାରି ହେଲେ ପ୍ରଶାସନ ପକ୍ଷରୁ ଲୋକମାନଙ୍କୁ ସ୍ଥାନୀୟ ସ୍କୁଲ ଘରକୁ ନେଇ ରଖାଯାଉଛି। କିନ୍ତୁ ସେହି ସ୍କୁଲ ଘରଗୁଡ଼ିକରେ ନାହିଁ ପର୍ଯ୍ୟାପ୍ତ ସ୍ଥାନ, ନାହିଁ ଯଥେଷ୍ଟ ଶୌଚାଳୟ, ନାହିଁ ପିଇବା ପାଣିର ବ୍ୟବସ୍ଥା। ଅନେକ ସମୟରେ ଗୋଟିଏ କ୍ଲାସରୁମ ଭିତରେ ଦଶ ଦଶଟି ପରିବାରକୁ ରଖାଯାଉଥିବାରୁ ମହିଳା, ଛୋଟ ଛୁଆ ଓ ବୃଦ୍ଧମାନେ ଅମାନବୀୟ ଅବସ୍ଥାରେ ଦିନ କାଟୁଛନ୍ତି। ବର୍ଷା ପାଣି ଛାତରୁ ପଡୁଥିବା ବେଳେ ଭିତରେ ଲୋକ ଭୟରେ ରାତି କାଟୁଥିବା ଦୃଶ୍ୟ ଏଠାରେ ସାଧାରଣ ଘଟଣା। ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଯେଉଁ ପଞ୍ଚାୟତ ସିଧାସଳଖ ସମୁଦ୍ର ଲହରୀ ଓ ଜୁଆରର ପ୍ରଭାବରେ ରହୁଛି, ସେଠାରେ କାହିଁକି ଏପର୍ଯ୍ୟନ୍ତ ଗୋଟିଏ ବି ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ହୋଇନି ? କାହା ସ୍ୱାର୍ଥରେ ସମୁଦ୍ରଠାରୁ ଦୂରରେ ଥିବା ପଞ୍ଚାୟତଗୁଡ଼ିକରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବାତ୍ୟା ଆଶ୍ରୟସ୍ଥଳୀ ତିଆରି ହେଉଛି, ଆଉ ପ୍ରକୃତ ବିପଦପ୍ରବଣ ଆରୁହାବାଡ଼ ପଞ୍ଚାୟତକୁ ଅଣଦେଖା କରାଯାଉଛି ? ଏହାକୁ ନେଇ ଏବେ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଲୋକମାନେ ସ୍ଥାନୀୟ ଜନପ୍ରତିନିଧିଙ୍କ ମାଧ୍ୟମରେ ବାରମ୍ବାର ଜିଲ୍ଲା ପ୍ରଶାସନ ଠାରୁ ରାଜ୍ୟ ପ୍ରଶାସନ ପର୍ଯ୍ୟନ୍ତ ଗୁହାରୀ କରିଥିଲେ ମଧ୍ୟ ଫଳ ଶୂନ। ୧୯୯୯ ମହାବାତ୍ୟାର

**ବାତ୍ୟା ଆସିଲେ କ୍ଷତିଗ୍ରସ୍ତ ହୁଅନ୍ତି ଆରୁହାବାଡ଼ବାସୀ**

ଭୟଙ୍କର ତାଣ୍ଡବ ଠାରୁ ଆରମ୍ଭ କରି ଫାଇଲିନ, ହୁଡହୁଡ, ଫନି ଓ ୟସ ଭଳି ବାତ୍ୟାର କରାଳ ରୂପ ଏହି ଅଞ୍ଚଳର ଲୋକ ନିଜ ଆଖିରେ ଦେଖିଛନ୍ତି। ପ୍ରତ୍ୟେକ ବାତ୍ୟା ପରେ ସରକାର ଉପକୂଳ ସୁରକ୍ଷାକୁ ନେଇ ବଡ଼ ବଡ଼ ଘୋଷଣା କରୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଆରୁହାବାଡ଼ ପଞ୍ଚାୟତ ଭଳି ସମ୍ବେଦନଶୀଳ ଅଞ୍ଚଳରେ ସ୍ଥାୟୀ ବ୍ୟବସ୍ଥା ନ ହେବା ସରକାରୀ ବ୍ୟବସ୍ଥାର ବଡ଼ ବିଫଳତା ବୋଲି ଅଞ୍ଚଳବାସୀ କହୁଛନ୍ତି। ଭୋଟ ସମୟରେ ନେତାମାନେ ବଡ଼ ବଡ଼ ପ୍ରତିଶ୍ରୁତି ଦେଉଥିବାବେଳେ ବାତ୍ୟା ସମୟରେ ଉପକୂଳବାସୀଙ୍କ ଜୀବନ କେତେ ସୁରକ୍ଷିତ ଅଛି, ସେଥିପାଇଁ କାହାର ଚିନ୍ତା ନାହିଁ ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି। ବଡ଼ ବାତ୍ୟା ଆସିଲେ ଯଦି ଜନଧନ କ୍ଷୟକ୍ଷତି ହୁଏ, ତେବେ ସେଥିପାଇଁ କିଏ ଦାୟୀ ରହିବ ବୋଲି ଉପକୂଳବାସୀ ପ୍ରଶ୍ନ ଉଠାଇଛନ୍ତି। ଯଦି ଆଗାମୀ ଦିନରେ ଆରୁହାବାଡ଼ ପଞ୍ଚାୟତରେ ତୁରନ୍ତ ଆଧୁନିକ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ନ କରାଯାଏ, ତେବେ ଯେକୌଣସି ବଡ଼ ବାତ୍ୟା ସମୟରେ ଭୟଙ୍କର ବିପର୍ଯ୍ୟୟ ଘଟେ। ସେଥିପାଇଁ ସମ୍ପୂର୍ଣ୍ଣ ଭାବେ ସରକାର ଓ ପ୍ରଶାସନ ଦାୟୀ ରହିବେ ବୋଲି ବୁଦ୍ଧିଜୀବୀ ଓ ସାମାଜିକ ସଂଗଠନମାନେ ଚେତାବନୀ ଦେଇଛନ୍ତି।

## ମତାମତ

▷ ଆରୁହାବାଡ଼ ପଞ୍ଚାୟତ ସମୁଦ୍ର ଉପକୂଳରେ ଥିବା ବେଳେ ବାତ୍ୟା ସମୟରେ ଲୋକମାନେ ବହୁ ଅସୁବିଧା ଭୋଗ କରୁଛନ୍ତି। ବାତ୍ୟା ଆଶ୍ରୟସ୍ଥଳୀ ନଥିବାରୁ ବାଧ ହୋଇ ସ୍କୁଲ ଘରେ ଆଶ୍ରୟ ନେଉଛନ୍ତି, ଯେଉଁଠି ଏତେ ସଂଖ୍ୟକ ଲୋକଙ୍କ ରହିବା ପାଇଁ ସୁବିଧା ନାହିଁ। ସରକାର ଏ ଦିଗରେ ଦୃଷ୍ଟିଦେଇ ତୁରନ୍ତ ଲୋକଙ୍କ ସୁରକ୍ଷା ପାଇଁ ଆରୁହାବାଡ଼ ପଞ୍ଚାୟତରେ ବାତ୍ୟା ଆଶ୍ରୟ ସ୍ଥଳୀ ନିର୍ମାଣ ପାଇଁ ଦାବି କରୁଛି।

*ନମିତା ବିନ୍ଧାଣୀ, ସରପଞ୍ଚ, ଆରୁହାବାଡ଼ ପଞ୍ଚାୟତ*

▷ ଆରୁହାବାଡ଼ ପଞ୍ଚାୟତଟି ସମୁଦ୍ରକୂଳରେ ଅବସ୍ଥିତ ଥିବା ବେଳେ ପୂର୍ବରୁ ଏହିଠାରେ ହିଁ ୟାସ ବାତ୍ୟା ଲ୍ୟାଣ୍ଡଫଳ କରି ବିପର୍ଯ୍ୟୟ ଦେଖାଇଥିଲା। ବାରମ୍ବାର ଲୋକଙ୍କ ସୁରକ୍ଷା ପାଇଁ ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ ଜଣାଉଛୁ, କେବଳ ପ୍ରତିଶ୍ରୁତି ମିଳୁଥିଲେ ସୁଦ୍ଧା ଲୋକଙ୍କ ସୁରକ୍ଷା ପାଇଁ ବାତ୍ୟା ଆଶ୍ରୟ ସ୍ଥଳୀ ନିର୍ମାଣ କରାଯାଉନାହିଁ। ସରକାର ଏହାକୁ ବିଚାର କରି ଏଠାରେ ଆବଶ୍ୟକୀୟ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରିବାକୁ ଦାବୀ କରୁଛି।

*ଶିଶିର କୁମାର ଅଗସ୍ତି, ଜିଲ୍ଲା ପରିଷଦ ସଭ୍ୟ*

▷ ସମୁଦ୍ର ଉପକୂଳରେ ବାତ୍ୟା ଆଶ୍ରୟସ୍ଥଳୀ ପ୍ରତିଷ୍ଠା କରାନଯିବା ଏବଂ ବିଶେଷକରି ସ୍ଥାନୀୟ ଲୋକେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବଞ୍ଚିବା ପାଇଁ ସଂଘର୍ଷ କରିବା ଅତ୍ୟନ୍ତ ଚିନ୍ତାଜନକ। ଏ ନେଇ ଓଡିଶା ରାଜ୍ୟ ବିପର୍ଯ୍ୟୟ ପ୍ରବନ୍ଧନ କର୍ତ୍ତୃପକ୍ଷଙ୍କ ନିକଟରେ ବାହାନଗା ବ୍ଲକରେ ୩ ଗୋଟି ପଞ୍ଚାୟତ ଏବଂ ସୋର ବ୍ଲକରେ ୨ ଗୋଟି ପଞ୍ଚାୟତର ବିଭିନ୍ନ ସ୍ଥାନରେ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ଦାବୀ ଜଣାଇଛି, ଏ ଦିଗରେ ଖୁବଶୀଘ୍ର ପଦକ୍ଷେପ ନିଆଯିବା ନେଇ ବିଭାଗ ନିକଟରୁ ମଧ୍ୟ ପ୍ରତିଶ୍ରୁତି ମିଳିଛି।

*ମାଧବ ଧଡ଼ା, ବିଧାୟକ, ସୋର*

▷ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସମୁଦ୍ର ଉପକୂଳବର୍ତ୍ତୀ ପଞ୍ଚାୟତରେ ବାତ୍ୟା ଆଶ୍ରୟସ୍ଥଳୀ ନଥିବା ନେଇ ଅଭିଯୋଗ ସହ ନିର୍ମାଣ ପାଇଁ ଦାବିପତ୍ର ଆସୁଛି। ଜିଲ୍ଲାରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସୁରକ୍ଷା କୁ ଦୃଷ୍ଟିରେ ରଖି ସରକାରଙ୍କ ନିକଟକୁ ଲୋକଙ୍କ ଦାବିପତ୍ର ପଠାଉଛୁ, ଆରୁହାବାଡ଼ ପଞ୍ଚାୟତରେ ବାତ୍ୟା ଆଶ୍ରୟସ୍ଥଳୀ ନଥିବା ନେଇ ଆସିଥିବା ଦାବିପତ୍ରକୁ ମଧ୍ୟ ଆମେ ପଠାଇ ଦେଇଛୁ। ଏବେ ପ୍ରାଥମିକ ପର୍ଯ୍ୟାୟରେ ବିଭିନ୍ନ ବ୍ଲକରେ ୫ ଗୋଟି ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯିବା ପାଇଁ ଚୂଡ଼ାନ୍ତ ହୋଇଛି, ଆଗାମୀ ଦିନରେ ଆପ୍ରୋଭାଲ ଆସିଲେ ଆରୁହାବାଡ଼ରେ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯିବ।

*ସାଇକ୍ରିଷ୍ଣ ଜେନା, ଜିଲ୍ଲା ଜରୁରୀକାଳୀନ ଅଧିକାରୀ*

● ସେଣ୍ଟରିଂକୁ କେନ୍ଦ୍ର କରି ହରିପୁରରେ ହତ୍ୟା ଘଟଣା

# ମୁଖ୍ୟ ଅଭିଯୁକ୍ତ ବାପପୁଅ କୋର୍ଟଚାଲାଣ



ଖଇରା,୧୮।୫ (ସମିସ): ବାଲେଶ୍ୱର ଜିଲା ଖଇରା ଥାନା ଅଧିନ ହରିପୁର ଗ୍ରାମରେ ଅନ୍ତ୍ୟୋଦୟ ଆବାସ ଗୃହ ନିର୍ମାଣ ବେଳେ ପଟା ସେଣ୍ଟରିଂକୁ କେନ୍ଦ୍ରକରି ସୁରେନ୍ଦ୍ର ସେଠୀଙ୍କ ଭଉଣୀ କମଳା ହତ୍ୟା କରିଥିବା ପଡୋଶୀ ମାନଙ୍କୁ ଖଇରା ପୁଲିସ ଧରିବାକୁ ସକ୍ଷମ ହୋଇଛି। ଏ ସମ୍ପର୍କରେ ସୋମବାର ଖଇରା ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱର ଏସପି ପ୍ରତ୍ୟୁଷ ଦିବାକର ଗିରଫଦାରୀ ପ୍ରକ୍ରିୟାର ପର୍ଦ୍ଦାଫାଶ କରିଛନ୍ତି। ପ୍ରଥମ ଅଭିଯୁକ୍ତ ଭାବେ ଭାରତୀ ଜେନାଙ୍କୁ ୧୨ତାରିଖ ଦିନ ଗିରଫ କରାଯାଇଥିବା ବେଳେ ଅନ୍ୟମାନଙ୍କୁ ଧରିବାକୁ ୨ଟି ଟିମ ଗଠନ କରାଯାଇଥିଲା। ପ୍ରଥମ ଟିମ ଖଇରା ଆଇଆଇସିଙ୍କ ନେତୃତ୍ୱରେ ଆନ୍ଧ୍ର ପ୍ରଦେଶ ଗସ୍ତକରି କୋଦାଳରେ ଆକ୍ରମଣ କରିଥିବା ମୁଖ୍ୟ ଅଭିଯୁକ୍ତ ମାନସ ଜେନାକୁ ଆନ୍ଧ୍ର ପ୍ରଦେଶରୁ ଗିରଫ କରିଥିବା ବେଳେ ଅନ୍ୟ ଟିମ ମାନସଙ୍କ ବାପା ଭରତଙ୍କୁ ସ୍ଥାନୀୟ ଅଞ୍ଚଳରୁ ଗିରଫ କରିବାକୁ ସକ୍ଷମ ହୋଇଥିଲା। ୩ ଦିନ ମଧ୍ୟରେ ଏହି ୨ଜଣଙ୍କୁ ଗିରଫ କରାଯାଇଥିଲା। ବର୍ତ୍ତମାନ ଖଇରାରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ନେଇ ଗଣମାଧ୍ୟମ ପ୍ରତିନିଧି ଦୃଷ୍ଟି ଆକର୍ଷଣ କରିବା ପରେ ଖଇରାର କେଉଁ କେଉଁ ସ୍ଥାନରେ ଅଧିକ ପରିମାଣର ଅପରାଧ ଘଟୁଛି,କେତେଜଣ ପେଶାଦାର ଅପରାଧି ଜେଲରୁ ଆସି ଘରେ ଅଛନ୍ତି ସେ ସମ୍ପର୍କରେ ତଥ୍ୟ ନିଆଯାଉଛି ଏବଂ ତା ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେବ। ଏଥିସହ ବିଭିନ୍ନ ବଜାରରେ ପାଟ୍ରୋଲିଂକୁ କଡାକଡି କରାଯିବା ସହ ଖଇରା ଥାନାରେ ଷ୍ଟାଫ ବୃଦ୍ଧି ପାଇଁ ଗୁରୁତ୍ୱ ଦିଆଯିବା ବୋଲି ଉଲ୍ଲେଖ କରିଛନ୍ତି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ନିଳଗିରି ଏସଡିପିଓ ପ୍ରମୋଦ ମଲ୍ଲିକ,ଖଇରା ଥାନା ଆଇଆଇସି ଜନ ପଟ୍ଟନାୟକ ଉପସ୍ଥିତ ଥିଲେ।

# କନିଷ୍ଠ ଖଣି ଅଧିକାରୀଙ୍କୁ ଆକ୍ରମଣ ଘଟଣାରେ ୬ କୋର୍ଟ ଚାଲାଣ



ଖଇରା,୧୮।୫ (ସମିସ): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରାରେ କାର୍ଯ୍ୟରତ କନିଷ୍ଠ ଖଣି ଅଧିକାରୀ ଅଭିଷେକ ବେହେରା ଶୁକ୍ରବାର ରାତିରେ ବେଆଇନ ମୋରମ ଉତ୍ତୋଳନ କରାଯାଉଥିବା ଖବର ପାଇ କୁପାରୀ ଅଞ୍ଚଳକୁ ଯାଇଥିବା ବେଳେ ତାଙ୍କୁ ଆକ୍ରମଣ କରିବା ଘଟଣାରେ ଖଇରା ପୋଲିସ ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବାଲେଶ୍ୱର ଏସପି ପ୍ରତ୍ୟୁଷ ଦିବାକର ସାମ୍ବାଦିକ ସମ୍ମିଳନୀରେ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ନାମ ପ୍ରକାଶ କରିଛନ୍ତି। ଏହି ବ୍ୟକ୍ତିଙ୍କ ମଧ୍ୟରେ କୋଚିଆକୋଇଲି ଗାଁର ଚନ୍ଦନ ବାରିକ, ସରଖିଆ ଗ୍ରାମର ଶଶିକାନ୍ତ ନାୟକ, ଅର୍ଜୁନପୁର ଗ୍ରାମର ମହିରଞ୍ଜନ ଦାସ, ସହଦେବଖୁଣ୍ଟା ଥାନା ଭାସ୍କରଗଞ୍ଜ ଗ୍ରାମର ରିମାନୁଏଲ ଦାସ,ଅମରିଆ ଗ୍ରାମର ସମିର ମହାପାତ୍ର ଓ ସଦର ଥାନା ଜୟଦେବ କଷ୍ଟା ଗ୍ରାମର ବୁଦ୍ଧିଆ ସିଂଙ୍କ ନାମ ରହିଛି। ଏଥିରେ ସଂପୃକ୍ତଥିବା ଅନ୍ୟ ଅଭିଯୁକ୍ତ ମାନଙ୍କୁ ଗିରଫ କରିବାକୁ ଉଦ୍ୟମ ଜାରି ରହିବ ବୋଲି ସ୍ପଷ୍ଟ କରିଛନ୍ତି। ପୁଲିସର ୨ଟି ଟିମ ଦ୍ୱାରା ବ୍ୟକ୍ତି ମାନେ ଗିରଫ ହୋଇଥିବା ବେଳେ ସେମାନଙ୍କ ନିକଟରୁ ୨ଟି କାର ଓ ୫ଟି ବାଇକ ଜବତ କରାଯାଇଛି। ତେବେ ଖଣି ଅଧିକାରୀ ତାଙ୍କ ଲିଖିତ ଅଭିଯୋଗରେ ଉଲ୍ଲେଖ କରିଥିବା ବ୍ୟକ୍ତିଙ୍କ ନାମ ଓ ପୋଲିସ ଧରିଥିବା ଅଭିଯୁକ୍ତଙ୍କ ମଧ୍ୟରେ ତାଳମେଳ ରହିନଥିବା ରୁ ଗିରଫକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ପୋଲିସ ସରକାର ନିକଟରୁ ପ୍ରସଂଶା ନେବାକୁ କୌଣସୀ ଅପରାଧିକ ଭିତ୍ତିଭୂମି ନଥିବା କିଛି ବ୍ୟକ୍ତିଙ୍କୁ ଗିରଫ କରିଛି। କୋର୍ଟରୁ ତାଙ୍କୁ ନିଶ୍ଚିତ ନ୍ୟାୟ ମିଳିବ ବୋଲି ଗିରଫ ହୋଇଥିବା ଚନ୍ଦନ ବାରିକଙ୍କ ଭାଇ କମଳାକାନ୍ତ ବାରିକ ଅଭିଯୋଗ କରିଛନ୍ତି।

# ଇଟୁଆ ଗ୍ରାମରେ ତିନୋଟି ମନ୍ଦିରରୁ ସିରିଜ୍ ଚୋରି

ସୋର, ୧୮।୫ (ସମିସ): ସୋର ପୌରପାଳିକା ଅନ୍ତର୍ଗତ ଇଟୁଆ ଗ୍ରାମରେ ଥିବା ତିନୋଟି ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଗହଣା ଚୋରି ହୋଇଛି। ଗତକାଲି ବିଳମ୍ବିତ ରାତିରେ ଏହି ଗ୍ରାମରେ ଥିବା ମା ମଙ୍ଗଳା ମନ୍ଦିରରୁ ରୂପାମୁକୁଟ, ସୁନା ହାର ଓ ବାସୁଳି ମନ୍ଦିରରୁ ରୂପାମୁକୁଟ ରୁପା ହାର ଚୋରି ହୋଇଥିବା ବେଳେ ଶିବ ମନ୍ଦିରରୁ ଚୋରି ଉଦ୍ୟମ କରାଯାଇଥିଲେ ମଧ୍ୟ କୌଣସି ସାମଗ୍ରୀ ଚୋରି ହୋଇନଥିବା ଜଣାପଡିଛି। ସକାଳେ ସ୍ଥାନୀୟ ଲୋକେ ମର୍ଣ୍ଣିଂୱାକରେ ଯାଇଥିବା ବେଳେ ମନ୍ଦିରର ଚାବି ଭଙ୍ଗାଯାଇ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ପୁଲିସକୁ ଖବର ଦେବା ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। କିଛି ଦିନର ବ୍ୟବଧାନ ପରେ ସୋରରେ ପୁଣି ମନ୍ଦିର ଚୋର ସକ୍ରିୟ ହୋଇଥିବା ବେଳେ ପୁଲିସର ମୁଣ୍ଡ ବ୍ୟଥାର କାରଣ ପାଲଟିଛି।

# ଏସ୍‌ୟୁସିଆଇ ପକ୍ଷରୁ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର




ବାଲେଶ୍ୱର,୧୮।୫ (ସମିସ): ଏସୟୁସିଆଇ (କମ୍ୟୁନିଷ୍ଟ) ଉଦ୍ୟମରେ ମଇ ମାସ ୧୭ ରୁ ୧୯ ତାରିଖ ପର୍ଯ୍ୟନ୍ତ ଅନୁଗୁଳଠାରେ ସମଗ୍ର ରାଜ୍ୟର ସ୍କୁଲ ଓ କଲେଜରେ ପଢୁଥିବା ଦଳର କର୍ମୀ ସମର୍ଥକଙ୍କ ପୁଅ ଝିଅମାନଙ୍କୁ ନେଇ ଏକ ଖରାଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପୂର୍ଣ୍ଣ ସହମତିରେ ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଯାଉଥିବା ୧୯ ଜଣ ପିଲାଙ୍କୁ ୧୬ ତାରିଖ ରାତିରୁ ସୋର ରେଳବାଇ ପୋଲିସ ଓ ସୋର ଥାନା ପୋଲିସ ପକ୍ଷରୁ ବାଲେଶ୍ୱର ଜିଲ୍ଲା ଶିଶୁ ମଙ୍ଗଳ କମିଟି (ସିଡବ୍ଲୁଡି)କୁ ହସ୍ତାନ୍ତର କରାଯାଇଛି। ଝିଅ ପିଲାମାନଙ୍କୁ ସୋରସ୍ଥ ପୁରୁବାଇ ବାଳାଶ୍ରମ ଓ ପୁଅମାନଙ୍କୁ ବାଲେଶ୍ୱରସ୍ଥ ଉତ୍କଳ ବାଳାଶ୍ରମରେ ଅଟକ ରଖାଯାଇଛି। ଚାଇଲଡ କେୟାର ସେଣ୍ଟର ଆଜି ପିଲାମାନଙ୍କୁ ଛାଡ଼ିବା ପାଇଁ କହିଥିଲେ। ସେହି ଅନୁଯାୟୀ ସମସ୍ତ ଅଭିଭାବକ ଏକତ୍ରିତ ହୋଇ ଉତ୍କଳ ବାଳାଶ୍ରମ ଶିଶୁ ସୁରକ୍ଷା ସେଲରେ ପହଂଚିଥିଲେ କିନ୍ତୁ ସେଠାରେ ଥିବା ଅଧିକାରୀମାନେ ଛାଡିବା ପାଇଁ ମନା କରିଦେଲେ। ଏହି ପରିପ୍ରେକ୍ଷୀରେ ଅଭିଭାବକମାନେ ଆଜି ଏଡିଏମଙ୍କୁ ସାକ୍ଷାତ କରି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରି ଅବିଳମ୍ବେ ପିଲାମାନଙ୍କୁ ଛାଡ଼ିବା ପାଇଁ ଦାବି କରିଛନ୍ତି। ଏସ ୟୁ ସି ଆଇ (କମ୍ୟୁନିଷ୍ଟ ) ବାଲେଶ୍ୱର ଜିଲ୍ଲା ସମ୍ପାଦକ ନିରାକାର ପାଣ୍ଡବ, ବରିଷ୍ଠ ସଦସ୍ୟ ରବୀନ୍ଦ୍ର ବେହେରା, ଉମାକାନ୍ତ ଦାସ, କେଶବ ନାୟକ, ସୁଦର୍ଶନ ଦାସ, ଅଭିଭାବକ ଶ୍ୟାମ ବନରା,ବାଙ୍ଗରା ଉଗ୍ରସନ୍ଦୀ, ତୁରୀ ଉଗ୍ରସନ୍ଦୀ, ନୀତିମା ସମାଡ଼, ଉଦୁରୀ ତିଉ, ସୀତାରାମ ସିଂ, ପ୍ରଧାନ ଚରଣ ସିଂ, ସିଂଗରାଇ ଦେଓଗାଁ, ମହେନ୍ଦ୍ର ସିଂ, କାୟା ସିଂ, ବମିୟା ସିଂ, ସୋମିଆ ବିରୁଆ, ଗଙ୍ଗାଧର ପୂର୍ତ୍ତି, ବନମାଳୀ ପୂର୍ତ୍ତି, ଜଗରାଇ ପିଙ୍ଗୁଆ, ସୁକାନ୍ତି ସମାଡ଼, ରାଉତରାୟ ସିଂ ଦାବୀ ପତ୍ର ପ୍ରଦାନ କରି ପିଲାମାନଙ୍କୁ ଛାଡ଼ିବା ପାଇଁ ଦାବି କରିଛନ୍ତି। ଯଦି ପ୍ରଶାସନ ପଦକ୍ଷେପ ନ ନିଅନ୍ତି ଅଭିଭାବକମାନେ ଧାରଣାରେ ବସିବାକୁ ଚେତାବନୀ ଦେଇଛନ୍ତି।

● ସଡ଼କ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ଘଟଣା

# ଖଇରା ପୁଲିସର ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

ଖଇରା,୧୮।୫ (ସମିସ): ବାଲେଶ୍ୱର ଜିଲା ଖଇରା ଥାନା ଅନ୍ତର୍ଗତ ଧୋବାଗଡିଆ ଛକରେ ରବିବାର ରାତିରେ ଏକ କାର ଧକ୍କାରେ ସ୍କୁଟି ପଛରେ ବସିଥିବା କୁପାରୀ ଗ୍ରାମର ସନ୍ତୋଷ ସାହୁ(୩୨) ମୃତ୍ୟୁ ବରଣ କରିଥିବା ବେଳେ ସ୍କୁଟି ଚାଳକ ଦିଲ୍ଲିପ ଭୁୟାଁ ଗୁରୁତର ଆହତ ହୋଇଥିଲେ। ପରିବାରକୁ ନ୍ୟାୟ ସହିତ କ୍ଷତିପୂରଣ ତଥା କାର୍ଯ୍ୟାନୁଷ୍ଠାନ ଦାବିରେ କୁପାରୀ ଗ୍ରାମବାସୀ ସୋର-କୁପାରୀ ରାସ୍ତାକୁ ଧୋବାଗଡିଆ ଛକ ନିକଟରେ



ଧାରଣାରେ ବସିଥିଲେ। ପରେ ସଂଧ୍ୟାରେ ଖଇରା ଥାନା ଆଇଆଇସି ଜନ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ ଘଟଣାର ଆବଶ୍ୟକୀୟ ପଦକ୍ଷେପ ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସୋର-କୁପାରୀ ଓ ରାଣିତାଲ କୁପାରୀ ରାସ୍ତାରେ ଦିନତମାମ ଯାନବାହନ ଚଳାଚଳ ବନ୍ଦ ରହିଥିଲା।

# ୪ ବେଆଇନ ପଥର ବୋଝେଇ ଡମ୍ପର ଜବତ

ସୋର, ୧୮।୫ (ସମିସ): ସୋର ପୁଲିସ ପକ୍ଷରୁ ଖଞ୍ଜାମାହାଲ ପଥର ଖାଦାନରେ ଚଢ଼ଉ କରି ଚାରୋଟି ବେଆଇନ ପଥର ବୋଝେଇ ଡମ୍ପର ଜବତ କରିଥିବା ଜଣାପଡିଛି। ସୂଚନା ଅନୁସାରେ ଗତକାଲି ରାତିରେ ଖାଦାନରୁ ବେଆଇନ ଭାବେ ପଥର ଚାଲାଣ ହେଉଥିବା ଜାଣିପାରି ପୁଲିସ କ୍ୟାମ୍ପରେ କାର୍ଯ୍ୟରତ ପୁଲିସ କର୍ମଚାରୀ ମାନେ ଚଢ଼ାଉ କରିଥିଲେ। ଏହି ସମୟରେ ୪ଟି ଡମ୍ପର ବେଆଇନ ପଥର ଚାଲାଣ କରୁଥିବା ବେଳେ ପୁଲିସ କର୍ମଚାରୀ ମାନେ ଗାଡି ଗୁଡିକୁ ଜବତ କରି ସୋର ଥାନାକୁ ଖବର ଦେଇଥିଲେ। ଖବର ପାଇ ସୋର ପୁଲିସ ସେଠାରେ ପହଞ୍ଚି ଗାଡି ଗୁଡିକୁ ଆଣି ଥାନାରେ ରଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଜିଲ୍ଲାସ୍ତରୀୟ ଜିପିଏଲ୍‌ଏଫ୍ କର୍ମୀ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ବାଲେଶ୍ୱର,୧୮।୫(ସମିସ): ଜିଲ୍ଲାର ୧୨ଟି ବ୍ଲକରେ କାର୍ଯ୍ୟରତ ଥିବା ସମସ୍ତ ସିଏସଏସମାନେ ଆଜି ବିଭିନ୍ନ ଦାବି ନେଇ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ, ଗତ ଏପ୍ରିଲ ମାସ ୨୩ତାରିଖରେ ବିଭାଗ ପକ୍ଷରୁ ଆସିଥିବା ଚିଠି ଅନୁସାରେ ସେମାନଙ୍କୁ ନୂତନ ୟୁନିଫର୍ମ ଯୋଗାଇ ଦିଆଯିବା ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ଘୋଷଣା କରିଥିଲେ। ଏପରିକି ଶାଢ଼ୀର ଡିଜାଇନ ମଧ୍ୟ ବଦଳ କରାଯାଇଥିଲା। ଏପରିକି ସେମାନେ ସବୁ ବିଭାଗ ସହିତ କାର୍ଯ୍ୟ ମଧ୍ୟ କରୁଛନ୍ତି। ଏଣୁ ସେମାନଙ୍କ ୟୁନିଫର୍ମର ଡିଜାଇନ ବଦଳିବାକୁ ନେଇ ସେମାନେ ଖୁସି ମଧ୍ୟ ରହିଛନ୍ତି। ଏପରିକି ଶାଢ଼ୀର କଲର ଓ



ଡିଜାଇନ ଠିକ ଥିଲେ ମଧ୍ୟ ପ୍ରିଂଟ ଓ କ୍ୱାଲିଟି ଠିକ ନାହିଁ। ଏଣୁ ସେମାନେ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି ଯେ ବିଭାଗ ସହ କଥା ହୋଇ ପୁନଃ ବିଚାର କରାଯିବା ସହ ସେମାନଙ୍କ ଶାଢ଼ୀର ଥିବା ପ୍ରିଂଟ ଉଠାଇ ଗୋଟିଏ କଲର ଓ କ୍ୱାଲିଟିର ମାନ୍ୟତା ବଢ଼ାଇବା ପାଇଁ ସଭାପତି ନିରୁପମା ନାୟକ, ସମ୍ପାଦକ ମନୋରମା ରାଉତ, ପ୍ରଶାନ୍ତି ନାୟକ, ପ୍ରମିଳା ମୁଣ୍ଡା, ଯୋଗମାୟା ସାହୁ, ମଧୁସ୍ମିତା ରାଉତ, ପୁଷ୍ପଲତା ନାୟକ, ସେବାଶ୍ରୀ ବାରିକ ପ୍ରମୁଖଙ୍କ ସହ ଅନ୍ୟମାନେ ଦାବି କରିଛନ୍ତି।

# ଆର୍ଟ ଅଫ୍ ଗିଭିଂର ପ୍ରତିଷ୍ଠା ଦିବସରେ ଖେଳ ସାମଗ୍ରୀ ବଣ୍ଟନ




ଲଙ୍ଗଳେଶ୍ୱର, ୧୮।୫ (ସମିସ) : କିଟ୍ ଓ କିସ୍ ର ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ପ୍ରତିଷ୍ଠିତ ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମକୁ ସମଗ୍ର ବିଶ୍ୱ ରେ ପାଳନ କରା ଯାଉଥିବା ବେଳେ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଅନ୍ତର୍ଗତ ନାବରା ଏବଂ ବୋଲଂ ପଞ୍ଚାୟତ ରେ ଏହି ଦିବସ କୁ ପାଳନ କରାଯାଇଛି । ନାବରା ପଞ୍ଚାୟତର ସରପଞ୍ଚ ଡକ୍ଟର ନଗେନ୍ଦ୍ର ସିଂହ ମୁଖ୍ୟଅତିଥି ଭାବରେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଅରୁଣ କୁମାର ମହାନ୍ତି ଯୋଗଦେଇ ମାନବିକତା, ସେବା ଓ ସମାଜ ପ୍ରତି ଦାୟିତ୍ୱବୋଧ ସନ୍ଦେଶ କୁ ପ୍ରଚାର ପ୍ରସାର କରିବା ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମ ର ମୂଳ ଉଦ୍ଦେଶ୍ୟ ବୋଲି କହିଥିଲେ। ସେହିପରି ବୋଲଂ ପଞ୍ଚାୟତ ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମାଜସେବୀ ସପନ କୁମାର ରାଉତ ମୁଖ୍ୟଅତିଥି ଭାବରେ ଯୋଗଦେଇ ଥିଲେ। ଏହି ଅବସର ରେ ସମସ୍ତ ଖେଳାଳିଙ୍କୁ ଟି ସାର୍ଟ ସମେତ ଭଲି ବଲ ଏବଂ ଖେଳ ସାମଗ୍ରୀ ପ୍ରଦାନ କରା ଯାଇ ଥିଲା। ବାଲେଶ୍ୱର କିସ୍ ଶାଖାର ଆସିଷ୍ଟାଣ୍ଟ ସିଇଓ ବୈଶାଖୀ ଦାସ, କିସ୍ ର ଜିଲ୍ଲା ସଂଯୋଜକ ଆଶୁତୋଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପାଣି ପାଇଁ ତାତିଲେ ଗାଁ ଲୋକେ; ରାସ୍ତା ଅବରୋଧ

ନୀଳଗିରି, ୧୮।୫ (ସମିସ)



ପାନୀୟଜଳ ସଙ୍କଟ ପାଇଁ ହାଣ୍ଡି, ଗରା, ବାଲ୍ଟି ରଖି ରାସ୍ତା ଅବରୋଧ କଲେ ଅଞ୍ଚଳବାସୀ। ଏଭଳି କିଛି ଦୃଶ୍ୟ ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ମାଟିଆଳି ପଞ୍ଚାୟତରେ। ସୂଚନା ଅନୁଯାୟୀ ବାଇଁଚାରୁ ମାଟିଆଳି ନରଣପୁରକୁ ସଂଯୋଗ କରୁଥିବା ରାସ୍ତାର ମାଟିଆଳି ଛକ ନିକଟରେ ରାସ୍ତା ଅବରୋଧ କରାଯାଇଥିବା ବେଳେ ଉଭୟ ପଟରେ ଗାଡ଼ିମଟର ଅଟକି ରହିଥିବା ଦେଖିବାକୁ ମିଳିଛି। ମାଟିଆଳି ପଞ୍ଚାୟତ ଅଧୀନ ଆଡିଆସାହି, ଡୁମୁରିଆ ସାହି, ମୁଖିସାହି ଓ ରାମସିଂସାହି ଗ୍ରାମକୁ ମେଗା ଜଳ ଯୋଜନାରେ ପାନୀୟଜଳ ଯୋଗାଇ ଦିଆଯାଇଥିଲେ ହେଁ ଗତ ଚାରି ଦିନ ଧରି ଜଳଯୋଗାଣ ବନ୍ଦ ରହିଥିଲା। ଫଳରେ ପାନୀୟଜଳ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସ୍ଥାନୀୟ ବାସିନ୍ଦା। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଏହାର ସମାଧାନ ହୋଇ ପାରି ନ ଥିଲା। ଶେଷରେ ସୋମବାର ସକାଳେ ଶହଶହ ମହିଳା ଗରା, ବାଲ୍ଟି, ହାଣ୍ଡି ରଖି ରାସ୍ତା ଅବରୋଧ କରିଥିଲେ। ଦୀର୍ଘ ୩ ଘଣ୍ଟା ଧରି ରାସ୍ତା ଅବରୋଧ ଜାରି ରହିଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଥିଲେ। ପରେ ଗ୍ରାମ୍ୟ ଜଳଯୋଗାଣ ବିଭାଗର କନିଷ୍ଠଯନ୍ତ୍ରୀ ପ୍ରିତିପ୍ରଭା ବାରିକ ଓ ଅନ୍ୟ ଅଧିକାରୀ, ମେଗା ଜଳ ଯୋଜନାର ଠିକାସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହିତ ଖୁବଶୀଘ୍ର ସ୍ଥାୟୀ ସମାଧାନ କରାଯିବାକୁ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସୂଚନା ଥାଉ କି ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣର ଠିକା ନୀଳଗିରି ର ଗ୍ରାମାଞ୍ଚଳ ବାସୀଙ୍କୁ ଶୁଦ୍ଧ ପାନୀୟଜଳ ଯୋଗାଇ ଦେବାପାଇଁ ୨୦୨୨ ମସିହାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁଦାନରେ ୧୭୨ କୋଟି ବ୍ୟୟବରାଦରେ ସୋନନଦୀ ଉପରେ ବ୍ୟାରେଜ କରି ବ୍ଲକର ୨୦ ଗୋଟି ପଞ୍ଚାୟତକୁ ପାନୀୟଜଳ ପାଇଁ କଲିକତା "କୁବେର' ନାମକ କମ୍ପାନୀକୁ ଦାୟିତ୍ୱ ଦିଆଯାଇଛି। ଏହି କାର୍ଯ୍ୟ ଏବେବି ଜାରିରହିଥିବା ବେଳେ କିଛି ଦୁର୍ବୃତ୍ତ ପାଣି ଟାଙ୍କିରୁ ସଂଯୋଗ ହୋଇଥିବା ଭାଲବ କୁ ଚୋରିକରି ନେଇଥିଲେ। ଫଳରେ ମାଟିଆଳି ପଞ୍ଚାୟତର କିଛି ଗ୍ରାମରେ ଦୀର୍ଘ ତିନି ଚାରି ଦିନ ହେବ ପାଣି ପାଇବାରେ ବଞ୍ଚିତ ହେଉଥିଲେ ଗ୍ରାମବାସୀ।

## ସାଇକଲ ଚଲାଇ ଜନଶୁଣାଣିକୁ ଗଲେ ଜିଲ୍ଲାପାଳ

ବାଲେଶ୍ୱର,୧୮।୫(ସମିସ): ମଧ୍ୟ ପ୍ରାଚୀର ଯୁଦ୍ଧ ଫଳରେ ଭାରତ ଉପରେ



ତାର ସିଧାସଳଖ ପ୍ରଭାବ ପଡିଛି। ଏପରିକି ପେଟ୍ରୋଲ, ଡିଜେଲ ସାଙ୍ଗକୁ ଗ୍ୟାସର ସଙ୍କଟ ସୃଷ୍ଟି ହୋଇଛି। ଏହାକୁ କମ୍ କରିବା ପାଇଁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ବାର୍ତ୍ତା ଦେଇଥିଲେ। ଏପରିକି ପେଟ୍ରୋଲ ବଂଚାଇବା ପାଇଁ ଇଲେକଟ୍ରୋନିକ ଗାଡି ବ୍ୟବହାର କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାକୁ ନେଇ ସରକାରୀ ସ୍ତରରେ ମଧ୍ୟ ଦେଖିବାକୁ ମିଳିଛି। ଆଜି ରେମୁଣା ଠାରେ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ସହ ଉପଜିଲ୍ଲାପାଳ ଶିବ ମାଲବ୍ୟଙ୍କ ସହ ଅନ୍ୟ ଅଧିକାରୀମାନେ ସାଇକଲ ଯୋଗେ ସେଠାକୁ ଯାଇଥିବା ଦେଖିବାକୁ ମିଳିଛି। ଜନଶୁଣାଣି ସାରି ପୁଣିଥରେ ସାଇକେଲ ଯୋଗେ ଜିଲ୍ଲାପାଳ ତାଙ୍କ କାର୍ଯ୍ୟାଳୟକୁ ଫେରିଥିବା ଦେଖିବାକୁ ମିଳିଛି।

## ଜନ ଆକ୍ରୋଶ ମହିଳା ପଦଯାତ୍ରା

ଜଳେଶ୍ୱର,୧୭।୫ (ସମିସ) : ଉତ୍ତର ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଭାରତୀୟ ଜନତା ପାର୍ଟି ଜଳେଶ୍ୱର ନଗର ମଣ୍ଡଳ ପକ୍ଷରୁ ଜଳେଶ୍ୱର ଡାକ ବଙ୍ଗଳା ଠାରୁ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ବିଶାଳ ଜନ ଆକ୍ରୋଶ ମହିଳା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱର ନିର୍ବାଚନୀ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ବ୍ରଜ ମୋହନ ପ୍ରଧାନଙ୍କ ନେତୃତ୍ୱରେ ଜିଲ୍ଲା ସାଧାରଣ ସମ୍ପାଦିକା ସୁମତି ଦେ, ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ଇନ୍ଦୁମତୀ ଗିରି, ଜିଲ୍ଲା ସମ୍ପାଦିକା ଦେବଯାନୀ ଅଣ୍ଡିଆ, ନଗର ସଭାପତି ଶିବ ନାରାୟଣ ମହାପାତ୍ର, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଫାଲ୍ଗୁନି ପାଣିଗ୍ରାହୀ, ତପନ ବିଶ୍ୱାଳ, ଅନନ୍ତ ଦାସ, ସୁମତି ରଣା, ନମିତା ଦାସ, ସୁଭଦ୍ରା ବେହେରା, ଗୀତାଞ୍ଜଳି ବେହେରା, ସୁବାସୀନ ଜେନା, ଶାନ୍ତିଲତାଦତ୍ତ, ରୁବି ସେନ, ସୁମିତା ବେହେରା, ସତ୍ୟ ନାରାୟଣ କର, ଏକା ଦୁସିପାଳ ପ୍ରମୁଖ ମହିଳା ମୋର୍ଚ୍ଚାର କର୍ମକର୍ତ୍ତା ଏବଂ ବହୁ ସଂଖ୍ୟାରେ ସାଧାରଣ ଜନତା ଯୋଗ ଦେଇଥିଲେ।

# ତାମୁଲିଆ ଉଡ଼ନ୍ତା ପୋଲ ଶୋଚନୀୟ

ବାଲେଶ୍ୱର,୧୮।୫ (ସମିସ)



- ସାତ ବର୍ଷ ମଧ୍ୟରେ ଶତାଧିକ ଥର ମରାମତି
- କଂକ୍ରିଟ୍ ଉଠି ଲୁହା ଛଡ ବାହାରିଲାଣି, ଫୁଟପାଥ୍ ରେ ଟାଇଲ୍ ଭାଙ୍ଗି ବାଲି ପଡ଼ିଆ

ମଝିରେ ମଝିରେ ବଡ଼ ବଡ଼ ଗାତ। ଏଥିସହିତ ଲୁହା ରଡ୍ ବି ବାହାରକୁ ଦିଶିଲାଣି। ଖାଲି ସେତିକି ନୁହେଁ ଦୁଇ ପାଶ୍ୱର୍ରେ ତିଆରି ହୋଇଥିବା ଫୁଟପାଥ ଏବେ ଭଗ୍ନ ଅବସ୍ଥାରେ। ଟାଇଲ୍ ସବୁ ଭାଙ୍ଗି ବାଲି ପଡିଆ ପାଲଟିଛି। ତେଣୁ ନା ପାଦଚଲା ନା ସୁବିଧା ନା ଗାଡ଼ି ଯାତାୟାତ ପାଇଁ ସହଜ। ଏ ହେଉଛି ବାଲେଶ୍ୱର ସହରକୁ ଆସିବାର ପ୍ରଥମ ତାମୁଲିଆ ରେଳ ଉଡ଼ନ୍ତା ପୋଲ୍। ଯାହା ଆଜି ମୃତ୍ୟୁ ଫାନ୍ଦ ପାଲଟିଛି। ଉଦଘାଟନର ମାତ୍ର ୭ ବର୍ଷ ମଧ୍ୟରେ ବ୍ରିଜ୍‌ର ଅବସ୍ଥା ଜରାଜୀର୍ଣ୍ଣ ହୋଇପଡିଛି। ବ୍ରିଜ୍ ଉପର ରାସ୍ତାର କଂକ୍ରିଟ୍ ସ୍ଲାବ୍ ଫାଟି ଭିତର ଲୁହା ଛଡ ଖୋଲା ହୋଇପଡିଛି। ସେହିପରି ପାଦଚାରୀଙ୍କ ପାଇଁ କରାଯାଇଥିବା ଫୁଟପାଥ୍ ଟାଇଲ୍ ଭାଙ୍ଗି ବାଲି ଓ ମାଟି ବାହାରି ପଡିଛି। ଫଳରେ ଦୁଇଚକିଆ ଗାଡି ଚାଳକ ଓ ପାଦଚାରୀଙ୍କ ପାଇଁ ବଡ ବିପଦ ସୃଷ୍ଟି ହୋଇଛି। କାରଣ ପ୍ରତିଦିନ ଏହି ପୋଲ ଦେଇ ହଜାର ହଜାର ଗାଡି ଯାତାୟତ କରେ। ତାମୁଲିଆ ହେଉଛି ବାଲେଶ୍ୱର ସହର ମେନ୍ ଏଣ୍ଟ୍ରି ପଏଣ୍ଟ। ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ପଡୋଶୀ ଜିଲ୍ଲାରୁ ଆସୁଥିବା ବସ୍, ଟ୍ରକ୍, ଦ୍ରୁତଗାମୀ ଗାଡି ସବୁ ଏହି ବ୍ରିଜ୍ ଦେଇ ସହର ଭିତରକୁ ପ୍ରବେଶ କରନ୍ତି। କିନ୍ତୁ ବର୍ଷ ବର୍ଷ ଧରି ମରାମତି ଅଭାବରୁ ବ୍ରିଜ୍ ଜରାଜୀର୍ଣ୍ଣ ହୋଇପଡିଛି।

ସୂଚନାଯୋଗ୍ୟ, ୨୦୧୯ ଫେବୃଆରୀ ୧ ରେ ଏହି ବ୍ରିଜ୍ ଉଦ୍‌ଘାଟନ ହୋଇଥିବାବେଳେ ନିର୍ମାଣରେ ୬୩୫୪.୯୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ଏହାକୁ ଓଡିଶା ସରକାରର ପୂର୍ତ୍ତ ବିଭାଗ ନିର୍ମାଣ କରିଥିଲା। ମାତ୍ର ୭ ବର୍ଷ ମଧ୍ୟରେ ପୋଲର ଏକପ୍ରକାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏ ନେଇ ବାରମ୍ବାର ଅଭିଯୋଗ ଓ ଦାବି ପରେ ପ୍ରତିଥର ଠିକାଦାର ପୋଲର ମରାମତି କାମ କରୁଥିଲେ ହିଁ କିଛି ଦିନ ପରେ ପୁଣି ଖରାପ ହୋଇଯାଉଛି ବ୍ରିଜ୍। ପ୍ରତିଥର କାମର ମାନ ନିମ୍ନମାନର ହେଉଥିବାରୁ ତାହା ବେଶୀ ଦିନ ରହୁନାହିଁ। ବର୍ତ୍ତମାନ ବ୍ରିଜ୍ ରାସ୍ତାରେ ବଡ଼ ବଡ଼ ଗାତ ସୃଷ୍ଟି ହୋଇଗଲାଣି। ଯାତାୟାତ କରିବା କଷ୍ଟକର ହୋଇପଡୁଛି। ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ମଧ୍ୟ ଘଟୁଛି। କଂକ୍ରିଟ୍ ଉଠି ଲୁହା ଛଡ ଖୋଲା ହେବା ମାନେ ବ୍ରିଜ୍‌ର ଲୋଡ୍ ବହନ କ୍ଷମତା କମିଯାଇଛି। ଖୋଲା ଲୁହା ଜଙ୍ଗ୍ ଧରି ଆହୁରି ଦୁର୍ବଳ ହେଉଛି। ବର୍ଷା ଆସିଲେ ସ୍ଥିତି ଆହୁରି ଗମ୍ଭୀର ହେବାର ଆଶଙ୍କା ରହିଛି। ସ୍ଥାନୀୟ ଲୋକେ ବହୁବାର ଅଭିଯୋଗ କଲେ ମଧ୍ୟ ପୂର୍ତ୍ତ ବିଭାଗ କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ସ୍ଥାୟୀ ମରାମତି କରାଯାଇନାହିଁ। କେବଳ ଅସ୍ଥାୟୀ ଭାବେ ତାରକୋଲ୍ ପକାଇ ଦିଆଯାଉଛି, ଯାହା କିଛି ଦିନରେ ପୁଣି ଉଠିଯାଉଛି। ସ୍ଥାନୀୟ ବାଇକ୍ ଚାଳକ ରାଜେଶ କୁମାର କହିଛନ୍ତି, ରାତିରେ ଗାତ ସବୁ ଦେଖାଯାଏ ନାହିଁ। ବହୁତ ଥର ଗାଡି ସ୍ଲିପ୍ ହୋଇ ବର୍ତ୍ତିଛି। ଫୁଟପାଥ୍ ଭାଙ୍ଗିଥିବାରୁ ଲୋକେ ରାସ୍ତା ମଝିରେ ଚାଲନ୍ତି, ଯେକୌଣସି ମୁହୂର୍ତ୍ତରେ ଦୁର୍ଘଟଣା ହୋଇପାରେ। ସେହିପରି ଜଣେ ଅଟୋ ଚାଳକ କହିଛନ୍ତି, ବ୍ରିଜ୍ ନିର୍ମାଣରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଲା। ମାତ୍ର ୭ ବର୍ଷରେ ବ୍ରିଜ୍ ଏମିତି ହୋଇଗଲା। କାମର ଗୁଣବତ୍ତା କ'ଣ ଥିଲା ତାହା ଏଥିରୁ ବୁଝାପଡୁଛି। ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀ ମହଲ ଦାବି କରିଛନ୍ତି ଯେ, ତୁରନ୍ତ ବ୍ରିଜ୍‌ର ଷ୍ଟ୍ରକଚରାଲ୍ ଅଡିଟ୍ କରାଯାଉ, ଖୋଲା ଲୁହା ଛଡ ଓ ଭଙ୍ଗା ଫୁଟପାଥ୍ ମରାମତି କରାଯାଉ ଏବଂ ଦୋଷୀ କଣ୍ଟ୍ରାକ୍ଟରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେଉ। ତାମୁଲିଆ ଓଭରବ୍ରିଜ୍ ଦେଇ ଯିବାକୁ ଏବେ ସହରବାସୀଙ୍କୁ ଭୟ ଲାଗୁଛି। କେତେବେଳେ କ'ଣ ଦୁର୍ଘଟଣା ଘଟିବ କାହାକୁ ଜଣାନାହିଁ। ଅନ୍ୟପଟେ ବିଭାଗୀୟ କର୍ତ୍ତୃପକ୍ଷ ତଥା ଜିଲ୍ଲା ପ୍ରଶାସନ ନିଦାବିଷ୍ଟ ସାଜିଛନ୍ତି। ଅନେକ ସମୟରେ ସମସ୍ତ ସରକାରୀ ଅଧିକାରୀ, ଜନ ପ୍ରତିନିଧି ସମସ୍ତେ ଏହି ଓଭରବ୍ରିଜ୍ ଦେଇ ଯିବାଆସିବା କରୁଥିଲେ ମଧ୍ୟ ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି।

## ଠିକା ବିଦ୍ୟୁତ୍ କର୍ମଚାରୀଙ୍କ ଛଟେଇ ବିରୋଧରେ ସିଆଇଟିୟୁ ପକ୍ଷରୁ ଧାରଣା

ଜଳେଶ୍ୱର ୧୮।୫ (ସମିସ): ଉତ୍ତର ଓଡିଶା ଠିକା ବିଦ୍ୟୁତ୍ କର୍ମଚାରୀ ସଂଘ ତରଫରୁ ଟାଟା ପାୱାର ଦ୍ୱାରା ଅନ୍ୟାୟ ଛଟେଇ ପ୍ରତିବାଦରେ ଜଳେଶ୍ୱର ଡିଭିଜନ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ସକାଳ ୧୦ଟାରୁ ଅପରାହ୍ନ ୫ଘଟିକା ପର୍ଯ୍ୟନ୍ତ ଧାରଣା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରଥମେ ଶତାଧିକ ଠିକା ବିଦ୍ୟୁତ୍ କର୍ମଚାରୀ ମାନଙ୍କର ଏକ ଶୋଭାଯାତ୍ରା ଟାଟା ପାୱାର ଏସ୍.ଡି.ଓ କାର୍ଯ୍ୟାଳୟ ସମ୍ମୁଖରୁ ବାହାରି ସହର ପରିକ୍ରମା କରି ଡିଭିଜନ ଅଫିସ ସମ୍ମୁଖରେ ପହଂଚି ଥିଲେ। ପରେ ସେଠାରେ ୮ଘଣ୍ଟିଆ ଧାରଣାରେ ବସିଥିଲେ। ଆଜକୁ ଛଅ ବର୍ଷ ଧରି ମାତ୍ର ୧୦ରୁ ୧୨ହଜାର ଟଙ୍କା ଦରମାରେ କାର୍ଯ୍ୟ କରିବା ପରେ ଟାଟା କମ୍ପାନୀ ଏହି କର୍ମଚାରୀ ମାନଙ୍କୁ ଛଟେଇ କରିବା ଅନ୍ୟାୟ ଓ ଅବିବେକି ବୋଲି ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। କର୍ମଚାରୀ ମାନଙ୍କର ଚାକିରି ପାଇବା ବୟସ ଅତିକ୍ରାନ୍ତ ପରେ ସେମାନଙ୍କୁ ଛଟେଇ କରିବା କର୍ମଚାରୀ ମାନଙ୍କ ଭବିଷ୍ୟତକୁ ଅନ୍ଧକାର



ମଧ୍ୟକୁ ଠେଲି ଦେବା ସମାନ ତେଣୁ ଛଟେଇ କର୍ମଚାରୀ ମାନଙ୍କୁ ପୁନଃ ନିଯୁକ୍ତି, ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କରିବା, ସର୍ବନିମ୍ନ ମାସିକ ଦରମା ୨୬୦୦୦ଟଙ୍କାକୁ ବୃଦ୍ଧି କରିବା, ଟାଟା ପାୱାରକୁ ହଟାଇ ବିଦ୍ୟୁତ୍ ବିଭାଗକୁ ରାଜ୍ୟ ବିଦ୍ୟୁତ୍ ବୋର୍ଡ ଅଧିନରେ ରଖିବା, ସ୍ମାର୍ଟ ମିଟର ଲଗାଇବା ବନ୍ଦ କରିବା, କର୍ମଚାରୀ ସୁରକ୍ଷା, ଚାରୋଟି ଶ୍ରମ କୋର୍ଡ ବାତିଲ ଇତ୍ୟାଦି ଦାବୀରେ ବିକ୍ଷୋଭ କରିବା ସହିତ ଟ୍ରେଡ ୟୁନିୟନ ପକ୍ଷରୁ ଭୁବନେଶ୍ୱର ଠାରେ ଚାଲିଥିବା ଧାରଣାକୁ ସମର୍ଥନ କରିଥିଲେ। ଏହି ପ୍ରତିବାଦ ସଭାରେ କାର୍ଯ୍ୟକାରୀ ସଭାପତି ଜାହ୍ନବୀ କୁମାର ମଣ୍ଡଳ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ରତନ ଦାସ, ବାମପନ୍ଥୀ ନେତା ଦିଲ୍ଲୀପ କୁମାର ଗିରି, ଦିପ୍ତୀମାନ ଅଚାର୍ଯ୍ୟ, ପଲ୍ଟୁ ଦାସ, ମନୋରଂଜନ ଜେନା, ଡିଭିଜନ କୋଡିନେଟର ସୌମ୍ୟରଂଜନ ଗିରି, ସିତାରାମ ଦାସ, ରଂଜନ ମହାନ୍ତି, ସଂଜୀବ ଜେନା, ସଂଜୟ ମିର୍ଦ୍ଧା, ଅସିଆ ଖାତୁନ, ସପନ ମଲ୍ଲିକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଟାଟା ପାୱାରର ଏପରି କାର୍ଯ୍ୟକୁ ସମାଲୋଚନା କରିବା ସହିତ ସରକାର ତୁରନ୍ତ ହସ୍ତକ୍ଷେପ କରିବାକୁ ଦାବୀ କରିଛନ୍ତି। ଶେଷରେ ଟାଟା ପାୱାରର ଜଳେଶ୍ୱର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ମାଧ୍ୟମରେ ଟାଟା ପାୱାର ସିଇଓଙ୍କୁ ବାଦୀପତ୍ର ପ୍ରଦାନ କରାଯାଇଥିଲା।

## ତିନୋଟି ପରିବାରର ସାତ ବଖରା ପୋଡ଼ି ପାଉଁଶ

ସିମୁଳିଆ, ୧୮।୫ (ସମିସ): କଳସ ଗ୍ରାମର ମାଆ ମଙ୍ଗଳାଙ୍କ ବାର୍ଷିକ ଉତ୍ସବ ଚାଲିଥିବାବେଳେ ବିଦ୍ୟୁତ ସର୍ଟ ସର୍କିଟରେ ଅଗ୍ନିକାଣ୍ଡ ଘଟି ତିନୋଟି ପରିବାର ସାତ ବଖରା ଘରପୋଡି ପାଉଁଶ ହୋଉଯାଇଛି। ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅନ୍ତର୍ଗତ ଅବଝୁଣା ପଞ୍ଚାୟତର କଳସପୁର ଗ୍ରାମର ରଘୁନାଥ ମହାକୁଡ଼, ରମେଶ ମହାକୁଡ଼ ଓ ଭାଗିରଥି ଲେଙ୍କାଙ୍କ ପରିବାର ଗ୍ରାମରେ ମା ଦାଣ୍ଡ ମଙ୍ଗଳାଙ୍କ ବାର୍ଷିକ ଉତ୍ସବ ଚାଲିଥିବା ବେଳେ ହଠାତ ବିଦ୍ୟୁତ ସର୍ଟ ସର୍କିଟ ହୋଇ ଅଗ୍ନିକାଣ୍ଡ ଘଟି ସାତ ବଖରା ଘର ପୋଡି ଯାଇଥିଲା। ଅଗ୍ନିକାଣ୍ଡରେ ଘରେ ଥିବା ବାସନ କୁସନ,ଲୁଗାପଟା,ସୁନା ଗହଣା ଓ ଆସଭାବପତ୍ର ପୋଡି ପାଉଁଶ ହୋଇଯାଇଛି। ବିଶେଷ କରି ରମେଶ ମହାକୁଡ଼ ନିଜ ଝିଅ ବିବାହ ନିମନ୍ତେ ବିବାହ ସାମଗ୍ରୀ,ସୁନା ଗହଣା, ଓ ନଗଦ ଏକ ଲକ୍ଷ ଟଙ୍କା ପୋଡି ପାଉଁଶ ହୋଇଯାଇଥିବା ଜଣାଯାଇଛି। ଖବର ପାଇ ଭଦ୍ରକ ଓ ଅଡା ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ହେଲେ ସେତେବେଳକୁ ସବୁ ପୋଡି ପାଉଁଶ ହୋଇଯାଇଛି।

ଓଡ଼ିଶା ସମବାୟ ନ୍ୟାୟାଧିକରଣର ନିର୍ଦ୍ଦେଶ

## ଈଶ୍ୱରପୁର ସେବା ସମବାୟ ସମିତି ସଭାପତିଙ୍କ ପୁନଃ ଯୋଗଦାନ

ପଞ୍ଚଲିଙ୍ଗେଶ୍ୱର,୧୮।୫ (ସମିସ): ଔପଦା ବ୍ଲକ ଅନ୍ତର୍ଗତ ଈଶ୍ୱରପୁର ସେବା ସମବାୟ ସମିତିର ବିବାଦର ଅନ୍ତଃ ହୋଇଛି। ଏହି ସମିତିରେ ସଭାପତି ଭାବେ ଭାଗବତ ଖିଲାର ଲଗାତାର ଦୁଇ ଥର ନିର୍ବାଚିତ ହୋଇ ସମିତିର ବହୁ ଉନ୍ନତିମୂଳକ କାର୍ଯ୍ୟ କରି ଆସୁଛନ୍ତି। ସେ ତାଙ୍କ ଉଦ୍ୟମରେ ସମିତି ର ନିଜସ୍ୱ କାର୍ଯ୍ୟାଳୟ କରିବା ଚାଷୀ ଙ୍କ ସୁବିଧା ପାଇଁ ଦୁଇଟି ଜାଗାରେ ଧାନମଣ୍ଡି ଖୋଲିବା ବିଶେଷ କରି ୨୦୨୪-୨୫ ଆର୍ଥିକ ବର୍ଷରେ ନୀଳଗିରି ରେ ସମିତି କୁ ଲାଭାଂଶ ପ୍ରଦାନ କରିବା ସହିତ ୨ୟ ସ୍ଥାନ ଅଧିକାର କରିବା ଏବଂ ଚାଷୀ ମାନଙ୍କ ହିତ ପାଇଁ କାର୍ଯ୍ୟ କରିଆସୁଛନ୍ତି ଏଣୁ ଶ୍ରୀ ଖିଲାର ଙ୍କ ମତ ଅନୁଯାୟୀ ତାଙ୍କ ର ସେବାକାର୍ଯ୍ୟରେ ଅସହ୍ୟ ହୋଇ ଆକ୍ରୋଶ ମୂଳକ ଭାବେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସ୍ଥାନୀୟ ନେତା ଙ୍କ ଚାପରେ ତା୨୮/୦୧/୨୦୨୬ ରିଖ ଚିଠି ସଂଖ୍ୟା ୩୧୦ ମୂଳେ ବାଲେଶ୍ୱର ସେବା ସମବାୟ ସମିତି ସମୂହ ର ଉପ ନିବନ୍ଧକ ପରିଚାଳନା କମିଟି ଏବଂ ସଭାପତିଙ୍କୁ ବହିଷ୍କୃତ ଆଦେଶ ଦେଇଥିଲେ। ଏହା ବିରୋଧରେ ସଭାପତି ଶ୍ରୀ ଖିଲାର ଏବଂ ପରିଚାଳନା କମିଟି ସଦସ୍ୟ ମାନେ ବାଲେଶ୍ୱର ଏବଂ ପରେ ପରେ ଭୁବନେଶ୍ୱର ସ୍ଥିତ ସମବାୟ ନ୍ୟାୟାଧିକରଣ ନିକଟରେ ଆବେଦନ କରିଥିଲେ। ନ୍ୟାୟାଧିକରଣ ବିଚାର କରି ତା ୧୨/୫/୨୬ ଆବେଦନ ଆଦେଶ ସଂଖ୍ୟା ୦୯ ମୂଳେ ଶ୍ରୀ ଖିଲାରଙ୍କ ବହିଷ୍କୃତ ଆଦେଶ କୁ ରଦ୍ଦ କରି କାର୍ଯ୍ୟ ରେ ଯୋଗଦାନ କରିବା ଏବଂ ସମସ୍ତ ପ୍ରତିପକ୍ଷଙ୍କୁ କାର୍ଯ୍ୟ ରେ ସହଯୋଗ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି



ତେବେ ଏନେଇ ଶ୍ରୀ ଖିଲାର ଏବଂ ପରିଚାଳନା ସଦସ୍ୟ ସମୂହ ତା ୧୮/୫ ରିଖ ରେ ଈଶ୍ୱରପୁର ସେବା ସମବାୟ ସମିତି କାର୍ଯ୍ୟାଳୟ ର ଭାରପ୍ରାପ୍ତ ସମ୍ପାଦକ ଅଶୋକ ଜେନାଙ୍କୁ ନ୍ୟାୟାଧିକରଣ ଙ୍କ ଆଦେଶ କୁ ବିଧିବଦ୍ଧ ଭାବେ ଦେଇ କାର୍ଯ୍ୟ ରେ ଯୋଗଦାନ କରିଥିଲେ। ଏହି ସମୟରେ ପରିଚାଳନା ସଦସ୍ୟ, ଚାଷୀ କମିଟି ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ସ୍ୱପ୍ନଜ୍ୟୋତି ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ପ୍ରସ୍ତୁତି ବୈଠକ

ରେମୁଣା, ୧୭।୫ (ସମିସ): ରେମୁଣାର ଭାବକ୍ଷେତ୍ରରେ ବିରାଜିତ ମହାପ୍ରଭୁ ସ୍ୱପ୍ନଜ୍ୟୋତି ଜଗନ୍ନାଥଙ୍କ ରଥଯାତ୍ରା ପାଇଁ ମନ୍ଦିର ପରିସରରେ ବୈଠକ ଅନୁଷ୍ଠିତ ହୋଇଅଛି। ସ୍ଥାୟୀ ସଭାପତି ଇଂ. ଦୟାଲ ଚନ୍ଦ୍ର ଦାସଙ୍କ ଅନୁପସ୍ଥିତିରେ ଉପସଭାପତି ଗଜେନ୍ଦ୍ର ଦାସ ଅଧ୍ୟକ୍ଷତା କରିଥିଲେ। ସଭାକୁ ସଞ୍ଚାଳନ କରିଥିଲେ ନାଟ୍ୟକାର ପ୍ରଦୀପ କୁମାର ମିଶ୍ର। ଏଥିରେ କମିଟି ସମ୍ପାଦକ କାହ୍ନୁଚରଣ ବେହେରା, ବରିଷ୍ଠ ସଦଶ୍ୟ ଭାଗବତ ରଣା, କୋଷାଧ୍ୟକ୍ଷ ବୀରେନ୍ଦ୍ର ବେହେରା, ସହସମ୍ପାଦକ ଅବିନାଶ ପଟ୍ଟନାୟକ, ସହକୋଷାଧ୍ୟକ୍ଷ ନଳିନୀ କୁମାର ବାରିକ, ପ୍ରସନ୍ନ କୁମାର ବେହେରା, ଜୟଶ୍ରୀ ମିଶ୍ର, ଲବଙ୍ଗଲତା ମହାରଣା, ପ୍ରମୁଖ ବିଭିନ୍ନ କମିଟିର ସଭ୍ୟ ସଭ୍ୟା ମାନେ ଯୋଗଦେଇ ରଥଯାତ୍ରାକୁ ସରସ ସୁନ୍ଦର କରିବାପାଇଁ ନିଜ ନିଜ ମତ ଦେଇଥିଲେ। ପ୍ରାରମ୍ଭରେ ଗତବର୍ଷର ହିସାବପତ୍ର ଉପସ୍ଥାପନ କରାଯାଇଥିଲା। ଏହାପରେ ଚଳିତ ବର୍ଷ ରଥଯାତ୍ରା ପାଇଁ ବିଭିନ୍ନ



କମିଟିମାନ ଗଠନ କରାଯାଇ ସେଥିରେ ମନୋନୀତ ସଭ୍ୟସଭ୍ୟା ମାନଙ୍କୁ ସ୍ଥାନିତ କରାଯାଇଥିଲା। ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ କ୍ରମରେ ଏବର୍ଷ ୧୭/୭/୨୬ଦିବା ୨ ଘଟିକା ସମୟରେ ରଥଟଣା ଆରମ୍ଭ କରାଯିବାର ସର୍ବ ସମ୍ମତି ସିଦ୍ଧାନ୍ତ କରାଗଲା। ପୂର୍ବ ବର୍ଷ ମାନଙ୍କ ଭଳି ସମ୍ବର୍ଦ୍ଧନା ପର୍ବ, ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାନହେବାର ସ୍ଥିର ହେଲା। ଏତତବ୍ୟତୀତ ସଙ୍ଗୀତ, ଚିତ୍ରାଙ୍କନ, ଜଣା ଅଜଣା ତଥା କବି ସମ୍ମିଳନୀ ହେବାର ସ୍ଥିର ହେଲା। ପୂର୍ବବର୍ଷ ଭଳି ଏବର୍ଷ ମଧ୍ୟ ଗତବର୍ଷ ଚାନ୍ଦାକୁ ସ୍ଥିର ରଖାଯାଇଥିଲା। ଆବଶ୍ୟକ ପଡିଲେ ମନ୍ଦିର ପରିଚାଳନା କମିଟି ମେମ୍ବର ମାନେ ଅଧିକା ଚାନ୍ଦା ଦେବାପାଇଁ ନିଜ ନିଜ ମତପ୍ରକାଶ କରିଥିଲେ। ପରିଶେଷରେ ମନ୍ଦିର ପରିଚାଳନା କମିଟିର କର୍ଣ୍ଣଧାର ସତ୍ୟ ମହାରଣା ସମସ୍ତ କର୍ମକର୍ତ୍ତା ମାନଙ୍କୁ ସହଯୋଗ କାମନା କରି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଉକ୍ତସଭାରେ ଆମମାନଙ୍କ ମଧ୍ୟରେ ସଂଗଠନ ସମ୍ପାଦକ ଡମ୍ବରୁ ଧର କମିଲା , ବରିଷ୍ଠ ସଭ୍ୟ ବିଧାନ ଚନ୍ଦ୍ର ରାୟ ଯୋଗଦେଇ କାର୍ଯ୍ୟକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ଗ୍ରୀଷ୍ମକାଳୀନ କମ୍ୟୁନିଟି ଓରିଏଣ୍ଟେସନ ପ୍ରୋଗ୍ରାମ

ଜଳେଶ୍ୱର,୧୮।୫ (ସମିସ): ସରକାରଙ୍କ ଉଚ୍ଚ ଶିକ୍ଷାବିଭାଗର ନୂତନ ଶିକ୍ଷାନୀତି ନିର୍ଦ୍ଦେଶ ଅନୁସାରେ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ,ଜଳେଶ୍ୱରର ରାଜନୀତି ବିଜ୍ଞାନ ବିଭାଗ ଛାତ୍ରଛାତ୍ରୀ ଏବଂ ମୁଖ୍ୟ ଅଧାପକ ତଥା ପ୍ରୋଗ୍ରାମ ଅଫିସର ଶ୍ରବଣ କୁମାର ନାଥ ଦ୍ୱାରା ଗ୍ରୀଷ୍ମ କାଳୀନ କମ୍ୟୁନିଟି ଓରିଏଣ୍ଟେସନ ପ୍ରୋଗ୍ରାମ(ଫିଲ୍ଡ ୱାର୍କ) ନିକଟସ୍ଥ ଶାନ୍ତିଆ ଗ୍ରାମର ୧୦ ନଂ ୱାର୍ଡରେ "ମେ ଆଇ ହେଲ୍ପ ଇୟୁ ମୋ ପରିବାର" ସ୍ୱେଚ୍ଛାସେବୀ ସଂଗଠନ ସହଯୋଗରେ ଚଳିତ ମେ ମାସ ୧୪ତାରିଖରୁ ଆରମ୍ଭ ହୋଇ ଯାଇଛି। ଅନୁଷ୍ଠାନର ମୁଖ୍ୟ ଜଗନ୍ନାଥ ପରିଡ଼ା ଏବଂ ସହଯୋଗୀ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧାପକ ଶ୍ରବଣ କୁମାର ନାଥ ଉକ୍ତ କାର୍ଯ୍ୟକ୍ରମ ବିଷୟରେ ସବିଶେଷ ଧାରଣ ପ୍ରଦାନ



କରିଥିଲେ ଏବଂ ଏହି କାର୍ଯ୍ୟକ୍ରମ ଏକ ମାସ ଅର୍ଥାତ୍ ଚଳିତ ବର୍ଷ ଜୁନ ମାସ ୧୨ତାରିଖ ପର୍ଯ୍ୟନ୍ତ ଦୈନନ୍ଦିନ ୪ଘଣ୍ଟା କରି ପର୍ଯ୍ୟାୟ କ୍ରମେ ପୂର୍ବ ନିର୍ଦ୍ଧାରିତ ସୂଚି ଅନୁସାରେ ବିଭିନ୍ନ ଜନହିତକର କାର୍ଯ୍ୟ କରିବାର ଯୋଜନା ଅଛି ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା ଛାତ୍ର ଛାତ୍ରୀମାନଙ୍କ ମଧ୍ୟରୁ ଅଲିଭା ଗାନ୍ଧୀ, ମୌସୁମି ଜେନା,ବର୍ଷା ରାଣୀ ବେହେରା, ଶିବୁନ ରାଉତ,ସୁଭମ୍ ନାଥ, ସୁଷମା ମୁର୍ମୁ ଆଦି ଶିକ୍ଷା ବ୍ୟବସ୍ଥାରେ ଏପରି କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ। ନରହରି ବେହେରା, ଶିବସୁନ୍ଦର ଜେନା, କିଶୋର ହୋତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଭାଗର ସହକାରୀ ଅଧାପିକା ଶୁଭଶ୍ରୀ ଦାସ ଛାତ୍ର ଛାତ୍ରୀମାନଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଲିପିକା ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ଖୋଲୁନି ଧାନମଣ୍ଡି; ବଢୁଛି ଚାଷୀଙ୍କ ଅସନ୍ତୋଷ

କାଳିପଦା, ୧୮।୫ (ସମିସ)

ରବି ଧାନ ଅମଳ ଏବେ ଶେଷ ପର୍ଯ୍ୟାୟରେ ଆସି ପହଂଚିଲାଣି। ପାଖାପାଖି ସତୁରି ପ୍ରତିଶତ ଚାଷୀଙ୍କ ଧାନ ଅମଳ କ୍ଷେତରୁ ସରିଲାଣି। ମାତ୍ର ଧାନ ମଣ୍ଡି ଖୋଲିବା ନେଇ ଅଦ୍ୟାବଧି ସରକାରୀ ସ୍ତରରେ କୌଣସି ତତ୍ପରତା ପ୍ରକାଶ ପାଇ ନାହିଁ। ଧାନ ବିକିବା ନେଇ ଚାଷୀ ମାନଙ୍କ ପାଖକୁ ଅଦ୍ୟାବଧି ସମସ୍ତ ଟୋକାନ ମଧ୍ୟ ଆସି ନାହିଁ। ସମବାୟ ସମିତି ଗୁଡିକ ମଧ୍ୟ ଏନେଇ କୌଣସି ଉତ୍ତର ମଧ୍ୟ ଦେଉ ନାହାଁନ୍ତି। କେଉଁ ମିଲର କେଉଁ ସମବାୟ ସମିତିରୁ କେତେ ଟାର୍ଗେଟ ପରିମାଣର ଧାନ କିଣିବେ ସେ ନେଇ କୌଣସି ସୂଚନା ମିଳୁ



ମିଲରଙ୍କ ମନମାନୀ

ନାହିଁ। ବାଲିଆପାଳ ବ୍ଲକର ବାଲିଆପାଳ, ବଢାପାଳ, ଜାମାକୁଣ୍ଡା, ମଧୁପୁରା, ଦେଭୋଗ, ନେପୁରା, ଲଙ୍ଗଳେଶ୍ୱର, ପ୍ରତାପପୁର, ବୋଲଂ, ବଣିଆଡିହା ଆଦି ସେବା ସମବାୟ ସମିତିକୁ ମଣ୍ଡି ଖୋଲିବା ନେଇ ଅଦ୍ୟା ବଧି କୌଣସି ସୂଚନା ଆସି ନ ଥିବା ପ୍ରକାଶ। ଏନେଇ ଚାଷୀ ମହଲରେ ହତାଶା ଭାବ ଦେଖା ଦେଇଛି। ଗତ ବର୍ଷ ମିଲର ମାନଙ୍କ ମନମାନୀ ଯୋଗୁଁ ପ୍ରକୃତ ଚାଷୀମାନେ ଉପକୃତ ହେବା ବଦଳରେ ଦଲାଲମାନେ ଫାଇଦା ନେଇଗଲେ। ଜିଲ୍ଲାପାଳ ଓ ଯୋଗାଣ ଅଧିକାରୀ କିଛି କରି ପାରିଲେ ନାହିଁ। ଅନ୍ୟ ପକ୍ଷରେ ଏବେ ଅନେକ ଚାଷୀ କ୍ଷେତରୁ ଧାନ ଅମଳ କରି କୁଇଣ୍ଟାଲ ପ୍ରତି ୧୭/୧୮ ଶହ ଟଙ୍କାରେ ଆନ୍ଧ୍ର, ତାମିଲନାଡୁ, ପଶ୍ଚିମବଙ୍ଗ ଅଞ୍ଚଳର ଦଲାଲ ମାନଙ୍କୁ ବିକ୍ରି କରି ଦେଉଛନ୍ତି। ଯୋଗାଣ ବିଭାଗର କୌଣସି ଆଙ୍କୁଶ ନ ଥିବାରୁ ଅବାଧରେ ପ୍ରତିଦିନ ଟ୍ରକ ଯୋଗେ ବାହାରକୁ କୁଇଣ୍ଟାଲ କୁଇଣ୍ଟାଲ ଧାନ ଚାଲାଣ ହେଉଛି। କଟିଙ୍ଗ ଛଟିଙ୍ଗ ନେଇ ଏ କ୍ଷେତ୍ରରେ କୌଣସି ଝିନ ଝଟ ମଧ୍ୟ ନାହିଁ। ଚଳିତ ବର୍ଷ ରବି ଧାନ ଚାଷ ଖୁବ ଭଲ ହୋଇଛି। ଜଣେ ଜଣେ ଚାଷୀ ପାଖରେ ଅନ୍ୟୁନ ୨୦/୩୦ କୁଇଣ୍ଟାଲ ଧାନ ଅମଳ ହୋଇ ଏବେ ପଡି ରହିଛି। ଧାନ ରଖିବା ପାଇଁ ଜାଗା ର ମଧ୍ୟ ଅଭାବ ଦେଖା ଦେଇଛି। କେତେକ ଚାଷୀ ଖରିଫ ଧାନ ଚାଷ ପାଇଁ ରବି ଧାନକୁ ଅଳ୍ପ ଦାମରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଏହି ଅଭାବୀ ଧାନ ବିକ୍ରିକୁ ରୋକିବା ପାଇଁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଉ ବୋଲି ମଙ୍ଗଳି ଚରଣ ଦାସ, ମୁକୁନ୍ଦ କୁମାର ଟୁଡୁ, ରାଜେନ୍ଦ୍ର କୁମାର ସି, ଗଗନ କୁମାର ବେହେରା, ଗୁଣାକର ବାରିକ, ସାଲ ଖାନ ସିଂ, ବାଇଧର ଜେନା, ସୁମନ୍ତ କୁମାର ରାଉତ, ସ୍ୱରାଜ କାନ୍ତ ବେହେରା, ତନ୍ମୟ କୁମାର ପାଳ ପ୍ରମୁଖ ଦୃଢ଼ ଦାବି କରିଛନ୍ତି।

## କମ୍ୟୁନିଟି କେନ୍ଦ୍ରର ଭିତ୍ତିପ୍ରସ୍ତର

ରେମୁଣା, ୧୮।୫ (ସମିସ): ରେମୁଣା ଏନ.ଏ.ସି. ଅନ୍ତର୍ଗତ ୮ ନମ୍ବର ୱାର୍ଡ ନରହରିପୁର ଲାକବଦ୍ରା କମ୍ୟୁନିଟି କେନ୍ଦ୍ରର ପୂର୍ଣ୍ଣାଙ୍ଗ କରଣର ଶୁଭ ଭିତ୍ତିପ୍ରସ୍ତର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନିରୁଦ୍ଧ ଲେଙ୍କା ସଭାପତିତ୍ୱ କରିଥିଲେ। ଉଦଘାଟକ ଭାବେ ଏନ.ଏ.ସି. ଅଧ୍ୟକ୍ଷା ତନୁଜା ଗିରି, ଉପାଧ୍ୟକ୍ଷ ତଥା ଏନ.ଏ.ସି. ବିଜେଡି



ସଭାପତି ଆୟସନ ଖାଁ, ସମ୍ମାନିତ ଅତିଥି ଭାବେ ୮ନମ୍ବର ୱାର୍ଡ କାଉନସିଲର କୁନ୍ତଳା ତରେଇ ଯୋଗ ଦେଇ ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଉକ୍ତ ଉତ୍ସବ ରେ ଗ୍ରାମ ର ଶତାଧିକ ଲୋକ ଉପସ୍ଥିତ ଥିଲେ। ରାମ ବେହେରା, ସଞ୍ଜୟଗୋପାଳ ବେହେରା, ରବି ପତି, କାର୍ତ୍ତିକ ରଣା, ରମେଶ ସିଂ, ଆପୁ ସିଂ, ବିଜୟ ମହାରଣା, ଜୟ ସିଂହ, ଦେବେନ୍ଦ୍ରନାଥ ବେହେରା, ପରମାନନ୍ଦ ଜେନା, ସୁନୀଲ ଲେଙ୍କା, ଚୈତନ୍ୟ ମାଝୀ, କପିଳେନ୍ଦ୍ର ବେହେରା, ସନ୍ତୋଷ ମହାରଣା ପ୍ରମୁଖଙ୍କ ସହ ଆଦିବାସୀ ବାଦ୍ୟର ତାଳରେ ନୃତ୍ୟ କରି ଲାକୋବଦ୍ରାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ସହଯୋଗ କରିଥିଲେ। ଦୁଷ୍ମନ୍ତ ଦାସ ଧନ୍ୟବାଦ ଦେଇଥିଲେ।

# ସମ୍ପାଦକୀୟ



ପତି-ପତ୍ନୀ ଉଭୟେ ଉଭୟଙ୍କର ସମର୍ଥକ ଓ ଉତ୍ତମ ବନ୍ଧୁ ହେବା ଉଚିତ।
-ସୁଧା ମୂର୍ତ୍ତି

ସକାଳ
THE SAKALA

## ଅସ୍ପଷ୍ଟ ଶ୍ରମ ସଂହିତା

ପାଞ୍ଚଟି ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳ ଏବଂ ତତ୍‌ପରବର୍ତ୍ତୀ ନିଟ୍ ପ୍ରଶ୍ନପତ୍ର ପ୍ରଘଟ କୋଳାହଳ ମଧ୍ୟରେ କେନ୍ଦ୍ର ସରକାର ବହୁଚର୍ଚ୍ଚିତ ନୂଆ ଶ୍ରମ ସଂହିତା ନିୟମାବଳୀ ଜାରି କରିଛନ୍ତି। ଏଥିସହିତ ଗତ ନଭେମ୍ବରରେ ପ୍ରଣୀତ ଏହି ଆଇନ କାର୍ଯ୍ୟକାରୀ କରିବାର ବାଟ ଫିଟିଛି। ନୂଆ ଶ୍ରମ ସଂହିତା ଓ ଜାରି ନିୟମାବଳୀ ଅନୁଯାୟୀ ଏଣିକି ଦୈନିକ ୮ ଘଣ୍ଟା ବା ସପ୍ତାହିକ ୪୮ ଘଣ୍ଟା କାର୍ଯ୍ୟ/ଶ୍ରମ, ବାଧ୍ୟତାମୂଳକ ମଜୁରୀ ଦଲିଲ୍ ପ୍ରଦାନ, ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଓ ଗିଗ୍ କର୍ମୀଙ୍କ ପାଇଁ ସାମାଜିକ ସୁରକ୍ଷା ପାଣ୍ଠି ଆଦି ଆଇନତଃ ବୈଧ ହୋଇଛି। କିନ୍ତୁ ଜାନୁଆରୀ ମାସରେ ପ୍ରକାଶିତ ସଂଶୋଧିତ ଚିଠା ଆଇନରେ ବହୁ ଈପ୍‌ସିତ ସର୍ବନିମ୍ନ ମଜୁରୀ ନିର୍ଦ୍ଧାରଣ ସମ୍ପର୍କରେ ଉଲ୍ଲେଖ କରାଯାଇଥିଲେ ମଧ୍ୟ ଚୂଡ଼ାନ୍ତ ବିଜ୍ଞପ୍ତିରୁ ତାହା ବାଦ୍ ପଡ଼ିବା ପରେ ସରକାରଙ୍କ ଆଭିମୁଖ୍ୟ ସନ୍ଦେହ ଘେରକୁ ଆସିଯାଇଛି। ଏ ସମ୍ପର୍କିତ ବିଜ୍ଞପ୍ତି ପରବର୍ତ୍ତୀ ସମୟରେ ସ୍ୱତନ୍ତ୍ର ଭାବେ ପ୍ରକାଶ ପାଇବ ବୋଲି ସରକାରୀ ଭାବେ କୁହାଯାଇଛି।

ସର୍ବନିମ୍ନ ମଜୁରୀ ପ୍ରସଙ୍ଗ ବାଦ୍ ପଡ଼ିବା ସମ୍ପର୍କରେ ସରକାରୀ ସ୍ପଷ୍ଟୀକରଣ ହେଉଛି ଶ୍ରମିକ/କର୍ମଚାରୀମାନଙ୍କର ଖାଦ୍ୟ, ବାସସ୍ଥାନ ଓ ବସ୍ତ୍ର ସମ୍ପର୍କିତ ସର୍ବନିମ୍ନ ମାନ ନିର୍ଦ୍ଧାରଣ କରିବା ପରେ ଯାଇ ଫ୍ଲୋର ୱେଜ୍(ମଜୁରୀ ରେଖା) ନିର୍ଦ୍ଧାରଣ କରାଯିବ। ଏହାଠାରୁ କୌଣସି ରାଜ୍ୟ କିମ୍ବା ସଂସ୍ଥା କମ୍ ମଜୁରୀ ଦେଇପାରିବେ ନାହିଁ। ଅଞ୍ଚଳ ଭିତ୍ତିରେ ଜୀବନଧାରଣ ମାନ ସମାନ ନୁହେଁ। ତେଣୁ ଏକ ସାର୍ବଜନୀନ ଫ୍ଲୋର ୱେଜ୍ ନିର୍ଦ୍ଧାରଣ ସମୟସାପେକ୍ଷ। ନିଯୁକ୍ତିଦାତା ବା ମାଲିକମାନେ ସବୁବେଳେ କର୍ମଚାରୀଙ୍କ ଅଧିକ ଖଟଣି କିନ୍ତୁ କମ୍ ଦରମା/ମଜୁରୀ/ପାରିଶ୍ରମିକକୁ ଅଗ୍ରାଧିକାର ଦେବା ସ୍ୱାଭାବିକ। ସର୍ବନିମ୍ନ ମଜୁରୀ ସମ୍ପର୍କିତ ବିଜ୍ଞପ୍ତି କେବେ ଆସିବ ତାହା ମଧ୍ୟ ଜଣାନାହିଁ। ଏହି ପୃଷ୍ଠଭୂମିରେ ଏଭଳି ଅସ୍ପଷ୍ଟ ବା ଏକପାଖିଆ ବିଜ୍ଞପ୍ତି ନିଯୁକ୍ତିଦାତାଙ୍କୁ ସୁହାଇବ ଏବଂ କର୍ମଚାରୀଙ୍କ ମନରେ ଅସୁରକ୍ଷିତ ଭାବନା ସୃଷ୍ଟି କରିବ। ଏହାଦ୍ୱାରା କାର୍ଯ୍ୟାଳୟ ପରିବେଶ ଭରସାଯୋଗ୍ୟ ଓ ବିଶ୍ୱସନୀୟ ହୋଇ ରହିବ ନାହିଁ, ଯାହାର ପ୍ରଭାବରେ ଉତ୍ପାଦକତା ହ୍ରାସ ପାଇବ।

ଶ୍ରମ ଓ ଶ୍ରମିକ ସମ୍ପର୍କିତ ପ୍ରଚଳିତ ୨୯ଟି ଆଇନକୁ ଏକତ୍ରୀକରଣ କରି ଚାରିଟି ସଂହିତା(ଶ୍ରମ ସଂହିତା ୨୦୧୯, ସାମାଜିକ ସୁରକ୍ଷା ସଂହିତା ୨୦୨୦, ଶିଳ୍ପ ସମ୍ବନ୍ଧ ସଂହିତା ୨୦୨୦, ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଓ କାର୍ଯ୍ୟ ଅବସ୍ଥା ସଂହିତା ୨୦୨୦)ରେ କର୍ମଚାରୀ, ପାରିଶ୍ରମିକ, ଶ୍ରମିକ ଆଦିର ସଜ୍ଞା, ବାଧ୍ୟତାମୂଳକ ଶାରୀରିକ ଉପସ୍ଥିତି ରେକର୍ଡ, ବହୁବିଧ ଲାଇସେନ୍ସ ବ୍ୟବସ୍ଥା, ବିଜ୍ଞପ୍ତି ବିନା କାର୍ଯ୍ୟାନୁଷ୍ଠାନ, ଇନ୍‌ସ୍ପେକ୍‌ସନ୍ ରାଜ ଆଦି ପାରମ୍ପରିକ ବ୍ୟବସ୍ଥାର ଉଚ୍ଛେଦ କରାଯାଇଥିବା ବେଳେ ଇପିଏଫ୍ ଜମା ନିୟମକୁ ମଧ୍ୟ କୋହଳ କରାଯାଇଛି। କିନ୍ତୁ ଏବେ ଅନେକ ସଂସ୍ଥା ଉଚ୍ଚ କୁଶଳୀ କର୍ମଚାରୀଙ୍କୁ ଇପିଏଫ୍ ସୁବିଧା ଦେଉନାହାନ୍ତି। ଏ ସମ୍ପର୍କରେ ନୂଆ ଶ୍ରମ ସଂହିତା ନିରବ ଥିବା ମନେ ହୁଏ। ସେହିପରି ନୂଆ ଶ୍ରମ ସଂହିତାରେ ସବୁ କର୍ମଚାରୀଙ୍କୁ ନିଯୁକ୍ତିପତ୍ର ଦେବା ବାଧ୍ୟତାମୂଳକ କରାଯାଇଥିବା ବେଳେ ଠିକ୍ ସମୟରେ ବେତନ ପ୍ରଦାନ, ବର୍ଷେ କାମ କରିବା ପରେ ଗ୍ରାଚ୍ୟୁଇଟି, ସର୍ବନିମ୍ନ ବେତନ ସୁନିଶ୍ଚିତ କରିବା, ମହିଳାମାନଙ୍କୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ କାମ କରିବାର ସୁଯୋଗ ଓ ସୁବିଧା ପ୍ରଦାନ, ନିଯୁକ୍ତିଦାତାଙ୍କ ତରଫରୁ କର୍ମଚାରୀମାନଙ୍କର ନିୟମିତ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କୁ ସାମାଜିକ ସୁରକ୍ଷା ବ୍ୟବସ୍ଥା ଆଦି ନୂଆ ଶ୍ରମ ସଂହିତାମାନଙ୍କରେ ରହିଛି। ବିହାର, ରାଜସ୍ଥାନ, ଝାଡ଼ଖଣ୍ଡ ଆଦି ରାଜ୍ୟରେ ଗିଗ୍ କର୍ମଚାରୀଙ୍କ ପାଇଁ ଆଇନ ପ୍ରଣୟନ ସତ୍ତ୍ୱେ ତାହା ବାସ୍ତବତାଠାରୁ ବହୁ ଦୂରରେ। ତେଣୁ ଶ୍ରମ ସଂହିତାର ସର୍ତ୍ତାବଳୀ କେତେ ବାସ୍ତବବାଦୀ ହେବ ସେ ସମ୍ପର୍କିତ ନିଶ୍ଚିତତା ବିଜ୍ଞପ୍ତିରେ ଉଲ୍ଲେଖଥିଲେ ଶ୍ରମିକ ହିତରେ ହୋଇଥା'ନ୍ତା।

ବିଡ଼ମ୍ବନା ହେଉଛି ଏହି ଆଇନ ୨୦୨୦ ମସିହାରେ ପ୍ରଣୀତ ହୋଇଥିବା ବେଳେ କାର୍ଯ୍ୟକାରୀ ବିଜ୍ଞପ୍ତି ଜାରି କରିବା ପାଇଁ ପ୍ରାୟ ୬ ବର୍ଷ ଲାଗିଗଲା। ତେଣୁ ବାସ୍ତବ କ୍ଷେତ୍ରରେ ରୂପାୟନ କେତେ ପ୍ରଭାବଶାଳୀ ଓ ବାସ୍ତବବାଦୀ ହେବ ଏବଂ ଭାରତୀୟ ଅର୍ଥନୀତିକୁ କେତେ ବେଗଗାମୀ କରିବ ତାହା ଘରୋଇ ସଂସ୍ଥା ଓ ଶିଳ୍ପପତିଙ୍କ ମାନସିକତା ଉପରେ ନିର୍ଭର କରୁଛି। ବିଶେଷକରି ତୀବ୍ର ପ୍ରତିଯୋଗିତାପୂର୍ଣ୍ଣ ବଜାରରେ ତିଷ୍ଠି ରହିବା ପାଇଁ କ୍ଷୁଦ୍ର ଓ ମଧ୍ୟମ ସଂସ୍ଥାମାନେ ସଂଘର୍ଷ କରୁଥିବା ବେଳେ କର୍ମଚାରୀଙ୍କୁ ପ୍ରତିଶ୍ରୁତି ମୁତାବକ ଦରମା ବା ପାରିଶ୍ରମିକ ଦେବା କାଠିକର ପାଠ ହୋଇଯାଉଛି। ବିଶେଷକରି ମଧ୍ୟପ୍ରାଚ୍ୟ ଯୁଦ୍ଧରେ ପରୋକ୍ଷ ପ୍ରଭାବିତ ଭାରତୀୟ ଅର୍ଥନୀତିରେ ଠିକ୍ ସମୟରେ ବେତନ, ସର୍ବନିମ୍ନ ବେତନ ଓ ଗ୍ରାଚ୍ୟୁଇଟି ପ୍ରଦାନ ଆଦି ଅବାସ୍ତବ ଲାଗୁଛି। ଯେଉଁଠି ନିଜେ ତିଷ୍ଠି ରହିବା ପାଇଁ ନିଯୁକ୍ତିଦାତା ସଂଘର୍ଷ କରୁଛି ସେଠାରେ ନିଯୁକ୍ତିପତ୍ରର ନିଶ୍ଚିତତା ଯେ ଏକ ପ୍ରହସନ ତାହା କେବଳ ଭୁକ୍ତଭୋଗୀ ହିଁ ଅନୁଭବ କରିପାରିବ।

ପ୍ରତିଯୋଗିତାପୂର୍ଣ୍ଣ ବିଶ୍ୱରେ ଶିଳ୍ପପତିମାନେ ଶ୍ରମିକ ଅନୁକୂଳ ପରିବର୍ତ୍ତେ ଅଧିକରୁ ଅଧିକ ଶ୍ରମଅନୁକୂଳ ହେବାର ଦେଖାଯାଉଛି। କମ୍ ପାରିଶ୍ରମିକରେ ଅଧିକ ସମୟ ଖଟାଇ ଅଧିକ କାମ ଆଦାୟ କରିବାର ମାନସିକତା ଯେ ପର୍ଯ୍ୟନ୍ତ ହଟିନାହିଁ ନୂଆ ଶ୍ରମ ଆଇନର ଉପକାରିତା ଓ ଉପଯୋଗିତା ଫଳପ୍ରସୂ ହେବ ନାହିଁ। ସେହିପରି ଯାନ୍ତ୍ରିକ ଯୁଗରେ ବିଶେଷକରି ଏଆଇର ଆତ୍ମପ୍ରକାଶ ପରେ ଶାରୀରିକ ଶ୍ରମ ଓ ମାନବ ସମ୍ବଳର ଆବଶ୍ୟକତା ଓ ଗୁରୁତ୍ୱ ହ୍ରାସ ପାଇବାରେ ଲାଗିଛି। ଏପରି କ୍ଷେତ୍ରରେ ନୂଆ ଶ୍ରମ ସଂହିତା ମାନବ ସମ୍ବଳ ଓ ନିଯୁକ୍ତି କ୍ଷେତ୍ରକୁ କେତେ ସୁରକ୍ଷା ଦେଇପାରିବ ତାହା ସ୍ପଷ୍ଟ ହୋଇନାହିଁ। ସାମଗ୍ରିକ ଭାବେ ବିଚାର କଲେ ନୂଆ ଶ୍ରମ ସଂହିତା ବଡ଼ ବଡ଼ ଶିଳ୍ପ ସଂସ୍ଥାଙ୍କୁ ସୁହାଇବ ଏବଂ କ୍ଷୁଦ୍ର ଶିଳ୍ପ ସଂସ୍ଥାଙ୍କ ପାଇଁ ଅନେକ ଆହ୍ୱାନ ଓ ସମସ୍ୟା ସୃଷ୍ଟି କରିବ। ଏପରିକି ଭାରତର ଶ୍ରମ ବଜାରରେ ଚୀନ୍ ଶ୍ରମିକଙ୍କ ଆଧିପତ୍ୟ ବଢ଼ିବ ଏବଂ ରାଜ୍ୟ-ରାଜ୍ୟ ମଧ୍ୟରେ ଅର୍ଥନୈତିକ ଅଭିବୃଦ୍ଧିର ବୈଷମ୍ୟ ଆହୁରି ଉତ୍କଟ ହେବ ବୋଲି ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି। ଏହି ଆଶଙ୍କା ଯେତେଶୀଘ୍ର ଦୂର ହେବ ଭାରତୀୟ ଶ୍ରମ ବଜାର, ଶ୍ରମିକ ଓ ସର୍ବୋପରି ଭାରତୀୟ ଅର୍ଥନୀତିର ପ୍ରତି ସେତେ ମଙ୍ଗଳପ୍ରଦ।

# ରୁଦ୍ଧଦ୍ୱାର ରାଷ୍ଟ୍ର ଓ ରାଷ୍ଟ୍ରବିହୀନ ଦେଶ

**ପ୍ରଦୀପ କୁମାର ନାଥ**

ପ୍ରାୟ ସମସ୍ତଙ୍କ ପାଇଁ ସରକାରୀ ଚାକିରି ଏକାନ୍ତ ଅପରିହାର୍ଯ୍ୟ। କାରଣ ଏହା ଅବସର ପର୍ଯ୍ୟନ୍ତ ନିଶ୍ଚିତ ଓ ଅଖଣ୍ଡ ନିଯୁକ୍ତି ଏବଂ ମୃତ୍ୟୁ ପର୍ଯ୍ୟନ୍ତ ପେନସନ୍‌ର ନିଶ୍ଚିତତା ଉପରେ ପର୍ଯ୍ୟବସିତ। ୨୦୦୪ରେ ପେନସନ ପଦ୍ଧତିର ପରିବର୍ତ୍ତନ ପରେ ମଧ୍ୟ ଏହି ଧାରଣା ବଳବତ୍ତର ରହିଛି ଯେ ସରକାରୀ ତନ୍ତ୍ର କେବଳ ଭଲ ଦରମା ଦିଏ ନାହିଁ, ଏହା ସମଗ୍ର ପରିବାର ପାଇଁ ନିଶ୍ଚିତ ଗୃହ, ସ୍ୱାସ୍ଥ୍ୟସେବା ଓ ଶିକ୍ଷା ସହିତ ପରିପୂର୍ଣ୍ଣ ଓ ଉଚ୍ଚତର ଜୀବନଶୈଳୀ ପ୍ରଦାନ କରେ। ଜୀବନଚର୍ଯ୍ୟା ମାନରେ କ୍ରମାଗତ ବୃଦ୍ଧିରେ ସହାୟକ ହୋଇଥାଏ। ଏଣୁ ଦୂରରୁ ଏହା ଏକ ରୁଦ୍ଧଦ୍ୱାର ରାଷ୍ଟ୍ର (ଗେଟେଡ୍ ନେସନ) ପରି ପ୍ରତୀତ ହୁଏ।

ସରକାରଙ୍କ ତିନୋଟିଯାକ ସ୍ତରରେ ସମ୍ମିଳିତ ଭାବେ ପ୍ରାୟ ୧୮୫ ଲକ୍ଷ କର୍ମଚାରୀ ନିଯୁକ୍ତ। କେନ୍ଦ୍ର ସରକାରଙ୍କ ଅଧୀନରେ ୩୪ ଲକ୍ଷ, ସମସ୍ତ ରାଜ୍ୟ ସରକାରଙ୍କ ଅଧୀନରେ ୭୨.୧୮ ଲକ୍ଷ, ଅର୍ଦ୍ଧ-ସରକାରୀ ସଂସ୍ଥାଗୁଡ଼ିକରେ ୫୮.୧୪ ଲକ୍ଷ, ଏବଂ ସ୍ଥାନୀୟ ସରକାରୀସ୍ତରରେ, ସାଧାରଣ ନାଗରିକଙ୍କ ସହିତ ସବୁଠୁ ବେଶୀ ସମ୍ପର୍କ ଓ ଯୋଗାଯୋଗ ରଖୁଥିବା ଆଉ ଏକ ସ୍ତରରେ ୨୦.୫୩ ଲକ୍ଷ କର୍ମଚାରୀ ନିୟୋଜିତ। ଏହିପ୍ରକାରର ପ୍ରଶାସନିକ ବ୍ୟବସ୍ଥା ବର୍ତ୍ତମାନ ଜିଡିପିର ଶତକଡ଼ା ୧୨.୭୪ ଅଂଶ। ଭାରତରେ ପ୍ରତି ଲକ୍ଷେ ନାଗରିକଙ୍କ ପାଇଁ ୧୬୨୨.୮ ଜଣ ସରକାରୀ କର୍ମଚାରୀ ଥିବା ବେଳେ ଆମେରିକାରେ ଏମାନଙ୍କ ସଂଖ୍ୟା ୭, ୬୮୧। ପ୍ରତି ଲକ୍ଷେ ଲୋକଙ୍କ ପାଇଁ ବିହାରରେ ୪୫୭.୬୦ଜଣ, ମଧ୍ୟପ୍ରଦେଶରେ ୮୨୬.୪୭, ଉତ୍ତର ପ୍ରଦେଶରେ ୮୦୧.୬୭, ଓଡ଼ିଶାରେ ୧, ୧୯୧.୯୭ ଓ ଛତିଶଗଡ଼ରେ ୧, ୧୭୪.୬୨, ଗୁଜରାଟରେ ୮୨୬.୪୭, ପଞ୍ଜାବରେ ୧, ୨୬୩.୩୪ ଜଣ ସରକାରୀ କର୍ମଚାରୀ ନିୟୋଜିତ। ଏ କ୍ଷେତ୍ରରେ ସମସ୍ୟା ବହୁଳ ରାଜ୍ୟଗୁଡ଼ିକର ସ୍ଥିତି ପ୍ରକୃତରେ ବେଶ ସନ୍ତୋଷଜନକ। ତେଣୁ ମିଜୋରାମରେ ପ୍ରତି ଏକ ଲକ୍ଷ ଜନସଂଖ୍ୟାରେ ୩, ୯୫୦.୨୭ ସରକାରୀ କର୍ମଚାରୀ ଥିବା ବେଳେ ନାଗାଲାଣ୍ଡରେ ୩, ୯୨୦.୬୨, ଜମ୍ମୁକାଶ୍ମୀରରେ ୩୫୮୫.୯୬, ସିକ୍କିମରେ ୬, ୩୯୪.୮୯ ଜଣ ସରକାରୀ କର୍ମଚାରୀ ନିଯୁକ୍ତ।

ଭାରତର କୌଣସି ରାଜ୍ୟର ଜନସଂଖ୍ୟା ଅନୁସାରେ ସେବା ପ୍ରଦାନକାରୀ କର୍ମଚାରୀଙ୍କ ସଂଖ୍ୟା ଅନ୍ତର୍ଜାତୀୟ ସ୍ତରର ନିକଟ ନିକଟବର୍ତ୍ତୀ ହୁଅନ୍ତି ନାହିଁ। ଏଥିରୁ ପ୍ରତୀତ ହୁଏ ଯେ ଭାରତର ଅପେକ୍ଷାକୃତ ପଛୁଆ ରାଜ୍ୟଗୁଡ଼ିକରେ ସରକାରୀ କର୍ମଚାରୀଙ୍କ ଅନୁପାତ ଯଥେଷ୍ଟ କମ। ଦାରିଦ୍ର୍ୟ ଦୂର କରିବା ପାଇଁ ଅତ୍ୟାବଶ୍ୟକ ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ ସେବା ଯୋଗାଇବା ପାଇଁ ପର୍ଯ୍ୟାପ୍ତ ସରକାରୀ କର୍ମଚାରୀ ଉପଲବ୍ଧ ନାହାନ୍ତି। ମୁଖ୍ୟ ରାସ୍ତା ଛାଡ଼ି ତଳକୁ ଓହ୍ଲାଇଲେ ସରକାରଙ୍କ ଅନୁପସ୍ଥିତି ଜଳଜଳ ହେଇ ଦିଶିଯାଏ। ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଯଦି ତାଲା ପଡ଼ି ନି ତେବେ ତାହା ମଧ୍ୟାହ୍ନ ଭୋଜନ ଯୋଗାଇବା ପାଇଁ ହିଁ ଖୋଲା ବୋଲି ବୁଝିବାକୁ ହେବ। କୌଣସି ପ୍ରକାରର ଜ୍ଞାନରେ କୁଶଳୀ କରିବାର ସାମାନ୍ୟତମ ଆଭାସ ମଧ୍ୟ ଆଭ୍ୟନ୍ତରୀଣ ଅଞ୍ଚଳର ବିଦ୍ୟାଳୟଗୁଡ଼ିକରେ ଦୃଷ୍ଟିଗୋଚର ହୁଏ ନାହିଁ।

ଗବେଷଣା ପାଇଁ ତଥ୍ୟସଂଗ୍ରହ ବା ସର୍ବେକ୍ଷଣ ବେଳେ ଏ ଲେଖକର କିଛିଟା ଅନୁଭୂତି ରହିଛି। ବହୁଚର୍ଚ୍ଚିତ ଦାନ ମାଝି ରହୁଥବା ଗାଁ ନାକରୁଣ୍ଡି ପଞ୍ଚାୟତ ମେଲାଘର ଗାଁ ଆଉ ତା' ଆଖପାଖ ସେହି ପଞ୍ଚାୟତର ବସ୍ତିମାନଙ୍କ ପାଞ୍ଚଟି ସ୍କୁଲରେ ମାଷ୍ଟ୍ରେ ବା ମାଷ୍ଟ୍ରାଣୀ ଯେଉଁ ଏଗାର ପ୍ରକାରେ ବର୍ଣ୍ଣମାଳାର ପ୍ରଥମ ଅକ୍ଷରକୁ ଶିଖଉଥିଲେ ତାହା ଏକ ଗବେଷଣାର ବିଷୟ। ଉପରେ ଦୁଇଟା ଛୋଟ ଆଳୁ, ତଳେ ଗୁଟେ ବଡ଼ ଆଳୁ, ଭୁଜନି ଫାଳେ ଛତାର ବାଁକୁଲିବାଡ଼ି। ପୁଲିସ, ଜଳସେଚନ, ବିଦ୍ୟୁତ୍, ପିଡବ୍ଲୁଡି ବିଭାଗର ଉପସ୍ଥିତି ଏଠି ପ୍ରାୟତଃ ଦେଖିବାକୁ ମିଳେ ନାହିଁ। ଅଧିକାଂଶ ଆଦିବାସୀ ଜନଜାତିର ମୂଳ ବାସସ୍ଥାନରେ ଆଧୁନିକ ଭାରତର ଏକମାତ୍ର ଉପସ୍ଥିତି ପ୍ରାୟତଃ ଦେଶୀ ମଦ (ମହୁଲି) ଠିକାଦାର କିମ୍ବା ବନରକ୍ଷୀ। ସେଗୁଡ଼ିକ ସତେଯେମିତି ଏକ ବିରାଟ 'ଷ୍ଟେଟଲେସ ନେସନ'(ରାଷ୍ଟ୍ର ବିହୀନ ଦେଶ)। ଜିଲ୍ଲା ସଦର ମହକୁମାରୁ ଚାଳିଶ ପଚାଶ କିଲୋମିଟର ଦୂରକୁ ଗଲେ ଏମିତି ଅସଂଖ୍ୟ 'ରାଷ୍ଟ୍ର ବିହୀନ ଦେଶ' ଅତି ସହଜରେ ଦିଶିବ। ଏ ସବୁର କାରଣ ହେଉଛି ଜନସଂଖ୍ୟା ତୁଳନାରେ ସରକାରୀ କର୍ମଚାରୀଙ୍କ ଅଭାବ। ଏହି ନିମ୍ନ ଅନୁପାତର ପ୍ରଭାବର ଆଉ କେତେକ ଉଦାହରଣ ଦେଖିବା।

ସହରାଞ୍ଚଳରେ ମଧ୍ୟ ସ୍ୱଚ୍ଛ ଭାରତ ଅଭିଯାନ କେବଳ ଚହଟ ଚିକ୍କଣ ନେତାଙ୍କ ଝାଡୁ ଧରା ହ୍ୱାଟ୍ସଆପ ଫଟୋ ଉପଲୋଡରେ ସୀମିତ ହୋଇ ବାକିସବୁ ମୂଳକଥା ଅଣଦେଖା ଓ କଣଠେସା ହୋଇ ରହିଯାଇଛି। ଦଶବର୍ଷ ବିତି ଯାଇଥିଲେ ବି ଏସ. ଡବ୍ଲୁ. ଏମ ୨୦୧୬ (ସଲିଡ୍ ୱେଷ୍ଟ ମେନେଜମେଣ୍ଟ, ରୁଲ ୨୦୧୬ ) ଠୁ ଟଙ୍କେ ବି ଆଗକୁ ଆମେ ଯାଇ ପାରିନୁ। ମୂଳ କଥାଟା ଅଳିଆ ସୃଷ୍ଟି କରୁଥିବା ବ୍ୟକ୍ତି (ସଲିଡ୍ ୱେଷ୍ଟ ଜେନେରେଟର) ର ସଚେତନତା ବିଷୟରେ ଆମେ ଟିକେ ବି ନଜର ଦେଇନୁ ଏ ଯାଏଁ। ଏମିତିକି ନୂତନ ୨୦୨୬ ନିୟମ ଅନୁସାରେ ୧୦୦ କିଲୋଗ୍ରାମରୁ ବେଶୀ ଅଳିଆ ସୃଷ୍ଟି କରୁଥିବା ୟୁନିଟରେ ସ୍ୱକୀୟ ବ୍ୟବସ୍ଥା (ବା ଇନସିଟୁ ପ୍ରୋସେସିଂ ୟୁନିଟ୍) ରହିବା ଦରକାର, ଯେଉଁଠି ମାଟିରେ ମିଶି ସାର ହେଇ ପାରୁଥିବା ଅଳିଆ ପାଇଁ ନିଜସ୍ୱ ପ୍ରୋସେସିଂ ୟୁନିଟ ରହିବ। ଅନିବାର୍ଯ୍ୟ ଓ ସାତ ଲୋକକଲ୍ୟାଣ ମାର୍ଗରେ ବାର ଏକର ପରିମିତ ପ୍ରଧାନମନ୍ତ୍ରୀଙ୍କ ବାସଗୃହ ପରିସରରେ ନିୟମାନୁଯାୟୀ ଏପ୍ରକାରର କୌଣସି ବି ନିଜସ୍ୱ ୟୁନିଟ ଥିବା କଥା ଆମେ ଜାଣୁ ନାହିଁ।

ସାମଗ୍ରିକ ଭାବେ ଅଳିଆ ସୃଷ୍ଟି, ପରିବହନ ଓ ପରିଶେଷରେ ତା'ର ସଫଳ ବିନିଯୋଗକୁ ଏକ ପ୍ୟାକେଜ ଭବେ ଗ୍ରହଣ କରି ଏକାଥରକେ ସବୁଠି ସେ କାମ ହେବା ଦରକାର। ନଚେତ କୌଣସି ଗୋଟେ କାମ ନେଇ ବାହାବା ନେଲେ ସହର କି ଗାଁ ପରିମଳ ତ ଦୂରର କଥା, ସାରା ଭାରତ ଏକ ଖୋଲା ପାଇଖାନା ବା ଓପନ ଲ୍ୟାଣ୍ଡଫିଲ ଭାବେ ହିଁ ପ୍ରତୀତ ହେବ, ଯାହା ବର୍ତ୍ତମାନର ନିଷ୍ଠୁର ବାସ୍ତବତା। ଅଳିଆ, ସ୍ୱେରେଜ୍ ଓ ଆବର୍ଜନା ସଂଗ୍ରହ ଓ ନିଷ୍କାସନ ପାଇଁ ଆମ ଦେଶରେ କୌଣସି ସୁଚାରୁ ବ୍ୟବସ୍ଥା ହିଁ ନାହିଁ। ଯେକୌଣସି ଯୋଜନାକୁ ସଫଳ କରିବାକୁ ହେଲେ ତାହା ମୂଳଭିତ୍ତି ଜନଭାଗିଦାରୀ ହେବା ଏକାନ୍ତ ଜରୁରୀ। ଏହି କାରଣରୁ ସ୍ଥାନୀୟ ସରକାର (ଲୋକାଲ ଗଭର୍ଣ୍ଣାନ୍ସ)ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଫ୍ରେଡ୍ରିକ୍ ଏଙ୍ଗେଲ୍ସ ଭବିଷ୍ୟବାଣୀ କରିଥିଲେ ଯେ ସମାଜ ଯେତେବେଳେ ବିକଶିତ ହୁଏ, ତା' ସହିତ ସାମାଜିକ ବ୍ୟବସ୍ଥାରେ ଥିବା ପାରସ୍ପରିକ ସମ୍ପର୍କକୁ ରାଷ୍ଟ୍ର ଶକ୍ତି ଯେଉଁ ପ୍ରକାର ହସ୍ତକ୍ଷେପ କରିଆସୁଥିଲା, ତାହା ଧୀରେ ଧୀରେ ଢିଲା ହେଇଯାଏ। ପରିଶେଷରେ ଗୋଟେ ପରେ ଗୋଟେ କ୍ଷେତ୍ରରୁ ରାଷ୍ଟ୍ର ଅପସୃତ ହେଇଯାଏ। ଗୋଟିଏ ପରେ ଗୋଟିଏ କ୍ଷେତ୍ର ସ୍ୱତଃ ଅନାବଶ୍ୟକ ହୋଇଯାଏ। ତା'ପରେ ଆପେଆପେ ବନ୍ଦ ହୋଇଯାଏ। ରାଷ୍ଟ୍ର ନିଜ ସାର୍ବଭୌମ କ୍ଷମତା ନିଜ ନାଗରିକଙ୍କ ଉପରେ ଆଗପରି ଜାହିର କରିପାରେ ନାହିଁ; ରାଷ୍ଟ୍ର 'ଉଚ୍ଛେଦ' କି 'ବିଲୋପ' ହେଇ ଯାଏନା, ତୁଳସୀ ଗଛ ପରି ପାହିଯାଏ, ଅର୍ଥାତ ଶୁଖି କଳାକାଠ ପଡ଼ିଯାଏ।। କିନ୍ତୁ ଭାରତରେ ଯାହା ପରିଦୃଶ୍ୟ ହୁଏ ତା' ହେଲା ଯେ ଭାରତରେ କୌଣସି ଆଖିଦୃଶିଆ ସାମାଜିକ ଓ ଆର୍ଥିକ ରୂପାନ୍ତରଣ ବିନା ହିଁ ରାଷ୍ଟ୍ର ଧୀରେଧୀରେ ଶୁଖିଶୁଖି କଳାକାଠ ପଡ଼ିଯାଉଛି।

ଗରୁଗାଓଁ(ହରିଆଣା), ମୋ: ୯୬୮୮୭୧୯୦୦୪

# ସମାଜରେ ମେଳିହିଂସା

**ଲଳିତକୁମାର ପାତ୍ର**

ଇତିହାସରେ ଫରାସୀ ବିପ୍ଳବ ଏକ ଯୁଗାନ୍ତକାରୀ ଘଟଣା। ଏହା ଦର୍ଶାଇଦେଲା ଯେ, ରାଜତନ୍ତ୍ର, ଗଣତନ୍ତ୍ର ବା ଯେକୌଣସି ପ୍ରକାର ଶାସନ ହେଉ ତାହାର ମୂଳ ହେଉଛନ୍ତି ଲୋକ। ଶାସନ ସଂସ୍ଥା ପାଇଁ ଲୋକେ ନଥା'ନ୍ତି; ଲୋକଙ୍କର ଜୀବନଯାପନ ପାଇଁ ଯୁକ୍ତିଯୁକ୍ତ ସୁବିଧା ସୁଯୋଗ କରିବା ଶାସନର କର୍ତ୍ତବ୍ୟ। ଆଶା ରହେ ଯେ ଶାସନ ଲୋକଙ୍କର ଅଧିକାର ସୁରକ୍ଷିତ ରଖିବ। କିନ୍ତୁ ଶାସନ କାର୍ଯ୍ୟରେ ତ୍ରୁଟି ରହିଲେ ଲୋକେ ଅସୁବିଧା ଭୋଗନ୍ତି, ଅତ୍ୟାଚାରିତ ହୁଅନ୍ତି। ଏହା ଜନଆକ୍ରୋଶ ସୃଷ୍ଟି କରି ମେଳିର ରୂପ ନିଏ। ୧୭୮୯ ମସିହାରେ ଫ୍ରାନ୍ସର ରାଜତନ୍ତ୍ର ବିରୁଦ୍ଧରେ ଏପରି ମେଳି ହେଇଥିଲା। ଲୋକେ ନିଜ ଜୀବନକୁ ବାଜି ଲଗାଇ ବାସ୍ତାଇଲି ଦୁର୍ଗକୁ ଆକ୍ରମଣ କରି ଧ୍ୱଂସ କରିଥିଲେ।

ସମ୍ପ୍ରତି ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତାରେ ଯେଉଁ ଘଟଣା ଘଟିଛି, ତାହା ତୁଳନାତ୍ମକ ଭାବେ ବହୁ ସ୍ୱଳ୍ପ ହେଲେ ମଧ୍ୟ ଫ୍ରାନ୍ସ ଗଣବିପ୍ଳବ ସହିତ କେଉଁଠି ନା କେଉଁଠି ମେଳ ଖାଉଛି। ଏ ଘଟଣାରୁ ମେଳି ହିଂସାର କ'ଣ କ'ଣ ତାତ୍ତ୍ୱିକ ଦର୍ଶନ ରହୁଛି ଦେଖାଯାଉ। ଗତ ମେ ୭ ତାରିଖ ଦିନ ସ୍କୁଟିରେ ଯାଉଥିବା ଦୁଇ ଜଣ ଝିଅଙ୍କୁ ଅତିକ୍ରମ କରିଯାଇଥିବା ଦୁଇ ଯୁବକ ଫେରିଆସି ଧକ୍କା ଦେଇ ତଳେ ପକାଇ ଆକ୍ରମଣ କରିଥିଲେ। ଝିଅମାନେ ଚିତ୍କାର କରିବାରୁ ଲୋକେ ରୁଷ୍ଟ ହୋଇ ପ୍ରତିରୋଧ ଓ ଆକ୍ରମଣ କରିବାରୁ ଜଣେ ଯୁବକଙ୍କ ମୃତ୍ୟୁ ହେଲା। ଏ ଖବର ପାଇ ଆସିଥିବା ଆରକ୍ଷୀମାନେ ତୀବ୍ର ମେଳି ହିଂସାକୁ ରୋକିପାରି ନ ଥିଲେ। ବ୍ୟବସ୍ଥାଗତ ତ୍ରୁଟି ଯୋଗୁଁ ଆଇନର ଶାସନ ଭୁଶୁଡ଼ି ପଡ଼ିଲା ଏବଂ ଲୋକଙ୍କ ଅଧିକାର ସୁରକ୍ଷା କରିବାରେ ପ୍ରଶାସନର କୁଖ୍ୟାତି ବ୍ୟାପିଲା। ନାନା ଗୁଜବ ଚାଲିଲା। ଯଥା ଝିଅ ଲୋକଙ୍କୁ ଡକାଇ ଏ ହତ୍ୟା କରିଛି, ପ୍ରେମ ସମ୍ପର୍କ ରହିଛି, ପୁଅର ବାତ ରୋଗ ଥିଲା, ମୁଣ୍ଡ ବୁଲାଇ ଝିଅ ଉପରେ ପଡ଼ିଗଲା, ଅନ୍ୟ ଝିଅର ପ୍ରତାରଣାରେ ବ୍ୟଥିତ ହୋଇ ସେ ଏପରି କରିଦେଲା; ନିଶା ଖାଇଥିଲା ଇତ୍ୟାଦି ଇତ୍ୟାଦି।

ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡ଼ିବ। କିନ୍ତୁ ଏହା ପଛର ଥିବା ବାର୍ତ୍ତା ହେଉଛି ରାଜ୍ୟରେ ଦିନକୁ ଦିନ ଅପରାଧ ବଢ଼ିଚାଲିଛି। ବିବେକୀ ସରଳ ଦୁର୍ବଳ ଲୋକେ ନିଜକୁ ଅସୁରକ୍ଷିତ ମଣିଲେଣି। ଜବରଦଖଲ, ଚୋରି ଦୁର୍ନୀତିର କାୟା ବିସ୍ତାରିତ ହୋଇଚାଲିଛି। ଏ ସବୁର ପ୍ରତିରୋଧ ନାମକୁମାତ୍ର ହେଉଛି। ଅପରାଧୀମାନଙ୍କର ଆଇନକୁ ଭୟ ରହୁନାହିଁ। ଲୋକଙ୍କର ସରକାରୀ ନିରାପତ୍ତା ଉପରେ ଭରସା ରହୁନାହିଁ। ଅନେକ ସମୟରେ ମେଳି ହୋଇ ଆଇନକୁ ହାତକୁ ନେଉଛନ୍ତି। ଏହା ହେଉଛି ମେଳି ହିଂସା। ମେଳି ହିଂସା ସ୍ଥାନୀୟ ଜନମତର ପ୍ରତୀକ। ଯେଉଁଠି ଜନମତ ଯେତେ ସଚେତନ ଓ ସକ୍ରିୟ, ସେଠି ମେଳି ସେତେ ବଳିଷ୍ଠ। ସେଥିରେ ସାମୂହିକତାର ପ୍ରବୃତ୍ତିର ବ୍ୟକ୍ତିମାନେ ନିଆଁକୁ ଡେଇଁଲା ପରି କାର୍ଯ୍ୟ କରନ୍ତି। ତେଣୁ ଅପରାଧୀ ଆଇନ ଓ ଆରକ୍ଷୀଙ୍କୁ ଭୟ କରୁ ନ ଥିଲା ବେଳେ ମେଳି ହିଂସାକୁ ଭୟ କରିଥାଏ।

ଆରକ୍ଷୀ ପହଞ୍ଚିବା ପୂର୍ବରୁ ପ୍ରାଥମିକ ଭାବେ ମେଳି ହିଂସା ଅପରାଧିକୁ ପ୍ରତିରୋଧ କରିଥାଏ। ଏହା ରାଷ୍ଟ୍ରରେ ଅପରାଧ ହ୍ରାସରେ ସାହାଯ୍ୟ କରିଥାଏ। କିନ୍ତୁ ଏହାର ବଡ଼ ଦୁର୍ଗୁଣ ହେଉଛି ଯେ ଏହାର ବାପା ମା' ନଥାନ୍ତି। ଯିଏ ଯାହା ପାରିଲା କଲା। କିଏ ବିଧାଏ ମାରିଲା ତ କିଏ ଗୋଇଠାଏ ମାରିଲା। ମରିବ କି ବଞ୍ଚିବ ବୁଝିବାକୁ ତା' ପାଖରେ ସମୟ ନାହିଁ। ଅନେକ ସମୟରେ ପ୍ରକୃତ ଘଟଣା କ'ଣ ଠିକ ଭାବରେ ସେ ଜାଣିନଥାଏ। ଗୋଟେ ଉଚ୍ଚାଟରେ କାମ କରିଥାଏ। ଅନେକ ସମୟରେ ପ୍ରଚାର ଭୁଲ ହୋଇଥାଏ। ପରେ ବାସ୍ତବରେ ଭୁଲ ଥିବା ଜାଣିଲେ ଦୁଃଖ କରେ।

ନିୟନ୍ତ୍ରିତ ମେଳି ହିଂସା ବ୍ୟବସ୍ଥା ପାଇଁ ନୂତନ ଆଇନ କରିବା ଉଚିତ। ଯେଉଁଥିରେ ସ୍ଥାନୀୟ ମୁଖିଆଙ୍କର ଏ ନିୟନ୍ତ୍ରଣର ଦାୟିତ୍ୱ ରହିବ। ପ୍ରାଥମିକଭାବେ ମେଳି ହିଂସା ଦ୍ୱାରା ଅପରାଧୀ ପ୍ରତିରୋଧର ସମ୍ମୁଖୀନ ହେବା ଦ୍ୱାରା ଅପରାଧ ପଣ୍ଡ ହେବା ସହିତ ମୁଖିଆଙ୍କ ଦ୍ୱାରା ଅପରାଧୀଙ୍କ ବିରୁଦ୍ଧରେ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ବନ୍ଦ ହେଇପାରିବ ଏବଂ ଅପରାଧିଙ୍କ ଜୀବନ ଜନଆକ୍ରୋଶରୁ ରକ୍ଷା କରାଯାଇପାରିବ। କାରଣ ସମସ୍ତଙ୍କର ବଞ୍ଚି ରହିବାର ଅଧିକାର ରହିଛି। ରୁଷ ସମ୍ରାଟ ଜାର ମହାମାନ୍ୟ ପିଟରଙ୍କୁ ତାଙ୍କର ଜଣେ ମନ୍ତ୍ରୀ କହିଥିଲେ ସବୁ ଅପରାଧରେ ମୃତ୍ୟୁଦଣ୍ଡ ଦେଲେ ସମୟ ଆସିବ କୌଣସି ମନୁଷ୍ୟ ଆଉ ସଂସାରରେ ନଥିବେ। କାରଣ ଅପରାଧ କରିବା ମଣିଷର ସହଜାତ ପ୍ରକୃତି। ଏ ଆଇନରେ ମଧ୍ୟ ମେଳି ହିଂସା ବିଷୟରେ ଉପଯୁକ୍ତ ତଦନ୍ତ କରି ମୁଖିଆଙ୍କୁ ଦାୟୀ କରାଯିବାର ବ୍ୟବସ୍ଥା ରହିବ ଏବଂ ମେଳିରେ ଅଂଶଗ୍ରହଣକାରୀଙ୍କୁ ଠିକ କାମରେ ପୁରସ୍କାର ନିରାପତ୍ତା ସହିତ ପ୍ରୋତ୍ସାହନ ଦିଆଯିବାର ବ୍ୟବସ୍ଥା ରହିବ। ପ୍ରତ୍ୟେକ ଆରକ୍ଷୀ କେନ୍ଦ୍ରକୁ ମେଳି ହିଂସା ବଢ଼ିନଯିବା ପାଇଁ ଦୈନିକ ସତର୍କ ରହିଲା ଭଳି ଦକ୍ଷ ଦୂରଦର୍ଶୀ ଅଧିକାରୀଙ୍କୁ ନିଯୁକ୍ତି କରାଯିବ। ଅପରାଧ ଘଟାଇବାରେ ପ୍ରମୁଖ କାରକ ମଧ୍ୟରୁ ନିଶା ଅନ୍ୟତମ ଥିବାରୁ ଦେଶୀ ଓ ବିଦେଶୀ ସମସ୍ତ ନିଶାକୁ ବନ୍ଦ କରାଯିବ। ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ହେଉଛି ଅପରାଧୀ ପ୍ରକୃତିର ଲୋକଙ୍କୁ ଶିବିରାର୍ଥୀ ଜୀବନ ଯାପନ କରାଇବା ଓ ଅନୁପ୍ରବେଶକାରୀ ସ୍ତ୍ରୀ ଓ ପୁରୁଷଙ୍କୁ ମଧ୍ୟ ଅଲଗା ଅଲଗା ଶିବିରାର୍ଥୀ ଜୀବନ ଯାପନ କରାଇବାର ବ୍ୟବସ୍ଥା କରିବା। ଏହାଦ୍ୱାରା ଅପରାଧ ବହୁ ମାତ୍ରାରେ କମିପାରେ।

ଏପରି ଆଇନ ନଥିବାରୁ ସବୁ ଦଳର ସରକାର ସମୟରେ ଅପରାଧ ଘଟି ଚାଲୁଛି। ତେଣୁ ବାଲିଅନ୍ତା ଘଟଣା ଉପରେ ରାଜନୀତି ହେବା ଉଚିତ ନୁହେଁ; ବରଂ ସବୁ ଦଳ ବିଚାର କରିବା ଦରକାର ଯେ ଲୋକେ ହେଉଛନ୍ତି ମୂଳ। ଲୋକଙ୍କ ପାଇଁ ଯେଉଁମାନେ ମେଳି ହିଂସାରେ ସାମିଲ ହେଇଛନ୍ତି ସେମାନଙ୍କ ସହିତ ରହିବା ହେଉଛି ଲୋକଙ୍କ ସହିତ ରହିବା। ବାଲିଅନ୍ତା ମେଳି ହିଂସାରେ ବିଭିନ୍ନ ଗ୍ରାମର ଲୋକେ ଭାଗ ନେଇଥିଲେ। ଏଥିରୁ ଜଣାପଡୁଛି ଏହା ଉଦ୍ଦେଶ୍ୟପ୍ରଣୋଦିତ କାର୍ଯ୍ୟ ନଥିଲା; କେହି ନିଜ ସ୍ୱାର୍ଥ ପାଇଁ ଏ କାର୍ଯ୍ୟ କରିନଥିଲେ। ଏପରି ମେଳି ପ୍ରତିରୋଧ ହେଇ ନଥିଲେ ଅପରାଧ ବିଫଳ ହେଇ ନ ଥା'ନ୍ତା। ଦେଖାଯାଏ ଅପରାଧ ଘଟିଲା ପରେ ଆରକ୍ଷୀ ପହଞ୍ଚିଥା'ନ୍ତି। ତ୍ୱରିତ ସ୍ଥାନୀୟ ଦାୟିତ୍ୱ ନଥିବାରୁ ଜନଆକ୍ରୋଶରେ ସାବଧାନତା ରହିଲା ନାହିଁ। ଏହା ଏକ ବ୍ୟବସ୍ଥାଗତ ତ୍ରୁଟି। ସାହସୀ ପିଲା ନିଃସ୍ୱାର୍ଥଭାବେ ଅପରାଧୀ ସହିତ ଲଢ଼ିଲେ। ଏ ପିଲାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଶ୍ଚିତଭାବେ ପ୍ରଗତିବିରୋଧୀ କାର୍ଯ୍ୟ। ସାହସୀ ଗୁଣୀ ଲୋକଙ୍କୁ ପ୍ରୋତ୍ସାହନ ନକଲେ ଦେଶ ଦୁର୍ବଳ ହେବ। ମହାରାଜା ରଣଜିତ ସିଂ ପରିସ୍ଥିତିକୁ ବିଚାର କରି ଟେକା ମାରିଥିବା ମହିଳାଙ୍କୁ ଛାଡ଼ିଦେଲା ପରି ସରକାର ମେଳି ହିଂସାରେ ମୃତକଙ୍କ ପରିବାରର ସୁରକ୍ଷା ଓ ଭରଣପୋଷଣ କରିବା ସହିତ ମେଳିରେ ଭାଗ ନେଇଥିବା ଲୋକଙ୍କୁ ମୁକ୍ତ କରି ସାମୂହିକତାକୁ ପ୍ରୋତ୍ସାହନ କରିବା ଉଚିତ।

ଗଙ୍ଗେଶ୍ୱରଗଡ଼(କଟକ)
ମୋ: ୯୯୩୭୪୪୮୫୩୧

# ନିମ୍ନଗାମୀ ହେଉଛି ସମୁଦ୍ର ଉପକୂଳ

**ଶ୍ରୀନନ**

## ବିଜ୍ଞାନ ବାର୍ତ୍ତା

ଭାରତର ରହିଛି ସୁଦୀର୍ଘ ୭୫୦୦ କିଲୋମିଟର ବ୍ୟାପୀ ବିଶାଳ ସମୁଦ୍ର ଉପକୂଳ। ଏହାର ଏକ ପ୍ରମୁଖ ଅଂଶ ଏବେ ନିମ୍ନଗାମୀ ହେବାରେ ଲାଗିଛି। ଅନେକସ୍ଥଳେ ଏହା ଘଟୁଛି ବେଶ ଦ୍ରୁତଗତିରେ ଏବଂ ଅଧିକ ମାତ୍ରାରେ। ଆମେରିକାର 'ୟୁନିଭରସିଟି ଅଫ୍ ରୋଡ ଆଇଲ୍ୟାଣ୍ଡ'ର ଅଧ୍ୟୟନ ଅନୁସାରେ ହାରାହାରି ଜାଗତିକ ସମୁଦ୍ର ନିମ୍ନଗାମୀ ହେବା ତୁଳନାରେ ବର୍ତ୍ତମାନର ଘଟଣା ଯଥେଷ୍ଟ ଅଧିକ।

ଏହି ଅଧ୍ୟୟନଟି ଥିଲା ଭାରତୀୟ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳର ଭୂମି ନିମ୍ନଗାମୀ ହେବା ଉପରେ ପ୍ରଥମ କୃତ୍ରିମ ଉପଗ୍ରହଭିତ୍ତିକ ପୁଙ୍ଖାନୁପୁଙ୍ଖ ଆକଳନ। ଏଥିରୁ ଜଣାପଡ଼ିଲା ଯେ କେତେକ ଅତିପ୍ରଭାବିତ ଅଞ୍ଚଳରେ ଏହି ନିମ୍ନଗାମୀ ଧାରା ବାର୍ଷିକ ୨୦ ରୁ ୪୪ ମିଲିମିଟର। 'ଭର୍ଟିକାଲ୍ ଲ୍ୟାଣ୍ଡ ମୋସନ୍ ଆଣ୍ଡ ହ୍ୟୁମ୍ୟାନ ଏକସ୍ପୋଜର ଆକ୍ରସ ଇଣ୍ଡିଆଜ୍ କୋଷ୍ଟାଲ୍ ରେଜିଅନ୍ସ' ଶୀର୍ଷକ ଏହି ଅଧ୍ୟୟନଟି ୨୦୧୮ ରୁ ୨୦୨୪ ମସିହା ପର୍ଯ୍ୟନ୍ତ ଦୀର୍ଘ ୮ ବର୍ଷ ଧରି ଚାଲିଥିଲା। ଏଥିରେ ବ୍ୟବହୃତ ସେଣ୍ଟିନେଲ୍-୧ ଉପଗ୍ରହ ରାଡାରାରୁ ସଂଗୃହୀତ ଭାରତର ଉପକୂଳବର୍ତ୍ତୀ ଅଞ୍ଚଳରେ ଲମ୍ବ ଭାବେ ଭୂଚଳନ ଏବଂ ଏହାର ୧୦୦ କିଲୋମିଟର ପ୍ରଶସ୍ତ 'ବଫର ଜୋନ' ସଂପର୍କରେ ତଥ୍ୟାବଳୀ ବିଶ୍ଳେଷଣ କରାଯାଇଥିଲା। ଏହି ଅଧ୍ୟୟନର ମୁଖ୍ୟ ଥିଲେ 'ୟୁନିଭରସିଟ ଅଫ୍ ରୋଡ ଆଇଲ୍ୟାଣ୍ଡ'ର 'ଗ୍ରାଜୁଏଟ୍ ସ୍କୁଲ ଅଫ ଓସେନୋଗ୍ରାଫି' ଠାରେ କାର୍ଯ୍ୟରତ କ୍ୟୁଆଣ୍ଟଓ ଝୁ।

ଭାରତର ସମୁଦ୍ର ଉପକୂଳର ୧୦୦ କିଲୋମିଟର ମଧ୍ୟରେ ବାସ କରନ୍ତି ପ୍ରାୟ ୨୦୦ ନିଯୁତ ଲୋକ। ଏହାର ୧୩.୧ ଶତାଂଶ ଲୋକ ହେଲେ ବାର୍ଷିକ ୨ ମିଲିମିଟରରୁ ଅଧିକ ନିମ୍ନଗାମୀ ହେଉଥିବା ଅଞ୍ଚଳର ବାସିନ୍ଦା। ଅନ୍ୟ ପକ୍ଷରେ ୪.୧ ଶତାଂଶ ଲୋକ ବାସ କରୁଥିବା ଅଞ୍ଚଳରେ ନିମ୍ନଗାମୀ ଧାରା ବାର୍ଷିକ ୫ ମିଲିମିଟରରୁ ଅଧିକ ହେଲା ବେଳେ ୧.୬ ଶତାଂଶଙ୍କ ବାସସ୍ଥାନରେ ଏହା ୧୦ ରୁ ୨୦ ମିଲିମିଟର। ସେଣ୍ଟିନେଲ୍-୧ ଉପଗ୍ରହରୁ ପ୍ରାୟ ୪୯୦୦ଟି ରାଡାର୍ ବ୍ୟବସ୍ଥା ବ୍ୟବହାର କରି ପ୍ରାୟ ୩୯ ନିଯୁତରୁ ଅଧିକ ସ୍ଥାନ ଅନୁଧ୍ୟାନ କଲା ପରେ ଗବେଷକମାନେ ଉପକୂଳ ଭୂମି ଏପରି ନିମ୍ନଗାମୀ ହେଉଥିବା ଯେଉଁସବୁ ଅଞ୍ଚଳ ଚିହ୍ନଟ କରିଛନ୍ତି ତନ୍ମଧ୍ୟରେ ରହିଛି ଅହମ୍ମଦାବାଦ, ଚେନ୍ନାଇ, ଅମରାବତୀ, କୋଚି, କାକିନାଡ଼ା ଓ କୋଲକତା। ବିଶେଷକରି ଅହମ୍ମଦାବାଦ ସହରାଞ୍ଚଳର ଅର୍ଦ୍ଧାଧିକ ସ୍ଥାନରେ ଏପରି ଘଟୁଛି। ସେହିପରି କୋଲକତାର ବହୁ ଅଞ୍ଚଳ ଏ ସମୟରେ ୫/୧୦ ମିଲିମିଟରରୁ ଅଧିକ ଏବଂ ସ୍ଥଳବିଶେଷରେ ୧୩ ମିଲିମିଟର ବା ତତୋଧିକ ନିମ୍ନଗାମୀ ହୋଇଚାଲିଛି। ଅନ୍ୟପକ୍ଷରେ ଚେନ୍ନାଇ ଠାରେ ଏହା ହାରାହାରି ୫ ମିଲିମିଟର ଏବଂ କେତେକ ସ୍ଥାନରେ ସର୍ବୋଚ୍ଚ ୧୦/୧୨ ମିଲିମିଟର ହେଲା ବେଳେ କୋଚି ଓ ପୁଡୁଚେରିରେ ଏହା ଯଥାକ୍ରମେ ୨୦/୨୨ ଏବଂ ୧୦/୧୫ ମିଲିମିଟର ହେଉଛି। ପୁନଶ୍ଚ କାକିନାଡ଼ାରେ ଏହି ନିମ୍ନଗାମୀ ପ୍ରକ୍ରିୟା ହେଉଛି ହାରାହାରି ବାର୍ଷିକ ୧୯/୨୦ ମିଲିମିଟର ଏବଂ ସ୍ଥଳବିଶେଷରେ ୩୦ ମିଲିମିଟର। ଭାରତର ୫ଟି ପ୍ରମୁଖ ତ୍ରିକୋଣଭୂମି ଯଥା ଗଙ୍ଗା-ବ୍ରହ୍ମପୁତ୍ର, ମହାନଦୀ, ଗୋଦାବରୀ, କ୍ରିଷ୍ଣା ଓ କାବେରୀରେ ୨୦ ମିଲିମିଟର କିମ୍ବା ଅଧିକ ଭାବେ ତାହା ଘଟୁଛି।

ଏହା ଫଳରେ ସମୁଦ୍ରସ୍ତର ଉର୍ଦ୍ଧ୍ୱଗାମୀ ହେଉଛି। ଉଦାହରଣସ୍ୱରୂପ, ୧୯୪୦ ରୁ ୨୦୦୦ ମସିହା ମଧ୍ୟରେ କୋଚି ଠାରେ ଏହା ବାର୍ଷିକ ୧.୪୫ ମିଲିମିଟର ହାରରେ ବଢ଼ିଲା ବେଳେ ୨୦୦୦ ମସିହାରୁ ୨୦୧୬ ମସିହା ମଧ୍ୟରେ ତାହା ୨.୨୪ ମିଲିମିଟର ଏବଂ ୨୦୧୬ ରୁ ୨୦୨୪ ମସିହା ମଧ୍ୟରେ ୧୭ ମିଲିମିଟରରେ ପହଞ୍ଚିଛି। ଦେଶର ଅନ୍ୟାନ୍ୟ ଉପକୂଳବର୍ତ୍ତୀ ଅଞ୍ଚଳରେ ଏହା ଅନୁରୂପ ଘଟୁଛି। ବର୍ତ୍ତମାନ ପୃଥିବୀର ପ୍ରାୟ ୭୦ ଶତାଂଶ ସମୁଦ୍ର ଉପକୂଳରେ ଭୂପତନ ଏବଂ ଜଳସ୍ତର ଉର୍ଦ୍ଧ୍ୱଗାମୀ ହେଉଛି। ତାହା ପରିବେଶ, ପରିସଂସ୍ଥା, କୃଷି ବସତି ଆଦିକୁ ନକାରାତ୍ମକ ଭାବେ ପ୍ରଭାବିତ କରୁଛି। ଅର୍ଥନୀତି ଉପରେ ତା'ର କୁପ୍ରଭାବ ପଡୁଛି। ପୁନଶ୍ଚ ଏହା ବନ୍ୟା, ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ଘଟଣା ବୃଦ୍ଧି କରୁଛି।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ସରକାରୀ ଅଧିକାରୀଙ୍କୁ ବିଜେପି ନେତାଙ୍କ ଦୁର୍ବ୍ୟବହାର ନିନ୍ଦନୀୟ

■ ଜଗନ୍ନାଥ ବନ୍ଧା ହୋଇଥିଲେ, ଅରିନ୍ଦମଙ୍କ ବେଳକୁ ନିରବ କାହିଁକି ?
■ ଶାସକ ଦଳରେ ଥାଇ ହିଂସା ଘଟାଇବାକୁ ପଛାଉ ନାହାନ୍ତି ବିଜେପି ନେତା

ଭୁବନେଶ୍ୱର,୧୮।୫(ସମିସ): ବିଜେପି କ୍ଷମତାକୁ ଆସିବା ପରେ ଦଳର ନେତା ଓ କର୍ମୀ ବାରମ୍ବାର ସରକାରୀ ଅଧିକାରୀଙ୍କୁ ଦୁର୍ବ୍ୟବହାର କରିବା ଓ ଘଟଣାରେ ସରକାର ଚୁପ୍ ରହିବାକୁ ନେଇ କଡ଼ା ସମାଲୋଚନା କରିଛି ବିଜେଡି। ଅରିନ୍ଦମ ରାୟ ଯେଉଁ ହିସାବରେ ବ୍ଲକ୍ କାର୍ଯ୍ୟାଳୟରେ ଏବିଡ଼ିଓ ଓ ମହିଳା ସରକାରୀ ଅଧିକାରୀଙ୍କୁ ବ୍ୟବହାର କରିଛନ୍ତି ତାହା କଦାଚିତ୍ ଗ୍ରହଣୀୟ ନୁହେଁ। ପୂର୍ବରୁ ବିଏମ୍‌ସିରେ ଘଟିଥିବା ଘଟଣାର ପ୍ରଚ୍ଛଦପଟ୍ଟରେ ଥିବା ଅଭିଯୋଗରେ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କୁ ଗିରଫ କରାଯାଇଥିଲା; ମାତ୍ର ବ୍ଲକ କାର୍ଯ୍ୟାଳୟରେ ସରକାରୀ ଅଧିକାରୀଙ୍କୁ ଧମକଚମକ ଓ ଅସଦବ୍ୟବହାର ଘଟଣାରେ ଅରିନ୍ଦମ ନିଜେ ସମ୍ପୃକ୍ତ ଥିଲେ ବି କାହିଁକି କାର୍ଯ୍ୟାନୁଷ୍ଠାନ ହୋଇନାହିଁ ବୋଲି ପ୍ରଶ୍ନ କରିଛି ବିଜେଡି ।

ସୋମବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ ଓ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଲେନିନ ମହାନ୍ତି ବିଜେପି ସରକାରରେ ସରକାରୀ ଅଧିକାରୀ ମାନେ ବାରମ୍ବାର ଦୁର୍ବ୍ୟବହାରର ଶିକାର ହେବା ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି । ଇପ୍‌ସିତା କହିଛନ୍ତି ଯେ ବିଜେପି ନେତା ଅରିନ୍ଦମ ରାୟ ଦୁଇ ଦିନ ତଳେ କଟକ ଜିଲ୍ଲାର ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ଯେଉଁଭଳି ଭାବେ ଜଣେ ଏବିଡିଓଙ୍କୁ ଦୁର୍ବ୍ୟବହାର କଲେ ତାହା ଅତ୍ୟନ୍ତ ଦୁଃଖଦାୟକ। ଅରିନ୍ଦମ ଓ ଆଠଗଡ଼ ଅଞ୍ଚଳର ଜଣେ ବିଜେପି ନେତା ଔଦ୍ଧତ୍ୟର ସବୁ ସୀମା ଟପିଯାଇଛନ୍ତି। ସରକାରୀ ଚାକିରିଟିଏ ପାଇଁ କେତେ ପରିଶ୍ରମ କରିବାକୁ ପଡେ, ତାହା ବିଜେପି ନେତା ମାନେ ଜାଣିନାହାନ୍ତି। ଏ ସରକାର ସମୟରେ ସରକାରୀ ଚାକିରି ଖଣ୍ଡେ ମିଳୁନଥିବା ବେଳେ ବିଜେପି ନେତା ମାନେ ଅଭଦ୍ରାମୀର ସବୁ ସୀମା ଟପିଚାଲିଛନ୍ତି। ଟାଙ୍ଗିରେ ଘଟିଥିବା ଘଟଣାରେ ଅରିନ୍ଦମ ରାୟ କାହିଁକି ଜେଲ ଯିବେନି ବୋଲି ଇପ୍ସିତା ପ୍ରଶ୍ନ କରିଛନ୍ତି ।

ଲେନିନ୍ କହିଛନ୍ତି ଯେ କଟକ ଜିଲ୍ଲାର ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ଅରିନ୍ଦମ ରାୟ ଏବିଡିଓଙ୍କୁ ଦୁର୍ବ୍ୟବହାର କରିବା ଓ ଜଣେ ମହିଳା ଜିପିଓଙ୍କ ସହ ଯେଉଁଭଳି ଭାବେ ବଚସା କଲେ ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ନାରୀ ବନ୍ଦନାର କଥା କହୁଥିବା ବିଜେପି ମହିଳା ଅଧିକାରୀଙ୍କୁ ଅସଦବ୍ୟବହାର କରୁଛି। ମାତ୍ର ତାଙ୍କ




ବିରୋଧରେ ବିଜେପି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଓଡ଼ିଶାରେ ବାରମ୍ବାର ହିଂସା ଘଟୁଥିବାରୁ ସାଧାରଣ ଜନତା ଭୟଭୀତ ହୋଇପଡ଼ିଛନ୍ତି। ବିଜେପି ନେତାମାନେ ବାରମ୍ବାର ସରକାରୀ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରୁଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ଶାନ୍ତିପ୍ରିୟ ଓଡ଼ିଶାକୁ ଅଶାନ୍ତ କରିବା ପାଇଁ ବିଜେପି ନେତାମାନେ ଯେଉଁ ଉଦ୍ୟମ କରୁଛନ୍ତି, ତାହା ଆଗକୁ ସଫଳ ହେବାକୁ ବିଜେଡି ଦେବ ନାହିଁ ବୋଲି ସେ କହିଛନ୍ତି ।

■ ଲାଞ୍ଚ ନେଉଥିବା ବେଳେ ମାଡ଼ିବସିଲା ଭିଜିଲାନ୍ସ

# ମହାକାଳପଡ଼ାର ପ୍ରଧାନଶିକ୍ଷକ ଗିରଫ

ମହାକାଳପଡ଼ା,୧୮।୫(ସମିସ): ଶେଷରେ ଭିଜିଲାନ୍ସ ଜାଲରେ ପଡ଼ିଲେ ମହାକାଳପଡ଼ା ବ୍ଲକ ଚଡେଇଗୁଆଁ ସ୍ଥିତ ଯୁଗରୂପା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଘୁନାଥ ଦାସ। ସୋମବାର ଲାଞ୍ଚ ଟଙ୍କା ନେଉଥିବା ସମୟରେ କଟକ ଭିଜିଲାନ୍ସ ଟିମ୍ ଚଢ଼ଉ କରି ତାଙ୍କୁ କାବୁ କରିଥିଲେ। ସୂଚନା ଅନୁସାରେ, ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପୋଷାକ ଯୋଗାଣ କରୁଥିବା ସଂସ୍ଥାଠାରୁ ଚେକ୍ ପ୍ରଦାନ ପାଇଁ ପ୍ରଧାନଶିକ୍ଷକ ୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏହା ସହ ବିଦ୍ୟାଳୟର ଜଣେ ରାତ୍ରି ଜଗୁଆଳ କର୍ମଚାରୀଙ୍କ ବକେୟା ଦରମା ପ୍ରଦାନ ପାଇଁ ମଧ୍ୟ ଅର୍ଥ ଦାବି କରିଥିବା ଅଭିଯୋଗ ହୋଇଥିଲା। ଏନେଇ କଟକ ଭିଜିଲାନ୍ସ ବିଭାଗରେ ପୂର୍ବରୁ ଅଭିଯୋଗ ହୋଇଥିଲା। ପୂର୍ବ ଯୋଜନା ଅନୁଯାୟୀ ସୋମବାର ସାଧା ପୋଷାକରେ ଥିବା ଭିଜିଲାନ୍ସ ଅଧିକାରୀମାନେ ପ୍ରଧାନଶିକ୍ଷକଙ୍କୁ ଟଙ୍କା ଗ୍ରହଣ କରୁଥିବା ବେଳେ ଧରିଥିଲେ। ପରେ ତାଙ୍କୁ ହେପାଜତକୁ ନେଇ ପଚରାଉଚରା ଚାଲିଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ମଧ୍ୟ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନରେ ଅଣ୍ଡା ଯୋଗାଣ ଅର୍ଥରେ ଅନିୟମିତତା ନେଇ ଏହି ପ୍ରଧାନଶିକ୍ଷକଙ୍କ ବିରୋଧରେ ଅଭିଯୋଗ ଆସିଥିଲା। ଭିଜିଲାନ୍ସ ବିଭାଗ କେସ୍ ନମ୍ବର ୨୦/୨୬ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଚଢ଼ଉ ସମୟରେ କଟକ ଓ କେନ୍ଦ୍ରାପଡ଼ା ଭିଜିଲାନ୍ସ ବିଭାଗର ଅଧିକାରୀମାନେ ସାମିଲ ଥିଲେ।




**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, CF.No. 42, dated 22/04/2026, I **KARUNAKAR MOHANTY**, S/o Kalandi Charan Mohanty resident of village At-Talabasta, PO: Talabasta, P.S: Banki, Dist: Cuttack, Odisha, PIN: 754007, declare that I have changed my name from **KUNA MOHANTY (Old Name)** to **KARUNAKAR MOHANTY (New Name)**. Henceforth, I shall be known as **KARUNAKAR MOHANTY** for all purposes.
Sd- **KARUNAKAR MOHANTY**

**AFFIDAVIT**

By virtue of an affidavit sworn before Executive Magistrate, Brahmagiri, dated 7/5/2026 I, Kumari Sajani Samantara, D/0: Sri Balabhadra Samantara, At-Nageswara, P/O- Bentapur, P/S-Brahmagiri, Dist: Puri, declare that I have changed my name from Sarojini Nayak to Kumari Sajani Samantara. Henceforth, I shall be known as **Kumari Sajani Samantara** for all purposes.
**Kumari Sajani Samantara**

**AFFIDAVIT**

By virtue of an affidavit before the Executive Magistrate, K.S. Nagar, Ganjam vide no. A-6 dtd.02.5.2026 I Smt. Reena Khangar, W/o- Sri Mahendra Kumar Khangar resident of At- House No.-180, ward no.- 04, near Airtel tower, Bajrang muhlla Deri, Tikangarh, Baldeogarh, Madhya Pradesh- 472115 state that, my actual name is **Reena Khangar** but I have deposited 4 nos. Kisan Vikas Patra bond bearing KVP No.- 74BC 496084 registration No.13101, KVP No. 74BC 496085 registration No.13101, KVP No. 74BC 496086 registration No. 13101 and KVP No. 74BC 496087 registration No. 13101 for amount of Rs. 5,000/- each at Sub Post Master, Gopinathpatana, Kabisuryanagar, Ganjam in which my name and address has been mentioned as Runu Sahu, W/o-Papu Sahu, C/o- Hema Jena (Mother) of Village At- Jena Street, Po./Ps.- Kabisuryanagar, Dist.- Ganjam. That, I am one and the same person as **Reena Khangar**,W/o-Mahendra Kumar Khangar alias Runu Sahu, W/o- Papu Sahu.


୨୧ରୁ ୩୦ ମଧ୍ୟରେ ପୁଲିସର 'ଅପରେସନ୍ ଅନ୍ୱେଷଣ'

# ନିଖୋଜ ଶିଶୁଙ୍କୁ ରାଜ୍ୟ ବାହାରୁ ଓଡ଼ିଶା ଅଣାଯିବ

ଭୁବନେଶ୍ୱର,୧୮।୫(ସମିସ): ରାଜ୍ୟ ପୁଲିସର ମହିଳା ଏବଂ ଶିଶୁ ଅପରାଧ ନିରାକରଣ ଶାଖା ପକ୍ଷରୁ ଆସନ୍ତା ୨୧ରୁ ୩୦ ମେ' ମଧ୍ୟରେ ଅପରେସନ୍ ଅନ୍ୱେଷଣ ଆରମ୍ଭ ହେବାକୁ ଯାଉଛି। ଏହି ଅପରେସନ୍‌ର ମୁଖ୍ୟ ଲକ୍ଷ୍ୟ ରହିଛି ରାଜ୍ୟ ବାହାରେ ନିଖୋଜ ହୋଇଥିବା ଶିଶୁମାନଙ୍କୁ ଉଦ୍ଧାର କରି ଓଡ଼ିଶା ପ୍ରତ୍ୟାବର୍ତ୍ତନ କରାଇବା। ରାଜ୍ୟ ବାହାରେ ନିଖୋଜ ଶିଶୁମାନେ ନିଖୋଜ ହୋଇଥିବାରୁ ବିଭିନ୍ନ କାରଣ ଯୋଗୁଁ ସେମାନଙ୍କୁ ଖୋଜିବା କଷ୍ଟକର ହେଉଛି। ଏଣୁ ରାଜ୍ୟ ପୁଲିସ ଏଭଳି ନିଷ୍ପତ୍ତି ନେଇଛି।

ଏଥିପାଇଁ ରାଜ୍ୟ ପୁଲିସର ପ୍ରତ୍ୟେକ ରେଞ୍ଜ୍ ଅଧୀନରେ କାର୍ଯ୍ୟରତ ଜଣେ ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ଏକ ୧୧ଜଣିଆ ସ୍ୱତନ୍ତ୍ର ଟିମ୍ ଗଠନ କରାଯିବ। ଏହି ଟିମ୍‌ରେ ଅତିରିକ୍ତ ଏସ୍‌ପିଙ୍କ ବ୍ୟତିତ ୨ଜଣ ଲେଖାଏଁ ଡିଏସ୍‌ପି, ଇନସ୍‌ପେକ୍ଟର ଏବଂ ଏସ୍‌ଆଇ ବା ଏଏସ୍‌ଆଇ ଓ ୪ଜଣ କନ୍‌ଷ୍ଟେବଲ ରହିବେ। କମିସନରେଟ୍ ପୁଲିସ ସମେତ ମୋଟ୍ ୮ଟି ରେଞ୍ଜ୍‌ରେ ଏହି ଅପରେଶନ କରାଯିବ। ପ୍ରତ୍ୟେକ ରେଞ୍ଜ୍‌କୁ ଦୁଇଟି ଲେଖାଏଁ ରାଜ୍ୟ ଆବଣ୍ଟନ କରାଯାଇଛି।

ଉତ୍ତରାଞ୍ଚଳ ରେଞ୍ଜ୍‌କୁ ଛତିଶଗଡ଼ ଏବଂ ମଧ୍ୟପ୍ରଦେଶ ଦାୟିତ୍ୱ ଦିଆଯାଇଥିବା ବେଳେ ଇଷ୍ଟର୍ଣ୍ଣ ରେଞ୍ଜ୍ ବାଲେଶ୍ୱରକୁ ଆସାମ ଏବଂ ପଶ୍ଚିମବଙ୍ଗ ଦାୟିତ୍ୱ ଦିଆଯାଇଛି। ସେଣ୍ଟ୍ରାଲ ରେଞ୍ଜ୍ କଟକକୁ ନୂଆଦିଲ୍ଲୀ ଏବଂ ରାଜସ୍ଥାନ ସେହିପରି କମିସନରେଟ୍ ପୁଲିସକୁ ମହାରାଷ୍ଟ୍ର ଏବଂ ଗୁଜୁରାଟ ଦାୟିତ୍ୱ ଦିଆଯାଇଛି। ଉତ୍ତର-ପୂର୍ବାଞ୍ଚଳ ରେଞ୍ଜ୍‌କୁ ଝାଡ଼ଖଣ୍ଡ ଏବଂ ବିହାର ଦାୟିତ୍ୱ ଦିଆଯାଇଛି।

ଆଇଜି ଏବଂ ଡିଆଇଜିଙ୍କ ତତ୍ତ୍ୱାବଧାନରେ ହେବାକୁ ଥିବା ଏହି ଅପରେଶନ୍‌ରେ ଅତିରିକ୍ତ ଏସ୍ ରାଜ୍ୟ ବାହାରକୁ ଯାଇଥିବା ଟିମ୍ ଏବଂ ରେଞ୍ଜ୍ କାର୍ଯ୍ୟାଳୟ ମଧ୍ୟରେ ସଂଯୋଜନା ରକ୍ଷା କରିବେ। ପ୍ରତ୍ୟେକ ଟିମ୍‌କୁ ୨ଭାଗରେ ବିଭକ୍ତ କରାଯିବ। ପ୍ରତ୍ୟେକ ଟିମ୍‌ରେ ୨ଜଣ ମହିଳା ପୁଲିସ କର୍ମଚାରୀ ରହିବେ। ଏହି ଟିମ୍ ରାଜ୍ୟ ବାହାରେ ବିଭିନ୍ନ ସାଇଟ୍‌କୁ ଯାଇ ଯାଞ୍ଚ କରିବେ। ମହିଳା ଏବଂ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ପ୍ରତ୍ୟେକ ରେଞ୍ଜ୍‌ରେ ଗଠନ ହୋଇଥିବା ଟିମ୍‌କୁ ଦୁଇ ଜଣ ଲେଖାଏଁ କର୍ମଚାରୀ( ପ୍ରାୟତଃ ଡିସିପିଓ) ଯୋଗାଇ ଦେବାକୁ ପୁଲିସ ପକ୍ଷରୁ ଅନୁରୋଧ କରାଯାଇଛି। ଏହା ସହ ଏଥିପାଇଁ ପାଣ୍ଠି ଯୋଗାଇ ଦେବୁ ମଧ୍ୟ ବିଭାଗକୁ କୁହାଯାଇଛି।

ନାବାଳିକା ଦୁଷ୍କର୍ମ ମାମଲା

# ଦୋଷୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ଜୟପୁର, ୧୮।୫(ସମିସ): ଜୟପୁର ଫାଷ୍ଟ ଟ୍ରାକ୍ ସ୍ୱତନ୍ତ୍ର କୋର୍ଟରେ ନାବାଳିକା ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରାଯାଇଛି। ଜୟପୁର ଫାଷ୍ଟ ଟ୍ରାକ୍ ସ୍ୱତନ୍ତ୍ର କୋର୍ଟ ତଥା ଆଡ଼ହକ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ସୁଶ୍ରୀ ପ୍ରଜ୍ଞା ନଳିନୀ ମିଶ୍ର ଏହି ମାମଲାର ବିଚାରଣା କରିବା ସହିତ ଅଭିଯୁକ୍ତ କୋରାପୁଟ ଜିଲ୍ଲା ବୋରିଗୁମ୍ମା ଥାନା ଚିକମା ଗ୍ରାମର ଜଗବନ୍ଧୁ ନାଗ ଓରଫ ବୁଡୁ (୫୨)ଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୨୧ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଟଙ୍କା ଅନାଦେୟେ ଦୋଷୀ ଅଧିକ ୧ ବର୍ଷ ୨ ମାସ ସଶ୍ରମ କାରାଦଣ୍ଡରେ ଭୋଗିବେ । ସେହିପରି ଜିଲ୍ଲା ଆଇନସେବା ପ୍ରାଧିକରଣ ଜରିଆରେ ପୀଡିତା ଓ ତାଙ୍କ ପରିବାରକୁ ସରକାରଙ୍କ ନିୟମ ଅନୁଯାୟୀ କ୍ଷତିପୂରଣ ବାବଦକୁ ପ୍ରଦାନ କରାଯାଉଥିବା ରାଶି ୬ ଲକ୍ଷ ଟଙ୍କା ଏବଂ ଦୋଷୀଙ୍କ ଠାରୁ ଜରିମାନା ବାବଦକୁ ଆଦାୟ ହୋଇଥିବା ୨୧ ହଜାର ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମାମଲା ଅନୁଯାୟୀ, ଗତ ୨୦୨୪ ମସିହାରେ ନାବାଳିକା ପୀଡିତାଙ୍କ ବାପା ଓ ମା' ଘରେ ନଥିବା ସମୟରେ ଅଭିଯୁକ୍ତ ତାଙ୍କ ଘରକୁ ଯାଇ ପୀଡିତାଙ୍କୁ ଛୁରା ଦେଖାଇ ବାରମ୍ବାର ଦୁଷ୍କର୍ମ କରୁଥିଲା ଏବଂ ଏଥିନେଇ କାହାକୁ କହିଲେ ଜୀବନରେ ମାରିଦେବାକୁ ଧମକ ଦେଉଥିଲା। ଏହା ଫଳରେ ନାବାଳିକା ପୀଡ଼ିତା ଗର୍ଭବତୀ ହୋଇଯାଇଥିଲେ। ଏଥିନେଇ ପୀଡିତାଙ୍କ ପିତା ଜୟପୁର ମହିଳା ଥାନାରେ ଅଭିଯୁକ୍ତଙ୍କ ବିରୋଧରେ ଏତଲା କ୍ରମେ ମହିଳା ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲେ। ତତ୍କାଳୀନ ମହିଳା ଥାନା ଅଧିକାରୀ ଅନିତା କୁଜୁର ତାଙ୍କୁ ଗିରଫ କରିକୋର୍ଟ ଚାଲଣ କରିଥିଲେ। ଏହି ମାମଲାକୁ ସରକାରଙ୍କ ପକ୍ଷର ସ୍ୱତନ୍ତ୍ର ସରକାରୀ ଆଇନଜୀବୀ ସୁରେଶ କୁମାର ହଡ଼ପ ପରିଚାଳନା କରିଥିଲେ।

# ମହାରାଷ୍ଟ୍ରରେ ସଡ଼କ ଦୁର୍ଘଟଣା: ୧୩ ମୃତ, ୨୫ ଆହତ

ପାଲଘର,୧୮।୫(ଏଜେନ୍ସି): ମହାରାଷ୍ଟ୍ରର ପାଲଘର ଜିଲ୍ଲା ମୁମ୍ବାଇ-ଅହମ୍ମଦାବାଦ ଜାତୀୟ ରାଜପଥରେ ସଡ଼କ ଦୁର୍ଘଟଣାରେ ୧୩ ଜଣଙ୍କର ପ୍ରାଣହାନୀ ଘଟିବା ସହ ଅନ୍ୟ ୨୫ ଜଣ ଗୁରୁତର ଆହତ ହୋଇଛନ୍ତି। ବେପରୁଆ ଭାବେ ଆସୁଥିବା ଦ୍ରୁତଗାମୀ କଣ୍ଟେନର ଟ୍ରେଲର ଏକ ଟେମ୍ପୋ ଉପରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ହିଁ ଅନେକ ଲୋକଙ୍କର ମୃତ୍ୟୁ ଘଟିଥିଲା।



ଟେମ୍ପୋରେ ୫୦ରୁ ଅଧିକ ଯାତ୍ରୀ ଯାତ୍ରା କରୁଥିଲେ। ଏକ ନିର୍ବନ୍ଧ ଉତ୍ସବରେ ଯୋଗ ଦେବା ପାଇଁ ଯାଉଥିବା ସମୟରେ ଏହି ଅଘଟଣ ଘଟିଥିଲା। ଟେମ୍ପୋ ମୁମ୍ବାଇ-ଗୁଜରାଟ ଲେନର ଭୁଲ ପାର୍ଶ୍ୱରେ ଗତି କରୁଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଦ୍ରୁତଗାମୀ କଣ୍ଟେନର ଟ୍ରକ୍ ପ୍ରଥମେ ଜଣେ ମୋଟରସାଇକେଲ ଆରୋହୀଙ୍କୁ ଧକ୍କା ଦେଇଥିଲା ଏବଂ ପରେ ଭାରସାମ୍ୟ ହରାଇ ଟେମ୍ପୋ ଉପରେ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ଆହତ ହୋଇଥିବା ୨୫ ଜଣଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।


**AFFIDAVIT**

I, Sandhyarani Pradhan, W/o. Suresh Chandra Pradhan, D/o. Abhinash Patra, At. Santia Near GK Bhatter Hospital, Po/PS: Jaleswar, Dist. Baleshwar, PIN: 756032, declare by this Affidavit before the Notary, Jaleswar my date of birth wrongly mentioned as 01.01.1957 in my Aadhar card No. 909913605757, while the date of Birth mentioned in valid document PAN card no. BLLPP5039H is 09.01.1950 which is indeed to correct. Henceforth, I request UIDAI to update my Date of Birth according to my valid document.

**AFFIDAVIT**

By virtue of an affidavit on dtd-18/05/2026 sworn before The Executive Magistrate, Angul. I, Nikita Navanita Mall, D/o Late Manas Mall, resident of Vill: Biswanathpur, PO: Gotamara, PS: Banarpal, Dist: Angul, Odisha, PIN: 759128 declare that, my actual name is Nikita Navanita Mall which is recoded in my Aadhaar Card (No. 8750 9287 9206), PAN Card, Higher Secondary Education Certificate (+2), Bank Pass Book of Indusind Bank, but in in the BSE Certificate (10th Pass) recorded as Nikita Navanita. That, I declare that Nikita Navanita Mall and Nikita Navanita are same and one person in the locality i.e. myself **Nikita Navanita Mall** for all official, non-official, and legal purposes.


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୟୁକ୍ରେନ୍ ଡ୍ରୋନ୍ ମାଡ଼ରେ...

ହୋଇଥିବା ଖବର ମିଳିଛି। ରାମାୟାଙ୍କ ମୃତ୍ୟୁ ସମ୍ପର୍କରେ ତାଙ୍କର ସେଠାରେ ଥିବା ବନ୍ଧୁମାନେ ଫୋନ ଯୋଗେ ଓଡ଼ିଶାରେ ଥିବା ପରିବାର ଲୋକଙ୍କୁ ଜଣାଇଥିଲେ। ଖବର ପାଇବା ପରେ ଶୋକାକୁଳ ପରିବାର ଲୋକେ ହରିପୁର ନିକଟରେ ଥିବା ସମ୍ପୃକ୍ତ ଏଜେନ୍ସି ଅଫିସକୁ ଯାଇ ଏ ବାବଦରେ ପଚରାଉଚରା କରିଥିଲେ। ଆଜି ଚିକିଟିରେ ହୋଇଥିବା ଜିଲ୍ଲାପାଳଙ୍କ ଜନ ଶୁଣାଣିରେ ରାମାୟାଙ୍କ ଶବ ନିଜ ଗ୍ରାମକୁ ଫେରାଇ ଆଣିବା ପାଇଁ ପରିବାର ଓ ଗ୍ରାମବାସୀଙ୍କ ପକ୍ଷରୁ ଗୁହାରି କରିଥିଲେ। ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଜିଲ୍ଲାପାଳ ମୃତକଙ୍କ ପରିବାରକୁ ଗଭୀର ସମବେଦନା ଜଣାଇବା ସହ ଶବ କିପରି ଖୁବଶୀଘ୍ର ଗ୍ରାମରେ ପହଞ୍ଚିବ ସେଥିପାଇଁ ପ୍ରଶାସନ ପକ୍ଷରୁ ଚେଷ୍ଟା ଜାରି ରହିଛି ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଦୁଃଖ ପ୍ରକାଶ କରିଛନ୍ତି। ମୁଖ୍ୟ ମନ୍ତ୍ରୀଙ୍କ ଶହ କଥା ହୋଇ କିପରି ମରଶରୀର, ଭାରତ ଆସି ଘର ଲୋକଙ୍କ ପାଖରେ ପହଞ୍ଚିବ ତାହା ଦିଗରେ ଚେଷ୍ଟା କରୁଛି କହିଛନ୍ତି। ମୃତ ରାମାୟା ପରିବାରର ଏକମାତ୍ର ରୋଜଗାରିଆ ପୁଅ ଥିଲେ। ତାଙ୍କର ଆକସ୍ମିକ ବିୟୋଗ ପରେ ପରିବାରର ଆର୍ଥିକ ମେରୁଦଣ୍ଡ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଏହି ଦୁଃଖଦ ଖବର ପ୍ରସାରିତ ହେବା ପରେ ସ୍ଥାନୀୟ ଅଞ୍ଚଳର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ମୃତକଙ୍କ ବାସଭବନରେ ପହଞ୍ଚି ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଅସହାୟ ପରିବାରକୁ ତୁରନ୍ତ ସରକାରୀ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀ ପ୍ରଶାସନ ନିକଟରେ ଆକୁଳ ନିବେଦନ କରିଛନ୍ତି। ଗଞ୍ଜାମ ଜିଲ୍ଲାରେ ଦାଦନ ଯନ୍ତ୍ରଣା କମୁନି। ରାଜ୍ୟ ବାହାରେ କାର୍ଯ୍ୟରତ ଜିଲ୍ଲାର ଅନେକ ଯୁବକ ବିଭିନ୍ନ ସମୟରେ ପ୍ରାଣ ହରାଉଥିବା ବେଳେ ଦେଶ ବାହାରକୁ କାମ ଅନ୍ୱେଷଣରେ ଯାଉଥିବା ବହୁ ଯୁବକ ମଧ୍ୟ ବିଭିନ୍ନ ସମୟରେ ମୃତ୍ୟୁବରଣ କରୁଥିବା ଖବର ସାମ୍ନାକୁ ଆସୁଛି। ଏହାର ସ୍ଥାୟୀ ପ୍ରତିକାର ପାଇଁ ସରକାର ରୋଜଗାର ପନ୍ଥା ବାହାର କରି ସ୍ଥାନୀୟ ଅଞ୍ଚଳରେ ନିଯୁକ୍ତି ସୁଯୋଗ ପ୍ରଦାନ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

### ଗୁଳୁଗୁଳିରୁ ନିସ୍ତାର...

ରାଜ୍ୟର ଅନେକ ସ୍ଥାନରେ ଉଷ୍ମ ଓ ଆର୍ଦ୍ର ପାଣିପାଗ ସ୍ଥିତି ସୃଷ୍ଟି ହେବା ନେଇ ପୂର୍ବାନୁମାନ କରିବା ସହ ଆଲର୍ଟ ଜାରି କରିଛି। ମଙ୍ଗଳବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ଅନୁଗୁଳ, ସୋନପୁର ଓ ବୌଦ୍ଧ ଜିଲ୍ଲାରେ ପ୍ରବଳ ଗୁଳୁଗୁଳି ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଆଲର୍ଟ ଜାରି କରିଛି।

ଅନ୍ୟପଟେ ବଙ୍ଗୋପସାଗରେ ଧୀରେ ଧୀରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ହେବାରେ ଲାଗିଛି। ଦକ୍ଷିଣ-ପୂର୍ବ ଆରବ ସାଗରର କିଛି ଅଞ୍ଚଳ, ଦକ୍ଷିଣ-ପଶ୍ଚିମ ଏବଂ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର, ଆଣ୍ଡାମାନ ସାଗରର ବହୁ ଅଞ୍ଚଳ, ସମଗ୍ର ନିକୋବାର ଦ୍ୱୀପପୁଞ୍ଜ ଏବଂ ଶ୍ରୀ ବିଜୟ ପୁରମ ସହ ଆଣ୍ଡାମାନ ଦ୍ୱୀପପୁଞ୍ଜର କିଛି ଅଞ୍ଚଳକୁ ମୌସୁମୀ ଅଗ୍ରସର ହୋଇଥିବାବେଳେ କେରଳରେ ଆସନ୍ତା ୨୬ ତାରିଖ ବେଳକୁ ମୌସୁମୀ ପ୍ରବେଶ କରିବାର ସମ୍ଭାବନା ରହିଛି। ତେବେ ଓଡ଼ିଶାରେ କେବେ ମୌସୁମୀ ବାୟୁ ଛୁଇଁବ ତାହା ଜୁନ୍ ୧ ତାରିଖ ବେଳକୁ ସ୍ପଷ୍ଟ ହେବ ବୋଲି ପାଣିପାଗ କେନ୍ଦ୍ର କହିଛି।

### ଖାଲିଦ୍‌ଙ୍କୁ ଜାମିନ...

କଶ୍ମୀରର ସୟଦ ଇଫତିଖାର ଅନ୍ଦରାବିଙ୍କୁ ଜାମିନ ପ୍ରଦାନ କରିବା ଅବସରରେ ଜଷ୍ଟିସ ବିଭି ନାଗରତ୍ନ ଏବଂ ଜଷ୍ଟିସ ଉଜ୍ଜଳ ଭୂୟାଁଙ୍କୁ ନେଇ ଗଠିତ ସୁପ୍ରିମ କୋର୍ଟର ଏକ ବେଞ୍ଚ ଆଜି ଏଭଳି ମନ୍ତବ୍ୟ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ, ୟୁଏପିଏର ଧାରା ଅଧୀନରେ ଜାମିନ ପାଇଁ କଠୋର ସର୍ତ୍ତାବଳୀ ରହିଛି। ମାତ୍ର ଏହା ସମ୍ବିଧାନ ଦ୍ୱାରା ପ୍ରଦତ୍ତ ବ୍ୟକ୍ତିଗତ ସ୍ୱାଧୀନତାର ଗ୍ୟାରେଣ୍ଟିକୁ ବଳିଯାଇ ପାରିବ ନାହିଁ। କେବଳ ୟୁଏପିଏ ଅଧୀନରେ ଅଭିଯୋଗ ହୋଇଥିବାରୁ ଜାମିନ ପ୍ରଦାନକୁ ସ୍ୱୟଂଚାଳିତ ଭାବେ ପ୍ରତ୍ୟାଖ୍ୟାନ କରାଯାଇପାରିବ ନାହିଁ ବୋଲି କୋର୍ଟ କହିଛନ୍ତି। ୨୦୨୦ ଦିଲ୍ଲୀ ଦଙ୍ଗା ମାମଲାରେ ଷଡ଼ଯନ୍ତ୍ର ଅଭିଯୋଗରେ ସେପ୍ଟେମ୍ବର ୨୦୨୦ରୁ ଜେଲରେ ଥିବା ଉମର ଖାଲିଦଙ୍କୁ ଚଳିତ ବର୍ଷ ଜାନୁଆରୀରେ ଜାମିନ ମିଳିନଥିଲା। ଖାଲିଦଙ୍କ ଜାମିନ ଖାରଜ କରିବା ସମୟରେ ନିୟମଗୁଡ଼ିକର ସଠିକ ଅନୁପାଳନ ହୋଇନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ୨୦୨୧ରେ କେ.ଏ. ନଜିବ ମାମଲାର ଏକ ବୃହତ୍ତର ଖଣ୍ଡପୀଠଙ୍କ ରାୟ ଅନୁଯାୟୀ, ଦୀର୍ଘ ସମୟ ଧରି ବିଚାର ପ୍ରକ୍ରିୟା ବିଳମ୍ବ ହେବା ଜାମିନ ପାଇଁ ଏକ ଯଥାର୍ଥ ଆଧାର ହୋଇପାରେ। ଜାମିନ ପ୍ରଦାନ ସଂପର୍କରେ ତିନି ଜଣିଆ ଖଣ୍ଡପୀଠ ଯେଉଁ ରାୟ ଦେଇଥିଲେ, ତାହାକୁ ଏକ ଦୁଇ ଜଣିଆ ବେଞ୍ଚ ବଦଳାଇପାରିବ ନାହିଁ କି ଅସମ୍ମାନ କରିପାରିବ ନାହିଁ। ସେହି ମାମଲାକୁ ବୃହତ୍ତ ବେଞ୍ଚକୁ ପଠାଇବା ଉଚିତ ଥିଲା। ଜଷ୍ଟିସ ଭୂୟାଁ କହିଛନ୍ତି ଯେ, ନ୍ୟାୟିକ ଶୃଙ୍ଖଳା ଅନୁଯାୟୀ ଏକ ଛୋଟ ଖଣ୍ଡପୀଠ ବୃହତ୍ତର ଖଣ୍ଡପୀଠଙ୍କ ନିଷ୍ପତ୍ତିକୁ ଅଣଦେଖା ବା କୋହଳ କରିପାରିବେ ନାହିଁ। କୋର୍ଟ ସତର୍କ କରାଇ ଦେଇଛନ୍ତି ଯେ, ଯଦି ଅଭିଯୋଗକୁ ପ୍ରାଥମିକ ଭାବେ ସତ୍ୟ ମାନି ବର୍ଷ ବର୍ଷ ଧରି ଜାମିନ ନଦିଆଯାଏ, ତେବେ ବିଚାର ପୂର୍ବରୁ ଅଭିଯୁକ୍ତକୁ ଏକ ବନ୍ଦୀ ଜୀବନ ବିତାଇବାକୁ ହେବ ଏବଂ ଏହା ଏକ ଦଣ୍ଡ ସଦୃଶ। ଏହାକୁ ରୋକିବା ପାଇଁ ତ୍ୱରିତ ବିଚାରର ଅଭାବକୁ ଜାମିନ ପାଇଁ ଆଧାର ଭାବେ ଗ୍ରହଣ କରାଯିବା ଆବଶ୍ୟକ।

### ଦଳୀୟ ନେତାଙ୍କୁ...

ସୂଚନା ଦେଇଛନ୍ତି। ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କହିଛନ୍ତି ଯେ ଉନ୍ନୟନମୂଳକ କାର୍ଯ୍ୟ କିପରି ଲୋକଙ୍କ ନିକଟରେ ପହଞ୍ଚିପାରିବ ସେନେଇ ନିଷ୍ଠାପର ଭାବେ ଉଦ୍ୟମ କରିବାକୁ ଶ୍ରୀ ନବୀନ ପରାମର୍ଶ ଦେଇଛନ୍ତି। ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ ଆମର ମୁଖ୍ୟ ଲକ୍ଷ୍ୟ ହେବା ଉଚିତ୍। ଦଳର ନେତାମାନେ ରାଜ୍ୟବ୍ୟାପୀ ନିରନ୍ତର ପ୍ରବାସ ସହ ଦଳର ମନ୍ତ୍ରୀ, ପ୍ରଭାରୀ ତଥା ବିଧାୟକମାନେ ନିରନ୍ତର ଭାବେ ଜନସମ୍ପର୍କ ରକ୍ଷା କରିବାକୁ ସଭାପତି ପରାମର୍ଶ ଦେଇଥିବା ଶ୍ରୀ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ଏହି ବୈଠକରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଜୁଏଲ୍ ଓରାମ, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ ସିଂ ତୋମାର, ସହ ପ୍ରଭାରୀ ଲତା ଉସେଣ୍ଡିଙ୍କ ସମେତ ସହ କୋର୍ କମିଟି ସଦସ୍ୟ ସାମିଲ ହୋଇଥିଲେ।

### ୨୦ରେ +୨...

ପରୀକ୍ଷାରେ ଅନୁପସ୍ଥିତ ରହିଛନ୍ତି। ଚଳିତ ବର୍ଷ ପ୍ରଥମ ଥର ପାଇଁ ଗୋଟିଏ ବିଷୟରେ ମାର୍କ ବଢ଼ାଇବାକୁ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ବ୍ୟବସ୍ଥା କରାଯାଇଛି। ସମସ୍ତ ପରୀକ୍ଷାରେ ପାସ୍ କରିଥିବା ପିଲାମାନେ କେବଳ ଗୋଟିଏ ବିଷୟରେ ଅଧିକ ମାର୍କ ରଖିବା ପାଇଁ ଏହି ଇମ୍ପ୍ରୁଭମେଣ୍ଟ (ଉନ୍ନତି) ପରୀକ୍ଷା ଦେଇପାରିବେ। ନିଜ ଇଚ୍ଛା ମୁତାବକ କେବଳ ଗୋଟିଏ ବିଷୟରେ ହିଁ ଏହି ପରୀକ୍ଷା ଦେବାକୁ ଛାତ୍ରଛାତ୍ରୀଙ୍କୁ ସୁଯୋଗ ମିଳିବ। ଏକାଧିକ ବିଷୟରେ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ଦେଇପାରିବେ ନାହିଁ। ସେହିପରି ଗୋଟିଏ ପରୀକ୍ଷାରେ ଫେଲ୍ ହୋଇଥିବା ପିଲାମାନେ ପୂର୍ବପରି ଇନଷ୍ଟାଣ୍ଟ ପରୀକ୍ଷା ଦେବେ। ଇନଷ୍ଟାଣ୍ଟ ପରୀକ୍ଷା ସହ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ଏକା ସମୟରେ ଅନୁଷ୍ଠିତ ହେବା ସହ ସମାନ ଦିନ ପରୀକ୍ଷା ଫଳ ପ୍ରକାଶ ପାଇବ। ନିୟମିତ ପରୀକ୍ଷାର ଫଳ ପ୍ରକାଶ ପାଇବାର ୬୦ ଦିନ ବା ୨ ମାସ ମଧ୍ୟରେ ଏସବୁ ପରୀକ୍ଷା ସରି ରେଜଲ୍ଟ ପ୍ରକାଶ ପାଇବ।

### କୋଚିଂ ସେଣ୍ଟର୍...

ସ୍ଥାନରେ ଚଢ଼ଉ କରାଯାଇ ଅନେକ ଆପତ୍ତିଜନକ ଦଲିଲ୍, ଲାପଟପ୍ ଏବଂ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଏହି ରାକେଟରେ ସମ୍ପୃକ୍ତ ଥିବା ମଧ୍ୟସ୍ଥିମାନେ ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରି ସେମାନଙ୍କୁ ପରୀକ୍ଷା ପୂର୍ବରୁ ସମ୍ଭାବ୍ୟ ପ୍ରଶ୍ନପତ୍ର ପଢ଼ାଉଥିଲେ। ବର୍ତ୍ତମାନ ସୁଦ୍ଧା ଏହି ମାମଲାରେ ୧୦ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ସାରିଛି।

### ଦକ୍ଷିଣ-ପଶ୍ଚିମ ଓଡ଼ିଶାରେ...

ତେଲ ଶେଷ ହେବ ସେ ସମ୍ପର୍କରେ ସୂଚନା ତେଲ କମ୍ପାନୀ ପାଇପାରିବେ। ତେଣୁ ତେଲ କମ୍ପାନୀ ସ୍ଥିତି ସମ୍ପର୍କରେ ଅବଗତ ଥିବା ସତ୍ତ୍ୱେ ଯୋଗାଣ କମ୍ କରୁଥିବାରୁ ଏପରି ସ୍ଥିତି ଉପୁଜିଛି। ସର୍ବଭାରତୀୟ ପେଟ୍ରୋଲିୟମ୍ ଡିଲର ସଂଘର ମହାସଚିବ ସଞ୍ଜୟ ଲାଠ୍ କହିଛନ୍ତି ଯେ ନିକଟରେ ଦେଶରେ ମଧ୍ୟ ଉଭୟ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଲିଟର ପିଛା ୩ ଟଙ୍କା ବୃଦ୍ଧି ହୋଇଛି। ହେଲେ ତୈଳ କମ୍ପାନୀଗୁଡିକ କ୍ଷତି ବଢ଼ୁଥିବା ଦର୍ଶାଇ ତେଲ ଦରରେ ଆହୁରି ବୃଦ୍ଧି ଘଟାଇବାକୁ ସରକାରଙ୍କ ପାଖରେ ଅଡିବସିଛନ୍ତି। ଏପରିକି ତୈଳ ଯୋଗାଣ ସଙ୍କୁଚିତ କରିଛନ୍ତି। ଫଳସ୍ୱରୂପ ତେଲ ଅଭାବ ଯୋଗୁ ନିକଟରେ ସାରା ରାଜ୍ୟରେ ଏକ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ମାତ୍ର ଏହା ପୂର୍ବରୁ ଉପାନ୍ତ ଅଞ୍ଚଳରେ ବି ତେଲ ସମସ୍ୟା ରହିଥିଲା। ଭୁବନେଶ୍ୱର ଓ କଟକରେ ସ୍ଥିତି ଅସମ୍ଭାଳ ହେବା ପରେ ଏହା ଲୋକଙ୍କ ଦୃଷ୍ଟିକୁ ଆସିଲା। ତଥାପି ଏହି ପ୍ରସଙ୍ଗ ଏବେ ବି ସମାଧାନ ହୋଇପାରି ନାହିଁ।


32001/233/2627 — email Id: - eecanalbgh11@gmail.com

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER,**
**BARGARH IRRIGATION DIVISION, BARGARH**
**e-Procurement Notice No.BID-04 /2026-27 dt.15.05.2026**
**Bid Identification No. BID-04(01)/2026-27 (Online)**

| | | | |
|---|---|---|---|
| 1. | Name of the work | : | Shifting of LT and 11 KV line and Substation for Construction of River Embankment cum Ring Road on the Left Bank of River Jeera from Sai Mandir to Ruhunia, Bargarh. |
| 2. | Total No. of works | : | 1 No. |
| 3. | Estimated Cost | : | Rs. 11.31 Lakh (approx) |
| 4. | Class of Contractor | : | D & C with HT License |
| 5. | Period of completion | : | 30 (Thirty) days |
| 6. | EMD Required | : | Rs. 11,400.00 |
| 7. | Online for bidding | : | Dt.21.05.2026 at 10:00 A.M to 30.05.2026 at 05:00 P.M |
| 8. | Last Date / time for receipt of bids in the portal | : | Dt.30.05.2026 at 5:00 P.M. |
| 9. | Date & time of opening of tender | : | Dt.01.06.2026 at 10:00 A.M. |
| 10. | Name & Address of the Officer inviting bid | : | Superintending Engineer, Bargarh Irrigation Division, Bargarh – 768028 Email id: - eecanalbgh11@gmail.com |

1. Any addendum/ corrigendum/ cancellation / erratum of tender can also be seen in the said website.
2. Further details can be seen from Government website www.tendersodisha.gov.in

Superintending Engineer
Bargarh Irrigation Division, Bargarh

OIPR-32001/32461/1/26-27/0004

**GOVERNMENT OF ODISHA** — 32001/236/2627
**OFFICE OF THE SUPERINTENDING ENGINEER,**
**UPPER KOLAB IRRIGATION DIVISION,**
**BORIGUMMA, DIST: KORAPUT.**
**e-Procurement Notice**
**Bid Identification No. SEUKID-01/2026-27 Dated: 13.05.2026**

Bid Documents consisting of work, Estimated Cost, cost of bid document, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in .

| | |
|---|---|
| 1. Name of the Work | : Civil Works |
| 2. No. of Works | : 18 Nos |
| 3. Estimated Cost | : Rs.7.96 Lakhs to Rs.12.96 Lakhs |
| 4. Period of completion | : Two calendar months |
| 5. Date & Time of Bidding | : From 11.00 hours of **19.05.2026** Up to 17.00 hours of **30.05.2026** |
| 6. Last date & time for receipt of bids in portal | : **30.05.2026** up to 17.00hours. |
| 7. Bids received online shall be opened on | : 11.00 hours of **01.06.2026** |
| 8. Name and address of the officer inviting Bid | : Superintending Engineer, Upper Kolab Irrigation Division, Borigumma (K) |

Further details can be seen from the www.tendersodisha.gov.in.
Addendum/corrigendum/cancellation required, if any will be published in Govt. Website only.

Superintending Engineer,
Upper Kolab Irrigation Division,
Borigumma (K)

OIPR-32001/32482/1/26-27/0002

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated- 18/05/2026. I, **Tridevdash Majhi** (new name), S/o Dayanidhi Majhi, permanent & current resident of AT: Bhalegaon, PO: Luthurbandha, PS: Titilagarh, Dist: Balangir, State: Odisha, PIN: 767033 declare that I have changed my name from **Kunal Majhi** (old name) to **Tridevdash Majhi** (new name).
Henceforth, I shall be known as **Tridevdash Majhi** (new name) for all future purposes.
**(Tridevdash Majhi)**

**AFFIDAVIT**

I, Runu Puhan, aged about 55 years, W/o-Dushasan Puhan, resident of At - Panuberani, Po-Patala, Ps-Balimi, Dist-Dhenkanal, PIN-759121, Odisha declared by this affidavit No. 986, dtd- 16/05/2026 that now onwards I shall be known as **RUNUBALA PUHAN** for all future purposes.

**AFFIDAVIT**

By virtue of an affidavit (No. 809, dtd- 15/05/2026) sworn before The Executive Magistrate, Begunia. I, **Chintamani Parida,** S/o- Madhu Parida, permanent & current resident of AT: Koluhapatana, PO: Badaberana, PS: Begunia, Dist: Khordha, PIN: 752061, State: Odisha declare that I have changed my minor son's name from **Somnath Parida** (old name) to **Soumendra Das Parida** (new name). Henceforth, he shall be known as **Soumendra Das Parida** (new name) for all purposes.
**(Chintamani Parida)**

**AFFIDAVIT**

By virtue of an affidavit (CF No. 01, date: 18/05/2026) sworn before The Executive Magistrate, Padampur. I, **Chandrakanti Bariha** (new name), D/o Birabal Bariha, permanent & current resident of AT: Jagadalpur, PO/PS: Jagadalpur, Dist: Bargarh, PIN: 768036, State: Odisha declare that I have changed my name from **Chandrika Bariha** to **Chandrakanti Bariha.**
Henceforth, I shall be known as **Chandrakanti Bariha** (new name) for all purposes.
**(Chandrakanti Bariha)**

**AFFIDAVIT**

By virtue of an affidavit (No. 10197, dtd- 13/05/2026) sworn before The Executive Magistrate, Khordha. I, **Brajabandhu Sahoo,** S/o-Lachhaman Sahoo, resident of Vill/PO: Pubusahi, PS/Dist: Khordha, Odisha declare that, my actual name is Brajabandhu Sahoo which is mentioned in my Aadhaar Card (No. 3736 0059 4931) & my Voter I-Card, but in my LIC Policy (No.574721572) my name has been recorded as **Bajendra Sahu.** Henceforth, both the names **Brajabandhu Sahoo** and **Bajendra Sahu** are same and one person in the locality i.e. myself **Brajabandhu Sahoo** for all official, non-official, and legal purposes.
**(Brajabandhu Sahoo)**

## ଲକ୍ଷ୍ୟଠାରୁ ଦୂରେଇ ଯାଉଛି ଯୋଜନା

# ଅଲୋଡ଼ା ହୋଇ ପଡ଼ିଛି ମାର୍କେଟ୍ କମ୍ପ୍ଲେକ୍ସ; ତଥାପି ଚାଲିଛି ନିର୍ମାଣ

ବନ୍ତ/ଆଗରପଡ଼ା,୧୮।୫(ସମିସ)





ସରକାର ଗ୍ରାମାଞ୍ଚଳର ବିକାଶ ନିମନ୍ତେ ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରୁଥିବାବେଳେ ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ଯୋଜନାର ସଫଳ ରୂପାୟଣ ହୋଇପାରୁ ନ ଥିବା ଜଣାପଡ଼ିଛି। ଏହିପରି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବନ୍ତ ବ୍ଲକ୍‌ରେ ନିର୍ମିତ ମାର୍କେଟ୍ କମ୍ପ୍ଲେକ୍ସ କ୍ଷେତ୍ରରେ। ବନ୍ତ ବ୍ଲକ୍‌ର ୨୫ଟି ପଞ୍ଚାୟତର ବିଭିନ୍ନ ପଞ୍ଚାୟତରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ମାର୍କେଟ କମ୍ପ୍ଲେକ୍ସ ବ୍ୟବହାର ଯୋଗ୍ୟ ହୋଇ ନ ପାରି ଅଲୋଡ଼ା ହୋଇ ପଡ଼ିରହିଥିବାରୁ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନୀ ଘଟୁଥିବାବେଳେ ବର୍ତ୍ତମାନ ବଡ଼ବର୍ଛିକୟାଁ ପଞ୍ଚାୟତରେ ରାଜ୍ୟ ଅର୍ଥ କମିଶନ ଯୋଜନାରେ ୨୦୨୧-୨୨ ଆର୍ଥିକ ବର୍ଷରେ ଅନୁମୋଦିତ ହୋଇଥିବା ୧୦ ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଚାଲିଥିବା ଜଣାପଡ଼ିଛି। ପୂର୍ବରୁ ବର୍ଷ ବର୍ଷ ଧରି ଲକ୍ଷାଧିକ ଟଙ୍କା ବ୍ୟୟରେ ବିଭିନ୍ନ ପଞ୍ଚାୟରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହୋଇ କାର୍ଯ୍ୟରେ ଲାଗି ନ ପାରି ଅଲୋଡ଼ା ହୋଇ ପଡ଼ିରହିଥିବା ବେଳେ ଏଠାରେ କାହା ସ୍ୱାର୍ଥରେ ପୁଣି ୧୦ ଲକ୍ଷ ଟଙ୍କା ବ୍ୟୟରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଚାଲିଛି ତାହା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ବିଭାଗ ଅଧିକାରୀ ଜାଣିଶୁଣି ସରକାରୀ ଅର୍ଥର ଅପବ୍ୟବହାର କରୁନି ତ ବୋଲି ସାଧାରଣରେ ପ୍ରଶ୍ନ ଉଙ୍କି ମାରୁଛି।

ସୂଚନା ଅନୁଯାୟୀ, ଗୋପିନାଥପୁର ପଞ୍ଚାୟତ ପକ୍ଷରୁ ଆଗରପଡ଼ା ବଜାରଠାରେ ନିର୍ମିତ ମାର୍କେଟ କମ୍ପ୍ଲେକ୍ସ ନିର୍ମିତ ହେବାର ବର୍ଷାଧିକ କାଳ ପରେ ମଧ୍ୟ ବ୍ୟବହାର ହୋଇ ନ ପାରି ପଡ଼ି ରହିବା ପରେ କିଛି ମାସ ତଳେ ଏହା କାର୍ଯ୍ୟକ୍ଷମ ହେବାର ପଞ୍ଚାୟତ ତରଫରୁ ସୂଚନା ମିଳିଥିବାବେଳେ ମାର୍କେଟ କମ୍ପ୍ଲେକ୍ସକୁ ଦେଖିଲେ ଏହା ସରକାରୀ ନିୟମକୁ ଉଲ୍ଲଂଘନ କରୁଥିବା ସ୍ପଷ୍ଟ ବାରି ହୋଇପଡୁଛି। ସରକାରଙ୍କ ଲକ୍ଷ୍ୟଠାରୁ ଏହା ବହୁ ଦୂରରେ ରହିଥିବା ପରିଲକ୍ଷିତ ହେଉଛି। ସେହିପରି କାଦବରାଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ନିର୍ମିତ ମାର୍କେଟ କମ୍ପ୍ଲେକ୍ସ ବହୁ ବର୍ଷ ପରେ ମଧ୍ୟ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ନିର୍ମାଣାଧୀନ ୪ଟି ଗୃହରୁ ବର୍ତ୍ତମାନ ଗୋଟିଏ ଗୃହ କାର୍ଯ୍ୟକ୍ଷମ ହୋଇଥିବା ଜଣାପଡ଼ିଛି। ଓଡ଼ଙ୍ଗ ପଞ୍ଚାୟତର ଓଡ଼ଙ୍ଗ ଗ୍ରାମରେ ପଞ୍ଚାୟତ ସମିତି ବନ୍ତ ପକ୍ଷରୁ ୨୦୨୨-୨୩ ଆର୍ଥିକ ବର୍ଷରେ ସିଏଫ୍‌ସି ପାଣ୍ଠିରୁ ୨ ଲକ୍ଷ ୧୭ ହଜାର ୯୨ ଟଙ୍କା ବ୍ୟୟରେ ନିର୍ମିତ ମାର୍କେଟ କମ୍ପ୍ଲେକ୍ସ ବ୍ୟବହାରଯୋଗ୍ୟ ହୋଇ ନ ପାରି ଗୋରୁଗାଈଙ୍କ ବିଶ୍ରାମସ୍ଥଳୀ ପାଲଟିଥିଲା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ନିର୍ମାଣାଧୀନ ୪ଟି ଗୃହମଧ୍ୟରୁ ଗୋଟିଏ ଗୃହରେ ଜନସେବା କେନ୍ଦ୍ର ଖୋଲିଥିବାବେଳେ ଆଉ ୩ଟି ଗୃହ ବନ୍ଦ ହୋଇ ପଡ଼ିରହିଛି। ଅପରପକ୍ଷରେ ୨୦୧୬-୧୭ ଆର୍ଥିକ ବର୍ଷରେ ବନ୍ତ ବ୍ଲକ୍ ଅନ୍ତର୍ଗତ ଜାମବଣୀ ଛକଠାରେ ପଞ୍ଚାୟତ ସମିତି ଭଦ୍ରକ ଆନୁକୂଲ୍ୟରେ କାଉପୁର ପଞ୍ଚାୟତ ତରଫରୁ ସିଏଫ୍‌ସି ପାଣ୍ଠିରୁ ମଞ୍ଜୁର ହୋଇଥିବା ୪ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଉକ୍ତ ପ୍ରକଳ୍ପ ଆରମ୍ଭ ହୋଇଥିଲା। କିନ୍ତୁ ପରବର୍ତ୍ତୀ ମୁହୂର୍ତ୍ତରେ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରି ନ ଥିଲା। ଏହାକୁ ସମ୍ପୂର୍ଣ୍ଣ କରିବା ପାଇଁ ୨୦୧୯-୨୦ ଆର୍ଥିକ ବର୍ଷରେ ଏସ୍‌ଏଫ୍‌ସି ପାଣ୍ଠିରୁ ପୁଣି ୨ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ୬ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲେ ସୁଦ୍ଧା କମ୍ପ୍ଲେକ୍ସଟି କାର୍ଯ୍ୟକ୍ଷମ ହୋଇପାରୁ ନ ଥିଲା। ଉକ୍ତ ଖବର ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ କମ୍ପ୍ଲେକ୍ସରେ ଥିବା ୩ଟି ଗୃହ ମଧ୍ୟରୁ ଗୋଟିଏ ଗୃହ କାର୍ଯ୍ୟକ୍ଷମ ହୋଇଥିବା ବେଳେ ଅନ୍ୟ ୨ଟି ଗୃହ ବନ୍ଦ ପଡ଼ିଛି। କାର୍ଯ୍ୟାଦେଶକୁ ୯ ବର୍ଷ ପୂରିସାରିଥିଲେ ସୁଦ୍ଧା ଏହା ପୂର୍ଣ୍ଣମାତ୍ରାରେ କାର୍ଯ୍ୟକ୍ଷମ ହୋଇପାରିନାହିଁ। ନିର୍ମାଣ ପରେ ମଧ୍ୟ ଏହା କାର୍ଯ୍ୟରେ ଲାଗିପାରୁ ନ ଥିବାରୁ ସରକାରଙ୍କ ରାଜସ୍ୱ ହାନୀ ଘଟୁଛି।

**ବ୍ୟବହାର ନ ହୋଇ ପଡ଼ିରହିଥିବା ଗୃହରୁ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନୀ ଘଟୁଛି**

ଆଶ୍ଚର୍ଯ୍ୟର ବିଷୟ ଏହି କି, ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ପ୍ରତି ପଞ୍ଚାୟତରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇଛି। ସ୍ୱଳ୍ପ ଅର୍ଥରେ ପଞ୍ଚାୟତର ବେକାରୀ ଯୁବକ ଯୁବତୀ ଆତ୍ମନିର୍ଭରଶୀଳ ହେବାର ସୁଯୋଗ ସରକାରଙ୍କ ତରଫରୁ ସୃଷ୍ଟି କରାଯାଉଥିଲେ ସୁଦ୍ଧା ପଞ୍ଚାୟତବାସୀ ଅଧିକ ଅର୍ଥ ବ୍ୟୟରେ ଦୋକାନ ଘର ଭଡ଼ାସୂତ୍ରରେ ନେଉଥିବା ଦେଖିବାକୁ ମିଳୁଛି। କେବଳ ଜନସେବା କେନ୍ଦ୍ର ଓ ଗ୍ରାମୀଣ ଡାକ ସେବା ଆଦିରେ ଉକ୍ତ ଗୃହ ବ୍ୟବହାର ହେଉଥିବା ଜଣାପଡ଼ିଛି। ତେଣୁ ବିଭାଗୀୟ ଅଧିକାରୀ କେଉଁ କାରଣରୁ ପଞ୍ଚାୟତବାସୀ ଉକ୍ତ ଗୃହକୁ ଭଡ଼ା ସୂତ୍ରରେ ନେବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି ତାହାର ପ୍ରକୃତ କାରଣ ଖୋଜିବା ସହ ଉକ୍ତ ପ୍ରକଳ୍ପକୁ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକ୍ଷମ କରିବାକୁ ଚେଷ୍ଟିତ ହେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଥିବାବେଳେ ବଡ଼ବର୍ଛିକୟାଁ ପଞ୍ଚାୟତରେ ୧୦ଲକ୍ଷ ଟଙ୍କା ବ୍ୟୟରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେବା କେତେଦୂର ଯୁକ୍ତିଯୁକ୍ତ ତାହା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

## ବାଲେଶ୍ୱରରେ କାଳବୈଶାଖୀର ତାଣ୍ଡବ



ବାଲେଶ୍ୱର,୧୮।୫ (ସମିସ): କାଳବୈଶାଖୀର ତାଣ୍ଡବ ବାଲେଶ୍ୱରରେ ଦେଖିବାକୁ ମିଳିଛି। ସୋମବାର ଦିନ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ପାଣିପାଗ ବିଭାଗ ବୁଲେଟିନ୍‌ରେ ବର୍ଷା ଶୂନ ଥିଲା। କିନ୍ତୁ ସନ୍ଧ୍ୟା ହେବା ପରେ ବାଲେଶ୍ୱର ପାଗ ହଠାତ୍ ବଦଳିଥିଲା। ହଠାତ୍ ପ୍ରବଳ ବର୍ଷା ସହ ଭୀଷଣ ପବନ ଏବଂ ବାରମ୍ବାର ଘଡଘଡି ମାରୁଥିଲା। ଏଥିସହିତ ଘୂର୍ଣ୍ଣିଝଡ଼ ଆରମ୍ଭ ହୋଇଥିଲା। ଦିନସାରା ୪୦.୨ ଡିଗ୍ରୀ ସେଲସିୟସ ତାତି ପରେ ଆସିଥିବା ଏହି କାଳବୈଶାଖୀ ଜନଜୀବନକୁ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ସହ ଆଶ୍ୱସ୍ତ ଦେଇଛି। ପ୍ରବଳ ପବନ ଯୋଗୁଁ ଗଛ ଡାଳ ଭାଙ୍ଗି ରାସ୍ତା ଉପରେ ପଡିଛି। ବିଜୁଳି ତାର ଲାଇନ୍ ଛିଡି ଯିବାର ଆଶଙ୍କା ସୃଷ୍ଟି ହୋଇଛି। ପ୍ରବଳ ବର୍ଷା ଯୋଗୁଁ ସହର ତଳିଆ ଅଞ୍ଚଳରେ ପାଣି ଜମିବା ଆରମ୍ଭ ହୋଇଛି। ଦୃଶ୍ୟମାନତା କମିଯାଇଥିବାରୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଭାରତୀୟ ପାଣିପାଗ ବିଭାଗ ଭୁବନେଶ୍ୱର କେନ୍ଦ୍ର ପକ୍ଷରୁ ଆଜି ସନ୍ଧ୍ୟା ୭ ଟାରେ ଜାରି ହୋଇଥିବା ବୁଲେଟିନ୍ ଅନୁଯାୟୀ ବାଲେଶ୍ୱରରେ ୨୪ ଘଣ୍ଟାରେ ବର୍ଷା ନଥିଲା। କିନ୍ତୁ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ହୋଇଛି। ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ସକାଳର ତାତି ପରେ ସନ୍ଧ୍ୟାର କାଳବୈଶାଖୀ ଟିକେ ଆଶ୍ୱସ୍ତି ଦେଇଛି। କଣ୍ଟେଇ ଛକ ନିକଟରେ ସ୍କୁଟିରେ ଯାଉଥିବା ଯୁବକଙ୍କ ଗାଡ଼ି ସ୍ଲିପ୍ କରିବାରୁ ଦୁର୍ଘଟଣାରେ ଶିକାର ହୋଇ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

● ଜାତୀୟସ୍ତର ଫେଶନ ଶୋ' ପ୍ରତିଯୋଗିତା

## ଅସ୍ମିତଙ୍କୁ ପ୍ରିଟିନ୍ ଟାଇଟଲ୍

ଚନ୍ଦନେଶ୍ୱର, ୧୮।୫ (ସମିସ) : ଚଳିତ ମାସ ୧୬ ଓ ୧୭ ତାରିଖରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିବା ସର୍ବଭାରତ ସ୍ତରୀୟ ଜିଆଇଏଏମ ଇଣ୍ଡିଆ ସୋ ର ପ୍ରିଟିନ ଗ୍ରୁପରେ ବାଲେଶ୍ୱର ଜିଲ୍ଲା ଭୋଗରାଇ କଖଡା ପଞ୍ଚାୟତର ଅମ୍ରିତ ସାହୁ ଓ ପୂର୍ଣ୍ଣିମା ସାମଲଙ୍କ ପୁଅ ଅସ୍ମିତ ସାହୁ ଶ୍ରେଷ୍ଠତା ପ୍ରତିପାଦନ କରିବା ସହିତ ପ୍ରିଟିନ ଟାଇଟେଲ ହାସଲ କରି ପୁଣିଥରେ ଭୋଗରାଇ ପାଇଁ ଗୌରବ ଆଣିଦେଇଛି। ଏହି ସୋରେ ଦୁଇଦିନ ଧରି ଚାଲିଥିବା ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟରୁ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ନେଇ ୬ଟି ଯାକ ରାଉଣ୍ଡରେ ଅସ୍ମିତ ଶ୍ରେଷ୍ଠତା ପ୍ରଦର୍ଶନ କରି ଉକ୍ତ ପ୍ରିଟିନ ଟାଇଟେଲ ହାସଲ କରିଛନ୍ତି। ସେଥିପାଇଁ ବିଭିନ୍ନ ସ୍ତରରୁ ଶୁଭେଚ୍ଛାର ସୁଅ ଛୁଟୁଥିବା ବେଳେ ତାଙ୍କର ପରିଶ୍ରମ ଓ ପ୍ରଚେଷ୍ଟା ଆଗକୁ ଜାରି ରହୁ ଓ ଭବିଷ୍ୟତର ଚଲାପଥରେ ଆହୁରି ସଫଳତା ହାସଲ କରନ୍ତୁ ବୋଲି ବିରଞ୍ଚି ସାମଲ, ସରୋଜ କାନ୍ତି ପ୍ରଧାନ, ବିକ୍ରମ ସାମଲ, ଆଲୋକ ସାମଲ, ସୁଜାତା ପ୍ରଧାନ, ଅହଲ୍ୟା ସାମଲ, ସପନ ପ୍ରଧାନ ପ୍ରମୁଖ ଆଶାବ୍ୟକ୍ତ କରିଛନ୍ତି।

## ସୋର ୟୁଏନ କଲେଜର ଉନ୍ନତୀକରଣରେ ଖର୍ଚ୍ଚ ହେବ ୨କୋଟି ୧୫ ଲକ୍ଷ

ସୋର,୧୮।୫ (ସମିସ): ସୋର ଉପେନ୍ଦ୍ରନାଥ କଲେଜର ଭିତ୍ତିଭୂମି ଉନ୍ନତିକରଣ କରିବାକୁ ସୋର ବିଧାୟକ ମାଧବ ଧଡା ଗତ ୨୦୨୫ ମସିହା ଡିସେମ୍ବର ୧୧ତାରିଖରେ ଉଚ୍ଚ ଶିକ୍ଷା ବିଭାଗକୁ ଚିଠି ମାଧ୍ୟମରେ ଅବଗତ କରାଇଥିଲେ। ଏନେଇ ବିଭାଗ ପକ୍ଷରୁ କଲେଜର ଉନ୍ନତିକରଣ ପାଇଁ ୨କୋଟି ୧୫ ଲକ୍ଷ ୬୮ ହଜାର ୫୯୨ ଟଙ୍କା ଅନୁମୋଦନ କରାଯାଇଥିବା ଜଣାପଡିଛି। କଲେଜରେ କ୍ଲାସ ରୁମ ସମେତ ଶୌଚାଳୟ ଓ ବହୁମୁଖୀ ହଲର ଆବଶ୍ୟକତା ଥିବା ବେଳେ କଲେଜ ପକ୍ଷରୁ ବାରମ୍ବାର ଦାବି କରାଯାଉଥିଲା। ଏ ନେଇ ବିଧାୟକ ମାଧବ ଧଡା ବିଭାଗକୁ ଚିଠିମାଧ୍ୟମରେ ଅବଗତ କରାଇଥିଲେ। ଫଳରେ ଗତ ୧୨ ତାରିଖରେ ବିଭାଗ ପକ୍ଷରୁ ଚାରୋଟି କ୍ଲାସରୁମ, ଛାତ୍ରୀ ମାନଙ୍କ ପାଇଁ ଶୌଚାଳୟ, ବହୁମୁଖୀ ହଲ, ଛାତ୍ରୀ କମନ ରୁମ, ଦିବ୍ୟାଙ୍ଗ ଶୌଚାଳୟ ଓ ଅଧ୍ୟାପିକାଙ୍କ ପାଇଁ ଶୌଚାଳୟ ନିର୍ମାଣ ବାବଦକୁ ୨କୋଟି ୧୫ ଲକ୍ଷ ୬୮ ହଜାର ୫୯୨ ଟଙ୍କାର ପ୍ରକଳ୍ପ ଅନୁମୋଦନ କରାଯାଇଛି।

## ଅନ୍ତର୍ଜାତୀୟ ନର୍ସ ଦିବସ ଓ ନର୍ସେସ୍ ସପ୍ତାହ ପାଳିତ





ବାଲେଶ୍ୱର,୧୮।୫ (ସମିସ): ଓଡିଶା ନର୍ସିଂ କର୍ମଚାରୀ ସଂଘ, ବାଲେଶ୍ୱର ଶାଖା ପକ୍ଷରୁ ଆନ୍ତର୍ଜାତୀୟ ନର୍ସ ଦିବସ ଓ ନର୍ସେସ୍ ସପ୍ତାହ ଆତିଥ୍ୟ ଭବନରେ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟ ସଂସ୍ଥାର ନର୍ସିଂ ଅଫିସର, ସ୍ୱାସ୍ଥ୍ୟକର୍ମୀ ଓ ବିଭିନ୍ନ ସଂଘର ପଦାଧିକାରୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କ ଜୀବନୀ ଓ ନର୍ସିଂ ସେବା ପ୍ରତି ତାଙ୍କ ଅମୂଲ୍ୟ ଅବଦାନ ବିଷୟରେ ଆଲୋଚନା କରାଯାଇଥିଲା। ମୁଖ୍ୟଅତିଥି ଭାବେ ଡା. ରାମ ଚନ୍ଦ୍ର କିସ୍କୁ, ରେମୁଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ, ମୁଖ୍ୟ ବକ୍ତା ଭାବେ ଡା. ରତ୍ନାକର ଦାସ, ମେଡିସିନ ବିଶେଷଜ୍ଞ, ଡିଏଚଏଚ ବାଲେଶ୍ୱର ନର୍ସମାନଙ୍କ ଅବଦାନ ଓ ଆଧୁନିକ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ସେମାନଙ୍କ ଗୁରୁତ୍ୱ ସମ୍ପର୍କରେ ଅଲୋକପାତ କରିଥିଲେ। ବିଶେଷ ଅତିଥି ଭାବେ ବରିଷ୍ଠ କାର୍ଡିଓଲୋଜିଷ୍ଟ ଡା. ଗୋପୀନାଥ ପରିଡା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡା. ଆଶିଷ ଜେନ, ମେଡିସିନ ବିଶେଷଜ୍ଞ, ଡିଏଚ୍ ଏଚ୍ ବାଲେଶ୍ୱର, ଡା. ଅରୁପ ଅଭିଷେକ, ଏପିଡିମିଓଲୋଜିଷ୍ଟ, ଡିଏଚ୍ ଏଚ୍ ଏବଂ ଲେନିନ ପଣ୍ଡା, ରାଜ୍ୟ ସଭାପତି, ଲାବୋରେଟୋରି ଟେକ୍ନିସିଆନ ଆସୋସିଏସନ ଓଡିଶା ଉପସ୍ଥିତ ଥିଲେ। ପ୍ରଫେସନାଲ ଅତିଥି ଭାବେ ଶ୍ରୀମତୀ ରଞ୍ଜିତା ସାହୁ, ପ୍ରିନ୍ସିପାଲ ଟ୍ୟୁଟର, ଏଏନଏମ ଟିସି ବାଲେଶ୍ୱର, କନକଲତା ପାତ୍ର, ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ, ଡିଏଚ୍ ଏଚ୍ ବାଲେଶ୍ୱର ଏବଂ ଗୁରୁବାରୀ ସେଠୀ, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ, ରାଜ୍ୟ ଓଏନଇଏ ଯୋଗ ଦେଇଥିଲେ। ମଞ୍ଚ ସଂଚାଳନ କରିଥିଲେ ଯୁବ ସାହିତ୍ୟିକ ଓ ଶିକ୍ଷକ ଜୟନ୍ତ କୁମାର ନାୟକ। ଓଡିଶା ନର୍ସିଂ କର୍ମଚାରୀ ସଂଘ, ବାଲେଶ୍ୱର ଶାଖାର ସଭାପତି ତୃପ୍ତି ରେଖା ପଣ୍ଡା ସଭାରେ ଅଧକ୍ଷତା କରିଥିଲେ ଏବଂ ଶାଖା ସମ୍ପାଦକ ଶାଖା ସମ୍ପାଦକ ପଙ୍କଜ କୁମାର ଜେନା ଉଦବୋଧନ ଦେଇଥିଲେ। ସହ ସମ୍ପାଦକ (ସଂଗଠନ) ସବ୍ୟସାଚୀ ଦାଶ ଏବଂ ସହ ସମ୍ପାଦକ (ସାଂସ୍କୃତିକ) ଗଣେଶ ଚନ୍ଦ୍ର ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ରାଧାରାଣୀ ପାତ୍ର, ଶାଖା କାର୍ଯ୍ୟକାରୀ ସମିତି ସଦସ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

● 'ଡା. ଶଙ୍କର ପ୍ରସାଦ ଦାସ ସ୍ମୃତି ସମ୍ମାନ' ସମାରୋହ

## 'ସକାଳ'ର ପ୍ରକାଶକ ଅମିତ୍ ମଲ୍ଲିକଙ୍କୁ ସମ୍ବର୍ଦ୍ଧନା



ଅସୁରାଳି,୧୮।୫(ସମିସ): ଧୂଷୁରୀସ୍ଥିତ ପ୍ରସିଦ୍ଧ ହୃଦାନନ୍ଦ ପାଠାଗାର ପରିସରରେ 'ଡା. ଶଙ୍କର ପ୍ରସାଦ ଦାସ ସ୍ମୃତି କମିଟି' ପକ୍ଷରୁ ଏକ ଭବ୍ୟ ସାରସ୍ୱତ ତଥା ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦୈନିକ "ସକାଳ'ର ପ୍ରକାଶକ ତଥା ନନ୍ଦିଘୋଷ ଟିଭିର ଡାଇରେକ୍ଟର ଅମିତ୍ କୁମାର ମଲ୍ଲିକଙ୍କୁ ଚଳିତ ବର୍ଷର ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଚାରପ୍ରସାର ତଥା ଗଣମାଧ୍ୟମ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଏବଂ ସାମ୍ବାଦିକତାର ସୁସ୍ଥ ପରମ୍ପରାକୁ ବଜାୟ ରଖିଥିବାରୁ ଶ୍ରୀ ମଲ୍ଲିକଙ୍କୁ ଏହି ସମ୍ମାନଜନକ ଉପାଧି ପ୍ରଦାନ କରାଯାଇଛି। କମିଟି ପକ୍ଷରୁ ଅତିଥିମାନେ ତାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଏବଂ ସ୍ମୃତି ଫଳକ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ସ୍ମୃତି ସମାରୋହରେ ସ୍ମୃତି କମିଟିର ଆବାହକ ତଥା ସାମ୍ବାଦିକ ସନ୍ତୋଷ ଦାସ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ସାମ୍ବାଦିକ ରତିକାନ୍ତ ନାୟକ, କଳିଙ୍ଗ ନାୟକ, ଅରୁନ୍ଧତୀ ପରିଡ଼ା, ଲକ୍ଷ୍ମୀନାରାୟଣ ମିଶ୍ର, ଅନନ୍ତ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଉପସ୍ଥିତ ବକ୍ତାମାନେ ଡ. ଶଙ୍କର ପ୍ରସାଦ ଦାସଙ୍କ ସମାଜସେବା ଏବଂ ମହନୀୟତା ଉପରେ ସ୍ମୃତିଚାରଣ କରିବା ସହ ସାମ୍ପ୍ରତିକ ସମାଜରେ ସାମ୍ବାଦିକତାର ଭୂମିକା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ବୁଦ୍ଧିଜୀବୀ ଓ ସାହିତ୍ୟ ପ୍ରେମୀ ଯୋଗଦେଇ ସମାରୋହକୁ ସଫଳ କରିଥିଲେ।

## ରେମୁଣା କଲେଜର ପୂର୍ବତନ ସମ୍ପାଦକଙ୍କୁ ଶ୍ରଦ୍ଧାଞ୍ଜଳି



ରେମୁଣା,୧୮।୫ (ସମିସ ): ରେମୁଣା କଲେଜର ପୂର୍ବତନ ସମ୍ପାଦକ ସନ୍ତୋଷ ସାହୁଙ୍କ ଶ୍ରଦ୍ଧାଞ୍ଜଳି ସଭା ରେମୁଣା ଡିଗ୍ରୀ କଲେଜରେ ଅଧକ୍ଷା ଡ. ମାଳତୀ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କଲେଜର ପୂର୍ବତନ ସଭାପତି ତଥା ନୀଳଗିରି ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ଯୋଗଦେଇ କହିଥିଲେ ସନ୍ତୋଷ ସାହୁ ଜଣେ ନିଆରା, ସଚ୍ଚୋଟ ମଣିଷ ଥିବାସହ ସ୍ୱାଭିମାନୀ ମଣିଷଟିଏ ଥିଲେ ଏବଂ କଲେଜର ତଥା ସମାଜର ଉପକାର କରିଥିବା ହେତୁ ସେ ମରି ମଧ ଅମର ହୋଇ ରହିବେ। ଏହି ସଭାରେ ସମ୍ମାନନୀୟ ଅତିଥି ଭାବେ ରେମୁଣା ହାୟାର ସେକେଣ୍ଡାରି ସ୍କୁଲର ଅଧକ୍ଷ ବିରେଶ କୁମାର ଷଡ଼ଙ୍ଗୀ, ଡ଼. ଭାଗବତ ପ୍ରସାଦ ଦାସ,ନିରଞ୍ଜନ ସାହୁ, ପ୍ରଭାକର ବେହେରା, ଡ଼. ଶାନ୍ତନୁ କୁମାର ପାଣି, ହରିଶ୍ଚନ୍ଦ୍ର ବାଗ, ରାଜେନ୍ଦ୍ର ସାହୁ, ଗଣେଶ ଚନ୍ଦ୍ର କମିଲା, କମଳାକାନ୍ତ ଦାସ, ଜୟନ୍ତୀ ନାୟକ, ରିତାରାଣୀ ଦାସ, ଦିପ୍ତି କମିଲା, ଅକ୍ଷୟ ରଣା, ଗିରିଶ ଷଡ଼ଙ୍ଗୀ, ଷ୍ଟାଲିନ ମିଶ୍ର, ମୋନାଲିସା ଜେନା ଏବଂ ସନ୍ତୋଷ ସାହୁଙ୍କ ସାନଭାଇ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ ସନ୍ତୋଷ ସାହୁଙ୍କ ଗୁଣଗାନ କରିବା ସହ ତାଙ୍କ ସ୍ମୃତିଚାରଣ କରିଥିଲେ। ସଭା ଶେଷରେ ଡ଼. ତ୍ରିଲୋଚନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସାହିତ୍ୟିକ ଅଚ୍ୟୁତାନନ୍ଦ ସାମଲଙ୍କ ପରଲୋକ

ବାରିକପୁର,୧୮।୫(ସମିସ): ଭଣ୍ଡାରିପୋଖରୀ ସାହିତ୍ୟ ସଂସଦର ପ୍ରତିଷ୍ଠାତା, ବିଶିଷ୍ଟ କବି, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଅଚ୍ୟୁତାନନ୍ଦ ସାମଲଙ୍କ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା। ମରଶରୀରକୁ ତୁଳସୀପୁର ବାସଭବନ ପରିସରରେ ଅନ୍ତିମ ସଂସ୍କାର କରାଯାଇଥିଲା। ବଡ଼ପୁଅ ଆଦିତ୍ୟ ମୁଖାଗ୍ନି ଦେଇଥିଲେ। ଜଣେ ଆଦର୍ଶ ଓ ଦୂରଦର୍ଶୀ ଶିକ୍ଷକ ହିସାବରେ ଅଚ୍ୟୁତାନନ୍ଦ ୧୯୮୩ ମସିହାରେ ରାଜ୍ୟପାଳ ଓ ୧୯୯୧ ମସିହାରେ ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ସେ ମଧ୍ୟ ସାହିତ୍ୟ ସାଧନା ପାଇଁ ୨୦୧୮ରେ ଓଡ଼ିଶା ସହିତ୍ୟ ଏକଡେମୀ ଦ୍ୱାରା ସମ୍ବର୍ଦ୍ଧିତ ହେଇଥିଲେ। ତାଙ୍କ ପରଲୋକରେ ବିଭିନ୍ନ ମହଲରୁ ଗଭୀର ଶୋକ ପ୍ରକାଶ ପାଇଛି।



## ବାଲିଆପାଳରେ କୋର୍ଟ ସ୍ଥାପନ ପାଇଁ ଜାଗା ଚିହ୍ନଟ

କାଳିପଦା, ୧୮।୫ (ସମିସ): ବାଲିଆପାଳରେ କୋର୍ଟ ସ୍ଥାପନ ପାଇଁ ସୋମବାର ପୂର୍ବାହ୍ନରେ ମାଧୁପୁରା ପଂଚାୟତର ବଡ଼ ସିମୁଳିଆ ରାବଣ ପୋଡି ପଡିଆରୁ ତିନି ଏକର ଜାଗା ଚିହ୍ନଟ କରାଯାଇ ଓଡ଼ିଶା ଆଇନ ବିଭାଗକୁ ହସ୍ତାନ୍ତର କରାଯାଇଛି। ବାଲିଆପାଳ ତହସିଲ ପକ୍ଷରୁ ଉକ୍ତ ଜାଗାକୁ ଚିହ୍ନଟ କରାଯାଇ ସୀମାରେ ନାଲି ପତକା ମରାଯାଇଛି। ଏହି ତିନି ଏକର ପରିଧି ବିଶିଷ୍ଟ ସ୍ଥାନରେ ସ୍ଥାପନ ହେବ ଏକ ଉନ୍ନତ ମାନର କୋର୍ଟ। ବାଲିଆପାଳ ତହସିଲ ପକ୍ଷରୁ ପ୍ରଥମେ ଏହି ଜାଗାଟିକୁ ଆଇନ ବିଭାଗ ବଡ଼ ସିମୁଳିଆ ନାମରେ ନାମିତ କରାଯାଇ ଥିଲା। ଆଜି କୋର୍ଟ ଅମିନ ଚନ୍ଦ୍ର ମାଧବ ମିଶ୍ର, ପ୍ରୋସେସ ସର୍ଭର ବଳରାମ ସାହୁ, ଆର ଡବ୍ଲ୍ୟୁ ଜେ ଇ ଭବେନ୍ଦ୍ରେ ନାଥ ଟୁଡୁ, ବାଲିଆପାଳ ଥାନା ଆଇ ଆଇ ସି ସାଲଖାନ ମୁର୍ମୁଙ୍କ ଉପସ୍ଥିତିରେ ବାଲିଆପାଳ ତହସିଲର ରାଜସ୍ୱ ପରିଦର୍ଶକ ଅଧୀର କୁମାର ଦଳାଇ, ମଧୁପୁରା ଆର ଆଇ ନଟରଞ୍ଜନ ଦତ୍ତ, ଅମିନ ସୁଜୟ କୁମାର ପରିଡା ଉକ୍ତ ତିନି ଏକର ଜାଗାକୁ ଚିହ୍ନଟ କରି ନାଲି ପତାକା ମାରିଛନ୍ତି। ଆଜି ବାଲିଆପାଳରେ କୋର୍ଟ ସ୍ଥାନର ମୂଳଦୂଆ ପଡ଼ିଲା ବୋଲି ବାଲିଆପାଳବାସୀ କହିବା ସହିତ ବହୁତ ଖୁସି ଥିବାର ଜଣାଯାଇଛି।

କୁକୁର କାମୁଡ଼ା ଇଞ୍ଜେକ୍ସନ ଅଭାବ ଓ ଭେଟେରିନାରୀ ଅଧିକାରୀଙ୍କ ଅନୁପସ୍ଥିତି

## ପଶୁ ଚିକିତ୍ସା କେନ୍ଦ୍ରରେ ତାଲା ପକାଇଲେ ସ୍ଥାନୀୟ ଲୋକେ



ଘଣ୍ଟାଏ ପରେ ଖୋଲିଲା ତାଲା

ଧାମନଗର,୧୮।୫(ସମିସ): ଧାମନଗର ସରକାରୀ ପଶୁ ଚିକିତ୍ସା କେନ୍ଦ୍ରରେ ତାଲା ପକାଇଲେ ସ୍ଥାନୀୟ ଜନସାଧାରଣ। ଯାହାକୁ ନେଇ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଉକ୍ତ ଚିକିତ୍ସା କେନ୍ଦ୍ରରେ କୁକୁର କାମୁଡ଼ା ଇଞ୍ଜେକ୍ସନ ନ ମିଳିବାକୁ ରବିବାର ଉତ୍ତେଜନା ଦେଖାଦେଇଥିଲା। ଇଞ୍ଜେକ୍ସନ ଅଭାବ ଓ ଭେଟେରିନାରୀ ଡାକ୍ତର ଅନୁପସ୍ଥିତିକୁ କେନ୍ଦ୍ର କରି ପ୍ରାୟ ଘଣ୍ଟାଏ ଧରି କେନ୍ଦ୍ର ବନ୍ଦ ରହିଥିଲା। ସୂଚନା ଅନୁସାରେ, ସହର ଅଧୀନସ୍ଥ ଶାମପୁର ଗ୍ରାମର ଜଗନ୍ନାଥ ତ୍ରିପାଠୀଙ୍କ ଗାଈକୁ ଏକ କୁକୁର କାମୁଡ଼ି ଦେଇଥିଲା। ଗାଈକୁ ଚିକିତ୍ସା ପାଇଁ ସେ ଧାମନଗର ପଶୁ ଚିକିତ୍ସା କେନ୍ଦ୍ରକୁ ନେଇ ଆସିଥିଲେ। କିନ୍ତୁ କାର୍ଯ୍ୟରତ ବ୍ଲକ୍ ଭେଟେରିନାରୀ ଅଧିକାରିଣୀ ଝାନ୍‌ସୀରାଣୀ ତପସ୍ୱୀ କେନ୍ଦ୍ରରେ ଉପସ୍ଥିତ ନ ଥିବାବେଳେ କୁକୁର କାମୁଡ଼ା ଇଞ୍ଜେକ୍ସନ ମଧ୍ୟ ସରିଯାଇଥିବା ସେଠାରେ ଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀ କହିଥିଲେ। ବାହାରୁ ଇଞ୍ଜେକ୍ସନ କିଣିବାକୁ ପରାମର୍ଶ ଦେବାରୁ ଏଥିରେ କ୍ଷୁବ୍ଧ ହୋଇ ସରକାରୀ ଦଳର ଜଣେ ଆଗ ଧାଡ଼ିର କର୍ମୀ ହୋଇଥିବାରୁ ତାଙ୍କ ସହଯୋଗୀଙ୍କୁ ନେଇ ଚିକିତ୍ସା କେନ୍ଦ୍ରରେ ତାଲା ପକାଇ ଦେଇଥିଲେ। ଘଟଣାକୁ ନେଇ କିଛି ସମୟ ପର୍ଯ୍ୟନ୍ତ ଉତ୍ତେଜନା ଲାଗି ରହିଥିଲା। ପରେ ଭେଟେରିନାରୀ ଅଧିକାରିଣୀ ଫୋନ୍ ମାଧ୍ୟମରେ ଆଲୋଚନା କରି ବୁଝାସୁଝା କରିବା ପରେ ତାଲା ଖୋଲାଯାଇଥିଲା। ତେବେ ସରକାରୀ ପଶୁ ଚିକିତ୍ସା କେନ୍ଦ୍ରରେ ଆବଶ୍ୟକ ଇଞ୍ଜେକ୍ସନ ଉପଲବ୍ଧ ନ ଥିବାକୁ ନେଇ ଅସନ୍ତୋଷ ପ୍ରକାଶ ସହିତ ଏଭଳି ପରିସ୍ଥିତି ସୃଷ୍ଟି ହେଲା ବୋଲି ଆଲୋଚନା ହେଉଛି।

**ବେଫିକର ମାଫିଆ; ନିଦ୍ରାରେ ଖଣି ବିଭାଗ**

# ବୈତରଣୀରୁ ଦିନ ଦ୍ୱିପହରେ ଚାଲିଛି ବାଲି ଲୁଟ୍

ଅସୁରାଳି,୧୮।୫(ସମିସ)



ଧାମନଗର ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ଚାଲିଥିବା ବେଆଇନ ବାଲି ଉତ୍ତୋଳନ ଏବଂ ଚାଲାଣ ଏବେ ସୀମା ପାର୍ ହୋଇଗଲାଣି। ବୈତରଣୀ ନଦୀ ଶଯ୍ୟାରୁ ଦିନ ଦ୍ୱିପହରରେ ଶହଶହ ଟ୍ରାକ୍ଟର ଯୋଗେ ବେଆଇନ ଭାବେ ବାଲି ଚୋରି ହେଉଥିବାବେଳେ, ସ୍ଥାନୀୟ ପ୍ରଶାସନ ଏବଂ ରାଜସ୍ୱ ବିଭାଗ ନିରବଦ୍ରଷ୍ଟା ସାଜିବା ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ବାଲି ମାଫିଆମାନେ କୌଣସି ଆଇନକୁ ଖାତିର୍ ନ କରି ନିୟମିତ ଭାବେ ନଦୀ ଗର୍ଭରୁ ବାଲି ଉତ୍ତୋଳନ କରୁଛନ୍ତି। ଏହି ବେଆଇନ କାର୍ଯ୍ୟ ଯୋଗୁଁ ନଦୀର ଗତିପଥ ପରିବର୍ତ୍ତନ ହେବାର ଆଶଙ୍କା ଦେଖାଦେଇଛି। ଏପରିକି ଆଗାମୀ ବର୍ଷା ଦିନେ ଏହି ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହେଲେ, ନଦୀକୂଳିଆ ଗ୍ରାମଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ଜଳମଗ୍ନ ହେବାର ଏବଂ ବ୍ୟାପକ କ୍ଷୟକ୍ଷତି ଘଟିବାର ଭୟ ଘାରିଲାଣି।

ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ଯଦି ଏହି ବେଆଇନ ବାଲି ଉତ୍ତୋଳନ ଉପରେ ତୁରନ୍ତ ରୋକ୍ ଲଗା ନ ଯାଏ, ତେବେ ସମଗ୍ର ଅଞ୍ଚଳ ମରୁଭୂମି ପାଲଟିଯିବାର ସମ୍ଭାବନା ରହିଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ଧାମନଗର ତହସିଲ୍ ଅଧୀନରେ ଥିବା ରାସ୍ତା ଦେଇ ଦିନରାତି ଶହଶହ ବାଲି ବୋଝେଇ ଟ୍ରାକ୍ଟର ଚଳାଚଳ କରୁଥିଲେ ମଧ୍ୟ ସମ୍ପୃକ୍ତ ବିଭାଗ କାହିଁକି କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ? ସ୍ଥାନୀୟ ଜନସାଧାରଣ ଏବଂ ସାମାଜିକ କର୍ମୀମାନେ ଅଭିଯୋଗ କରିଛନ୍ତି ଯେ, ମାଫିଆ ଏବଂ କିଛି ଅସାଧୁ କର୍ମଚାରୀଙ୍କ ମଧ୍ୟରେ ଥିବା ସଲାସୁତରା ଯୋଗୁଁ ହିଁ ଏହି ବେଆଇନ କାରବାର ଅବାଧରେ ଚାଲିଛି। ପ୍ରଶାସନର ଏଭଳି ଉଦାସିନତା ଯୋଗୁଁ ସରକାରୀ ରାଜସ୍ୱ ବହୁ ପରିମାଣରେ ହାନୀ ହେଉଛି। ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଯଦି ପ୍ରଶାସନ ତୁରନ୍ତ ବୈତରଣୀ ନଦୀର ସୁରକ୍ଷା ପାଇଁ ଏହି ବେଆଇନ ବାଲି ଖନନକୁ ସମ୍ପୂର୍ଣ୍ଣ ବନ୍ଦ ନ କରେ, ତେବେ ଆଗାମୀ ଦିନରେ ଅଞ୍ଚଳବାସୀ ରାଜପଥକୁ ଓହ୍ଲାଇବା ସହ ବଡ଼ ଧରଣର ଗଣଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ବାବଦରେ ଖଣି ଅଧିକାରୀ ସୌମ୍ୟରଞ୍ଜନ ଦ୍ୱିବେଦୀଙ୍କୁ ପଚାରିବାରୁ ସେ କହିଲେ ଯେ, ପ୍ରତ୍ୟେକ ଦିନ ଚଢ଼ଉ ହେଉଛି। ଆଗାମୀ ଦିନରେ ମଧ୍ୟ ଏହି ଚଢ଼ଉ ଜାରି ରହିବ।

## ଚରମ୍ପା ଗୁଣ୍ଡୁଣିଆ ବଜାର ହତ୍ୟା ଘଟଣା: ମୁଖ୍ୟ ଅଭିଯୁକ୍ତ ଗିରଫ

ଭଦ୍ରକ,୧୮।୫(ସମିସ): ଭଦ୍ରକ ଚରମ୍ପା ଅଞ୍ଚଳର ଜନୈକ ବ୍ୟକ୍ତିଙ୍କୁ ଛୁରୀ ଭୁସି ହତ୍ୟା କରି ଫେରାର୍ ଥିବା ମୁଖ୍ୟ ଅଭିଯୁକ୍ତ ବିଶ୍ୱନାଥ ଧଡ଼ାକୁ ବାଲେଶ୍ୱର ଜିଲ୍ଲା ସୋର ଅଞ୍ଚଳରୁ ଭଦ୍ରକ ଟାଉନ ପୁଲିସ ଧରିବାରେ ସଫଳ ହୋଇଛି। ସୂଚନାଯୋଗ୍ୟ ଯେ, ଭଦ୍ରକ ଜିଲ୍ଲା ଚରମ୍ପା ଅଞ୍ଚଳର ବହୁ ଚର୍ଚ୍ଚିତ ଗୁଣ୍ଡୁଣିଆ ବଜାର ନିକଟରେ ଗତ ମାର୍ଚ୍ଚ ୮ ତାରିଖ ରାତିରେ କଥା କଟାକଟିକୁ ନେଇ ଯୁବ କ୍ରିକେଟର କୁମାର ସ୍ୱାମୀଙ୍କୁ ଛୁରୀ ଭୁସି ହତ୍ୟା କରିଥିଲେ ୪ ଜଣ ଯୁବକ। ଏହି ଘଟଣାର ୧୫ ଦିନ ମଧ୍ୟରେ ୩ଜଣ ଅଭିଯୁକ୍ତଙ୍କୁ ଟାଉନ ପୁଲିସ ଧରିଥିବାବେଳେ ମୁଖ୍ୟ ଅଭିଯୁକ୍ତ ବିଶ୍ୱନାଥ ଧଡ଼ା ଫେରାର୍ ହୋଇଯାଇଥିଲା। ରବିବାର ଟାଉନ ପୁଲିସ ଖବର ପାଇଥିଲା ବାଲେଶ୍ୱର ଜିଲ୍ଲା ସୋର ଅଞ୍ଚଳରେ ବିଶ୍ୱନାଥ ବୁଲୁଛି। ତୁରନ୍ତ ଟାଉନ ପୁଲିସର ଏକ ଟିମ୍ ସୋର ଅଞ୍ଚଳକୁ ଯାଇ ଲୁଚି ରହିଥିବା ମୁଖ୍ୟ ଅଭିଯୁକ୍ତ ବିଶ୍ୱନାଥ ଧଡ଼ାକୁ ଧରିବାରେ ସଫଳ ହୋଇଛି। ତାକୁ ଭଦ୍ରକ ଟାଉନ ଥାନାକୁ ଆଣିବା ସହ ସୋମବାର ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ତାକୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଟାଉନ ପୁଲିସ ସୂଚନା ଦେଇଛି।

## ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେଲେ ଅମିତ ମଲ୍ଲିକ



ଧାମନଗର,୧୮।୫(ସମିସ): ଧାମନଗରର ପୂର୍ବତନ ବିଧାୟକ ସ୍ୱର୍ଗତ ମାନସ ରଞ୍ଜନ ମଲ୍ଲିକଙ୍କ ସୁଯୋଗ୍ୟ ସନ୍ତାନ, ଦୈନିକ ଖବରକାଗଜ "ସକାଳ'ର ପ୍ରକାଶକ ତଥା ନନ୍ଦିଘୋଷ ଟିଭିର ଡାଇରେକ୍ଟର ଅମିତ କୁମାର ମଲ୍ଲିକ ଧାମନଗର ବ୍ଲକ୍ ଓ ଏନ୍‌ଏସି ଅଞ୍ଚଳ ପରିଦର୍ଶନ କରି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ମଲ୍ଲିକ ପରିବାରର ଯୁବ ନେତୃତ୍ୱ ହୋଇଥିବାରୁ ତାଙ୍କୁ ନେତା ଓ କର୍ମୀମାନଙ୍କ ତରଫରୁ ବିପୁଳ ସ୍ୱାଗତ କରାଯାଇଥିଲା। ସୋମବାର ସନ୍ଧ୍ୟା ସମୟରେ ସହରାଞ୍ଚଳ ପରିଦର୍ଶନ କରି ଖାନକା ସରିଫ୍ ପୀରବାବାଙ୍କୁ ଦର୍ଶନ ପରେ ବାବାଙ୍କ ସାନ ନାତି ଆଲହଜ ସୟଦ ଅହେମ୍ମଦ ରଜା ହବିବି (ମସ୍ତାନ-ଏ ମିଲ୍ଲତ୍)ଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରି ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଛନ୍ତି। ସାମ୍ବାଦିକ ସେକ୍ ଜାଫର ଅଲ୍ଲୀ, କୁମାରେଶ ଖିଲାରଙ୍କ ସମେତ ଶିକ୍ଷକ ସୟଦ ଅବ୍‌ଦୁଲ ମାନ୍ନାନ୍, ସେକ୍ କାଦିର, ସେକ୍ ମକଦୁମ, ସେକ୍ ସିରାଜ, ମୀର୍ ଇସ୍‌ଲାମ, ସେକ୍ ଆଲାମ ଏହି ସାକ୍ଷାତ ଆଲୋଚନା ସମୟରେ ଉପସ୍ଥିତ ଥିଲେ। ସେହିପରି ଧାମନଗର ବ୍ଲକ୍ ଅନ୍ତର୍ଗତ କୋଠାର, ଆସୁରାଳି, ଧୂଷୁରୀ, ବମକୁରା, ଦୋବଲ, ଧାମନଗର ସହର ଆଦି ବିଭିନ୍ନ ଅଞ୍ଚଳକୁ ଗସ୍ତ କରି ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେଇଥିବା ସୂଚନା ମିଳିଛି।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଟ୍ରକ୍-ଟିପ୍ପର ମାଲିକ ସଂଘର ଧାରଣା

ଭଦ୍ରକ,୧୮।୫(ସମିସ): ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଟ୍ରକ୍-ଟିପ୍ପର ମାଲିକ ସଂଘ ପକ୍ଷରୁ ସୋମବାର ଧାରଣା ଦିଆଯାଇଥିଲା। ଧାମରା ପୋର୍ଟରେ ଭଦ୍ରକ ଜିଲ୍ଲାର ଟ୍ରକ୍ ଓ ଟିପ୍ପର ମାଲିକ ସଂଘର କୌଣସି ଟ୍ରକ୍‌କୁ ବନ୍ଦରରେ ସାମଗ୍ରୀ ପରିବହନ କରିବା ପାଇଁ ସୁଯୋଗ ଦିଆଯାଉ ନ ଥିବା ପ୍ରତିବାଦ କରି ଏହି ଧାରଣା ଦିଆଯାଇଛି। ଗତ କିଛି ମାସ ହେଲାଣି ସଂଘ ପକ୍ଷରୁ ଧାମରା ରେଳରୋକ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା, ପ୍ରତିବାଦ ସଭା, ବିକ୍ଷୋଭ କରାଯାଇଥିଲା। ଜିଲ୍ଲାପାଳ ଏହି ଟ୍ରକ୍ ଓ ଟିପ୍ପର ମାଲିକଙ୍କ ସମସ୍ୟା ସମାଧାନ ନିମନ୍ତେ ଅତୀତରେ ପ୍ରତିଶ୍ରୁତି ଦେଇଥିଲେ।



କିନ୍ତୁ ପ୍ରଶାସନ ପକ୍ଷରୁ ସମାଧାନ ନିମନ୍ତେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ କି ସେମାନଙ୍କ ଟ୍ରକ୍ ଓ ଟିପ୍ପର ଆଜି ପର୍ଯ୍ୟନ୍ତ ବନ୍ଦରରେ ଲାଗି ନାହିଁ। ବିକ୍ଷୋଭରତ ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତା କହିଛନ୍ତି, ବହୁ ବର୍ଷ ତଳୁ ଭଦ୍ରକ ଧାମରା ଆସିଥିବା କିଛି ବାଂଲାଦେଶୀଙ୍କ ଟ୍ରକ୍ ଆଉ ଟିପ୍ପର ଭଡ଼ାରେ ଲାଗିଛି। କିନ୍ତୁ ସ୍ଥାନୀୟ ଲୋକଙ୍କୁ ଅଣଦେଖା କରାଯାଉଛି। ଦାବି ପୂରଣ ନ ହେଲେ ଟ୍ରକ୍ ମାଲିକମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି। ପରେ ଘଟଣାସ୍ଥଳକୁ ଭଦ୍ରକ ପୁଲିସ ଆସି ଆନ୍ଦୋଳନକାରୀ ଟ୍ରକ୍ ମାଲିକମାନଙ୍କୁ ବୁଝାସୁଝା କରିଥିଲା। ସଂଘର କର୍ମକର୍ତ୍ତାମାନେ ପୁଣିଥରେ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ କହିଛନ୍ତି, ଟ୍ରକ୍ ମାଲିକ ସଂଘର ଦାବି ଉପରେ ସେ ସଚେତନ ଅଛନ୍ତି। ଏନେଇ ଉଚ୍ଚକର୍ତ୍ତୃପକ୍ଷ ଓ ବନ୍ଦର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇ ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ। ଏହି ବିକ୍ଷୋଭ ପ୍ରଦର୍ଶନରେ ସଂଘର ସଭାପତି ଶୁଭେନ୍ଦୁ ରାୟ ମହାପାତ୍ର, ଜ୍ୟୋତି ପ୍ରକାଶ ମହାନ୍ତିଙ୍କ ସମେତ ବହୁ ଟ୍ରକ୍ ମାଲିକ ଯୋଗଦେଇଥିଲେ।

ପଞ୍ଚାୟତ ନିର୍ବାଚନ ପାଇଁ ରଣହୁଙ୍କାର

# ଡବଲ ଇଞ୍ଜିନ ବିପରୀତ ଦିଗରେ ଚାଲୁଛି: ପ୍ରମିଳା





- ଡବଲ ଇଞ୍ଜିନ ସରକାର ଉପରେ ବର୍ଷିଲେ ବିଜେଡି ନେତୃତ୍ୱ
- ମାଳଦାଠାରେ ନାରୀ ଅଧିକାର ଅଭିଯାନ ସମାବେଶ

ବାରିକପୁର,୧୮।୫(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ୨୪ନଂ ଜୋନ୍ ମାଳଦାଠାରେ ନାରୀ ଅଧିକାର ସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ବିଜେଡି ପକ୍ଷରୁ ରଣହୁଙ୍କାର ଦିଆଯାଇଛି। ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ସମାବେଶରେ ମୁଖ୍ୟ ଅତିଥି ଭାବେ ବିଞ୍ଝାରପୁର ବିଧାୟିକା ତଥା ରାଜ୍ୟ ମହିଳା ବିଜୁ ଜନତା ଦଳର ସଭାନେତ୍ରୀ ପ୍ରମିଳା ମଲ୍ଲିକ ଯୋଗଦେଇ ରାଜ୍ୟରେ ଡବଲ ଇଞ୍ଜିନ ସରକାର ବିପରୀତ ଦିଗରେ ଗତି କରୁଥିବା କହିଥିଲେ। ନାରୀମାନଙ୍କୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଗକୁ ଆଣିଥିବାବେଳେ ବିଜେପି କେବଳ ମହିଳାମାନଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଥିବା କହିଥିଲେ। ଅନ୍ୟତମ ଅତିଥି ଭାବେ ଚାନ୍ଦବାଲି ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ବ୍ୟୋମକେଶ ରାୟ, ବ୍ଲକ୍ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁ, ଲକ୍ଷ୍ମୀଧର ମହାନ୍ତି, ଜିଲ୍ଲା ମହିଳା ନେତ୍ରୀ ବିଦ୍ୟୁତ୍‌ଲତା ନାୟକ, ଦେବୀଲତା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବିଜେଡି ସଦାସର୍ବଦା ମହିଳାମାନଙ୍କୁ ଆଗକୁ ଆଣୁଛି ବୋଲି ବକ୍ତବ୍ୟ ମାଧ୍ୟମରେ ଜଣାଇଥିଲେ। ସମାବେଶରେ ବରିଷ୍ଠ ବିଜେଡି ନେତା ସଞ୍ଜୀବ ପରିଡ଼ା, ସ୍ଥାନୀୟ ସରପଞ୍ଚ ମିନତୀ ପରିଡ଼ା, ସମିତିସଭ୍ୟା ରୀତାଞ୍ଜଳି ସାମଲ, ବ୍ଲକ୍ ଯୁବ ସଭାପତି ଲଳିତ ରାଉତ, ବ୍ଲକ୍ ଛାତ୍ର ସଭାପତି ଜଗତ ଜୀବନ ବାରିକ, ଦିପ୍ତୀସୂର୍ଯ୍ୟ ବିଶ୍ୱାଳ, ସରପଞ୍ଚ ସାଧନାଞ୍ଜଳି ମହାପାତ୍ର, ସୁଜାତା ସାହୁ, ବର୍ଷାରାଣୀ ଜେନା, କମଳା ଜେନା, ଲାଲା ସ୍ୱାଇଁ, ସତ୍ୟସାଧନ ବେଜ ପ୍ରମୁଖ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲ୍ଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଆୟୋଜିତ ସମାବେଶରେ ୭ଟି ପଞ୍ଚାୟତରୁ ଶତାଧିକ ମହିଳା ଯୋଗଦେଇଥିଲେ।

## ଭଦ୍ରକରେ ଏସ୍‌ଆଇଆର୍-୨୦୨୬ ନେଇ ସର୍ବଦଳୀୟ ବୈଠକ



ଭଦ୍ରକ,୧୮।୫(ସମିସ): ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ନିର୍ଦ୍ଦେଶକ୍ରମେ ସ୍ପେଶାଲ୍ ଇଣ୍ଟେନ୍ସିଭ୍ ରିଭିଜନ୍ (ଏସ୍‌ଆଇଆର୍)- ୨୦୨୬ ସମ୍ପର୍କରେ ଆଲୋଚନା ପାଇଁ ଭଦ୍ରକ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଦିଲ୍ଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଏକ ସର୍ବଦଳୀୟ ବୈଠକ ସୋମବାର ପୂର୍ବାହ୍ଣ ୧୧ଟା ୩୦ରେ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଛି।

ଏହି ବୈଠକରେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ବିଜେପି, ବିଜେଡି, କଂଗ୍ରେସ, ବହୁଜନ ସମାଜ ପାର୍ଟି, କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ, ଆମ୍ ଆଦମୀ ପାର୍ଟି ଓ ନ୍ୟାସନାଲ୍ ପିପୁଲ୍ସ ପାର୍ଟିର ଜିଲ୍ଲା ସଭାପତି ଓ ସମ୍ପାଦକମାନେ ଯୋଗଦେଇଥିଲେ। ଓଡ଼ିଶାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ତୃତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ଜୋର୍‌ଦାର୍ ଭାବେ ଆରମ୍ଭ ହୋଇଛି। ଏହି ସଂଶୋଧନ ପାଇଁ ଯୋଗ୍ୟତା ତାରିଖ ୧.୭.୨୦୨୬ ନିର୍ଦ୍ଧାରିତ ହୋଇଥିବାବେଳେ, ୨୦ ମେ'ରୁ ୨୯ ମେ' ୨୦୨୬ ପର୍ଯ୍ୟନ୍ତ ପ୍ରସ୍ତୁତି, ପ୍ରଶିକ୍ଷଣ ଓ ମୁଦ୍ରଣ କାର୍ଯ୍ୟ ସମ୍ପାଦିତ ହେବ।

୩୦ ମେ'ରୁ ୨୮ ଜୁନ୍ ୨୦୨୬ ପର୍ଯ୍ୟନ୍ତ ବିଏଲ୍‌ଓମାନେ ଘର ଘର ପରିଦର୍ଶନ କରି ଭୋଟରଙ୍କ ତଥ୍ୟ ସଂଗ୍ରହ ଓ ଯାଞ୍ଚ୍ କରିବେ। ଏହା ସହିତ ୨୮ ଜୁନ୍ ସୁଦ୍ଧା ମତଦାନ କେନ୍ଦ୍ରଗୁଡ଼ିକର ଯୁକ୍ତିସଙ୍ଗତ ପୁନର୍ବିନ୍ୟାସ କାର୍ଯ୍ୟ ସମାପ୍ତ କରାଯିବ। ଖସଡ଼ା ଭୋଟର ତାଲିକା ଆସନ୍ତା ଜୁଲାଇ ୫ରେ ପ୍ରକାଶ ପାଇବ। ଏହାପରେ ଜୁଲାଇ ୫ରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରାଯାଇପାରିବ। ଦାବି ଓ ଆପତ୍ତିର ନିଷ୍ପତ୍ତି ଆସନ୍ତା ସେପ୍ଟେମ୍ବର ୨ ସୁଦ୍ଧା କରାଯିବା ପରେ ସେପ୍ଟେମ୍ବର ୬ରେ ଅନ୍ତିମ ଭୋଟର ତାଲିକା ପ୍ରକାଶ ପାଇବ।

ଜିଲ୍ଲାପାଳ କହିଛନ୍ତି ଯେ, ବୁଥ୍ ଲେବୁଲ ଅଫିସର, ବୁଥ୍ ଲେବୁଲ ଏଜେଣ୍ଟ ଓ ସମସ୍ତ ରାଜନୈତିକ ଦଳଙ୍କ ସକ୍ରିୟ ସହଯୋଗରେ ଏହି କାର୍ଯ୍ୟକ୍ରମକୁ ସଫଳ କରାଯିବ। ସାଧାରଣ ଭୋଟରମାନେ ମଧ୍ୟ ନିଜ ନାମ ଭୋଟର ତାଲିକାରେ ସଠିକ୍ ଭାବେ ରହିଛି କି ନାହିଁ ଯାଞ୍ଚ କରିବା ସହ ସଂଶୋଧନ ପ୍ରକ୍ରିୟାରେ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ଅଧିକ ସୂଚନା ପାଇଁ ଭୋଟରମାନେ ଝକ୍ଟଗ୍ଦରକ୍ସଗ୍ଭ. ରମସ.ଶକ୍ଟଙ୍କ.ସଭ କିମ୍ବା। ରଉଓଘରଞ୍ଚ ଇକ୍ଟକ୍ଟ ବ୍ୟବହାର କରିପାରିବେ। ଭୋଟର ତାଲିକାର ସଠିକତା ଓ ସ୍ୱଚ୍ଛତା ବଜାୟ ରଖିବା ସହିତ ନିର୍ବାଚନ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରିବା ନେଇ ଏସ୍‌ଆଇଆର୍-୨୦୨୬ କାର୍ଯ୍ୟକ୍ରମର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଏହି ଆଲୋଚନାଚକ୍ରରେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ରବିନାରାୟଣ ସାହୁ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ ଓ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକ ମହାସଂଘ ପକ୍ଷରୁ ଜିଲ୍ଲାପାଳଙ୍କ ସମ୍ବର୍ଦ୍ଧନା



ଭଦ୍ରକ,୧୮।୫(ସମିସ): ପ୍ରକୃତ ମଣିଷଟିଏ ମୃତ୍ୟୁ ପର୍ଯ୍ୟନ୍ତ ଜ୍ଞାନ ଆହରଣ କରିଥାଏ। ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ ସାଜିଛନ୍ତି ଭଦ୍ରକ ଜିଲ୍ଲାପାଳ। ପ୍ରଶାସନିକ ବ୍ୟବସ୍ଥାର ଗୁରୁଦାୟିତ୍ୱ ତୁଲାଇ ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଇତିହାସରେ ଏବେ ପିଏଚ୍‌ଡି ଡିଗ୍ରୀ ହାସଲ କରିଛନ୍ତି। ପ୍ରଶାସନିକ ବ୍ୟବସ୍ଥାରେ ସମସ୍ତ ଚାପ ରହିବା ସତ୍ତ୍ୱେ ଜ୍ଞାନ ଆହରଣ ପ୍ରତି ଆଗ୍ରହ ତାଙ୍କୁ ଏହି ସଫଳତାର ଶୀର୍ଷରେ ପହଞ୍ଚାଇଛି। ତାଙ୍କର ଏହି ସଫଳତା ଯୁବପିଢ଼ିଙ୍କ ପାଇଁ ଏକ ବାର୍ତ୍ତା। ପରିସ୍ଥିତି ଯେତେ ଜଟିଳ ହେଉନା କାହିଁକି, ଇଚ୍ଛାଶକ୍ତି ଅଧ୍ୟବସାୟ ଥିଲେ ସ୍ୱପ୍ନ ସାକାର ହୁଏ ବୋଲି ସୋମବାର ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ତରଫରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମତ ପ୍ରକାଶ ପାଇଛି। ଜିଲ୍ଲାପାଳ ଡ. ଦିଲ୍ଲୀପ ରାଉତରାଏ ଡକ୍ଟରେଟ୍ ଉପାଧି ପାଇବା ପରେ ସୋମବାର ସଦ୍‌ଭାବନା ଗୃହରେ ମହାସଂଘ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସଭାରେ ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତି, ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ରଙ୍କ ସମେତ ବହୁ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ସମ୍ବର୍ଦ୍ଧନା ଉତ୍ତରରେ ଜିଲ୍ଲାପାଳ ଶ୍ରୀ ରାଉତରାଏ କହିଲେ ଯେ ଏହି ସମ୍ବର୍ଦ୍ଧନାକୁ ମୁଁ ଆଶୀର୍ବାଦ ଭାବେ ଗ୍ରହଣ କରୁଛି। ବରିଷ୍ଠମାନଙ୍କ ଆଶୀର୍ବାଦ ଓ ଜିଲ୍ଲାବାସୀଙ୍କ ଶ୍ରଦ୍ଧା ସ୍ନେହ ମୋର ଏହି ସଫଳତାର ଶ୍ରେୟ ବୋଲି ସେ ମତପ୍ରକାଶ କରିଥିଲେ। ବରିଷ୍ଠ ନାଗରିକଙ୍କ ପାଇଁ ମହାନଦୀ କୋଲ୍ ଫିଲ୍ଡ ଦ୍ୱାରା ସିଏସ୍‌ଆର୍ ପାଣ୍ଠିରେ ନିର୍ମାଣ ହେବାକୁ ଥିବା ଜିଲ୍ଲା ସଦର ମହକୁମାରେ ସିନିୟର ସିଟିଜେନ୍ ମଲ୍‌ଟି ହବ୍ ପାଇଁ ସମସ୍ତ ପ୍ରକାର ଆନୁସଙ୍ଗିକ ବ୍ୟବସ୍ଥା ସରିଛି। ଖୁବ୍‌ଶୀଘ୍ର ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଥିଲେ। ସଂଘର କାର୍ଯ୍ୟକାରୀ ସଭାପତି ପଦ୍ମନ କୁମାର ରାୟ ପ୍ରଶସ୍ତିପତ୍ର ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧୀରଞ୍ଜନ ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ, ବିଦୁଶଙ୍କର ନାୟକ, ଅଜୟ ନାୟକ, ଇଂ ଅଖିଳ ମୋହନ ପାଢ଼ୀ, ଶଶିକାନ୍ତ ପାଢ଼ୀ, ଏସ୍.ଏମ୍. ଫାରୁକ, ଶାନ୍ତନୁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିରରେ ୧୨୭ ଅଭିଯୋଗ

## ପାନୀୟ ଜଳ, ଭତ୍ତାକୁ ନେଇ ଉଦ୍‌ବେଗ ପ୍ରକାଶ



ବାରିକପୁର,୧୮।୫(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ସଭାଗୃହ ମଧ୍ୟରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ୍ ୧୨୭ଟି ଅଭିଯୋଗ ଆଗତ ହୋଇଥିଲା। ବିଶେଷ କରି ଗ୍ରାମ୍ୟ ଉନ୍ନୟନ ବିଭାଗର ବିପଦସଂକୁଳ ରାସ୍ତା ବିଷୟରେ ରାଜେନ୍ଦ୍ରପୁର ଗ୍ରାମବାସୀ ଅଭିଯୋଗ କରିଥିଲେ। ଜରାଜୀର୍ଣ୍ଣ ପୂର୍ତ୍ତ ରାସ୍ତାକୁ ନେଇ ମଞ୍ଜୁରୀରୋଡ୍ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଥିବାବେଳେ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଭାବେ ଜଣାଇଥିଲେ। ସମ୍ପ୍ରତି ବ୍ୟାଙ୍କରେ ଖାତା ଥିବା ଭତ୍ତା ହିତାଧିକାରୀମାନେ ଅଙ୍ଗୁଳି ଛାପ ସମସ୍ୟା ଯୋଗୁଁ ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ଭତ୍ତାରୁ ସେମାନେ ବଞ୍ଚିତ ହେଉଛନ୍ତି। ହାତାହାତି ଭତ୍ତା ପ୍ରଦାନ ପାଇଁ ଅନେକ ହିତାଧିକାରୀ ଲିଖିତ ଭାବେ ଜଣାଇଥିଲେ। ବ୍ଲକ୍ ଅଞ୍ଚଳରେ ପାନୀୟ ଜଳର ଉତ୍କଟ ସମସ୍ୟା ଦେଖାଦେଇଥିବା ବେଳେ ବିଭାଗୀୟ ଅଧିକାରୀମାନେ ସମସ୍ୟା ସମାଧାନ ଦିଗରେ ବିଫଳ ହୋଇଥିବା ଲୋକେ ଜଣାଇଥିଲେ। ଏହାଛଡ଼ା ରାସନ କାର୍ଡ, ବିଦ୍ୟୁତ୍, ମୃତ୍ତିକା ସଂରକ୍ଷଣ, କୃଷି, ଜଳସମ୍ପଦ, ଡ୍ରେନେଜ୍ ବାବଦରେ ଅନେକ ଆପତ୍ତି ଅଭିଯୋଗ ହୋଇଥିଲା। ଶିବିରରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଉପସ୍ଥିତ ରହି ଆସିଥିବା ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ସମେତ ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶୁଭେନ୍ଦୁ ସାମଲ, ଅତିରିକ୍ତ ଜିଲ୍ଲାପାଳ ମଧୁସୂଦନ ଦତ୍ତ, ଜିଲ୍ଲା ଚିକିତ୍ସାଧିକାରୀ, ବିଡିଓ ଦେବଦତ୍ତ ଦାସ, ତହସିଲ୍‌ଦାର ରୋଜାଲିନ୍ ବେହେରା ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ରାଜସ୍ୱ ନା ମଦୁଆ ସୃଷ୍ଟି ପ୍ରତିଯୋଗିତା !

# ୫ ବର୍ଷରେ ଅବକାରୀ ଟାର୍ଗେଟ୍ ଆକାଶଛୁଆଁ

- ଧାମନଗର ବ୍ଲକ୍‌ରେ ମଦ ମାଫିଆ ସୃଷ୍ଟିର ଆଶଙ୍କା
- ସରକାରଙ୍କ ଅବକାରୀ ନୀତି ବିରୋଧରେ ଆନ୍ଦୋଳନ ପାଇଁ ସଜ ହେଲେଣି ସଚେତନ ନାଗରିକ

ଦୋବଲ,୧୮।୫(ସମିସ)

ସରକାରୀ ରାଜସ୍ୱ ବୃଦ୍ଧି ନା ସ୍ଥାନୀୟ ଅଞ୍ଚଳରେ ମଦୁଆଙ୍କ ସଂଖ୍ୟା ବଢ଼ାଇବାର ଚକ୍ରାନ୍ତ? ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍‌ରେ ସରକାରୀ ଲାଇସେନ୍ସପ୍ରାପ୍ତ ଓିପି ବନ୍ଦ ବିଦେଶୀ ମଦ ଦୋକାନଗୁଡ଼ିକ ପାଇଁ ସରକାର ଧାର୍ଯ୍ୟ କରିଥିବା ନୂତନ ଲକ୍ଷ୍ୟ ଏବେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଚର୍ଚ୍ଚା ଓ ଅସନ୍ତୋଷର ବିଷୟ ପାଲଟିଛି। ୨୦୨୧ ମସିହା ତୁଳନାରେ ୨୦୨୬ରେ ସରକାରଙ୍କ ଅବକାରୀ ନୀତି ଓ ଟାର୍ଗେଟ୍‌ରେ ଯେଉଁ ଅହେତୁକ ବୃଦ୍ଧି ଘଟିଛି, ତାହା ସାଧାରଣ ଲୋକଙ୍କୁ ଚକିତ କରିଛି। ପରିମାଣ ବଦଳରେ କେବଳ ମୋଟା ଅଙ୍କର ନଗଦ ଟଙ୍କା ଆଦାୟ କରିବାକୁ ସରକାର ଯେଉଁ ବାଧ୍ୟତାମୂଳକ ନିୟମ ଆଣିଛନ୍ତି, ତାହା ପରୋକ୍ଷରେ ଗ୍ରାମାଞ୍ଚଳରେ ମଦର ବନ୍ୟା ଛୁଟାଇବାକୁ ସରକାରୀ ପ୍ରୋତ୍ସାହନ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରୁଛନ୍ତି।

୨୦୨୧ରେ ସରକାରୀ ନୀତି ଅନୁଯାୟୀ, ମଦ ଦୋକାନଗୁଡ଼ିକୁ 'ସର୍ବନିମ୍ନ ଗ୍ୟାରେଣ୍ଟିପ୍ରାପ୍ତ ପରିମାଣ'(ଏମ୍‌ଜିକ୍ୟୁ) ଆଧାରରେ ମାସିକ କେତେ ଲିଟର ବା ବୋତଲ ମଦ କିଣିବା ବା ବିକ୍ରି କରିବାକୁ ହେବ, ତାହାର ଏକ ସୀମିତ କୋଟା ରହୁଥିଲା। ସେତେବେଳେ ମାସିକ କୌଣସି ନିର୍ଦ୍ଦିଷ୍ଟ ଟଙ୍କାର ଲକ୍ଷ୍ୟ ନ ଥିଲା। ମାତ୍ର ୨୦୨୬ର ନୂତନ ଅବକାରୀ ନୀତିରେ ସରକାର ସମ୍ପୂର୍ଣ୍ଣ ଆର୍ଥିକ ଟାର୍ଗେଟ୍ ଅର୍ଥାତ୍ 'ସର୍ବନିମ୍ନ ଗ୍ୟାରେଣ୍ଟିପ୍ରାପ୍ତ ଅବକାରୀ ରାଜସ୍ୱ' (ଏମ୍‌ଜିଇଆର୍) ଧାର୍ଯ୍ୟ କରିଛନ୍ତି। ଏହାର ଅର୍ଥ ହେଉଛି, ଦୋକାନୀଙ୍କୁ ପ୍ରତି ମାସରେ ଲକ୍ଷ ଲକ୍ଷ ଟଙ୍କାର ମଦ ସରକାରଙ୍କଠାରୁ ଉଠାଇବାକୁ କିମ୍ବା ସେହି ଅନୁଯାୟୀ ରାଜସ୍ୱ ଦେବାକୁ ବାଧ୍ୟ କରାଯାଉଛି। ସରକାରଙ୍କ ଧାର୍ଯ୍ୟ ଟାର୍ଗେଟ୍ ଅନୁସାରେ ଧୂଷୁରୀ ମଦ ଦୋକାନ ସବୁଠାରୁ ଆଗରେ ରହିଛି। ୨୦୨୧ରେ ମାସିକ ସର୍ବନିମ୍ନ ୩୬୦୦ ବଲ୍କ ଲିଟର (ପ୍ରାୟ ୫,୫୩୮ ବୋତଲ) ବିୟର ଏବଂ ୨,୪୦୦ ଲଣ୍ଡନ ପ୍ରୁଫ୍ ଲିଟର (ପ୍ରାୟ ୪,୨୬୬ ବୋତଲ) ବିଦେଶୀ ମଦ ବିକ୍ରିର ଲକ୍ଷ୍ୟ ଥିଲା। ଏଥିରେ କସନ୍ ମନି ଥିଲା ୬୩ ହଜାର ୩୬୦ ଟଙ୍କା। ୨୦୨୬ରେ ଗ୍ରାମାଞ୍ଚଳରେ ଥିବା ଏହି ଦୋକାନ ଉପରେ ସରକାର ଏବେ ମାସିକ ଧାର୍ଯ୍ୟ କରିଛନ୍ତି ସର୍ବାଧିକ ୬୬ ଲକ୍ଷ ୨୮ ହଜାର ଟଙ୍କା। ୨୦୨୧ର ପ୍ରାରମ୍ଭିକ ଆଧାର ତୁଳନାରେ ଏହା ପ୍ରାୟ ୧୦୪.୬୧ ଗୁଣା ଅଧିକ।

ସେହିପରି ଧାମନଗର ମଦ ଦୋକାନରେ ୨୦୨୧ରେ ବିୟର ଟାର୍ଗେଟ୍ ୪,୫୦୦ ବଲ୍କ ଲିଟର (୬,୯୨୩ ବୋତଲ) ଓ ବିଦେଶୀ ମଦ ୩୦୦୦ ଏଲ୍‌ପିଏଲ୍ (୫,୩୩୩ ବୋତଲ) ଥିଲା। କସନ୍ ମନି ଥିଲା ୭୯ ହଜାର ୨୦୦ ଟଙ୍କା। ୨୦୨୬ରେ ଏହି ଦୋକାନ ପାଇଁ ମାସିକ ସର୍ବନିମ୍ନ ରାଜସ୍ୱ ଲକ୍ଷ୍ୟ ୫୬ ଲକ୍ଷ ୧୭ ହଜାର ଟଙ୍କା କରାଯାଇଛି। ଦୋବଲ୍ ବିଦେଶୀ ମଦ ଦୋକାନର ୨୦୨୧ରେ ବିୟର ଟାର୍ଗେଟ୍ ୩,୬୦୦ ବଲ୍କ ଲିଟର (୫,୫୩୮ ବୋତଲ) ଧାର୍ଯ୍ୟ କରାଯାଇଥିଲା। ବିଦେଶୀ ମଦ ୨,୪୦୦ ଲଣ୍ଡନ ପ୍ରୁଫ୍ ଲିଟର (୪,୨୬୬ ବୋତଲ) ଧାର୍ଯ୍ୟ ହୋଇଥିଲା। ୨୦୨୧ରେ ଦୋକାନ ପାଇଁ କସନ୍ ମନି ୬୩ ହଜାର ୩୬୦ ଟଙ୍କା ରହିଥିଲା। ୨୦୨୬ ମସିହାର ନୂତନ ସରକାରୀ ଗାଇଡ୍‌ଲାଇନ୍ ଅନୁଯାୟୀ, ଏବେ ବୋତଲ ବା ଲିଟର ପରିବର୍ତ୍ତେ 'ସର୍ବନିମ୍ନ ଗ୍ୟାରେଣ୍ଟିପ୍ରାପ୍ତ ଅବକାରୀ ରାଜସ୍ୱ' ବା ମାସିକ କେତେ ଟଙ୍କାର ମଦ କିଣିବାକୁ ହେବ, ତାହାର କଠୋର ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ଏହାର ମାସିକ ସର୍ବନିମ୍ନ ରାଜସ୍ୱ ଲକ୍ଷ୍ୟ ହେଉଛି ୩୮ ଲକ୍ଷ ୬୦ ହଜାର ଟଙ୍କା। ୫ ବର୍ଷ ପରେ ଉଭୟ ଦୋକାନର କସନ୍ ମନି ବୃଦ୍ଧି ପାଇ ସମାନ ଭାବେ ୧ ଲକ୍ଷ ୩୩ ହଜାର ଟଙ୍କାରେ ପହଞ୍ଚିଛି। ଏହାର ନୂତନ ଟାର୍ଗେଟ୍ ୨୦୨୧ ମସିହା ତୁଳନାରେ ପ୍ରାୟ ୬୦.୯୨ ଗୁଣା ଅଧିକ।

ଅସୁରାଳି ମଦ ଦୋକାନରେ ୨୦୨୧ରେ ବିୟର ଟାର୍ଗେଟ୍ ୩,୬୦୦ ବଲ୍କ ଲିଟର (୫,୫୩୮ ବୋତଲ), ବିଦେଶୀ ମଦ ୨,୪୦୦ ଲଣ୍ଡନ ପ୍ରୁଫ୍ ଲିଟର (୪,୨୬୬ ବୋତଲ) ଥିଲା। ସେହି ସମୟରେ ଲାଇସେନ୍ସଧାରୀଙ୍କ କସନ୍ ମନି ୬୩ ହଜାର ୩୬୦ ଟଙ୍କା ଧାର୍ଯ୍ୟ ହୋଇଥିଲା। ୨୦୨୬ରେ ଏହି ଦୋକାନ ପାଇଁ ମାସିକ ସର୍ବନିମ୍ନ ରାଜସ୍ୱ ଲକ୍ଷ୍ୟ ୫୬ ଲକ୍ଷ ୧୭ ହଜାର ଟଙ୍କା ରଖାଯାଇଛି। କସନ୍ ମନି ମଧ୍ୟ ଦୁଇ ଗୁଣରୁ ଅଧିକ ବୃଦ୍ଧି ପାଇ ୧ ଲକ୍ଷ ୩୩ ହଜାର ଟଙ୍କାରେ ପହଞ୍ଚିଛି। ପୂର୍ବଥର ଅପେକ୍ଷା ଏଥର କାରବାର ଲକ୍ଷ୍ୟ ପ୍ରାୟ ୮୮ ଗୁଣରୁ ଅଧିକ ବୃଦ୍ଧି ପାଇଛି। ଏଥର ଆବେଦନ ଦେୟ ଅତ୍ୟଧିକ ବୃଦ୍ଧି କରାଯାଇଛି ଏବଂ ଏହା ସମ୍ପୂର୍ଣ୍ଣ ଭାବେ 'ଅଣ ଫେରସ୍ତଯୋଗ୍ୟ' ବୋଲି ଧାର୍ଯ୍ୟ ହୋଇଛି। ଆବେଦନ ଦେୟ ଫେରସ୍ତ ମିଳିବାକୁ ନ ଥିବାରୁ ଏବଂ ଆର୍ଥିକ ରିସ୍କ ଅଧିକ ଥିବାରୁ ସାଧାରଣ ବା ନୂତନ ବ୍ୟବସାୟୀମାନେ ଏହି ଟେଣ୍ଡର ପ୍ରକ୍ରିୟାରେ ଭାଗ ନେବାକୁ ଆଦୌ ଆଗ୍ରହ ଦେଖାଉ ନାହାନ୍ତି। ଫଳରେ ଯେଉଁମାନଙ୍କର ପୂର୍ବରୁ ଭିତ୍ତିଭୂମି ରହିଛି ଏବଂ ଯେଉଁ ପୁରୁଣା ପ୍ରଭାବଶାଳୀ ଲୋକମାନେ ମଦ ଲାଇସେନ୍ସ ପାଇଥିଲେ, ସେମାନେ ହିଁ କେବଳ ଚଳିତ ବର୍ଷ ଆବେଦନ କରୁଛନ୍ତି। ବୁଦ୍ଧିଜୀବୀ ମହଲର ଅଭିଯୋଗ ଅନୁଯାୟୀ, ସରକାରଙ୍କ ଏହି ନୀତି ଯୋଗୁଁ ବଜାରରେ କିଛି ନିର୍ଦ୍ଦିଷ୍ଟ ପ୍ରଭାବଶାଳୀ ଗୋଷ୍ଠୀଙ୍କର ଏକଚାଟିଆ ଅଧିକାର ସୃଷ୍ଟି ହେବ, ଯାହା ଆଗାମୀ ଦିନରେ ଅଞ୍ଚଳରେ ଭୟଙ୍କର 'ମଦ ମାଫିଆ' ସୃଷ୍ଟି ହେବାର ଆଶଙ୍କାକୁ ବଢ଼ାଇ ଦେଇଛି। ପ୍ରଶ୍ନ ଉଠୁଛି, ରାଜସ୍ୱ ବାହାନାରେ ସରକାର ନିଜର ଆଭ୍ୟନ୍ତରୀଣ ପାଣ୍ଠି ବଢ଼ାଇବାକୁ ଯାଇ ଧାମନଗର ଭଳି ଏକ ସାଂସ୍କୃତିକ ଅଞ୍ଚଳକୁ ମଦୁଆଙ୍କ ଗଡ଼ରେ ପରିଣତ କରିବାକୁ ଚାହୁଁଛନ୍ତି କି? ସରକାରଙ୍କ ଏହି ଜନବିରୋଧୀ ଅବକାରୀ ନୀତି ବିରୋଧରେ ଆଗାମୀ ଦିନରେ ସ୍ଥାନୀୟ ମହିଳା ସଂଗଠନ ଓ ସଚେତନ ନାଗରିକମାନେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ସଜବାଜ ହେଉଥିବା ଜଣାପଡ଼ିଛି।

## କବି ଓ ଶିକ୍ଷାବିତ୍ ଅଚ୍ୟୁତାନନ୍ଦ ସାମଲଙ୍କ ସ୍ମୃତିସଭା




ଭଦ୍ରକ,୧୮।୫(ସମିସ): ସୋମବାର ବିଶିଷ୍ଟ କବି, 'ସାମ୍ମୁଖ୍ୟ'ର ପ୍ରତିଷ୍ଠାତା ସମ୍ପାଦକ, ସାହିତ୍ୟ ସଂଗଠକ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ, ଭଣ୍ଡାରିପୋଖରୀ ସାହିତ୍ୟ ସଂସଦର ପ୍ରତିଷ୍ଠାତା ତଥା କାନ୍ତ ସାହିତ୍ୟ ପରିଷଦ, ଧାମନଗର ପୂର୍ବତନ ସଭାପତି ଦିବଂଗତ ଅଚ୍ୟୁତାନନ୍ଦ ସାମଲଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ପ୍ରେମନଗରଠାରେ ଉଭୟ "ପ୍ରେମ ପୃଥିବୀ ପରିବାର' ଏବଂ "କବି ବସନ୍ତ ମୁଦୁଲି ସ୍ମୃତି ସଂସଦ' ଦ୍ୱାରା ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଉଭୟ କବି ବସନ୍ତ ମୁଦୁଲି ସ୍ମୃତି ସଂସଦ ତଥା ପ୍ରେମ ପୃଥିବୀ ପରିବାରର ସଭାପତି କଥାକାର ପବିତ୍ର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ଦିବଂଗତ ଆତ୍ମାର ସଦ୍‌ଗତି ନିମନ୍ତେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସର୍ବଶ୍ରୀ ଅଜୟ ନାୟକ, ପ୍ରାଧ୍ୟାପକ ବାସୁଦେବ ବାରିକ, ଅରୁଣ ଖିଲାର, ପ୍ରାଧ୍ୟାପକ ଗୋଲକ ବିହାରୀ ସାହୁ, ସୁଧାକର ରାଉତ, କୈଳାସ ଚନ୍ଦ୍ର ପଣ୍ଡା, ଅଧ୍ୟାପକ ସିଦ୍ଧେଶ୍ୱର ସାହୁ, ଶାନ୍ତନୁ କୁମାର ରାଉତ, ନିର୍ମଳ ଚନ୍ଦ୍ର ରାଉତ, ଅଧ୍ୟାପକ ନାସିର ବକ୍ସ, ଗୟାଧର ପଣ୍ଡା, ଅଧ୍ୟାପକ ନିହାର ରଞ୍ଜନ କର, ବିପ୍ଳବ ହୋତା, ଶରତ ନାୟକ, ସଂଯୁକ୍ତା ବଳ, ଗୌତମ ମହାରଣା, ହରମୋହନ କୁଅଁର, ଗୌରାଙ୍ଗ ବାରିକ୍, ମନୋରଞ୍ଜନ ଦାସ, କୈଳାସ ମହାପାତ୍ର, ଅଜୟ କୁମାର କର, ଭାସ୍କର ନାୟକ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ସ୍ମୃତିଚାରଣ କରିଥିଲେ। ଶେଷରେ କବି କିଶୋର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସିବିଏସଇ ଇଣ୍ଡିଆ ଟପ୍ପର ଓ ସାନ୍ତାଳୀ ଭାଷା ସମ୍ମାନ ଟପ୍ପରଙ୍କୁ ସମ୍ବର୍ଦ୍ଧନା



ବାରିପଦା,୧୮।୫(ସମିସ): ସ୍ଥାନୀୟ ମହାରାଜପୁରସ୍ଥ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟେନ୍ସି ଆଣ୍ଡ ମ୍ୟାନେଜମେଣ୍ଟ ପକ୍ଷରୁ ସିବିଏସଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷାର କମର୍ସ ବିଭାଗରେ ଜାତୀୟ ସ୍ତରରେ ଟପ୍ପର ହୋଇଥିବା ପ୍ରିୟା ପାଲବାବୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରିୟା ପାଲବାବୁ ୯୯.୪ ପ୍ରତିଶତ ନମ୍ବର ରଖି ଏହି ସଫଳତା ହାସଲ କରିଛନ୍ତି। ସେ ବାରିପଦା ସହରର କ୍ଷେତ୍ରପାଟଣା ଅଞ୍ଚଳର ନିବାସୀ। ତାଙ୍କ ପିତା ଅଜିତ ପାଲବାବୁ ଓ ମାତା ସୁମିତ୍ରା ପାଲବାବୁ। ଜୀବନରେ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେବା ତାଙ୍କର ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଥିଲେ। ଏ ଅବସରରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସ୍ନାତକ ଶ୍ରେଣୀ ପରୀକ୍ଷାରେ ସାନ୍ତାଳୀ ଅନର୍ସରେ ସର୍ବାଧିକ ନମ୍ବର(୮୧.୮୪ ପ୍ରତିଶତ) ରଖିଥିବା ଅରବିନ୍ଦ ଟୁଡୁଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଅରବିନ୍ଦ ମୟୁରଭଞ୍ଜ କଲେଜ ଅଫ ଆକାଉଣ୍ଟେନ୍ସି ଆଣ୍ଡ ମାନେଜମେଣ୍ଟର ସାନ୍ତାଳୀ ସମ୍ମାନର ଛାତ୍ର ଅଟନ୍ତି। ଭବିଷ୍ୟତରେ ଜଣେ ପ୍ରଶାସକ ହେବା ତାଙ୍କର ସ୍ୱପ୍ନ ବୋଲି ସେ କହିଥିଲେ। ନିଜ ସଫଳତା ପାଇଁ ସେ ତାଙ୍କର ଗାଇଡ୍ ଓ ଶିକ୍ଷକ ସିରାମ ଟୁଡୁ ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି ସମ୍ମାନ ସମାରୋହରେ କଲେଜର ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ କେନ୍ଦୁଝର ସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟର ରସାୟନ ବିଭାଗର ପ୍ରଫେସର ଯଶୋବନ୍ତ ନାରାୟଣ ସିଂହବାବୁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉଦ୍ବୋଧନ ଦେଇ କହିଥିଲେ ଯେ, ସଫଳତା ପାଇଁ ନିୟମିତ ପରିଶ୍ରମ ଓ ଲକ୍ଷ୍ୟପ୍ରତି ନିଷ୍ଠା ଅତ୍ୟନ୍ତ ଆବଶ୍ୟକ। ଆଜିର ଯୁବପିଢ଼ି ଦେଶର ଭବିଷ୍ୟତ ନିର୍ମାତା। ମୁଖ୍ୟବକ୍ତା ଭାବେ ଏମଏସସିବି ବିଶ୍ୱବିଦ୍ୟାଳୟର ଏମବିଏ ବିଭାଗର ପ୍ରଫେସର ଡ ସୀତାରାମ ଦାସ ଯୋଗଦେଇ କହିଥିଲେ, ମେଧା ସହ ମାନବିକ ମୂଲ୍ୟବୋଧ ଓ ଶୃଙ୍ଖଳା ଜୀବନର ସଫଳତାର ମୂଳମନ୍ତ୍ର। ସମ୍ମାନିତ ଅତିଥି ଭାବେ ଏମଏସସିବି ବିଶ୍ୱବିଦ୍ୟାଳୟର ସାନ୍ତାଳୀ ବିଭାଗୀୟ ମୁଖ୍ୟ ପ୍ରଫେସର ଡ ଯତୀନ୍ଦ୍ରନାଥ ବେଶ୍ରା, ଅବସରପ୍ରାପ୍ତ ପ୍ରତିରକ୍ଷା ଅଧିକାରୀ ଡ ସମୀର କୁମାର ପ୍ରଧାନ ଓ ମହାବିଦ୍ୟାଳୟର ଉପାଧକ୍ଷା ସଂଘମିତ୍ରା ରାଉତ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ।"ଉଦ୍ଭିଦ ବିଭାଗର ମୁଖ୍ୟ ରୂପମଞ୍ଜରୀ ବେହେରା କାର୍ଯ୍ୟକ୍ରମକୁ ସଂଚାଳନା କରିଥିବାବେଳେ ସାନ୍ତାଳୀ ବିଭାଗର ମୁଖ୍ୟ ସିରାମ ଟୁଡୁ ଧନ୍ୟବାଦ ଅର୍ପଣ କରିଥିଲେ।

● ଯୁବତୀ ବ୍ଲାକମେଲିଂର ଶିକାର

## ଥାନାରେ ମିଳୁନି ନ୍ୟାୟ, ଆତ୍ମହତ୍ୟା ଚେତାବନୀ

ସାରସକଣା,୧୮।୫(ସମିସ): ମୟୂରଭଞ୍ଜ ଜିଲ୍ଲାରେ ଯେତେବେଳେ ମୋରଡା ମାମଲାକୁ ନେଇ ଉଠୁଛି ପଡୁଛି, ସେତେବେଳେ ସୀମାନ୍ତବର୍ତ୍ତୀ ଥାନା ଝାରପୋଖରିଆ ଥାନାରେ ମୋରଡା ଭଳି ମାମଲା ସାମ୍ନାକୁ ଆସିଛି। ଝାରପୋଖରିଆ ଥାନା ଅଧିକାରୀଙ୍କ ବିରୋଧରେ ମୋରଡ଼ା ଥାନା ଭଳି ଅଭିଯୋଗ ଆସିଥିବା ଜଣାପଡ଼ିଛି। ସାରସକଣା ବ୍ଲକ ବଡଶୋଳ ଗ୍ରାମର ଯୁବତୀ ବ୍ଲାକମେଲିଂ ଶିକାର ହୋଇଥିବାବେଳେ ନ୍ୟାୟ ପାଇଁ ଝାରପୋଖରିଆ ଥାନାର ଦ୍ୱାରସ୍ଥ ହୋଇଥିଲେ। ଥାନାକୁ ଦୌଡ଼ି ଦୌଡ଼ି ନିରାଶ ହେବା ପରେ ଆତ୍ମହତ୍ୟା କରିବାକୁ ଚେତବନୀ ଦେଇଛନ୍ତି। ଇନଷ୍ଟାଗ୍ରାମରେ ଯୁବତୀଙ୍କ ସହ ବନ୍ଧୁତା କରିଥିଲେ ଜଣେ ଯୁବକ। ପରେ ଯୁବତୀଙ୍କୁ ମାନସିକ ନିର୍ଯାତନା ଓ ବାରମ୍ବାର କଲ୍ କରୁଥିଲେ। ସବୁବେଳେ ଭିଡିଓ କଲ୍ କରୁଥିବାବେଳେ ଦିନରାତି ଅଶ୍ଳୀଳ ଫଟୋ ଓ ଭିଡ଼ିଓ ତାଙ୍କୁ ପଠାଉଥିଲା ଯୁବକ। ପରେ ଯୁବତୀଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରାଲ କରିବାକୁ ଧମକ ଦେଉଥିଲା। ଏ ନେଇ ଯୁବତୀ ମାସେ ପୂର୍ବରୁ ଝାରପୋଖରିଆ ଥାନାର ଦ୍ୱାରସ୍ଥ ହୋଇଥିଲେ। ସେଠାରେ ନ୍ୟାୟ ନ ମିଳିବାରୁ ଏସପିଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି। ଯଦି ମୋତେ ନ୍ୟାୟ ନ ମିଳେ, ଆତ୍ମହତ୍ୟା କରିବି। ଏଥିପାଇଁ ଝାରପୋଖରିଆ ଥାନା ଅଧିକାରୀ ପ୍ରଭୁ କଲ୍ୟାଣ ଆଚାର୍ଯ୍ୟ ହିଁ ଦାୟୀ ରହିବେ ବୋଲି କହିଛନ୍ତି।

## ଦୁର୍ଘଟଣାରେ ଦମ୍ପତି ଗୁରୁତର

ବୈଶିଙ୍ଗା,୧୮।୫(ସମିସ): ଦୁର୍ଘଟଣାରେ ଦମ୍ପତି ଗୁରୁତର ହୋଇଛନ୍ତି। ବୈଶିଙ୍ଗା ଥାନା ସାମ୍ନା ଓଭରବ୍ରିଜ ଉପରେ ଆଜି ଅପରାହ୍ନ ୫ଟା ସମୟରେ ଏକ ତେଲ ଟ୍ୟାଙ୍କର ଗାଡ଼ି ବାଲେଶ୍ୱରରୁ ବାରିପଦା ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ବାଇକ୍ ଭୁଲ ରାସ୍ତାରେ ଆସି ଟ୍ୟାଙ୍କର ସହିତ ଧକ୍କା ହୋଇଥିଲା। ଫଳରେ ବାଇକ୍‌ରେ ଥିବା ଦମ୍ପତି ଚେତାଶୂନ୍ୟ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକ ଉଦ୍ଧାର କରି ନିକଟସ୍ଥ ବୈଶିଙ୍ଗା ଡାକ୍ତରଖାନାକୁ ପଠାଇଥିଲେ। ଗୁରୁତର ଦମ୍ପତି କଳମା ପଞ୍ଚାୟତ କାରାମଘୁଟୁ ଗ୍ରାମର ବୁଧିଆ ହେମ୍ବ୍ରମ ଓ ପାର୍ବତୀ ହେମ୍ବ୍ରମ ବୋଲି ଜଣାପଡିଛି। ବୈଶିଙ୍ଗା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବାଲେଶ୍ୱର ଜିଲ୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ମହୁଲଡିହା ସାପ୍ତାହିକ ହାଟରୁ ବାଇକ୍ ଚୋରି

ମହୁଲଡିହା,୧୮।୫(ସମିସ): ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଥାନା ମହୁଲଡିହା ସାପ୍ତାହିକ ହାଟରୁ ବାଇକ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସାତକୋଶିଆ ପଞ୍ଚାୟତ ଜାମୁନଣ୍ଡା ଗ୍ରାମର ସର୍କୁଲ ମହାନ୍ତ (୪୩) ରାଜପଥ ପାଶ୍ୱର୍ରେ ଗଙ୍ଗା ରାମ ହୋଟେଲ ସାମ୍ନା ଜାମୁକୋଳି ଗଛ ମୂଳରେ ବାଇକ ରଖି ପରିବା କିଣିବାକୁ ଯାଇଥିଲେ। ସେଠାରୁ ଫେରି ସେ ସ୍ଥାନରେ ବାଇକ ନ ଥିବା ଦେଖିଥିଲେ। ସେ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି।

ପାଞ୍ଚପିଢ଼ ଉପଖଣ୍ଡରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୮ଟି ଅଭିଯୋଗର ତ୍ୱରିତ ସମାଧାନ



କରଞ୍ଜିଆ,୧୮।୫(ସମିସ): ପାଞ୍ଚପୀଢ଼ ଉପଖଣ୍ଡରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ସୋମବାର କରଞ୍ଜିଆ ପାଞ୍ଚପିଢ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ହେମକାନ୍ତ ସୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ମୟୂରଭଞ୍ଜ ବରୁଣ ଗୁଣ୍ଟୁପାଲି ଉପସ୍ଥିତ ଥିଲେ। ଉକ୍ତ ଶିବିରରେ ୯୭ଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ୮ଟି ଅଭିଯୋଗର ତ୍ୱରିତ ସମାଧାନ ହୋଇଛି।

ଆଜି ଆୟୋଜିତ ମିଳିତ ଜନଅଭିଯୋଗ ଶିବିରରେ ୯୭ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଏଥିରେ ସେଥିମଧ୍ୟରୁ ୮୧ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୧୬ଟି ସାମୂହିକ ସମସ୍ୟାକୁ ନେଇ ଅଭିଯୋଗ ଆସିଥିଲା। ଏ ଅଭିଯୋଗ ମଧ୍ୟରୁ ୮ଟି ଅଭିଯୋଗର ତ୍ୱରିତ ସମାଧାନ କରାଯାଇଥିଲା। ଏଥିସହ ଗୁରୁତର ରୋଗରେ ପୀଡ଼ିତ ୭ ଜଣ ଲୋକଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪୬ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ପାଇଁ ସୁପାରିଶ କରାଯାଇଥିଲା। ଜିଲ୍ଲାପାଳ ଶ୍ରୀ ସୟ ଅଭିଯୋଗକାରୀଙ୍କ ସମସ୍ୟାକୁ ଗୁରୁତ୍ୱ ସହକାରେ ଶୁଣି ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଶୁଣାଣି ପ୍ରକୋଷ୍ଠରେ ଅତିରିକ୍ତ ଜିଲ୍ଲାପାଳ ଅଜିତ କୁମାର, ଉପଜିଲ୍ଲାପାଳ ପାଞ୍ଚପିଢ଼ କରଞ୍ଜିଆ ଡଃ ଦୟାସିନ୍ଧୁ ପରିଡା, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କରଞ୍ଜିଆ ଚିତ୍ତରଞ୍ଜନ ମହାନ୍ତ, ଅତିରିକ୍ତ ଉପ-ଜିଲ୍ଲାପାଳ ପ୍ରକାଶ କୁମାର ଦାସ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡଃ ଧନୁର୍ଜୟ ମହାନ୍ତ, ଉପଖଣ୍ଡ ଚିକିତ୍ସାଳୟ କରଞ୍ଜିଆର ଡଃ ନଗେନ୍ଦ୍ର କୁମାର ମହାପାତ୍ରଙ୍କ ସମେତ ବିଭିନ୍ନ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ସମସ୍ତ ଅଭିଯୋଗର ଶୁଣାଣି ସୁଚାରୁ ଭାବେ ସମ୍ପନ୍ନ ହୋଇଥିବା ସୂଚନା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ପାଇଛି।

## ଏସ୍ଆଇଆର ପ୍ରକ୍ରିୟା ପରିଚାଳନା ବୈଠକ

ରାଇରଙ୍ଗପୁର,୧୮।୫(ସମିସ): ରାଇରଙ୍ଗପୁର ଓ ସାରସକଣା ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ବାମନଘାଟି ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ଉଗ୍ରସେନ ଓରାମଙ୍କ ଅଧ୍ୟକ୍ଷତାରେ ଏସ୍ଆଇଆର ପ୍ରକ୍ରିୟା ପରିଚାଳନା ବୈଠକ ଅନୁଷ୍ଠିତ ହୋଇଛି। ରାଇରଙ୍ଗପୁରସ୍ଥ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ସମ୍ବନ୍ଧୀୟ ଏକ ବିଶେଷ ବୈଠକ ହୋଇଛି। ମୁଖ୍ୟ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁଯାୟୀ ଏସଆଇଆର ପାଇଁ ଆସନ୍ତା ଜୁଲାଇ ୧ ତାରିଖକୁ ଯୋଗ୍ୟତା ସୂଚକ ଗ୍ରହଣ କରାଯାଇଛି। ଯାହାକୁ ନେଇ ମେ ୨୦ରୁ ୨୯ ତାରିଖ ମଧ୍ୟରେ ତାଲିମ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତି, ମେ ୩୦ରୁ ଜୁନ ୨୮ ତାରିଖ ମଧ୍ୟରେ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ଦ୍ୱାରା ଘରକୁ ଘର ଯାଇ ଉଦ୍ଦିଷ୍ଟ ଫର୍ମରେ ଆବଶ୍ୟକୀୟ ତଥ୍ୟ ସଂଗ୍ରହ ହେବ। ଜୁନ ୨୮ ତାରିଖ ସୁଦ୍ଧା ଭୋଟ ଗ୍ରହଣ କେନ୍ଦ୍ରର ଯୁକ୍ତିଯୁକ୍ତ କରାଇବା। ଏଥିସହିତ ଜୁଲାଇ ୫ ତାରିଖ ସୁଦ୍ଧା ଭୋଟର ତାଲିକା ଚିଠା ପ୍ରକାଶ କରାଯିବା। ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଆପତ୍ତି ଅଭିଯୋଗ ଦାଖଲ କରାଯିବା ସହ ସେପ୍ଟେମ୍ବର ୨ ସୁଦ୍ଧା ଅଭିଯୋଗକାରୀଙ୍କୁ ଅଭିଯୋଗର ସମାଧାନ ପାଇଁ ନୋଟିସ ଦ୍ୱାରା ସୂଚୀତ କରି ଆପତ୍ତି ଅଭିଯୋଗର ଫଇସଲା କରାଯିବା। ସେପ୍ଟେମ୍ବର ୬ ତାରିଖରେ



ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ହେବା ସମ୍ବନ୍ଧରେ ସୂଚନା ପ୍ରଦାନ ସହିତ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ଜାତୀୟ କଂଗ୍ରେସ ଦଳ ତରଫରୁ ରୂପକ କୁମାର ମହାନ୍ତି, ବାରେଲ ସିର୍କା, ଲକ୍ଷ୍ମଣ ମାଝୀ, ଭାରତୀୟ ଜନତା ପାର୍ଟିର ସୁଧାଂଶୁ ଶେଖର ମହାନ୍ତ, ଆଲୋକ ରଞ୍ଜନ ମହାନ୍ତ, ବିଜୁ ଜନତା ଦଳର ମାଝିଆ ରାମ ଟୁଡୁ, ରାଇସେନ ମୁର୍ମୁ, ପଙ୍କଜ ଦାସ, ସୁବାସ ଚନ୍ଦ୍ର ମଣ୍ଡଳ, ବିରଞ୍ଚି ନାରାୟଣ ନନ୍ଦ, ଗୋପବନ୍ଧୁ ଗିରି, ବହୁଜନ ସମାଜ ପାର୍ଟିର ଜଟିଆ ସାୟାଁ ଓ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ସାଲୁ କିସ୍କୁ ପ୍ରମୁଖ ଯୋଗଦେଇ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଉପଜିଲ୍ଲାପାଳ ବାସନ୍ତୀ ଲାକ୍ରା, ସାରସକଣା ନିର୍ବାଚନମଣ୍ଡଳୀର ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ସହକାରୀ ଜିଲ୍ଲାପାଳ ସୁଧାକର ସେଠୀ, ବିଭାଗୀୟ ଅଧିକାରୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ବରିଷ୍ଠ ରାଜସ୍ୱ ସହାୟକ ପ୍ରସାଦ ବେହେରା ଓ ସମ୍ପୃକ୍ତ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

## ନୂତନ ଉପଜିଲ୍ଲାପାଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ରାଇରଙ୍ଗପୁର,୧୮।୫(ସମିସ): ବାମନଘାଟି ଉପଖଣ୍ଡର ନୂତନ ଉପଜିଲ୍ଲାପାଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି ନୂତନ ଉପଜିଲ୍ଲାପାଳ ଉଗ୍ରେସନ ଓରାମଙ୍କୁ ରାଇରଙ୍ଗପୁରସ୍ଥ କାର୍ଯ୍ୟାଳୟରେ ସୌଜନ୍ୟମୂଳକ ସାକ୍ଷାତ କରି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଏ ଅବସରରେ



ବାମନଘାଟି ଉପଖଣ୍ଡ ଅଞ୍ଚଳର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ବାବଦରେ ଆଲୋଚନା କରିଥିଲେ। ପ୍ରକଳ୍ପଗୁଡିକର ଅଗ୍ରଗତି ନେଇ ଆଲୋଚନା କରିବା ସହ ଅସମ୍ପୂର୍ଣ୍ଣ ପ୍ରକଳ୍ପ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ନେଇ ଆଲୋଚନା କରିଥିଲେ। ସମାଜସେବୀ ସୁପାଇ ଚରଣ ମାଝୀ, ଭାରତୀୟ ଅସ୍ତ୍ର ନିର୍ମାଣ କାରଖାନାର ଅବସରପ୍ରାପ୍ତ ସହାୟକ ନିର୍ଦ୍ଦେଶକ ଗୋବିନ୍ଦ ଚରଣ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

● ଦିବ୍ୟାଙ୍ଗ ଦୁଷ୍କର୍ମ ମାମଲା

## ଅଭିଯୁକ୍ତକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ

ଉଦଳା,୧୮।୫(ସମିସ): ଦିବ୍ୟାଙ୍ଗ ଯୁବତୀଙ୍କୁ ଦୁଷ୍କର୍ମ ମାମଲାର ଶୁଣାଣି କରି ଏଡିଜେ କୋର୍ଟର ବିଚାରପତି ପ୍ରଦୀପ କୁମାର ବେହେରା ଅଭିଯୁକ୍ତକୁ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି। ସୂଚନା ମୁତାବକ, ୨୦୨୨ ଏପ୍ରିଲ ୩୦ ତାରିଖ ଦିନ ଦିବ୍ୟାଙ୍ଗ ଯୁବତୀ ସକାଳ ସମୟରେ ନଦୀକୁ ଶୌଚ ହେବାକୁ ଯାଇଥିଲେ। ନିରୋଳା ଦେଖି ଗ୍ରାମର ଯୁବକ ହରି ସିଂ ଦିବ୍ୟାଙ୍ଗ ଯୁବତୀକୁ ଦୁଷ୍କର୍ମ କରିଥିଲା। ଏହା ସମ୍ପର୍କୀୟ ଭାଇ ଦେଖି ଦିବ୍ୟାଙ୍ଗ ଯୁବତୀଙ୍କ ଘରେ ପ୍ରକାଶ କରିଥିଲା। ସମ୍ପର୍କୀୟ ଭାଇ ବୁଧିରାମଙ୍କ କହିବା ଅନୁସାରେ ପୀଡ଼ିତାଙ୍କ ଭାଇ ଜଗନ ସିଂ ଉଦଳା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଉଦଳା ପୁଲିସ ହରିକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଆଜି ଏହାର ଶୁଣାଣି କରି ଅଭିଯୁକ୍ତକୁ ୧୦ ବର୍ଷ କାରା ଦଣ୍ଡାଦେଶ ଶୁଣାଇଛନ୍ତି ମାନ୍ୟବର କୋର୍ଟ। ସରକାରଙ୍କ ପକ୍ଷରୁ କ୍ୟାଡର ଆଡିସନାଲ ପିପି ଲିଲେଶ କୁମାର ଜେନା ମାମଲା ପରିଚାଳନା କରିଥିବା ବେଳେ ଡେପୁଟି ଡାଇରେକ୍ଟର ବାରିପଦା ବିଦୂଭୂଷଣ ମହାନ୍ତି ମାର୍ଗଦର୍ଶନ ଦେଇଥିଲେ।

## ଜିଲ୍ଲାପାଳଙ୍କ ଠାକୁରମୁଣ୍ଡା ଗସ୍ତ

ମହୁଲଡିହା,୧୮।୫(ସମିସ): ମୟୁରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ସୋମବାର ଠାକୁରମୁଣ୍ଡା ଗସ୍ତରେ ଆସି ଫେରିଯାଇଛନ୍ତି। ଜିଲ୍ଲାପାଳ ପାଞ୍ଚପିଢ଼ ଉପଖଣ୍ଡ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ପରେ



କରଞ୍ଜିଆ ଠାକୁରମୁଣ୍ଡା ରାସ୍ତା ଦେଇ ବାରିପଦା ଫେରିଥିଲେ। ପ୍ରାୟ ୪.୩୦ ବେଳକୁ ଠାକୁରମୁଣ୍ଡା ପହଞ୍ଚି ପ୍ରଥମେ ଠାକୁରମୁଣ୍ଡା ବନ୍ଧରେ ହେଉଥିବା କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ସେଠାରୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆସି ଚିକିତ୍ସା ସ୍ଥିତି ଅନୁଧାନ କରିଥିଲେ। ଏମସିଏଚ ବିଲଡିଂ ଭିତରେ ଭଙ୍ଗା ହୋଇଥିବା ଦେଖି ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ନିକଟସ୍ଥ ନୂଆ ବିଲଡିଂକୁ ସ୍ଥାନାନ୍ତର କରାଯାଉଥିବା ଡାକ୍ତର ପ୍ରକାଶ କରିଥିଲେ। ଏଥିପାଇଁ କିଏ ନିଷ୍ପତ୍ତି ନେଲେ ବୋଲି କହିବାରୁ ଜିଲ୍ଲାପାଳ ଓ ସିଡିଏମଓ କହିଛନ୍ତି ଏହା କରିବାକୁ ବୋଲି କର୍ମଚାରୀ କହିଥିଲେ। ଜିଲ୍ଲାପାଳ ଆଶ୍ଚର୍ଯ୍ୟ ହୋଇ କହିଥିଲେ, ଆମେ କାହିଁକି ଏପରି ଅବାସ୍ତବ ନିର୍ଦ୍ଦେଶ ଦେବୁ। ଯେଉଁ ବିଲଡିଂ ଯେଉଁଥିପାଇଁ ହୋଇଛି ତା'ର ସେପରି ବ୍ୟବହାର ପାଇଁ ଶୁଣାଇଥିଲେ। ଡାକ୍ତରଖାନାରେ ଡାକ୍ତର ସମସ୍ୟା ଥିବାରୁ ସିଡିଏମଓଙ୍କ ସହ ଫୋନ ଯୋଗେ କଥା ହୋଇଥିଲେ। ଠାକୁରମୁଣ୍ଡାରେ କିପରି ଡାକ୍ତର ଦିଆଯାଇପାରିବ ପଚାରିଥିଲେ। ମାତ୍ର ଡାକ୍ତର ଅଭାବ ଥିବାରୁ ସେବା ଚଳାଇ ରଖନ୍ତୁ ବୋଲି ଡାକ୍ତର ଗିରିଶ ଚନ୍ଦ୍ର ଅଧିକାରୀଙ୍କ ସହ ଆଲୋଚନା ସମୟରେ କହିଥିଲେ। ଅନେକ ଡାକ୍ତର ଯୋଗ ଦେଇଥିଲେ ମଧ୍ୟ ଉଚ୍ଚଶିକ୍ଷା ପାଇଁ ଚାଲିଯିବାରୁ ଅଚଳାବସ୍ଥା ସୃଷ୍ଟି ହୋଇଥିବା ଜଣାପଡିଛି। ପୁରୁଣା ବିଲଡିଂରେ ଲିଫ୍ଟ ଚାଲୁ ନ ଥିବାରୁ ତାହା କାର୍ଯ୍ୟକ୍ଷମ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେଠାରୁ ବ୍ଲକ କାର୍ଯ୍ୟାଳୟ ଯାଇ ପରେ ବାରିପଦା ଫେରିଯାଇଥିଲେ।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ

ବାରିପଦା, ୧୮।୫(ସମିସ): ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆନ୍ତର୍ଜାତିକ ଆର୍ଟ ଅଫ୍ ଗିଭିଂ (ଦାନର କଳା) ଦିବସ ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ପାଳିତ ହୋଇଯାଇଛି। କିସ୍ ଓ କିଟର ପ୍ରତିଷ୍ଠାତା ଡ ଅଚ୍ୟୁତ ସାମନ୍ତଙ୍କ ମହତ୍ ଆଦର୍ଶ ଓ ଦର୍ଶନରେ ଅନୁପ୍ରାଣିତ ହୋଇ କିସ୍‌ର ପ୍ରାକ୍ତନ ଛାତ୍ର ସଂସଦ ପକ୍ଷରୁ ଏହି ସେବାମୂଳକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଚଳିତ ବର୍ଷର ମୂଳମନ୍ତ୍ର 'ସେୟାର୍ ଟୁ ସାଇନ'କୁ ପାଥେୟ କରି ଡାକ୍ତରଖାନା ପରିସରରେ ୪୦୦ରୁ ଅଧିକ ରୋଗୀଙ୍କ ସମ୍ପର୍କୀୟ ଓ ଦୂରଦୂରାନ୍ତରୁ ଆସିଥିବା ପରିଦର୍ଶକଙ୍କୁ ସ୍ୱାସ୍ଥ୍ୟକର ଓ ପୁଷ୍ଟିକର ସ୍ୱାଦିଷ୍ଟ ଅନ୍ନ ବଣ୍ଟନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବିଶିଷ୍ଟ ସମାଜସେବୀ ଅମର ସେଠୀ, ମଙ୍ଗଳ ହାଁସଦା ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ଡ ସାମନ୍ତଙ୍କ ଆର୍ଟ ଅଫ୍ ଗିଭିଂର ବାର୍ତ୍ତା ସମାଜର ପ୍ରତ୍ୟେକ ସ୍ତରରେ ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କିସ୍‌ର ପୁରାତନ ଛାତ୍ରଛାତ୍ରୀ ତରଣୀସେନ ନାୟକ, ମୀରାରାଣୀ ହେମ୍ବ୍ରମ, ଘାସିରାମ ମାଝୀ, ଅର୍ଜୁନ ସିଂହ, କ୍ଷୀରୋଦ ହେମ୍ବ୍ରମ, ଗଜେନ୍ଦ୍ର ବାସ୍କେ, ଲଖାଇ ଟୁଡୁ, ରୋହିତ କୁମାର ନାୟକ, ଅଶୋକ ହାଂସଦା, ମଳୟ କାନହାର, ଦିବ୍ୟରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହି ନିଜ ହାତରେ ରୋଗୀଙ୍କ ସେବା କରିଥିଲେ। ଏଥିସହିତ ଅଞ୍ଚଳର ଶୁଭେଚ୍ଛୁ ରଞ୍ଜିତ ରାଉତ, ଚନ୍ଦନ ସିଂହ ଓ ଜୟଦେବ ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ସାଙ୍ଗମାନଙ୍କ ସହ ଗାଧେଇବାକୁ ଯିବା ହେଲା କାଳ

## ହାଟବନ୍ଧରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

ରାଇରଙ୍ଗପୁର,୧୮।୫(ସମିସ): ମହୁଲଡିହାସ୍ଥ ହାଟବନ୍ଧରେ ବୁଡି ଛାତ୍ରଙ୍କ ମୃତ୍ୟୁ ହୋଇଛି। ଛାତ୍ର ଜଣକ ତିରିଂ ଥାନା ଅନ୍ତର୍ଗତ ମାଘୁଆ ଅଞ୍ଚଳର ଦେଓଗାଁ ଗ୍ରାମର ଗରଡି ବାଇପାଇ ଓ ଗୁରୁବାରୀ ବାଇପାଇଙ୍କ ପୁତ୍ର ଶୁଭାଶିଷ ବାଇପାଇ। ସେ ରାଇରଙ୍ଗପୁର ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର। ମୁର୍ମୁ ଛକ ନିକଟସ୍ଥ ଦେଓଗାମ ଘରୋଇ ମେସରେ ରହି ପଢୁଥିଲେ। ରବିବାର ଅପରାହ୍ଣ ପ୍ରାୟ ୩ଟା ସମୟରେ ମେସ ସାଙ୍ଗଙ୍କ ସହ ହାଟବନ୍ଧକୁ ଗାଧେଇବାକୁ ଯାଇଥିଲେ। ସେ ମେସକୁ ଫେରି ନ ଥିଲେ। ସାଙ୍ଗମାନଙ୍କ କହିବା ଅନୁଯାୟୀ, ସେ ଉକ୍ତ ସ୍ଥାନରୁ କୁଆଡେ ପଳାଇ ଯାଇଥିଲେ। ରବିବାରଠାରୁ ଖୋଜ ଖବର ନଥିବାବେଳେ ସୋମବାର ଅଗ୍ନିଶମ ବାହିନୀ ସହାୟତାରେ ଖୋଜାଖୋଜି ଆରମ୍ଭ ହୋଇଥିଲା। ସୋମବାର ଅପରାହ୍ଣରେ ପାଣି ଭିତରୁ ଉଦ୍ଧାର କରାଯାଇଛି। ତାଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ରାଇରଙ୍ଗପୁର ଟାଉନ ଥାନା ପୋଲିସ ପକ୍ଷରୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ମୃତଦେହ ପଠାଯାଇଛି। ତେବେ ଶୁଭାଶିଷ ସାଙ୍ଗଙ୍କ ସହ ଗାଧୋଇବାକୁ ଯାଇଥିବାବେଳେ ଅଘଟଣ ଘଟିଛି। ତାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକ ଗଣମାଧ୍ୟମ ଜରିଆରେ ଅଭିଯୋଗ କରିଛନ୍ତି। ସେ ମେସ ମାଲିକଙ୍କ ତତ୍ତ୍ୱାବଧାନରେ ଥିବାବେଳେ ଅପରାହ୍ଣରେ କିପରି ତାଙ୍କୁ ସାଙ୍ଗମାନଙ୍କ ସହ ଗାଧେଇବାକୁ ଛାଡିଥିଲେ। ଉକ୍ତ ଘଟଣାରେ ମେସ ମାଲିକଙ୍କ ପ୍ରତି ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୃତ ଛାତ୍ରଙ୍କ ପରିବାର କହିଛନ୍ତି।











## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ପରିବାର ସଦସ୍ୟଙ୍କ ସହଯୋଗ ମିଳିବ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ। ପ୍ରେମ ଜୀବନ ସୁଖମୟ ହେବ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ।

## ଆଜିର ଐତିହ୍ୟ

- ୧୯୦୪- ଟାଟା ଗ୍ରୁପ୍‌ର ସଂସ୍ଥାପକ ଜାମସେଦଜୀ ଟାଟାଙ୍କ ନିଧନ।
- ୧୯୧୩- ପୂର୍ବତନ ରାଷ୍ଟ୍ରପତି ନୀଲମ୍ ସଞ୍ଜୀବ ରେଡ୍ଡୀଙ୍କ ଜନ୍ମ।
- ୧୯୭୧- ରୁଷ୍ ମାର୍ସ-୨ ପ୍ରୋଗ୍ରାମ୍ ଲଞ୍ଚ୍ କଲା।
- ୧୯୮୦- ଆମେରିକାରେ ହେଲେନା ଜ୍ୱାଳାମୁଖୀରେ ବିସ୍ଫୋରଣ ହେବାରୁ ନଅ ଜଣଙ୍କର ମୃତ୍ୟୁ।
- ୨୦୦୧- ଆପଲ୍ ଇଙ୍କ୍ ତା'ର ପ୍ରଥମ ଦୁଇଟି ରିଟେଲ୍ ଷ୍ଟୋର୍ ଖୋଲିଲା।

# 'କିଙ୍ଗ୍' ଅଭିଷେକଙ୍କ ଲୁକ୍ ଲିକ୍





ବଲିଉଡ୍ ଅଭିନେତା ଅଭିଷେକ ବଚ୍ଚନ ଏବେ ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶିତ ଫିଲ୍ମ 'କିଙ୍ଗ୍'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏଥିରେ ଶାହାରୁଖ୍ ଖାନ୍ ହିରୋ ଭାବେ ଦେଖାଯିବେ। ଅଭିଷେକ ଏଥିରେ ଖଳନାୟକ ଭାବେ ଦେଖାଯିବେ। ଶାହାରୁଖ୍ ଓ ଅଭିଷେକଙ୍କ ବାଦ୍ ଏଥିରେ ସୁହାନା ଖାନ୍, ଦୀପିକା ପାଦୁକୋନ୍, ଜୟଦୀପ ଅହଲାୱତ, ଅନୀଲ କପୁର ମଧ୍ୟ ଅଭିନୟ କରୁଛନ୍ତି। କିଛି ଦିନ ପୂର୍ବରୁ ସୁଟିଂ ସେଟ୍‌ରୁ ଶାହାରୁଖ୍ ଓ ଦୀପିକା କୌଣସି ଗୀତର ସୁଟ୍ କରୁଥିବାର ଫଟୋ ଓ ଭିଡିଓ ଭାଇରାଲ ହୋଇଥିଲା। ଏବେ ସୁଟିଂ ସେଟ୍‌ରୁ ଅଭିଷେକଙ୍କ କିଛି ଫଟୋ ଭାଇରାଲ ହେଉଛି, ଯେଉଁଥିରେ ସେ ବେଶ୍ ଦମ୍‌ଦାର ଅବତାରରେ ନଜର ଆସିଛନ୍ତି। ଗୋଟିଏ ଫଟୋରେ ଅଭିଷେକ ପାହାଡ଼ ନିକଟରେ ଥିବା ଏକ ଗାଡ଼ି ଉପରେ ଠିଆ ହୋଇଥିବାର ଦେଖାଯାଇଛନ୍ତି। ସେ କଳାରଙ୍ଗର ଏକ ପୋଷାକ ଉପରେ ଧୂସର ରଙ୍ଗର ଏକ ଓଭର୍‌କୋଟ୍ ପିନ୍ଧିଛନ୍ତି। ଏହାବାଦ୍ ସେ ହାତରେ ଏକ ବନ୍ଧୁକ ମଧ୍ୟ ଧରିଛନ୍ତି। ଅନ୍ୟ ଫଟୋରେ ଏକ ଦୁର୍ଘଟଣାଗ୍ରସ୍ତ କାର୍‌କୁ ଦେଖାଯାଇଛି। ଏଥିରୁ ଅଭିଷେକ ଏକ ଆକ୍ସନ୍ ସିନ୍‌ର ସୁଟ୍ କରୁଛନ୍ତି ବୋଲି ଦର୍ଶକେ ଅନୁମାନ କରିଛନ୍ତି। 'କିଙ୍ଗ୍' ଡିସେମ୍ବର ୨୪ରେ ପରଦାକୁ ଆସିବ।

# ଅଫିସ୍‌ରେ ମସାଜ୍ ଚେୟାର୍, ସ୍ନାକ୍ସ ସୁବିଧା

ସ୍ୱିଡେନର ଏକ କର୍ପୋରେଟ୍ ଅଫିସ୍‌ର ଭିଡିଓ ବର୍ତ୍ତମାନ ଚର୍ଚ୍ଚା ସାଉଁଟୁଛି। ଏହି ଭିଡିଓଟିକୁ ସଙ୍କେତ ବନିକ୍ ତାଙ୍କ ଇନ୍‌ଷ୍ଟାଗ୍ରାମ୍ ପେଜ୍‌ରେ ସେୟାର୍ କରିଛନ୍ତି। ଭିଡିଓରେ ଜଣେ ଭାରତୀୟ ବ୍ୟକ୍ତି ଏକଥା ଦେଖାଇବାକୁ ଚାହିଁଛନ୍ତି ଯେ, ୟୁରୋପରେ କିଭଳି କାମ ସହିତ ୱାର୍କ ଲାଇଫ୍ ବାଲାନ୍ସକୁ ପ୍ରାଧାନ୍ୟ ଦିଆଯାଏ। ଏହି ଭିଡିଓକୁ ଦେଖି ଲୋକେ ଅଫିସ୍‌ର ଖୁବ୍ ପ୍ରଶଂସା କରିଛନ୍ତି। ଏହି ଅଫିସ୍‌ରେ ଆଧୁନିକ ଡିଜାଇନ୍ ଦେଖିବାକୁ ମିଳିଛି। ଅଫିସ୍‌ରେ ବିନ୍ ବ୍ୟାଗ୍, ଆରାମ ଚେୟାର୍ ଏବଂ ଖୋଲା ସ୍ଥାନ ଅଛି। କର୍ମଚାରୀଙ୍କ କାର୍ଯ୍ୟଧାରା କେବଳ ଡେସ୍କ ପର୍ଯ୍ୟନ୍ତ ସୀମିତ ନାହିଁ। ସେମାନେ ଅଫିସ୍ ଶିଢ଼ି ତଥା ନିଜ ପସନ୍ଦର ଯେକୌଣସି ସ୍ଥାନ ବାଛି ସେଠାରେ କାମ କରିପାରିବେ। କେବଳ ସେତିକି ନୁହେଁ, ଯଦି କୌଣସି କର୍ମଚାରୀ ବାହାରର ପ୍ରାକୃତିକ ପରିବେଶରେ କାମ କରିବାକୁ ଚାହାନ୍ତି, ସେ ସୁବିଧା ମଧ୍ୟ ଅଛି। କର୍ମଚାରୀମାନଙ୍କୁ କର୍ମଚାପରୁ ମୁକ୍ତି ଦେବା ପାଇଁ ଅଫିସ୍‌ଗୁଡ଼ିକ ଏଭଳି ବ୍ୟବସ୍ଥା କରିଛନ୍ତି। କର୍ମଚାରୀଙ୍କ ମନକୁ ଖୁସି ରଖିବା ପାଇଁ ଏଠାରେ ଅନେକ ରୋଚକୀୟ ସୁବିଧା ବି ପ୍ରଦାନ କରାଯାଇଛି। ଜଣେ ଚାହିଁଲେ ମନଇଚ୍ଛା କ୍ୟାଣ୍ଡି ଖାଇପାରିବେ, ସଂଧ୍ୟାବେଳେ ଅଫିସ୍ ତରଫରୁ ଜଳଖିଆ ମଧ୍ୟ ପରଷା ଯାଏ। ସେହିପରି ଅଫିସ୍ ବ୍ରେକ୍‌ରେ କର୍ମଚାରୀ ମସାଜ ଚେୟାର୍ ବ୍ୟବହାର କରିପାରିବେ। ନଚେତ ଗେମ୍ ଖେଳି ଚାପମୁକ୍ତ ହୋଇପାରିବେ। ଏଭଳି ଅଫିସ୍ ପରିବେଶ ଦ୍ୱାରା କାମ ବୋଝ ଭଳି ଲାଗେ ନାହିଁ ବରଂ ମଜାଦାର ଅନୁଭୂତି ପ୍ରଦାନ କରେ। ସଙ୍କେତଙ୍କ କହିବାନୁସାରେ, ୟୁରୋପରେ ଅଫିସ୍ କେବଳ କାମ କରିବାର ସ୍ଥାନ ନୁହେଁ, ବରଂ ଏଠାରେ କର୍ମଚାରୀଙ୍କ ଆରାମ ଓ ଖୁସିକୁ ସମାନ ଭାବେ ଗୁରୁତ୍ୱ ଦିଆଯାଏ। ଏହି କାରଣ ଯୋଗୁଁ ଏଠାରେ ୱାର୍କ ଲାଇଫ୍ ବାଲାନ୍ସ ଖୁବ୍ ଉନ୍ନତମାନର ହୋଇଥାଏ। ଏହାସହ ଏହି ମଡେଲ ବିଶ୍ୱର ଅନ୍ୟ ଦେଶ ଲାଗି ଉଦାହରଣ ହୋଇପାରେ। ତେବେ କର୍ମଚାରୀଙ୍କୁ ଉତ୍ତମ ପରିବେଶ ପ୍ରଦାନ କରିବା ଦ୍ୱାରା ସେମାନଙ୍କ କାମ କରିବା ଇଚ୍ଛା ଆପେ ଆପେ ବଢ଼ିଥାଏ। କହିବାକୁ ଗଲେ ଏହି ଅଫିସ୍ ଏକଥାକୁ ପ୍ରମାଣିତ କରୁଛି ଯେ, କାମ କରିବାର ଉପାୟ ବଦଳାଇଲେ ପୂରା କାର୍ଯ୍ୟ ସଂସ୍କୃତି ବଦଳି ଯାଏ। ସେହିପରି ପ୍ରତ୍ୟେକ ସ୍ଥାନରେ ଏଭଳି ଅଫିସ୍ ପରିବେଶ ରହିଲେ, ଏହା ବାଧ୍ୟବାଧକତାର ସ୍ଥାନ ନୁହେଁ, ସୁଖଦ ଅନୁଭବ ପ୍ରଦାନ କରିବ।



# କୃଷକଙ୍କ ପାଇଁ ବରଦାନ 'ସବ୍‌ଜିକୋଠି'

ଚାଷୀମାନେ ବହୁ ସମୟରେ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇ ରାସ୍ତାରେ ପନିପରିବା ଫିଙ୍ଗି ଦେଉଥିବା ଦୃଶ୍ୟ ଦେଖିବାକୁ ମିଳେ। ଚାଷୀଙ୍କର ଏଭଳି ସମସ୍ୟାକୁ ହୃଦୟଙ୍ଗମ କରି ବିହାର ଭାଗଲପୁରର ଆଇଆଇଟି ଗ୍ରାଜୁଏଟ୍ ନିକ୍କି କୁମାର ଏବଂ ତାଙ୍କ ଭଉଣୀ ରଶ୍ମି ଝା ଏକ ଉଚ୍ଚ କ୍ଷମତାସମ୍ପନ୍ନ ସ୍ୱତନ୍ତ୍ର ପୋର୍ଟେବଲ୍ କୋଲ୍ଡଷ୍ଟୋରେଜ୍ ବା ଶୀତଳଭଣ୍ଡାର ନିର୍ମାଣ କରିଛନ୍ତି। ସେମାନଙ୍କ ଦ୍ୱାରା ନିର୍ମିତ ଏହି ଶୀତଳ ଭଣ୍ଡାରରେ ପରିବା ଓ ଫଳ ବହୁଦିନ ତଟକା ରହିପାରୁଛି। ଏଥିରେ ଚାଷୀମାନେ ସେମାନଙ୍କ ବଳକା ଉତ୍ପାଦ ରଖିପାରିବେ। ଏହାର ନାମ ସେମାନେ 'ସବ୍‌ଜିକୋଠି' ରଖିଛନ୍ତି। ଏହା ସାଧାରଣ ରେଫ୍ରିଜରେଟରଠାରୁ ୧୦ଗୁଣ ଅଧିକ କ୍ଷମତାଶାଳୀ ଓ ଏହାର ଅଧା ଖର୍ଚ୍ଚରେ ତିଆରି କରାଯାଇଛି। ଏଥିରେ ୩ରୁ ୩୦ ଦିନ ଯାଏ ଫଳ ଓ ପରିବା ସତେଜ ରହିପାରୁଛି। ସବ୍‌ଜିକୋଠି ପାଇଁ ଦିନକୁ ମାତ୍ର ୧ ଲିଟର ପାଣି ଓ ୨୦ ୱାଟ୍ ବିଦ୍ୟୁତ୍ ଦରକାର ହେଉଛି। ଏଥିରେ ୨୦୦ କିଲୋରୁ ୧୦୦୦ କିଲୋ ପର୍ଯ୍ୟନ୍ତ ପନିପରିବା ରଖାଯାଇପାରିବ। ଉଲ୍ଲେଖନୀୟ କଥାଟି ହେଲା, ଏହାକୁ ସହଜରେ ଗୋଟିଏ ସ୍ଥାନରୁ ଆଉ ଏକ ସ୍ଥାନକୁ ମଧ୍ୟ ନିଆଯାଇପାରୁଛି। ଏହା ଭିତରର ତାପମାତ୍ରାକୁ ନିୟନ୍ତ୍ରଣ କରିବା ସହ ପନିପରିବାରୁ ବାହାରୁଥିବା ଇଥିଲିନ୍ ଗ୍ୟାସ୍‌କୁ ନଷ୍ଟ କରିଦିଏ, ଯାହାଫଳରେ ପନିପରିବା ଶୀଘ୍ର ପଚି ସଡ଼ି ନଷ୍ଟ ହୁଏ ନାହିଁ। ପ୍ରତିବର୍ଷ ଭାରତରେ ଉପଯୁକ୍ତ ସଂରକ୍ଷଣ ଅଭାବରୁ ଫଳ ଏବଂ ପନିପରିବା ଖରାପ ହୋଇଯାଏ। ଏହାଦ୍ୱାରା ଚାଷୀଙ୍କୁ ବହୁତ କ୍ଷତି ସହିବାକୁ ପଡ଼ିଥାଏ। ସବ୍‌ଜିକୋଠି ଏହି ସମସ୍ୟାକୁ ଅନେକ ମାତ୍ରାରେ ହ୍ରାସ କରିପାରିବ। ଏହି ଛୋଟ ୟୁନିଟ୍‌କୁ ଗାଡ଼ି କିମ୍ବା ଠେଲାଗାଡ଼ିରେ ରଖି ସହଜରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସହଜରେ ନିଆଯାଇପାରିବ ସେହିପରି ଚାଷୀ ଏହାକୁ ନିଜ ହିସାବରେ ସେଟ୍ କରିପାରିବେ। ଅନ୍ୟପଟେ ଗ୍ରାମାଞ୍ଚଳରେ ଯେଉଁଠି ବଡ଼ ଶୀତଳ ଭଣ୍ଡାରର ସୁବିଧା ନ ଥାଏ, ସେଠାରେ ଏହି ଟେକ୍ନିକ୍ ଚାଷୀଙ୍କ ପାଇଁ ଖୁବ୍ ଉପଯୋଗୀ ହୋଇପାରିବ। ଏହା ସୌର ଶକ୍ତି ଏବଂ ବ୍ୟାଟେରୀ ଦ୍ୱାରା ଚାଲିପାରିବ, ଯାହା ବିଦ୍ୟୁତ୍ ସମସ୍ୟା ଥିବା ଗ୍ରାମାଞ୍ଚଳ ପାଇଁ ବରଦାନ ସଦୃଶ।







# ହୋଟେଲ ମ୍ୟାନେଜମେଣ୍ଟରୁ ସଫଳଚାଷୀ

**ଅଧୁନା ଅଧିକାଂଶ ଯୁବପିଢ଼ି ପଢ଼ା ସାରି ବାହାରକୁ ଚାକିରି ଅନ୍ୱେଷଣରେ ବାହାରି ଯାଉଛନ୍ତି। ହେଲେ ଉତ୍ତରପ୍ରଦେଶ, ସନ୍ଥ କବୀରନଗର ଜିଲ୍ଲା, ନାଥନଗର ବ୍ଲକ୍ ଅନ୍ତର୍ଗତ ତରୟାପାର୍ ଗାଁ'ର ୨୪ ବର୍ଷୀୟ ଯଶବର୍ଦ୍ଧନ ଚାକିରି ଛାଡ଼ି ମକା ଚାଷକୁ ଆଦରି ନେଇଛନ୍ତି। ଏହାଦ୍ୱାରା ସେ ନିଜେ ରୋଜଗାରକ୍ଷମ ହେବା ସହ ଅନ୍ୟମାନଙ୍କୁ ସ୍ୱାବଲମ୍ବୀ କରୁଛନ୍ତି।**

ଯଶ ହୋଟେଲ ମ୍ୟାନେଜମେଣ୍ଟ କରି ଲକ୍ଷ୍ନୌରେ ଚାକିରି କରୁଥିଲେ। ହେଲେ ଏହି ଚାକିରି ତାଙ୍କୁ ବେଶୀ ଦିନ ବାନ୍ଧି ରଖି ପାରି ନଥିଲା। ତାଙ୍କ ପିତା କୃଷି ବିଭାଗରେ କାର୍ଯ୍ୟ କରୁଥିଲେ। ପିତାଙ୍କଠାରୁ କୃଷି ସମ୍ପର୍କିତ ଜ୍ଞାନ ହାସଲ କରିଥିବାରୁ ସେ ଚାକିରି ଛାଡ଼ି ମକା ଚାଷ କରିଥିଲେ। ମକା ବର୍ଷସାରା ଚାଷ କରିହୁଏ ତେଣୁ ଏହି ଚାଷ ସହିତ ସେ ସମନ୍ୱିତ କୃଷି, ଯେପରିକ ଜୁନ୍‌ରେ ଧାନ ଏବଂ ଆଳୁ ଚାଷ କରନ୍ତି। ଦୁଇ ବର୍ଷ ପୂର୍ବରୁ ଯଶ୍ 'ନାଥନଗର ଆଗ୍ରୋଟେକ୍ କୃଷକ ଉତ୍ପାଦକ ସଂଗଠନ' ଗଠନ କରିଥିଲେ। ଏଥିପାଇଁ କୃଷି ବିଭାଗରୁ ସହଯୋଗ ମିଳିଥିଲା। ତାଙ୍କ ଏଫ୍‌ପିଓ ସହିତ ଜଡ଼ିତ ଚାଷୀ ୫-୫୦ ଏକର ଜମିରେ ମକା ଚାଷ କରୁଛନ୍ତି। ଜୈବିକ ପ୍ରଣାଳୀ ଚାଷକୁ ଗୁରୁତ୍ୱ ଦେଇ ସେ ଚାଷ ଜମିରେ ଜିଆଖତ ବ୍ୟବହାର କରନ୍ତି। ମକାଚାଷରୁ ବାର୍ଷିକ ୩୨ ଲକ୍ଷ ଟଙ୍କା, ଧାନ ଏବଂ ଆଳୁ ଚାଷରୁ ୨୦ ଲକ୍ଷ ଆୟ ହେଉଛି। ଏହି ଚାଷ ଦ୍ୱାରା ଯଶ୍‌ଙ୍କ ସମତେ ବହୁତ ଚାଷୀ ଲାଭାନ୍ୱିତ ହୋଇପାରୁଛନ୍ତି।




## କଦଳୀ ଚୋପା ଖତ ...

ଅଧିକାଂଶ ଲୋକ କଦଳୀ ଚୋପା ଖତ ପରି କାମ କରିବ ଚିନ୍ତା କରି ଏହାକୁ କୁଣ୍ଡରେ ପୋତିଥାନ୍ତି। ଏହା ଫସଲରେ କବକ ତଥା ପିମ୍ପୁଡ଼ି ଲାଗିବା ଆଶଙ୍କାକୁ ବଢ଼ାଏ। ତେଣୁ ଚୋପାକୁ ମାଟିରେ ନ ଫିଙ୍ଗି ଏହାକୁ ଛୋଟ ଖଣ୍ଡ କାଟି ଏକ ଜାର୍ ବା ପାଣି ବାଲ୍‌ଟିରେ ଭିଜାଇ ୨ ରୁ ୩ଦିନ ରଖି ତରଳ ସାର କରି ପାରିବେ। ଏହି ତରଳ ସାରରେ ସଠିକ୍ ମାତ୍ରାର ପାଣି ମିଶାଇ ଗଛ ମୂଳରେ ପ୍ରୟୋଗ କରାଯାଏ। ଏହା ଫୁଲଗଛ ପାଇଁ ବରଦାନ ସଦୃଶ। ସେହିପରି କଦଳୀ ଚୋପାକୁ ଖରାରେ ଭଲଭାବେ ଶୁଖାଇ ଏହାକୁ ଗୁଣ୍ଡକରି ଏକ ପାତ୍ରରେ ସାଇତି ରଖିପାରିବେ। କୋଡ଼ାଖୁସା ସମୟରେ ଦୁଇ ଚାମଚ ଏହି ଗୁଣ୍ଡ ମିଶାଇଲେ ଏହା ପ୍ରାକୃତିକ କୀଟନାଶକ ପରି କାମ କରେ। ଚେରର ବିକାଶ ସହିତ ଫୁଲ ଓ ଫଳ ବୃଦ୍ଧିରେ ସାହାଯ୍ୟ କରିଥାଏ।

## ଖରାଦିନେ ଛେଳିଙ୍କ ଯତ୍ନ

ଗ୍ରୀଷ୍ମ ପ୍ରଭାବ ଯୋଗୁଁ ଛେଳିଙ୍କ ଉପରେ ଚାପ ପଡ଼େ। ଏହାଦ୍ୱାରା ଛେଳି କମ୍ ଖାଇବା ସହ ଅଧିକ ପାଣି ପିଅନ୍ତି। ଧୀରେଧୀରେ ଦୁର୍ବଳ ହୋଇଥାନ୍ତି। ଏହାର ପ୍ରଭାବ ଓଜନ ଏବଂ ଦୁଗ୍ଧ ଉତ୍ପାଦନ ଉପରେ ପଡ଼େ। ତେଣୁ ଛେଳିଙ୍କୁ ଛାଇ ଏବଂ ବାୟୁ ଚଳାଚଳ ସ୍ଥାନରେ ରଖିବା ଜରୁରି। ଗୁହାଳ ସଫା ରଖିବା ସହ ଛାତରେ କୁଟା ବିଛାଇ ପାରିବେ। ଛେଳିଙ୍କୁ ନଳକୂପ ପାଣି ପିଇବାକୁ ଦେବା ଆବଶ୍ୟକ। ସପ୍ଲିମେଣ୍ଟ ହିସାବରେ ତରଳ ଔଷଧ ଦେଇପାରିବେ।

ଖରା ଅଧିକ ହେଲେ ଛେଳିଙ୍କୁ ଛାଇ ସ୍ଥାନରେ ରଖିବା ଆବଶ୍ୟକ। କଅଁଳିଆ ଖରାରେ ଚରିବାକୁ ଛାଡନ୍ତୁ। ସାଧାରଣ ପାନୀୟ ପରିମାଣଠାରୁ ଦୁଇଗୁଣା ଅଧିକ ପରିଷ୍କାର ପାଣି ପିଇବାର ବ୍ୟବସ୍ଥା ରଖନ୍ତୁ। ଛେଳିଙ୍କୁ ଅଧିକ ତନ୍ତୁ ଜାତୀୟ ଖାଦ୍ୟ ଦେବା ଦରକାର। ଦିନବେଳା କମ୍ ଏବଂ ସନ୍ଧ୍ୟା ପରେ ଅଧିକ ଦାନା ଦେବା ଜରୁରି। ଖାଦ୍ୟରେ ଧାତବ ଲୁଣର ପରିମାଣ ୧୦ ଗ୍ରାମ ଦେବା ଦରକାର। ଭିଟାମିନ୍‌ଯୁକ୍ତ ଖାଦ୍ୟ ସହିତ ପ୍ରୋବାୟୋଟିକ୍ ୫ଗ୍ରାମ୍ ଦେଇପାରିବେ। ପ୍ରାଣୀଙ୍କର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଲେ ତୁରନ୍ତୁ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ।

# ଏ ମାସର ଚାଷ

**ବର୍ତ୍ତମାନ ସମୟରେ ମାଟିର ଆର୍ଦ୍ରତାକୁ ବିନିଯୋଗ କରି ଚାଷୀଭାଇ କିଛି ପନିପରିବା ଚାଷ କରିପାରିବେ। ତେବେ ଉନ୍ନତ କିସମର ବିହନ, ରାସାୟନିକ ସାର, କୀଟନାଶକ ତଥା ପାଣିର ସମୁଚିତ ବ୍ୟବସ୍ଥା ସହିତ ମେ' ମାସରେ ଚାଷ କାର୍ଯ୍ୟ ଆରମ୍ଭ କରିବା ଆବଶ୍ୟକ।**

ମାଟିର ସ୍ଥିତିକୁ ଦେଖି ଜମିରେ କଞ୍ଚାଲଙ୍କା, ଧଣିଚା, ଭେଣ୍ଡି, ମକା, କଦଳୀ, ଅମୃତଭଣ୍ଡା, ଟମାଟୋ, ବରଗୁଡ଼ି ଆଦି ରୋଇବା କାର୍ଯ୍ୟ କରି ପାରିବେ। ତାପମାତ୍ରା ବୃଦ୍ଧି ଯୋଗୁଁ ପନିପରିବା ଫସଲରେ ପାଉଁଶିଆ ରୋଗ ହେବାର ସମ୍ଭାବନା ଅଛି। ତେଣୁ ମାଟିର ସ୍ଥିତି ଓ ରୋଗପୋକ ଅନୁଧ୍ୟାନ କରି ଔଷଧ ପ୍ରୟୋଗ କରି ପାରିବେ। ମାଟିର ଆର୍ଦ୍ରତା ଓ ପାଣିପାଗ ପୂର୍ବାନୁମାନକୁ ଦୃଷ୍ଟିରେ ରଖି ଜଳସେଚନ କରିବା ଜରୁରି। ଚିନାବାଦାମ ଚୋପାର ଭିତର ପାଖରେ କଳା ବା ବାଦାମୀ ଶିରା ଦେଖାଦେଲେ ଗଛ ଉପାଡ଼ି ଅମଳ କରିବା ଆବଶ୍ୟକ।



ମୁଗ ଓ ବିରି ଫସଲର ଛୁଇଁ ଶତକଡ଼ା ୮୦ରୁ ୮୫ ଭାଗ ପାକଳ ହୋଇଗଲେ ଅମଳ କରିବା ଆବଶ୍ୟକ। ରବି ଫସଲ ଅମଳ ପରେ ଅନ୍ୟ ଚାଷ ପାଇଁ ଜମି ପ୍ରସ୍ତୁତି କରି ପାରିବେ। ଲତାଜାତୀୟ ପନିପରିବା ଯଥା- ଜହ୍ନି, କାକୁଡ଼ି, ଛଚିନ୍ଦ୍ରା, କଲରା, ଝୁଡଙ୍ଗ କଖାରୁ ଆଦିକୁ ମଦାରେ ଲଗାଇ ଏହାର ସଠିକ୍ ଯତ୍ନ ନେବା ଆବଶ୍ୟକ।

## କୃଷି ପାଣିପାଗ

**ଏ ସପ୍ତାହ ପାଇଁ କେତେକ ପରାମର୍ଶ**

- ଖରାଟିଆ ଚାଷ କରି ଜମିରେ ସବୁଜ ସାର ହିସାବରେ ଧଣିଚା ମଞ୍ଜିକୁ ଏକର ପ୍ରତି ୧୦ କିଗ୍ରା ହିସାବରେ ବୁଣନ୍ତୁ।
- ଅମଳ ହୋଇଥିବା ଧାନ, ଚିନାବାଦାମ, ମୁଗ ଏବଂ ବିରିକୁ ସାଇତି ରଖିବା ପାଇଁ ପ୍ରଥମେ ଭଲଭାବେ ଶୁଖାଇ ଦିଅନ୍ତୁ ଓ ସାଇତା ଜାଗାକୁ ଭଲ ଭାବରେ ସଫା କରନ୍ତୁ।
- କାଳବୈଶାଖୀ ବର୍ଷା ଓ ଝଟକା ପବନ ହେତୁ ଲତା ଜାତୀୟ ପନିପରିବା ପ୍ରଭାବିତ ହେବାର ସମ୍ଭାବନା ଥିବାରୁ ଅମଳ ଉପଯୋଗୀ ପନିପରିବାକୁ ତୋଳି ଦିଅନ୍ତୁ, ମଞ୍ଚାକୁ ମଜବୁତ କରିଦିଅନ୍ତୁ। ଆମ୍ବ ଗଛରେ ଜାଲ ଲଗାନ୍ତୁ।
- ଆଖୁ ଫସଲରେ ସଅଳ କାଣ୍ଡ ବିନ୍ଧା ପୋକ ନିୟନ୍ତ୍ରଣ ପାଇଁ ପ୍ରଥମ ଥର ହୁଡ଼ା ଟେକିବା ସମୟରେ ମାଟିରେ ଏକରପ୍ରତି ୧୦ କିଗ୍ରା ଫିପ୍ରୋନିଲ୍ ଦାନାଦର ପ୍ରୟୋଗ କରନ୍ତୁ।
- କଦଳୀ ଗଛରେ ଘୁଣିପୋକର ପରିଚାଳନା ପାଇଁ ବଗିଚାରେ ଏକରପ୍ରତି ୧୦ଟି କସ୍ମୋଲ୍ୟୁର ଥିବା ସଂଗ ଆକର୍ଷକ ଯନ୍ତା ବସାନ୍ତୁ। ଗଛ ଲଗାଇବା ବେଳକୁ କନ୍ଦାଗୁଡ଼ିକୁ ଉଷୁମ ପାଣିରେ ୩୦ ମିନିଟ୍ ବୁଡ଼ାଇ ତାପରେ ଲଗାନ୍ତୁ।

# ଭୀଷଣ ତାତିରୁ ଫସଲ ସୁରକ୍ଷା

**ଗ୍ରୀଷ୍ମଋତୁରେ ତାପମାତ୍ରା ବୃଦ୍ଧି ଯୋଗୁଁ ମାଟି ଶୁଖିଯାଏ। ପନିପରିବା ଫସଲ ପ୍ରଭାବିତ ହୁଏ। ଏହି ସମସ୍ୟା ବିଶେଷ କରି ମେ'ରୁ ଜୁନ୍ ମାସ ମଧ୍ୟରେ ଦେଖାଯାଏ। ତେଣୁ ଭୀଷଣ ତାତିରୁ ଫସଲକୁ ସୁରକ୍ଷିତ ରଖିବାକୁ କିଛି ଉପାୟ ଆପଣାଇ ପାରିବେ।**

ମାତ୍ରାଧିକ ତାପମାତ୍ରା ବୃଦ୍ଧି ଯୋଗୁଁ ଉଦ୍ୟାନ ଫସଲରେ ରୋଗପୋକ ଲାଗିବାର ଆଶଙ୍କା ବଢ଼ିଯାଏ। ଏହା ଚାଷକାର୍ଯ୍ୟକୁ ପ୍ରଭାବିତ କରେ। ଫସଲ ନଷ୍ଟ ହେବାର ସମ୍ଭାବନା ଥାଏ। ସେହିପରି ଗଛରେ ଅଧିକ ଖରା ପଡ଼ିଲେ ଗଛ ଝାଉଁଳିବା, ପତ୍ର ଉପରେ ବାଦାମୀ କିମ୍ବା ହଳଦିଆ ଦାଗ, ଗଛ ବୃଦ୍ଧିରେ ବାଧା ଆଦି ସମସ୍ୟା ଦେଖାଯାଏ। ତେଣୁ ଗଛରେ ସୂର୍ଯ୍ୟକିରଣ ଓ ଉତ୍ତାପ ଚାପ କମ୍ କରିବାକୁ ସେଡ୍‌ନେଟ ବ୍ୟବହାର ଜରୁରି। ଗଛକୁ ଯେତିକି ମାତ୍ରାର ପାଣି ଆବଶ୍ୟକ ସେତିକି ପାଣି ଦେବା ଭଲ। ସେହିପରି ଅସ୍ଥାୟୀ ଛପର ଦ୍ୱାରା ପନିପରିବା ଚାରା ଓ ଫଳ ଗଛକୁ ଉଚ୍ଚ ତାପମାତ୍ରାରୁ ରକ୍ଷା କରି ପାରିବେ। ମାଟି ଉପରେ ମଲ୍‌ଚିଂ କଲେ ମାଟିର ଆର୍ଦ୍ରତା ଠିକ୍ ରୁହେ। ବାଷ୍ପୀକରଣ କମିବା ସହ ଅନାବନା ଘାସ ସମସ୍ୟାରୁ ସମାଧାନ ହୁଏ। ଏବେ ଅଧିକ ଉତ୍ତାପ ସହଣୀ କିମ୍ବା ମରୁଡ଼ି ସହଣୀ କିସମ ବ୍ୟବହାର କରିପାରିବେ। ତାପମାତ୍ରା ଅଧିକ ଯୋଗୁଁ କାକୁଡ଼ି ଜାତୀୟ ଫସଲ- କାକୁଡ଼ି, ତରଭୁଜ, ଲାଉ, ପୋଟଳ ଫସଲରେ ଫୁଲ ଓ ଫଳ ଝଡ଼ିଥାଏ। ତେଣୁ କମ୍ ସମୟ ବ୍ୟବଧାନରେ ବାରମ୍ବାର ଜଳ ସେଚନ କରିବା ଆବଶ୍ୟକ। ସବୁଜ ଗୃହରେ ଚାଷ କରୁଥିଲେ, ଏବେ ଫଗର ବନ୍ଦୋବସ୍ତ କରିପାରିବେ। ତାପମାତ୍ରା ବୃଦ୍ଧି ସମୟରେ ଫସଲରେ ରାସାୟନିକ ସାର ପ୍ରୟୋଗ ନ କରି ଜୈବିକ ଖତ ଓ ସାର ବ୍ୟବହାର କଲେ ଏହା ଗଛ ଏବଂ ମାଟିକୁ ଥଣ୍ଡା ରଖିବାରେ ସାହାଯ୍ୟ କରେ।



# ଚେନ୍ନଇ ବିପକ୍ଷରେ କମିନ୍ସଙ୍କ କମାଲ

ଚେନ୍ନଇ, ୧୮ ।୫ (ଏଜେନ୍ସି)



ଚଳିତ ଆଇପିଏଲ୍‌ର ୬୩ତମ ମ୍ୟାଚରେ ସୋମବାର ଚେନ୍ନଇ ସୁପର୍ କିଙ୍ଗ୍‌ସ (ସିଏସକେ) ଓ ସନରାଇଜର୍ସ ହାଇଦରାବାଦ୍ ସାମ୍ନାସାମ୍ନି ହୋଇଛନ୍ତି। ସ୍ଥାନୀୟ ଏମଏ ଚିଦାମ୍ବରମ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିତି ଘରୋଇ ଚେନ୍ନଇ ପ୍ରଥମେ ବ୍ୟାଟିଂ କରିଥିଲା। ଶେଷ ଖବର ସୁଦ୍ଧା ସିଏସକେ ୧୫ ଓଭରରେ ୪ ୱିକେଟ ହରାଇ ୧୩୨ ରନ ସଂଗ୍ରହ କରିଛି। ଏହି ମ୍ୟାଚ ପୂର୍ବରୁ ଚେନ୍ନଇ ୧୨ଟି ମ୍ୟାଚରୁ ୬ଟି ଲେଖାଏ ବିଜୟ ଓ ପରାଜୟ ସହ ୧୨ ପଏଣ୍ଟ ପାଇ ଟେବୁଲର ୫ମ ସ୍ଥାନରେ ରହିଛି। ଏହି ମ୍ୟାଚରେ ବିଜୟୀ ହୋଇ ସିଏସକେ ପ୍ଲେ-ଅଫ୍ ଦୌଡ଼ରେ ଆଉ ପାଦେ ଅଗ୍ରସର ହେବାକୁ ଲକ୍ଷ୍ୟ ରଖିଛି। ଅପରପକ୍ଷରେ ସନରାଇଜର୍ସ ୧୨ ମ୍ୟାଚରୁ ୭ ବିଜୟ ସହ ୧୪ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି। ଏଠାରେ ବିଜୟୀ ହେଲେ ହାଇଦରାବାଦର ପ୍ଲେ-ଅଫ୍ ଆଶା ଆହୁରି ଦୃଢ଼ୀଭୂତ ହେବ।

ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ଏହି ମ୍ୟାଚରେ ଚେନ୍ନଇ ଅଧିନାୟକ ଋତୁରାଜ ଗାଏକୱାଡ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। କିନ୍ତୁ ଘରୋଇ ଦର୍ଶକଙ୍କ ସାମ୍ନାରେ ଚେନ୍ନଇ ଆଶାନୁରୂପକ ପ୍ରଦର୍ଶନ କରିପାରି ନ ଥିଲା। ବିଶେଷ କରି ପ୍ରତିପକ୍ଷ ଅଧିନାୟକ ପ୍ୟାଟ୍ କମିନ୍ସଙ୍କ ବୋଲିଂକୁ ସିଏସକେ ବ୍ୟାଟରମାନେ ସାମ୍ନା ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ। ଓପନର୍ ସଞ୍ଜୁ ସାମସନ ଦ୍ରୁତ ବ୍ୟାଟିଂ କରି ପ୍ରଥମ ବ୍ୟାଟର୍ ଭାବେ ଆଉଟ୍ ହୋଇଥିଲେ। ସେ ୫ଟି ଚୌକା ଓ ଗୋଟିଏ ଛକା ସହାୟତାରେ ୧୩ ବଲରେ ୨୭ ରନ କରି କମିନ୍ସଙ୍କ ପ୍ରଥମ ଶିକାର ବନିଥିଲେ। ଏହାପରେ ଉର୍ଭିଲ ପଟେଲ ମଧ୍ୟ ୮ ବଲରେ ୧୩ ରନର ଛୋଟିଆ ଦ୍ରୁତ ପାଳି ଖେଳି ସାକିବ ହୁସେନଙ୍କ ବଲରେ ବୋଲ୍ଡ ହୋଇଥିଲେ। ପରବର୍ତ୍ତୀ ବ୍ୟାଟର କାର୍ତ୍ତିକ ଶର୍ମା ମଧ୍ୟ ବଡ଼ ଇନିଂସ ଅଭିମୁଖେ ଅଗ୍ରସର ହେଉଥିବାବେଳେ ପ୍ୟାଭିଲିୟନ ଫେରିଥିଲେ। କାର୍ତ୍ତିକ ୧୯ ବଲରେ ୩୨ ରନ କରିଥିବାବେଳେ କମିନ୍ସଙ୍କ ଦ୍ୱିତୀୟ ଶିକାର ବନିଥିଲେ। ତେବେ ଓପନିଂରୁ ଆସି ଧୈର୍ଯ୍ୟର ସହ ଖେଳୁଥିବା ଅଧିନାୟକ ଗାଏକୱାଡ କିନ୍ତୁ ସମସ୍ତଙ୍କୁ ନିରାଶ କରିଥିଲେ। ଏଠାରେ ଅପେକ୍ଷାକୃତ ଅତ୍ୟଧିକ ଧୀମା ବ୍ୟାଟିଂ କରିଥିବା ଗାଏକୱାଡ ୨୧ ବଲରେ ୧୫ ରନ କରି କମିନ୍ସଙ୍କ ବଲରେ ଆଉଟ ହୋଇଥିଲେ। ୨୧ଟି ବଲ୍ ସାମ୍ନା କରିଥିଲେ ମଧ୍ୟ ସେ ଗୋଟିଏ ହେଲେ ବାଉଣ୍ଡାରୀ ମାରିପାରି ନ ଥିଲେ। ଗାଏକୱାଡଙ୍କ ଷ୍ଟ୍ରାଇକରେଟ ୭୧.୪୨ ରହିଥିଲା। ଯାହାକି ତାଙ୍କର ଦ୍ୱିତୀୟ ସର୍ବନିମ୍ନ ଷ୍ଟ୍ରାଇକରେଟ। ଅପରପକ୍ଷରେ ଅଧିନାୟକ ଭାବେ କମିନ୍ସ ଆଇପିଏଲରେ ୪୧ଟି ୱିକେଟ ନେଇ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ପଛରେ ପକାଇଦେଇଛନ୍ତି। ଅଧିନାୟକ ଭାବେ ପାଣ୍ଡ୍ୟା ଆଇପିଏଲରେ ୪୦ ୱିକେଟ ନେଇଛନ୍ତି। ୫୭ ୱିକେଟ ସହ ସେନ ୱାର୍ଣ୍ଣେ ଏହି ତାଲିକାରେ ଶୀର୍ଷରେ ରହିଛନ୍ତି।

ଉଲ୍ଲେଖଯୋଗ୍ୟ ଗତକାଲି ଏକ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ୫ ୱିକେଟରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି। ଅରୁଣ ଜେଟଲୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ରାଜସ୍ଥାନ ୧୯୪ ରନର ଚ୍ୟାଲେଞ୍ଜିଂ ଲକ୍ଷ୍ୟ ଦିଲ୍ଲୀ ସାମ୍ନାରେ ରଖିଥିଲା। ଏହାକୁ ପିଛା କରିଥିବା ଘରୋଇ ଦିଲ୍ଲୀ ୪ଟି ବଲ୍ ବାକି ଥାଇ ୫ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଦୁଇ ଓପନର ଅଭିଷେକ ପୋରେଲ(୫୧) ଓ ଲୋକେଶ ରାହୁଲ (୫୬)ଲଢୁଆ ଅର୍ଦ୍ଧଶତକୀୟ ପାଳି ଖେଳି ଦିଲ୍ଲୀକୁ ବିଜୟୀ କରାଇଥିଲେ।

**ଆଜିର ଆଇପିଏଲ୍ ମ୍ୟାଚ୍**

| |
|---|
| ରାଜସ୍ଥାନ ବନାମ ଲକ୍ଷ୍ନୌ |
| ଭେନ୍ୟୁ - ଜୟପୁର |
| ଖେଳ ଆରମ୍ଭ : ରାତି ୭.୩୦ |
| ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର |

**ଆଇପିଏଲ୍ ପଏଣ୍ଟ ଟେବୁଲ୍**

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ବେଙ୍ଗାଲୁରୁ | ୧୩ | ୯ | ୪ | ୦ | ୧୮ | +୧.୦୬୫ |
| ଗୁଜରାଟ | ୧୩ | ୮ | ୫ | ୦ | ୧୬ | +୦.୪୦୦ |
| ହାଇଦରାବାଦ* | ୧୨ | ୭ | ୫ | ୦ | ୧୪ | +୦.୩୩୧ |
| ପଞ୍ଜାବ | ୧୩ | ୬ | ୬ | ୧ | ୧୩ | +୦.୨୨୭ |
| ରାଜସ୍ଥାନ | ୧୧ | ୬ | ୫ | ୦ | ୧୨ | +୦.୦୮୨ |
| ଚେନ୍ନଇ* | ୧୨ | ୬ | ୬ | ୦ | ୧୨ | +୦.୦୨୭ |
| କୋଲକାତା | ୧୨ | ୫ | ୬ | ୧ | ୧୧ | -୦.୦୩୮ |
| ଦିଲ୍ଲୀ | ୧୨ | ୫ | ୭ | ୦ | ୧୦ | -୦.୯୯୩ |
| ମୁମ୍ବଇ (ଏ) | ୧୨ | ୪ | ୮ | ୦ | ୮ | -୦.୫୦୪ |
| ଲକ୍ଷ୍ନୌ (ଏ) | ୧୨ | ୪ | ୮ | ୦ | ୮ | -୦.୭୦୧ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ

# ଇଟାଲିଆନ୍ ଓପନ ଜିତିଲେ ସିନର



ରୋମ, ୧୮ ।୫ (ଏଜେନ୍ସି): ଘରୋଇ ତାରକା ଜାନିକ ସିନର ଏଠାରେ ଚାଲିଥିବା ଇଟାଲିଆନ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଛନ୍ତି। ବିଶ୍ୱର ଏକ ନମ୍ବର ଖେଳାଳି ସିନର ଗତକାଲି ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ୬-୪, ୬-୪ ସିଧାସଳଖ ସେଟରେ ନରୱେର କାସ୍ପର ରୁଡଙ୍କୁ ପରାସ୍ତ କରିଥିଲେ। ୨୪ ବର୍ଷୀୟ ସିନରଙ୍କ ଏହା କ୍ରମାଗତ ୬ଷ୍ଠ ଓ ମୋଟ୍ ଉପରେ ୯ମ ମାଷ୍ଟର୍ସ-୧୦୦୦ ଟୁର୍ଣ୍ଣାମେଣ୍ଟ ଟାଇଟଲ୍ ହୋଇଛି। ଫଳରେ ସିନର ସମସ୍ତ ୯ଟି ଯାକ ଏଟିପି ମାଷ୍ଟର୍ସ-୧୦୦୦ ଟାଇଟଲ୍ ଜିତି 'କ୍ୟାରିୟର ଗୋଲ୍ଡେନ ମାଷ୍ଟର୍ସ' ପୂରଣ କରିଛନ୍ତି। ସର୍ବିଆର କିମ୍ବଦନ୍ତୀ ଖେଳାଳି ନୋଭାକ ଜୋକୋଭିଚ୍‌ଙ୍କ ପରେ ସିନର ଦ୍ୱିତୀୟ ଖେଳାଳି ଭାବେ ଏଟିପିର ସମସ୍ତ ଟପ୍ ର‌୍ୟାଙ୍କ ଟୁର୍ଣ୍ଣାମେଣ୍ଟ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ସେହିଭଳି ରୁଡ୍‌ଙ୍କୁ ପରାସ୍ତ କରି ସେ କ୍ରମାଗତ ୨୯ଟି ମ୍ୟାଚରେ ଅପରାଜେୟ ରହିଛନ୍ତି। ଆସନ୍ତା ସପ୍ତାହରୁ ଆରମ୍ଭ ହେବାକୁ ଥିବା ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫ୍ରେଞ୍ଚ ଓପନ୍ ଉପରେ ଏବେ ସିନରଙ୍କ ନଜର ରହିଛି।

# ନେତୃତ୍ୱରେ ଆୟରଙ୍କଙ୍କ ଶତକ

ଧର୍ମଶାଳା, ୧୮ ।୫ (ଏଜେନ୍ସି): ଆଇପିଏଲ୍ ଇତିହାସରେ ୫ମ ଖେଳାଳି ଭାବେ ପଞ୍ଜାବ କିଙ୍ଗ୍‌ସର ଶ୍ରେୟସ ଆୟାର ୧୦୦ଟି ମ୍ୟାଚରେ ନେତୃତ୍ୱ ନେବାର ସୌଭାଗ୍ୟ ଲାଭ କରିଛନ୍ତି। ଗତକାଲି ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ପଞ୍ଜାବ କିଙ୍ଗ୍‌ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ଅବସରରେ ଆୟର ଏହି ମାଇଲଖୁଣ୍ଟ ଛୁଇଁଛନ୍ତି। ଅଧିନାୟକ ଭାବେ ଏହା ତାଙ୍କର ୧୦୦ତମ ମ୍ୟାଚ୍ ଥିଲା। ଆୟର ୨୦୧୮ ରୁ ୨୦୨୦ ସିଜନ ପର୍ଯ୍ୟନ୍ତ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ୪୧ ମ୍ୟାଚ୍‌ରେ ନେତୃତ୍ୱ ନେଇଥିଲେ। ସେହିଭଳି ୨୦୨୨ରୁ ୨୦୨୪ ପର୍ଯ୍ୟନ୍ତ କୋଲକାତା ନାଇଟ୍ ରାଇଡର୍ସ ପାଇଁ ୨୯ଟି ମ୍ୟାଚରେ ଅଧିନାୟକ ଭାର ସମ୍ଭାଳିଥିଲେ। ବର୍ତ୍ତମାନ ସେ ପଞ୍ଜାବ ପାଇଁ ୩୦ଟି ମ୍ୟାଚରେ ନେତୃତ୍ୱ ନେଇସାରିଛନ୍ତି। ମୋଟ୍ ଉପରେ ୧୦୦ଟି ମ୍ୟାଚରେ ୫୪ଟି ବିଜୟ ଲାଭ କରିଥିବାବେଳେ ୪୦ଟି ପରାଜୟର ସମ୍ମୁଖୀନ ହୋଇଛନ୍ତି। ଆଇପିଏଲ୍‌ରେ ପୂର୍ବରୁ ୪ଜଣ ଖେଳାଳି ୧୦୦ କିମ୍ବା ଏହାଠାରୁ ଊର୍ଦ୍ଧ୍ୱ ମ୍ୟାଚରେ ନେତୃତ୍ୱ ନେଇଛନ୍ତି। ସେମାନେ ହେଲେ ମହେନ୍ଦ୍ର ସିଂ ଧୋନି (୨୫୩), ରୋହିତ ଶର୍ମା (୧୫୮), ବିରାଟ କୋହଲି (୧୪୩) ଓ ଗୌତମ ଗମ୍ଭୀର (୧୨୯)।

■ ଅଷ୍ଟ୍ରେଲିଆ ଗସ୍ତ

# ଭାରତୀୟ ମହିଳା ହକି ଦଳରେ ଓଡ଼ିଶାର ସୁନେଲିତା

ନୂଆଦିଲ୍ଲୀ, ୧୮ ।୫ (ଏଜେନ୍ସି): ଆଗାମୀ ଅଷ୍ଟ୍ରେଲିଆ ଗସ୍ତ ଲାଗି ସୋମବାର ସିନିଅର ଭାରତୀୟ ମହିଳା ହକି ଦଳ ଘୋଷଣା କରାଯାଇଛି। ସାଲିମା ଟେଟେଙ୍କୁ ଘୋଷିତ ୨୨ ଜଣିଆ ଦଳର ନେତୃତ୍ୱ ଭାର ଦିଆଯାଇଛି। ସେହିଭଳି ଘୋଷିତ ଦଳରେ ଓଡ଼ିଶାରୁ ଏକମାତ୍ର ଖେଳାଳି ଭାବେ ସୁନେଲିତା ଟପ୍ପୋଙ୍କୁ ସ୍ଥାନ ମିଳିଛି। ଏହି ଗସ୍ତରେ ଭାରତ ଘରୋଇ ଅଷ୍ଟ୍ରେଲିଆ ମହିଳା ଦଳ ବିପକ୍ଷରେ ୪ଟି ମ୍ୟାଚ୍ ଖେଳିବ। ଏହି ମ୍ୟାଚ୍‌ଗୁଡ଼ିକ ମେ ୨୬, ୨୭, ୨୯ ଓ ୩୦ ତାରିଖରେ ପର୍ଥରେ ଖେଳାଯିବ। ଭାରତୀୟ ଦଳ ପାଇଁ ଏହି ସିରିଜ ଏଫଆଇଏଚ୍ ମହିଳା ନେସନ୍ସ କପ୍ ପୂର୍ବ ପ୍ରସ୍ତୁତି ଲାଗି ଏକ ଭଲ ସୁଯୋଗ ହେବ। ଜୁନ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ନେସନ୍ସ କପ୍ ନ୍ୟୁଜିଲାଣ୍ଡର ଅକ୍‌ଲାଣ୍ଡରେ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି।



ଦ୍ୱିତୀୟ ଟେଷ୍ଟ

# ପାକିସ୍ତାନ ସାମ୍ନାରେ ୪୩୭ ରନ ଟାର୍ଗେଟ୍

ସିଲହେଟ୍, ୧୮ ।୫ (ଏଜେନ୍ସି): ଭ୍ରମଣକାରୀ ପାକିସ୍ତାନ ବିପକ୍ଷରେ ଏଠାରେ ଚାଲିଥିବା ଅନ୍ତିମ ତଥା ଦ୍ୱିତୀୟ ଟେଷ୍ଟରେ ବାଂଲାଦେଶ ଦୃଢ଼ସ୍ଥିତିରେ ରହିଛି। ଏହି ମ୍ୟାଚରେ ପାକିସ୍ତାନ ସାମ୍ନାରେ ଘରୋଇ ବାଂଲାଦେଶ ୪୩୭ ରନର କଷ୍ଟସାଧ୍ୟ ଲକ୍ଷ ଧାର୍ଯ୍ୟ କରିଛି। ଏହାକୁ ପିଛା କରିଥିବା ପାକିସ୍ତାନ ସୋମବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ଦୁଇ ଓଭର ଖେଳିଥିଲେ ମଧ୍ୟ କୌଣସି ରନ୍ ସଂଗ୍ରହ କରିପାରିନାହିଁ। ମ୍ୟାଚ୍ ଆହୁରି ଦୁଇଦିନ ଅର୍ଥାତ ପାଖାପାଖି ୧୮୦ ଓଭର ବଳକା ଥିବାରୁ ପାକିସ୍ତାନ ଏହି ଲକ୍ଷ୍ୟକୁ ହାସଲ କରିପାରୁଛି କି ନାହିଁ ତାହା ଉପରେ ସମସ୍ତଙ୍କ ନଜର ରହିଛି। ପୂର୍ବରୁ ଢାକାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟକୁ ୧୦୪ ରନରେ ଜିତି ବାଂଲାଦେଶ ସିରିଜରେ ୧-୦ରେ ଅଗ୍ରଣୀ ରହିଛି। ତେଣୁ ସିରିଜକୁ ଡ୍ର ରଖିବାକୁ ହେଲେ ପାକିସ୍ତାନ ଏହି ମ୍ୟାଚରେ ନିଶ୍ଚିତ ବିଜୟ ଆବଶ୍ୟକ କରୁଛି। ପୂର୍ବରୁ ବାଂଲାଦେଶର ପ୍ରଥମ ପାଳି ସ୍କୋର ୨୭୮ ରନ ଜବାବରେ ପାକିସ୍ତାନ ୨୩୨ରେ ସୀମିତ ରହିଥିଲା। ଏହାପରେ ୪୬ ରନରେ ଅଗ୍ରଣୀ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ବାଂଲାଦେଶ ରବିବାର ଖେଳ ଶେଷ ସୁଦ୍ଧା ୩ ୱିକେଟ୍‌ରେ ୧୧୦ ରନ କରିଥିଲା। ଏହି ଅସମାପ୍ତ ସ୍କୋରରୁ ସୋମବାର ବ୍ୟାଟିଂ ଆରମ୍ଭ କରିଥିବା ଘରୋଇ ବାଂଲାଦେଶ ୩୯୦ ରନରେ ସୀମିତ ରହିଥିଲା। ଅଭିଜ୍ଞ ବ୍ୟାଟର ମୁସଫିକର ରହିମ ୧୩୭ ରନର ଦମ୍‌ଦାର ଶତକୀୟ ପାଳି ଖେଳି ଦଳକୁ ଏହି ସମ୍ମାନଜନକ ସ୍କୋରରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲିଟନ ଦାସ ୬୯, ମହମ୍ମଦୁଲା ହାସନ ଜୟ ୫୨, ତାଇଜୁଲ ଇସଲାମ ୨୨ ରନର ଉପଯୋଗୀ ପାଳି ଖେଳିଥିଲେ। ପାକିସ୍ତାନ ପକ୍ଷରୁ ଖୁରାମ ଶାହଜାଦ ୪ ଓ ସାଜିଦ ଖାନ ୩ଟି ୱିକେଟ୍ ନେଇଥିଲେ।

**ମୁସଫିକରଙ୍କ ସର୍ବାଧିକ ଶତକ ହାସଲକାରୀ**



ଏଠାରେ ଗୁରୁତ୍ୱପୂର୍ଣ୍ଣ ଶତକୀୟ ପାଳି ଖେଳିବା ସହ ବାଂଲାଦେଶ ଭେଟେରାନ ବ୍ୟାଟର ମୁସଫିକର ରହିମ ଏକାଧିକ କୀର୍ତ୍ତିମାନ କରିଛନ୍ତି। ଟେଷ୍ଟ ଫର୍ମାଟରେ ଏହା ତାଙ୍କର ୧୪ତମ ଶତକ ଥିଲା। ଏଥିସହ ୩୯ ବର୍ଷୀୟ ରହିମ ବାଂଲାଦେଶ ପାଇଁ ଟେଷ୍ଟରେ ସର୍ବାଧିକ ଶତକ ହାସଲକାରୀ ବ୍ୟାଟର ହୋଇଛନ୍ତି। ଏହିକ୍ରମରେ ସେ ମୋମିନୁଲ ହକ୍ (୧୩ଟି)ଙ୍କୁ ପଛରେ ପକାଇଦେଇଛନ୍ତି। ୧୦ଟି ଶତକ ସହ ତାମିମ ଇକବାଲ ତାଲିକାର ୩ୟ ସ୍ଥାନରେ ରହିଛନ୍ତି। ସେହିଭଳି ୬୭୬୩ ରନ ସହ ମୁସଫିକର ବାଂଲାଦେଶ ପାଇଁ ଟେଷ୍ଟରେ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ମଧ୍ୟ ହୋଇଛନ୍ତି।

# ଇଂଲଣ୍ଡର ପୂର୍ବତନ ଅଧିନାୟକ ମାଇକ୍ ସ୍ମିଥ୍‌ଙ୍କ ପରଲୋକ

ଲଣ୍ଡନ, ୧୮ ।୫ (ଏଜେନ୍ସି): ଇଂଲଣ୍ଡ ଟେଷ୍ଟ ଦଳର ପୂର୍ବତନ ଅଧିନାୟକ ମାଇକ୍ ସ୍ମିଥଙ୍କ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୯୨ ବର୍ଷ ବୟସ ହୋଇଥିଲା। ମାଇକଙ୍କ ପୂର୍ବତନ କାଉଣ୍ଟି କ୍ରିକେଟ୍ କ୍ଲବ ୱାରୱିକଶାୟର ପକ୍ଷରୁ ଏହି ସୂଚନା ଦିଆଯାଇଛି। ଡାହାଣହାତୀ ବ୍ୟାଟର ସ୍ମିଥ ୧୯୫୮ରୁ ୧୯୭୫ ମସିହା ମଧ୍ୟରେ ଇଂଲଣ୍ଡ ପାଇଁ ୫୦ଟି ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ୧୯୫୮ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ସେ ଟେଷ୍ଟ ପଦାର୍ପଣ କରିଥିଲେ। ୧୯୭୨ରେ ଅଷ୍ଟ୍ରେଲିଆ ସହ ସେ ତାଙ୍କର ଅନ୍ତିମ ଟେଷ୍ଟ ଖେଳିଥିଲେ। ୨୫ଟି ଟେଷ୍ଟରେ ସ୍ମିଥ ନେତୃତ୍ୱ ନେବାର ସୌଭାଗ୍ୟ ଲାଭ ପାଇଥିଲେ। ଟେଷ୍ଟରେ ସେ ୩୧.୬୩ ହାରରେ ମୋଟ୍ ୨୨୭୮ ରନ ସଂଗ୍ରହ କରିଥିଲେ। ସ୍ମିଥଙ୍କ ନାମରେ ୩ଟି ଶତକ ଓ ୧୧ଟି ଅର୍ଦ୍ଧଶତକ ଲିପିବଦ୍ଧ ରହିଛି। ତେବେ କାଉଣ୍ଟି କ୍ରିକେଟ୍‌ରେ ତାଙ୍କ ପ୍ରଦର୍ଶନ ବେଶ୍ ପ୍ରଭାବୀ ରହିଥିଲା। ସେ ୬୩୭ଟି ପ୍ରଥମଶ୍ରେଣୀ ମ୍ୟାଚରେ ପାଖାପାଖି ୪୨ ହାରରେ ୩୯,୮୩୨ ରନ ସଂଗ୍ରହ କରିଥିଲେ। ଯେଉଁଥିରେ ୬୯ ଶତକ ଓ ୨୪୧ଟି ଅର୍ଦ୍ଧଶତକ ସାମିଲ ରହିଛି। ଅବସର ପରେ ମାଇକ ସ୍ମିଥ ୱାରୱିକଶାୟର କାଉଣ୍ଟି ଦଳର ଅଧ୍ୟକ୍ଷ ପଦ ସମ୍ଭାଳିଥିଲେ। ସେହିଭଳି ଆଇସିସି ମ୍ୟାଚ ରେଫରି ଭାବେ ୪ଟି ଟେଷ୍ଟ ଓ ୧୭ଟି ଦିନିକିଆ ମ୍ୟାଚରେ ମଧ୍ୟ ପରିଚାଳନା କରିଛନ୍ତି। ସ୍ମିଥ ମଧ୍ୟ ଜଣେ ରଗ୍‌ବୀ ଖେଳାଳି ଥିଲେ। ୧୯୫୬ରେ ସେ ଇଂଲଣ୍ଡ ପକ୍ଷରୁ ୱେଲ୍ସ ବିପକ୍ଷରେ ଏକ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ।



# ପୂର୍ବତନ ଅଲିମ୍ପିଆନ ପେସ୍‌ଙ୍କ ବିୟୋଗ

ନୂଆଦିଲ୍ଲୀ, ୧୮ ।୫ (ଏଜେନ୍ସି): ଭାରତୀୟ ମହିଳା ବାସ୍କେଟବଲ୍ ଦଳର ପୂର୍ବତନ ଅଧିନାୟିକା ତଥା ଅଲିମ୍ପିଆନ ଜେନିଫର ପେସ୍‌ଙ୍କ ରବିବାର ବିୟୋଗ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା। କିମ୍ବଦନ୍ତୀ ଭାରତୀୟ ଟେନିସ ଖେଳାଳି ଲିଆଣ୍ଡର ପେସଙ୍କ ମାତା ହେଉଛନ୍ତି ଜେନିଫର। ସେ ଦୀର୍ଘ ଦିନ ଧରି କ୍ୟାନସର ସହ ସଂଘର୍ଷ କରୁଥିଲେ। ୧୯୭୨ ମ୍ୟୁନିକ ଅଲିମ୍ପିକରେ ଜେନିଫର ଭାରତୀୟ ବ୍ୟାଡ୍‌ମିଣ୍ଟନ ଦଳର ସଦସ୍ୟା ଥିଲେ। ଏହାପରେ ସେ କିଛି ବର୍ଷ ଜାତୀୟ ମହିଳା ବାସ୍କେଟବଲ୍ ଦଳର ନେତୃତ୍ୱ ମଧ୍ୟ ନେଇଥିଲେ। ଜେନିଫର ଭାରତର ସବୁଠାରୁ ପ୍ରସିଦ୍ଧ କ୍ରୀଡ଼ା ପରିବାର ମଧ୍ୟରୁ ଗୋଟିଏର ଅଂଶ ଥିଲେ। ତାଙ୍କ ସ୍ୱାମୀ ଡକ୍ଟର ଭେସ୍ ପେସ୍ ୧୯୭୨ ମ୍ୟୁନିଚ୍ ଅଲିମ୍ପିକ୍ସରେ କାଂସ୍ୟ ଜିତିଥିବା ଭାରତୀୟ ହକି ଦଳର ସଦସ୍ୟ ଥିଲେ। ସେହିଭଳି ତାଙ୍କ ପୁଅ ଲିଆଣ୍ଡର ୧୯୯୬ ଆଟଲାଣ୍ଟା ଅଲିମ୍ପିକ୍ସରେ ପୁରୁଷ ସିଙ୍ଗଲ୍ସ ଟେନିସ୍‌ରେ କାଂସ୍ୟ ଜିତିଥିଲେ।

# ଜାତୀୟ ଉପକନିଷ୍ଠ ଥ୍ରୋ ବଲ୍‌ରେ ଭାଗନେବ ଓଡ଼ିଶା



ଭୁବନେଶ୍ୱର, ୧୮ ।୫ (ସମିସ): ମଧ୍ୟପ୍ରଦେଶର ଇନ୍ଦୋରଠାରେ ଜାତୀୟ ଉପକନିଷ୍ଠ ଥ୍ରୋ ବଲ୍ ଚାମ୍ପିଅନସିପ୍‌ର ୩୧ତମ ସଂସ୍କରଣ ମେ ୨୧ ତାରିଖରୁ ଆରମ୍ଭ ହେବ। ଏହି ୩ ଦିନିଆ ଚାମ୍ପିଅନସିପ୍ ଲାଗି ଓଡ଼ିଶା ବାଳକ ଓ ବାଳିକା ଥ୍ରୋ ବଲ୍ ଦଳ ଘୋଷଣା କରାଯାଇଛି। ୩୨ଜଣିଆ ଓଡ଼ିଶା ବାଳକ ଓ ବାଳିକା ଦଳ ମଙ୍ଗଳବାର ସକାଳେ ଭୁବନେଶ୍ୱରରୁ ମଧ୍ୟପ୍ରଦେଶ ଅଭିମୁଖେ ଯାତ୍ରା କରିବ। ସୁଶାନ୍ତ କୁମାର ଦାସ ଓ ସୁଧାସୁନ୍ଧୁ ସାହୁ ଯଥାକ୍ରମେ ବାଳକ ଓ ବାଳିକା ଦଳର କୋଚ୍ ଭାବେ ନିଯୁକ୍ତ ହୋଇଛନ୍ତି। ସେହିଭଳି ମଳୟ କୁମାର ନାୟକ ଓ କାଞ୍ଚନ ଦାସ ମ୍ୟାନେଜର ଦାୟିତ୍ୱ ତୁଲାଇବେ। ଅପରପକ୍ଷରେ ଓଡ଼ିଶାର ଦୀପ୍ତିରଞ୍ଜନ ସାମନ୍ତରାୟ ଓ ଏସ୍ ଜଗାରେଡ୍ଡୀ ରେଫରି ଭାବରେ ଦଳ ସହ ଯାତ୍ରା କରିଛନ୍ତି। ଏହି ଚାମ୍ପିଅନସିପ୍‌ରେ ଓଡ଼ିଶା ଦଳ ଉନ୍ନତ ପ୍ରଦର୍ଶନ କରିବା ନେଇ ସଭାପତି ଭୂପେନ୍ଦ୍ର ସିଂ, ସମ୍ପାଦକ ଜିତେନ୍ଦ୍ର ନାଥ ଦାସ, ସହ ସମ୍ପାଦକ ଯଶୋବନ୍ତ ପରମଗୁରୁ, ଅଭିଜିତ୍ ମହାନ୍ତି ପ୍ରମୁଖ ଆଶାବାଦୀ ରହିଛନ୍ତି।

**୨୦୧୮ ନିଷ୍ପତ୍ତିକୁ ପ୍ରତ୍ୟାହାର କଲା ସିଆଇସି**

# ଆର୍‌ଟିଆଇ ନିୟମରୁ ବାଦ୍ ପଡ଼ିଲା ବିସିସିଆଇ

ନୂଆଦିଲ୍ଲୀ, ୧୮ ।୫ (ଏଜେନ୍ସି): ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ସୂଚନା ଅଧିକାର (ଆରଟିଆଇ) ଆଇନ ଅନୁଯାୟୀ ଏକ 'ସାର୍ବଜନୀନ କର୍ତ୍ତୃପକ୍ଷ' ନୁହେଁ। କେନ୍ଦ୍ରୀୟ ସୂଚନା କମିଶନ (ସିଆଇସି) ସୋମବାର ଏହା ସ୍ପଷ୍ଟ କରିଛନ୍ତି। କମିଶନ କହିଛନ୍ତି ଯେ ବିସିସିଆଇ ସରକାରଙ୍କ ମାଲିକାନାରେ ନାହିଁ କିମ୍ବା ନିୟନ୍ତ୍ରିତ ନୁହେଁ। ଏପରିକି ଏହା ସରକାରଙ୍କଠାରୁ ଯଥେଷ୍ଟ ଆର୍ଥିକ ସହାୟତା ପାଉ ନାହିଁ। ସେହିଭଳି ବିସିସିଆଇ ଭାରତକୁ ପ୍ରତିନିଧିତ୍ୱ କରୁଥିବା ଏବଂ ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ଖେଳାଳିମାନଙ୍କୁ ଚୟନ କରୁଥିବା ବ୍ୟବସ୍ଥା ଏବଂ କ୍ଷମତା ସମ୍ପର୍କରେ ସୂଚନା ଲୋଡ଼ିଥିବା ଏକ ଆବେଦନକୁ ମଧ୍ୟ ସୂଚନା କମିଶନ ଖାରଜ କରିଦେଇଛନ୍ତି। ସିଆଇସି ତାଙ୍କର ନିଷ୍ପତ୍ତିରେ କହିଛନ୍ତି ଯେ ବିସିସିଆଇ ହେଉଛି 'ତାମିଲନାଡୁ ସମାଜ ପଞ୍ଜୀକରଣ ଆଇନ' ଅନୁଯାୟୀ ପଞ୍ଜିକୃତ ଏକ ଘରୋଇ, ସ୍ୱାୟତ୍ତ ସଂସ୍ଥା। ଏହା ସମ୍ବିଧାନ, ସଂସଦ କିମ୍ବା କୌଣସି ରାଜ୍ୟ ବିଧାନସଭା ଦ୍ୱାରା ଗଠିତ ହୋଇନାହିଁ କିମ୍ବା ଏହା ସରକାରୀ ବିଜ୍ଞପ୍ତି ଦ୍ୱାରା ସୃଷ୍ଟି ହୋଇଥିବା ସଂସ୍ଥା ନୁହେଁ। ସୂଚନା କମିଶନର ପି.ଆର. ରମେଶ ତାଙ୍କ ଆଦେଶରେ ଉଲ୍ଲେଖ କରିଛନ୍ତି ଯେ ଆରଟିଆଇ ଆଇନର ଧାରା ୨(ଏଚ) ଅନୁଯାୟୀ ବିସିସିଆଇକୁ 'ସାର୍ବଜନୀନ ପ୍ରାଧିକରଣ' ଭାବରେ ବର୍ଗୀକୃତ କରାଯାଇପାରିବ ନାହିଁ। ତେଣୁ, ଏହି ମାମଲାରେ ଆରଟିଆଇ ଆଇନର ବ୍ୟବସ୍ଥାଗୁଡ଼ିକ ଏହା ଉପରେ ପ୍ରଯୁଜ୍ୟ ନୁହେଁ। ଉଲ୍ଲେଖଯୋଗ୍ୟ, ଏହି ନିଷ୍ପତ୍ତି ତତ୍କାଳୀନ ସୂଚନା କମିଶନର ତଥା ପ୍ରସିଦ୍ଧ ଆଇନ ବିଶେଷଜ୍ଞ ଏମ. ଶ୍ରୀଧର ଆଚାର୍ଯ୍ୟୁଲୁଙ୍କ ୨୦୧୮ ଆଦେଶକୁ ପ୍ରତ୍ୟାହାର କରେ। ଯେଉଁଥିରେ ବିସିସିଆଇକୁ "ସାର୍ବଜନୀନ ପ୍ରାଧିକରଣ" ବୋଲି କୁହାଯାଇଥିଲା। ସେ ବିସିସିଆଇର ସଭାପତି, ସମ୍ପାଦକ ଏବଂ ପ୍ରଶାସକ କମିଟିକୁ ଆରଟିଆଇ ଆଇନ ଅନୁଯାୟୀ ଜଣେ କେନ୍ଦ୍ରୀୟ ଲୋକ ସୂଚନା ଅଧିକାରୀ (ସିପିଆଇଓ), ସହାୟକ ଲୋକ ସୂଚନା ଅଧିକାରୀ (ଏପିଆଇଓ) ଏବଂ ପ୍ରଥମ ଆପିଲେଟ୍ ପ୍ରାଧିକରଣଙ୍କୁ ନିଯୁକ୍ତି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି ସମୟରେ, କେନ୍ଦ୍ରୀୟ ସୂଚନା କମିଶନ (ସିଆଇସି) ମଧ୍ୟ ଆରଟିଆଇ ଆଇନର ଧାରା ୪ ଅନୁଯାୟୀ ସ୍ୱେଚ୍ଛାକୃତ ଭାବରେ ସୂଚନା ପ୍ରକାଶ କରିବାକୁ ଏବଂ ଆରଟିଆଇ ଆବେଦନକାରୀଙ୍କୁ ଏକ ପଏଣ୍ଟ-ଟୁ-ପଏଣ୍ଟ ଉତ୍ତର ପ୍ରଦାନ କରିବାକୁ ବିସିସିଆଇକୁ ନିର୍ଦ୍ଦେଶ ଦେଇଥିଲେ। ତଥାପି, ବିସିସିଆଇ ମାଡ୍ରାସ ହାଇକୋର୍ଟରେ ଏହି ଆଦେଶକୁ ଚ୍ୟାଲେଞ୍ଜ କରିଥିଲା।



# ଭଲିବଲ୍ ସେଟ୍ ବଣ୍ଟନରେ ବିଶ୍ୱରେକର୍ଡ କଲା କିଟ୍

ଭୁବନେଶ୍ୱର, ୧୮ ।୫ (ସମିସ)



କିଟ୍ ବିଶ୍ୱବିଦ୍ୟାଳୟ କ୍ରୀଡ଼ା କ୍ଷେତ୍ରରେ ଆଉ ଏକ ମାଇଲଖୁଣ୍ଟ ହାସଲ କରିଛି। ଆର୍ଟ ଅଫ୍ ଗିଭିଂର ୧୩ତମ ବାର୍ଷିକୀ ପାଳନ ସମୟରେ 'ସର୍ବାଧିକ ଭଲିବଲ୍ ସେଟ୍ ବଣ୍ଟନ' ସହ କିଟ୍ ବିଶ୍ୱ ରେକର୍ଡ ସୃଷ୍ଟି କରି ଏହାର କ୍ରୀଡା ପ୍ରସାର ଯାତ୍ରାରେ ଆଉ ଏକ ଗୌରବମୟ ଅଧ୍ୟାୟ ଯୋଡ଼ିଛି। ୭୫୦୦ରୁ ଊର୍ଦ୍ଧ୍ୱ ଭଲିବଲ୍ ସେଟ୍ ବଣ୍ଟନ କରି ଏହି ରେକର୍ଡ ସୃଷ୍ଟି କରାଯାଇଛି। ପ୍ରତି ସେଟରେ ୩ଟି ଭଲିବଲ୍ ଓ ଗୋଟିଏ ନେଟ୍ ପ୍ରଦାନ କରାଯାଇଥିଲା। କ୍ଲବ୍, ସ୍କୁଲ, କଲେଜ ଏବଂ ବିଶ୍ୱବିଦ୍ୟାଳୟ ସମେତ ସାରା ଭାରତରେ ୩,୦୦୦ ରୁ ଅଧିକ ସ୍ଥାନରେ ଏହି ସେଟ୍ ବଣ୍ଟନ କରାଯାଇଥିଲା। ତୃଣମୂଳ ସ୍ତରରେ ଭଲିବଲ୍ ବିକାଶକୁ ସୁଦୃଢ଼ କରିବା, ଯୁବ ଅଂଶଗ୍ରହଣକୁ ପ୍ରେରଣା ଦେବା ଏବଂ ଦେଶସାରା ଆକାଂକ୍ଷୀ ଖେଳାଳିମାନଙ୍କ ପାଇଁ କ୍ରୀଡା ଉପକରଣ ସୁଗମ କରିବା ଲକ୍ଷ୍ୟନେଇ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା।

କିଟ୍ ଓ କିସ୍ ତଥା ଆର୍ଟ ଅଫ୍ ଗିଭିଂର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଏହି ସମ୍ମାନଜନକ ବିଶ୍ୱରେକର୍ଡକୁ ଗ୍ରହଣ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଅଲିମ୍ପିଆନ୍ ଓ ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ବିଜେତା ଲିଆଣ୍ଡର ପେସ୍, ଭାରତୀୟ ମହିଳା ଭଲିବଲ୍ ଦଳର ମୁଖ୍ୟ କୋଚ୍ ଜାନା କୁଲାନ, ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ସ୍ୱାମୀ ରାମ ନାରାୟଣ ଦାସ ମହାରାଜ, ତିବ୍ବତୀୟ ବୌଦ୍ଧ ଧର୍ମର ଗୁରୁ ଗେଲ୍ସୁଲ୍ ଜିଗମେ ରିନପୋଚେ, ଫିଲ୍ମ ନିର୍ଦ୍ଦେଶକ ଅଶୋକ ପତି ପ୍ରମୁଖ ଉପସ୍ଥିତ ରହିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS